# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁନ୍ ୧୮/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, June 18/2023 Page 16 ₹ 7.00

୪୯ଶ ଭାଗ ୨୦୩ ସଂଖ୍ୟା VOLUME 49 ISSUE 203 ମୂଲ୍ୟ ₹୭/-

www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul


# ଶିମିଳିପାଳରେ ଶିକାରୀ ଶକ୍ତିଶାଳୀ

## ଗୁଳିରେ ଟଳିଲେ ଅଭୟାରଣ୍ୟ ଡେପୁଟି ରେଞ୍ଜର

**ଶିମିଳିପାଳ ଅଭୟାରଣ୍ୟରେ ବନଜନ୍ତୁଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ନିଜେ ଅସୁରକ୍ଷିତ। ମାସକ ମଧ୍ୟରେ ଜଣେ ଡେପୁଟି ରେଞ୍ଜର ଓ ଫରେଷ୍ଟ ଗାର୍ଡ ଶିକାରୀଙ୍କ ଗୁଳିମାଡ଼ରେ ପ୍ରାଣ ହରାଇବା ଏହା ପ୍ରମାଣିତ କରିଛି। ଶିକାରୀ ଓ କାଠ ଚୋରଙ୍କ ବଢ଼ିଚାଲିଥିବା ଦୌରାତ୍ମ୍ୟ ବନ ବିଭାଗ କର୍ମଚାରୀଙ୍କୁ ଆତଙ୍କିତ କରିଦେଇଛି। ଏହାସହ ବନ୍ୟଜନ୍ତୁ ଓ ସେମାନଙ୍କ ଅଙ୍ଗପ୍ରତ୍ୟଙ୍ଗ ଚାଲାଣ ରାକେଟ୍ କେତେ ସକ୍ରିୟ ଏବଂ ଶକ୍ତିଶାଳୀ ତାହା ଏହି ଦୁଇ ଘଟଣାରୁ ସ୍ପଷ୍ଟ ହେଉଛି।**

- **ମାସକରେ ୨ ବନ କର୍ମଚାରୀ ନିହତ**
- **୩ ଅଟକ, ୨ ବନ୍ଧୁକ ଜବତ**

ବାରିପଦା/ଠାକୁରମୁଣ୍ଡା/କରଞ୍ଜିଆ, ୧୭।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ ତାରାକାନ୍ତ ପଟ୍ଟନାୟକ/କବିତା ମହାନ୍ତ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ପୁଣି ଫୁଟିଛି ଗୁଳି। ଶିକାରୀଙ୍କ ଗୁଳିରେ ନିହତ ହୋଇଛନ୍ତି ଡେପୁଟି ରେଞ୍ଜର ମାଥି ହାଁସଦା। ତାଙ୍କ ଘର ମୟୂରଭଞ୍ଜ ଜିଲାର ବହଳଦା ଥାନା ଅନ୍ତର୍ଗତ ଟିଙ୍ଗିରିଆ ଗାଁରେ। ଶୁକ୍ରବାର ରାତିରେ ପାଟ୍ରୋଲିଂ ବେଳେ ଏହି ଗୁଳିକାଣ୍ଡ ଘଟିଛି। ମାସକ ମଧ୍ୟରେ ଶିକାରୀଙ୍କ ଗୁଳିରେ ୨ ବନ କର୍ମଚାରୀଙ୍କ ମୃତ୍ୟୁକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଅଧିକାରୀ ଓ ପୋଲିସ ଘଟଣାର ତଦନ୍ତ ଜାରି ରଖିଛନ୍ତି। ଘଟଣାସ୍ଥଳରୁ ୨ଟି ଦେଶୀ ବନ୍ଧୁକ ଜବତ ହୋଇଥିବାବେଳେ ୩ ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ଚାନ୍ଦ ଗୋଗନେନୀ କହିଛନ୍ତି। ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଘଟଣାକୁ ଗମ୍ଭୀରତା ସହ ନେଇଛି। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦର ଯାଦବ


ଡେପୁଟି ରେଞ୍ଜର ମାଥି ହାଁସଦା

☞ପୃଷ୍ଠା-୪

# ବୋରିସ୍‌ଙ୍କୁ ମିଳିଲା ସ୍ତମ୍ଭକାର ନିଯୁକ୍ତି

ଲଣ୍ଡନ, ୧୭।୬

ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନଙ୍କୁ 'ଡେଲି ମେଲ୍' ଖବରକାଗଜରେ ସ୍ତମ୍ଭକାର ଭାବେ ନିଯୁକ୍ତି ମିଳିଛି। ଦୀର୍ଘଦିନ ପରେ ବୋରିସ୍ ତାଙ୍କ ସାମ୍ବାଦିକତା କ୍ୟାରିୟରକୁ ଫେରିଛନ୍ତି। ସେ ପୂର୍ବରୁ ବିଭିନ୍ନ ଅଗ୍ରଣୀ ବ୍ରିଟିଶ ଖବରକାଗଜ ପାଇଁ ଲେଖୁଥିଲେ। ରାଜନୀତିକୁ ଆସିବା ପୂର୍ବରୁ ସେ ଏହି ପେସାରୁ ବିପୁଳ ଅର୍ଥ ରୋଜଗାର କରୁଥିଲେ। ଏକ ଉଦ୍ଧୃତାଂଶକୁ ନେଇ ତାଙ୍କୁ ଟାଇମ୍ସ ନ୍ୟୁଜ୍‌ପେପର ବହିଷ୍କାର କରିଥିଲା। ୧୯୮୯ରେ ବୋରିସ ବ୍ରସେଲ୍ସରୁ ରିପୋର୍ଟିଂ କରୁଥିଲେ। ପରେ ସେ ଡେଲି ଟେଲିଗ୍ରାଫର ରାଜନୀତି ସ୍ତମ୍ଭକାର ହୋଇଥିଲେ। ସେତେବେଳେ ସେ ସାପ୍ତାହିକ ସ୍ତମ୍ଭ ପାଇଁ ୨,୭୫,୦୦୦ ପାଉଣ୍ଡ ବେତନ ପାଉଥିଲେ। ୧୯୯୯ରୁ ୨୦୦୫


ବୋରିସ ଜନ୍‌ସନ

☞ପୃଷ୍ଠା-୪

ଦର୍ପଦଳନ
ରଥରେ ଫାଟ

........୧୦........

ହାତୀଙ୍କୁ ଅଂଶୁଘାତ ଭୟ

........୧୧........

**ଆଜିର ସମ୍ପାଦକୀୟ**

ନୀରବ କାହିଁକି







**ବସ୍ ଦୁର୍ଘଟଣା: ୧୩ ମୃତ**

ପାକିସ୍ତାନ ପଞ୍ଜାବରେ ଶନିବାର ବସ୍ ଦୁର୍ଘଟଣା ଘଟି ୧୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୫ ମହିଳା ଓ ୩ ଶିଶୁ ରହିଛନ୍ତି। ବସ୍‌ଟି ଲାହୋରରୁ ରାଓ୍ୱଲପିଣ୍ଡି ଅଭିମୁଖେ ଯାତ୍ରା କରୁଥିଲା। ବ୍ରେକ୍ ଫେଲ୍ ଯୋଗୁ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଦୁର୍ଘଟଣାବେଳେ ବସ୍‌ରେ ୩୪ ଜଣ ଯାତ୍ରୀ ଥିଲେ। ଗୁରୁତର ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ମୃତ୍ୟୁ ସଂଖ୍ୟା ବଢ଼ିବା ନେଇ ଅଶଙ୍କା ଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି।

# ସୁପ୍ରିମକୋର୍ଟ ଗଲେ ମମତା

**ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଭାଜପା ମଧ୍ୟରେ କ୍ଷମତା ପାଇଁ ଲଢ଼େଇ ଜାରି ରହିଥିବାବେଳେ ଜୁଲାଇ ୮ରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଛି। ବ୍ୟାପକ ହିଂସାକୁ ଦୃଷ୍ଟିରେ ରଖି ନିର୍ବାଚନ ବେଳେ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବଳ ମୁତୟନ ପାଇଁ ଭାଜପା କୋଲକାତା ହାଇକୋର୍ଟରେ ଆବେଦନ କରିଥିଲା। ୪୮ ଘଣ୍ଟା ମଧ୍ୟରେ କେନ୍ଦ୍ରୀୟ ବଳ ମଗାଇ ମୁତୟନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବାବେଳେ ଏହା ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହାକୁ ନେଇ ଶାସକ ଓ ବିରୋଧୀ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଛି।**



ପଶ୍ଚିମବଙ୍ଗର ଭାଙ୍ଗାରରେ ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡାଇବା ପାଇଁ ଯବାନମାନେ ଲୁହବୁହା ବାଷ୍ପ ପ୍ରୟୋଗ କରୁଛନ୍ତି।

- ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନରେ କେନ୍ଦ୍ରୀୟ ବଳ ମୁତୟନକୁ ବିରୋଧ
- କେନ୍ଦ୍ରମନ୍ତ୍ରୀଙ୍କ ଗାଡ଼ି ଉପରେ ଆକ୍ରମଣ



ମମତା ବାନାର୍ଜୀ

କୋଲକାତା, ୧୭।୬
(ପ୍ରସ୍ତୁତି: ଅରୂପାନନ୍ଦ ଦେଠୀ)

ପଶ୍ଚିମବଙ୍ଗରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଜୁଲାଇ ୮ରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏହା ପୂର୍ବରୁ ବିଭିନ୍ନ ସ୍ଥାନରେ ରାଜନୈତିକ ହିଂସାକାଣ୍ଡ ଦେଖାଦେଇଛି। ନାମାଙ୍କନପତ୍ର ଦାଖଲ ବେଳେ ପ୍ରାର୍ଥୀମାନେ ବିରୋଧର ସମ୍ମୁଖୀନ ହେବା ସହ ହିଂସାକାଣ୍ଡ ସୃଷ୍ଟି ହେଉଛି। ଫଳରେ ପଶ୍ଚିମବଙ୍ଗରେ ମୁକ୍ତ ଓ ଅବାଧ ନିର୍ବାଚନ ବାଧାପ୍ରାପ୍ତ ହେବା ଆଶଙ୍କା ପ୍ରକାଶ ପାଇଛି। ଏନେଇ ଭାଜପା ନେତା ଶୁଭେନ୍ଦୁ ଅଧିକାରୀ, କଂଗ୍ରେସ ଏମ୍‌ପି ଅଧୀର ରଞ୍ଜନ ଚୌଧୁରୀଙ୍କ ସମେତ ବିରୋଧୀ ନେତାମାନେ କେନ୍ଦ୍ରୀୟ ବଳ ମୁତୟନ ଲାଗି ଅଦାଲତରେ ଆବେଦନ କରିଥିଲେ। ପଞ୍ଚାୟତ ନିର୍ବାଚନ ବେଳେ ରାଜ୍ୟରେ କେନ୍ଦ୍ରୀୟ ବଳ ନିୟୋଜିତ କରିବାକୁ କୋଲକାତା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୪୮ ଘଣ୍ଟା ମଧ୍ୟରେ ରାଜ୍ୟରେ କେନ୍ଦ୍ରୀୟ ବଳ ମଗାଇ ରାଜ୍ୟରେ ମୁତୟନ କରିବା ଲାଗି ହାଇକୋର୍ଟ ଗୁରୁବାର ରାଜ୍ୟ ନିର୍ବାଚନ କମିଶନ (ଏସ୍‌ଇସି)କୁ କହିଥିଲେ। ପଶ୍ଚିମବଙ୍ଗ ସରକାର ଏବଂ ଏସ୍‌ଇସି ଶନିବାର ଏହାକୁ ମିଳିତ ଭାବେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଶୁକ୍ରବାର ରାଜ୍ୟର ଆଇନ ପରାମର୍ଶଦାତାଙ୍କ ସହ ସରକାର ଏବଂ ରାଜ୍ୟ ନିର୍ବାଚନ କମିଶନ୍‌ର ବରିଷ୍ଠ ଅଧିକାରୀମାନଙ୍କ ବୈଠକ ପରେ ସୁପ୍ରିମକୋର୍ଟ ଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା।

ନିର୍ବାଚନ ପାଇଁ ଗତ ୯ ତାରିଖରୁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ହିଂସା ଜାରି ରହିଛି। ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ ଶେଷ ଦିନରେ ଉତ୍ତର ଦିନାଜପୁର ଏବଂ ଦକ୍ଷିଣ ୨୪ ପ୍ରଗଣା ଜିଲାରେ ହିଂସାକାଣ୍ଡ ଘଟି ୪ ଜଣଙ୍କ ଜୀବନ ଯାଇଛି। ବିରୋଧୀ ପ୍ରାର୍ଥୀଙ୍କୁ ନାମାଙ୍କନ କରାଇ ନ ଦେବା ଲାଗି ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଗୁଣ୍ଡାମାନଙ୍କୁ ନିୟୋଜିତ କରିଥିବା ଅଭିଯୋଗ ହୋଇଛି। ରାଜ୍ୟପାଳ ଏନେଇ ରାଜ୍ୟ ନିର୍ବାଚନ କମିଶନର ରାଜୀବ ସିଂହ୍ନାଙ୍କୁ ରାଜଭବନ ଡାକିଥିବାବେଳେ ସେ ପଞ୍ଚାୟତ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ଯୋଗୁ ଶନିବାର ଯୋଗ ଦେଇପାରି ନାହାନ୍ତି। ତାଙ୍କୁ ଅନ୍ୟ ଦିନରେ ଭେଟିବା ପାଇଁ ଅନୁମତି ଦେବାକୁ ସିଇସି ରାଜ୍ୟପାଳଙ୍କୁ ନିବେଦନ କରିଛନ୍ତି। ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲା ପରିଷଦ ନିର୍ବାଚନରେ ପାଖାପାଖି ୭୪,୦୦୦ ପ୍ରାର୍ଥୀଙ୍କୁ ନିର୍ବାଚିତ କରିବା ଲାଗି ୫ କୋଟିରୁ ଊର୍ଦ୍ଧ୍ୱ ଭୋଟର ଜୁଲାଇ ୮ରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସେପଟେ କୁଚ୍‌ବିହାର ଜିଲାରେ ଶନିବାର କେନ୍ଦ୍ରମନ୍ତ୍ରୀ ନୀତୀଶ ପ୍ରମାଣିକଙ୍କ ଗାଡ଼ି ଉପରେ ଆକ୍ରମଣ ହୋଇଛି। ଟିଏମ୍‌ସି ସମର୍ଥକମାନେ ଏହି ଆକ୍ରମଣରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ନିର୍ବାଚନକୁ ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଆହ୍ୱାନକ୍ରମେ ଶନିବାର ଅପରାହ୍ନରେ ତାଙ୍କ କୋଲକାତା ବାସଭବନରେ ଶାସକ ଦଳର ଏକ ଜରୁରୀ ବୈଠକ ବସିଥିଲା।ନିର୍ବାଚନ ସୁବିଧାରେ ପରିଚାଳନା ନେଇ ମମତା ଦଳୀୟ ନେତୃବୃନ୍ଦଙ୍କ ସହ ଆଲୋଚନା କରିଛନ୍ତି। ନିର୍ବାଚନୀ ପ୍ରକ୍ରିୟାରେ ଶାନ୍ତି ଓ ସଦ୍‌ଭାବ ବଜାୟ ରଖିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଆମେ ଲୋକଙ୍କ ପଞ୍ଚାୟତ ଗଢ଼ିବା ଓ ଗଣତନ୍ତ୍ରର ପ୍ରକୃତ ଅର୍ଥ କାଏମ ରଖିବା ବୋଲି ମମତା କହିଛନ୍ତି। ଯେଉଁ ଦଳୀୟ କର୍ମୀମାନେ ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି, ସେମାନେ ତାହା ପ୍ରତ୍ୟାହାର କରିନେଇ ଦଳୀୟ ପ୍ରାର୍ଥୀଙ୍କୁ ସମର୍ଥନ କରିବାକୁ ଟିଏମ୍‌ସି ଅଧ୍ୟକ୍ଷା ବୈଠକରେ ଅନୁରୋଧ କରିଛନ୍ତି।

## ଟିଏମ୍‌ସି ପ୍ରାର୍ଥୀଙ୍କୁ ପିଟି ହତ୍ୟା

ନୂଆଦିଲ୍ଲୀ, ୧୭।୬

ପଶ୍ଚିମବଙ୍ଗ ମାଲଦା ଜିଲାରେ ଶନିବାର ଜଣେ ଟିଏମ୍‌ସି ପ୍ରାର୍ଥୀଙ୍କୁ ଅଜଣା ଦୁର୍ବୃତ୍ତ ପିଟି ମାରିଦେଇଛନ୍ତି। ହତ୍ୟାକାଣ୍ଡରେ ସ୍ଥାନୀୟ କଂଗ୍ରେସ କର୍ମୀ ସମ୍ପୃକ୍ତ ଥିବା ମୃତକଙ୍କ ପରିବାର ସଦସ୍ୟ ଅଭିଯୋଗ କରିଛନ୍ତି। ଜିଲାର କାଲିଆଚକରେ ଏହି ହତ୍ୟାକାଣ୍ଡ ଘଟିଛି। ଅଭିଯୁକ୍ତ ଅବଦୁଲ ମନ୍ନାନ(୪୮)ଙ୍କୁ ପୋଲିସ ଗିରଫ କରି ତଦନ୍ତ ଚଳାଇଛି। ଟିଏମ୍‌ସି ପ୍ରାର୍ଥୀ ମୁସ୍ତାଫା ଶେଖ୍ ଶନିବାର ଅପରାହ୍ନରେ ଘରକୁ ଫେରୁଥିବାବେଳେ ସୁଜାପୁରଠାରେ ଦୁର୍ବୃତ୍ତମାନେ ତାଙ୍କ ଉପରେ ଆକ୍ରମଣ କରିଥିଲେ। ତାଙ୍କୁ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ନିର୍ବାଚନ ଲଢ଼ିବା ପାଇଁ ଟିକେଟ ନ ମିଳିବାରୁ ଟିଏମ୍‌ସିର କେତେଜଣ ପୂର୍ବତନ କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ। ଶେଖ୍‌ଙ୍କ ଉପରେ ହୋଇଥିବା ଆକ୍ରମଣ ପଛରେ ସେମାନେ ସମ୍ପୃକ୍ତ ଥିବା ରାଜ୍ୟ ମନ୍ତ୍ରୀ ସାବିନା ୟଶମିନ୍ କହିଛନ୍ତି। ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ଟିଏମ୍‌ସି କର୍ମୀମାନେ ଧାରଣାରେ ବସିଛନ୍ତି। ତେବେ କଂଗ୍ରେସ ଜିଲା ନେତୃତ୍ୱ ଅଭିଯୋଗକୁ ଖଣ୍ଡନ କରିଛି। ଟିଏମ୍‌ସିରେ ଆନ୍ତଃକନ୍ଦଳକୁ ନେଇ ହତ୍ୟାକାଣ୍ଡ ଘଟିଥିବା କଂଗ୍ରେସ ନେତା କହିଛନ୍ତି।

## ଗୋଧ୍ରା ପରବର୍ତ୍ତୀ ୪ ଦଙ୍ଗା ମାମଲାରେ ୩୫ ଦୋଷମୁକ୍ତ

ନୂଆଦିଲ୍ଲୀ, ୧୭।୬

ଗୋଧ୍ରା ଟ୍ରେନ୍ ପୋଡ଼ି ପରବର୍ତ୍ତୀ ୪ଟି ଭିନ୍ନ ଭିନ୍ନ ଦଙ୍ଗା ମାମଲାରେ ୩୫ ଅଭିଯୁକ୍ତଙ୍କୁ ଗୁଜରାଟର ଏକ ଅଦାଲତ ଦୋଷମୁକ୍ତ କରିଛନ୍ତି। ଏହିସବୁ ଦଙ୍ଗା ଯୋଜନାବଦ୍ଧ ନ ଥିଲା ବରଂ ସ୍ୱତଃପ୍ରବୃତ୍ତ ହୋଇଥିଲା ବୋଲି କୋର୍ଟ କହିଛନ୍ତି। ୨୦୦୨ ଫେବୃୟାରୀ ୨୮ରେ ଘଟିଥିବା ଏହି ଦଙ୍ଗା ମାମଲାଗୁଡ଼ିକରେ ମୋଟ ୫୨ ଅଭିଯୁକ୍ତ ଥିଲେ। ଇତିମଧ୍ୟରେ ସେମାନଙ୍କ ମଧ୍ୟରୁ ୧୭ ଜଣଙ୍କ ମୃତ୍ୟୁ ଘଟିଲାଣି। ଦଙ୍ଗାର ୨୧ ବର୍ଷ ପରେ ପଞ୍ଚମହଲ ଜିଲାର ଅତିରିକ୍ତ ସେସନ୍ସ ଜଜ୍ କୋର୍ଟ ଅବଶିଷ୍ଟ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଦେଇଛନ୍ତି।

## ଜବରଦଖଲ ଉଚ୍ଛେଦ ବେଳେ ହିଂସା: ଜଣେ ମୃତ

ଜୁନାଗଡ଼, ୧୭।୬: ଗୁଜରାଟର ଜୁନାଗଡ଼ ସହରରେ ଜବରଦଖଲ ଉଚ୍ଛେଦ ବେଳେ ହିଂସାକାଣ୍ଡ ଘଟି ଜଣେ ପ୍ରାଣ ହରାଇବା ସହ ୫ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ପୌରପାଳିକା ଏକ ଦରଘାକୁ ଭାଙ୍ଗି ଦଖଲ ଉଚ୍ଛେଦ କରିବାକୁ ଉଦ୍ୟମ କରୁଥିବାବେଳେ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଗୋଟିଏ ଗୋଷ୍ଠୀ ଉଚ୍ଛେଦକାରୀ କର୍ମଚାରୀ ଓ ପୋଲିସ ଉପରକୁ ଟେକାମାଡ଼ କରିବା ସହ ଗାଡ଼ି ପୋଡ଼ିଦେଇଥିଲେ। ସହରର ମାଜେଭାଦି ଦରୱାଜା ନିକଟରେ ଶୁକ୍ରବାର ରାତିରେ ଏହି ଘଟଣା ଘଟିଛି। ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠି ଚାଳନା କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ପରେ ୧୭୪ ଜଣଙ୍କୁ ଥାନାକୁ ଡାକି ପୋଲିସ ପଚରାଉଚରା କରୁଛି।

## ନେତାଜୀ ଥିଲେ ଭାରତ ବିଭାଜିତ ହୋଇ ନ ଥାନ୍ତା: ଡୋଭାଲ

ନୂଆଦିଲ୍ଲୀ, ୧୭।୬ : ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୀବିତ ଥିଲେ ଭାରତ ବିଭାଜିତ ହୋଇ ନ ଥାନ୍ତା ବୋଲି ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଶନିବାର କହିଛନ୍ତି। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଡୋଭାଲ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନର ବିଭିନ୍ନ ପର୍ଯ୍ୟାୟରେ ଆଶ୍ଚର୍ଯ୍ୟ କରିଦେବା ଭଳି ଆଚରଣର ଉଚ୍ଚ ପ୍ରଶଂସା କରିଥିଲେ। ମହାତ୍ମା ଗାନ୍ଧୀଙ୍କୁ ଚ୍ୟାଲେଞ୍ଜ କରିବାର ଧୃଷ୍ଟତା ତାଙ୍କର ଥିଲା। ପୂର୍ଣ୍ଣ ସ୍ୱାଧୀନତା ବ୍ୟତୀତ ଏହାଠାରୁ କମ୍ କୌଣସି ସର୍ତ୍ତ ସହ ସେ ସାଲିସ୍ କରିବେ ନାହିଁ ବୋଲି କହିଥିଲେ। ସେ କେବଳ ଦେଶକୁ ରାଜନୈତିକ ପରାଧୀନତାରୁ ମୁକ୍ତ କରିବାକୁ ଚାହୁଁ ନ ଥିଲେ, ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ମାନସିକତାରେ ପରିବର୍ତ୍ତନ ଚାହୁଁଥିଲେ। ସେ ବ୍ରିଟିଶ ଶାସକଙ୍କଠାରୁ ଭିକ୍ଷାରେ ନୁହେଁ ସଂଘର୍ଷ କରି ସ୍ୱାଧୀନତା ପାଇବାକୁ ଚାହୁଁଥିଲେ।

## ୩୮ ପିଲାଙ୍କୁ ଜାଳିଦେଲେ



### ଉଗାଣ୍ଡା ସ୍କୁଲରେ ଆତଙ୍କବାଦୀଙ୍କ ଆକ୍ରମଣ

କାମ୍ପାଲା, ୧୭।୬

ଆଇଏସ୍ ସଂଗଠନ ସହ ଜଡ଼ିତ ଆତଙ୍କବାଦୀମାନେ ଉଗାଣ୍ଡାର କାସେସେସ୍ଥିତ ଏକ ଘରୋଇ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଜିଅନ୍ତା ଜାଳି ହତ୍ୟା କରିଛନ୍ତି। ଏଥିରେ ୪୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସେମାନଙ୍କ ମଧ୍ୟରେ ୩୮ ଜଣ ଛାତ୍ରଛାତ୍ରୀ ଥିବା ଉଗାଣ୍ଡା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। କଙ୍ଗୋ ସୀମାଠାରୁ ୨ କି.ମି. ଦୂରରେ ଏହି ସ୍କୁଲ ଅବସ୍ଥିତ। ଶୁକ୍ରବାର ରାତିରେ ଆତଙ୍କବାଦୀମାନେ ସ୍କୁଲ ଉପରେ ଆକ୍ରମଣ କରିଥିବାବେଳେ ୬ ଜଣଙ୍କୁ ଅପହରଣ କରିନେଇଛନ୍ତି। ଆଲିଡ୍ ଡେମୋକ୍ରାଟିକ୍ ଫୋର୍ସେସ୍ (ଆଇଡିଏଫ୍) ଆତଙ୍କବାଦୀ ଛାତ୍ରୀଛାତ୍ରଙ୍କ ବ୍ୟତୀତ ସ୍କୁଲ ଗାର୍ଡ ଓ ୨ ଜଣ ସ୍ଥାନୀୟ ଲୋକଙ୍କୁ ମଧ୍ୟ ହତ୍ୟା କରିଛନ୍ତି।

ବିଦ୍ରୋହୀମାନେ ଛାତ୍ରଙ୍କ ହଷ୍ଟେଲରେ ତାଲା ପକାଇ ନିଆଁ ଲଗାଇଥିବାବେଳେ ଛାତ୍ରୀଙ୍କ ହଷ୍ଟେଲରେ ତାଲା ଦେଇ ନ ଥିଲେ। ପ୍ରାଣ ରକ୍ଷା ପାଇଁ ହଷ୍ଟେଲରୁ ବାହାରକୁ ଦୌଡ଼ି ପଳାଉଥିବା ଛାତ୍ରୀଙ୍କୁ ଆତଙ୍କବାଦୀମାନେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିଛନ୍ତି। ଜଳିଯାଇଥିବା ଛାତ୍ରୀଛାତ୍ରଙ୍କ ପରିଚୟ ମିଳିନାହିଁ। ଶୁକ୍ରବାର ରାତି ପ୍ରାୟ ୧୧ଟା ୩୦ମିନିଟ୍‌ରେ ୫ ଜଣ ବିଦ୍ରୋହୀ ସେନା ସ୍କୁଲ ଉପରେ ଆକ୍ରମଣ କରିଥିବା ଉଗାଣ୍ଡା ମିଲିଟାରି ପକ୍ଷରୁ କୁହାଯାଇଛି।

## ଭାରତୀୟ ମିଶନ ଉପରେ ଆକ୍ରମଣର ତଦନ୍ତ କରିବ ଏନ୍‌ଆଇଏ

**ନୂଆଦିଲ୍ଲୀ, ୧୭।୬(ପି.ଟି.):** ଆମେରିକା ଓ କାନାଡାରେ ଥିବା ଭାରତୀୟ ମିଶନ ଉପରେ ଗତ ମାର୍ଚ୍ଚରେ ଖଲିସ୍ତାନୀ ସମର୍ଥକମାନେ କରିଥିବା ଆକ୍ରମଣର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ନେଇଛି। ଏହା ବ୍ୟତୀତ ଲଣ୍ଡନସ୍ଥିତ ଭାରତୀୟ ଉଚ୍ଚାୟୁକ୍ତଙ୍କ କାର୍ଯ୍ୟାଳୟରେ ହିଂସାତ୍ମକ ପ୍ରତିବାଦ ଓ ଭଙ୍ଗାରୁଜାର ତଦନ୍ତ ଦାୟିତ୍ୱ ମଧ୍ୟ ଏନ୍‌ଆଇଏକୁ ଦିଆଯାଇଛି। ଗତ ମାର୍ଚ୍ଚରେ ସାନ୍ ଫ୍ରାନ୍ସିସ୍କୋସ୍ଥିତ ଭାରତୀୟ କନ୍‌ସୁଲେଟ୍‌ରେ ଖଲିସ୍ତାନୀ ସମର୍ଥକମାନେ ଆକ୍ରମଣ କରିବା ସହ ଭଙ୍ଗାରୁଜା କରିଥିଲେ। ସେମାନେ ସେଠାରେ ଖଲିସ୍ତାନୀ ପତାକା ଲଗାଇଥିଲେ। ସେହିପରି କାନାଡ଼ାସ୍ଥିତ ଭାରତୀୟ କୂଟନୈତିକ ମିଶନକୁ ଟାର୍ଗେଟ କରି ଖଲିସ୍ତାନୀ ସମର୍ଥକମାନେ ଆକ୍ରମଣ କରିଥିଲେ।




## ମଣିପୁରରେ ପୋଲିସ ଅସ୍ତ୍ରଭଣ୍ଡାର ଭଙ୍ଗାରୁଜା

### ସୁରକ୍ଷା ବଳ ସହ ଦଙ୍ଗାକାରୀଙ୍କ ସଂଘର୍ଷ

ଇମ୍ଫାଲ/ଗୁଆହାଟୀ, ୧୭।୬

ମଣିପୁରରେ ଦେଢ଼ମାସ ହେଲା କୁକି ଓ ମେଇତି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷରୁ ହିଂସା ଲାଗିରହିଥିବାବେଳେ ଏହା ଥମିବା ନାଁ ନେଉନାହିଁ। ଶୁକ୍ରବାର ରାତିରୁ ଶନିବାର ସକାଳ ପର୍ଯ୍ୟନ୍ତ ମଣିପୁରର ବିଷ୍ଣୁପୁର ଜିଲା ଅନ୍ତର୍ଗତ କ୍ୱାକ୍‌ଟା, ଚୁରାଚାନ୍ଦପୁର ଜିଲାର କଙ୍ଗଭାଇରେ ସ୍ୱୟଂକ୍ରିୟା ବନ୍ଧୁକରୁ ଗୁଳିମାଡ଼ ଜାରି ରହିଥିଲା। ଦୁର୍ବୃତ୍ତମାନେ ଲାଙ୍ଗୋଲସ୍ଥିତ ଏକ ଖାଲି ଘରକୁ ଜାଳିଦେଇଛନ୍ତି। ଏହା ବ୍ୟତୀତ ଅନ୍ୟ କେତେକ ସ୍ଥାନରେ ଉତ୍ତ୍ୟକ୍ତ ଲୋକେ ଏକାଠି ହୋଇ ଭଙ୍ଗାରୁଜା ଓ ପୋଡ଼ାଜଳାରେ ସାମିଲ ହୋଇଥିବାର ଖବର ପ୍ରକାଶ ପାଇଛି। ଇମ୍ଫାଲରେ ଦଙ୍ଗାକାରୀ ଓ ସୁରକ୍ଷା କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟି ୨ ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି। ଇମ୍ଫାଲ ୱେଷ୍ଟର ଇରିଙ୍ଗବାମ୍ ଥାନାରୁ ଦୁର୍ବୃତ୍ତମାନେ ଅସ୍ତ୍ରଶସ୍ତ୍ର ଲୁଟିନେବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଲେ ୧୦ ବିରୋଧୀ ଦଳ



ଜୟରାମ ରମେଶ

ନୂଆଦିଲ୍ଲୀ, ୧୭।୬

ଉତ୍ତରପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ଦୀର୍ଘଦିନ ହେଲା ହିଂସାକାଣ୍ଡ ଲାଗି ରହିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ପ୍ରସଙ୍ଗରେ ଆଦୌ ମୁହଁ ଖୋଲୁନାହାନ୍ତି। ମୋଦିଙ୍କ ନୀରବତାକୁ ନେଇ କଂଗ୍ରେସ ସମେତ ମଣିପୁରର ୧୦ ସମଭାବାପନ୍ନ ବିରୋଧୀ ଦଳ ଶନିବାର ପ୍ରଶ୍ନ ଉଠାଇଛନ୍ତି। ସେମାନେ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ଆପଏଣ୍ଟମେଣ୍ଟ ଚାହିଁଛନ୍ତି। ନୂଆଦିଲ୍ଲୀସ୍ଥିତ କଂଗ୍ରେସ ମୁଖ୍ୟାଳୟରେ ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ସେହି ଦଳଗୁଡ଼ିକ ହେଲେ କଂଗ୍ରେସ, ଜେଡିୟୁ, ସିପିଆଇ, ସିପିଆଇ(ଏମ୍), ତୃଣମୂଳ କଂଗ୍ରେସ, ଏଏପି, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍, ଶିବସେନା (ୟୁବିଟି), ଏନ୍‌ସିପି ଏବଂ ରିଭଲ୍ୟୁଶନାରି ସୋସିଆଲିଷ୍ଟ ପାର୍ଟି। ଜୁନ୍ ୨୦ରେ ପ୍ରଧାନମନ୍ତ୍ରୀ ଆମେରିକା ଗସ୍ତରେ ବାହାରିବା ପୂର୍ବରୁ ସେମାନଙ୍କ ସହ ଆଲୋଚନା କରିବେ ବୋଲି ଉକ୍ତ ଦଳଗୁଡ଼ିକ ଆଶାବାଦୀ ଅଛନ୍ତି। ସେଥିପାଇଁ ସେମାନେ ୨୦ ତାରିଖ ଯାଏ ନୂଆଦିଲ୍ଲୀରେ ଅପେକ୍ଷା କରିବେ ବୋଲି କହିଛନ୍ତି।

## ଭୟଭୀତ ବିମାନ ଯାତ୍ରୀଙ୍କୁ ଶାନ୍ତ କରିବ ବିଲେଇ

ସାନ୍‌ଫ୍ରାନ୍ସିସ୍କୋ, ୧୭।୬

ଅନେକଙ୍କୁ ବିମାନରେ ଯାତ୍ରା କରିବାକୁ ଡର ଲାଗେ, କିନ୍ତୁ ବାଧ୍ୟ ହୋଇ ସେମାନଙ୍କୁ ପ୍ଲେନ୍‌ରେ ଯିବାକୁ ପଡ଼େ। ସାନ୍‌ଫ୍ରାନ୍‌ସିସ୍କୋ ଅନ୍ତର୍ଜାତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ ଭୟଭୀତ ଯାତ୍ରୀଙ୍କୁ ଶାନ୍ତ କରିବା ପାଇଁ ଏକ ବିଲେଇ ନିଯୁକ୍ତ କରିଛନ୍ତି।

ନବନିଯୁକ୍ତ ୧୪ ବର୍ଷୀୟ ବିଲେଇର ନାମ ହେଉଛି, ଡ୍ୟୁକ୍ ଏଲିଙ୍ଗଟନ୍ ମୋରିସ୍। କର୍ତ୍ତୃପକ୍ଷ ଡ୍ୟୁକର ଏକ ଫଟୋ ଟୁଇଟରରେ ଶେୟାର କରିଛନ୍ତି, ଯେଉଁଥିରେ କଳାଧଳା ରଙ୍ଗର ଏହି ବିଲେଇ ଅଫିସିଆଲ କଲାର ସାଙ୍ଗକୁ



ଛୋଟ ପାଇଲଟ ଟୋପି ପିନ୍ଧିଥିବାର ଦେଖିବାକୁ ମିଳୁଛି। ବିମାନବନ୍ଦରର ୱାଗ୍ ବ୍ରିଗେଡ୍ ପଦରେ ଡ୍ୟୁକ୍‌କୁ ନିଯୁକ୍ତ କରାଯାଇଛି। ବିମାନଯାତ୍ରା ପାଇଁ ଡରିଯାଉଥିବା ବ୍ୟକ୍ତିବିଶେଷଙ୍କ ଯାତ୍ରାକୁ ସହଜ କରିବା ଉଦ୍ଦେଶ୍ୟରେ କାଲିଫର୍ନିଆ ବିମାନ ବନ୍ଦର କର୍ତ୍ତୃପକ୍ଷ ପ୍ରଥମ ଥର ଲାଗି 'ୱାଗ୍ ବ୍ରିଗେଡ୍' ପଦ ସୃଷ୍ଟି କରିଥିଲେ। ପ୍ରାରମ୍ଭିକ ସମୟରେ ବିମାନବନ୍ଦର କେବଳ କୁକୁରଙ୍କୁ ଏହି ପଦରେ ନିଯୁକ୍ତ କରୁଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବିଲେଇ, ଠେକୁଆ ଓ ବିଶ୍ୱର ପ୍ରଥମ ଥେରାପି ଘୁଷୁରି ଲୁଲୋଉକୁ ୱାଗ ବିଗେଡ୍ ଭାବେ ନିଯୁକ୍ତ କରାଯାଇଥିଲା।




# ବାହାନଗା ରେଳ ଦୁର୍ଘଟଣା: ଏସ୍‌ସିବିରେ ଆଉ ଜଣେ ଯାତ୍ରୀଙ୍କ ମୃତ୍ୟୁ

**କଟକ,୧୭।୬ (କାର୍ତ୍ତିକ ସାହୁ)**

ବାଲେଶ୍ୱର ଜିଲା ବାହାନଗା ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ହୋଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଆଉ ଜଣେ ଯାତ୍ରୀଙ୍କର ଶନିବାର ମୃତ୍ୟୁ ଘଟିଛି। ସେ ହେଲେ ବିହାର ବାସିନ୍ଦା ସୋହିମ ମନସୁର୍(୩୩)। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଟ୍ରମା ଆଇସିୟୁରେ ଚିକିତ୍ସା କରାଯାଉଥିଲା ବୋଲି ମେଡିକାଲ ସୂତ୍ରରୁ ଜଣାପଡିଛି। ସୋହିମଙ୍କ ଶରୀରରେ ଆଭ୍ୟନ୍ତରୀଣ ରକ୍ତସ୍ରାବ ହେବାରୁ ତାଙ୍କ କିଡ୍‌ନୀ ଖରାପ ହୋଇଯାଇଥିଲା। ତାଙ୍କର ଡାଏଲିସିସ ସହ ନିୟମିତ ଚିକିତ୍ସା କରାଯାଉଥିଲା। ଶୁକ୍ରବାର ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହୋଇଯାଇଥିଲା। ଶନିବାର ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ମେଡିକାଲ ସୂତ୍ରରୁ ଜଣାପଡିଛି। ଏହାକୁ ମିଶାଇ ଏସ୍‌ସିବି ମେଡିକାଲରେ ରେଳ ଦୁର୍ଘଟଣା ମୃତ୍ୟୁସଂଖ୍ୟା ୩ରେ ପହଞ୍ଚିଛି। ଅପରପକ୍ଷରେ ବାହାନଗା ରେଳ ଦୁର୍ଘଟଣା ମୃତକଙ୍କ ସଂଖ୍ୟା ୨୯୧ରେ ହୋଇଛି। ଗତ ମଙ୍ଗଳବାର ବିହାର ରାଜ୍ୟ ମୋତିହାରିର ବିଜୟ ପାଶୱାନ(୩୫) ଓ ଶୁକ୍ରବାର ବିହାର ଗୋପାଳଗଞ୍ଜ ବାସିନ୍ଦା ପ୍ରକାଶ ରାମ(୧୭)ଙ୍କର ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ସୁଦ୍ଧା ଏସ୍‌ସିବି ମେଡିକାଲରେ ୪୬ ଜଣ ଚିକିତ୍ସିତ ହେଉଥିବାବେଳେ ୧୩ ଜଣ ଆଇସିୟୁରେ ଅଛନ୍ତି। ଅନ୍ୟ ୩ ଯାତ୍ରୀ ଗୁରୁତର ଅଛନ୍ତି।

# ଅମ୍ବାଦଳା ନିକଟରେ ମାଲ୍‌ବାହୀ ଟ୍ରେନ୍ ଲାଇନଚ୍ୟୁତ

**ଅମ୍ବାଦଳା,୧୭।୬ (ରବୀନ୍ଦ୍ର ପଣ୍ଡା)**

ବାଲେଶ୍ୱର ଜିଲା ବାହାନଗାଠାରେ ୩ ଟ୍ରେନ୍ ଦୁର୍ଘଟଣା ସାରା ଦେଶରେ ଚହଳ ପକାଇ ଦେଇଥିବାବେଳେ ଏବେ ବାରମ୍ବାର ରେଳ ଦୁର୍ଘଟଣା ଯାତ୍ରୀଙ୍କୁ ଭୟଭୀତ କରିଛି। ଶନିବାର ରାୟଗଡ଼ା ଜିଲା ଅମ୍ବାଦଳା ରେଳ ଷ୍ଟେଶନ ନିକଟରେ ଆଉ ଏକ ମାଲ୍‌ବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ପୂର୍ବାହ୍ନ ପ୍ରାୟ ୯ଟା ୩୦ ମିନିଟ୍‌ରେ ଟ୍ରେନ୍‌ଟି ଅମ୍ବାଦଳା ଷ୍ଟେଶନରୁ ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଆଲୁମିନିୟମ କାରଖାନା ଅଭିମୁଖେ ବକ୍ସାଇଟ ନେଇ ଯାଉଥିବାବେଳେ ୪ଟି ୱାଗନ ଲାଇନଚ୍ୟୁତ ହୋଇ ରେଳଧାରଣାରୁ ତଳକୁ ଖସି ପଡ଼ିଥିଲା। ଫଳରେ ଉକ୍ତ ରୁଟ୍‌ରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଏଥିରେ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। ରାୟଗଡ଼ା ଓ ଟିଟିଲାଗଡ଼ରୁ ବୈଷୟିକ ଟିମ୍ ପହଞ୍ଚି ଧାରଣାର ମରାମତି କାର୍ଯ୍ୟ ଜାରି ରଖିଛନ୍ତି ।

## ରେଳ ଧାରଣାରେ ବୈଷୟିକ ତ୍ରୁଟି

ରେଳ ଧାରଣାରେ ବୈଷୟିକ ତ୍ରୁଟି ଯୋଗୁ ଦୁର୍ଘଟଣା ଘଟିଥିବା କୁହାଯାଉଛି। ବାଲେଶ୍ୱର ବାହାନଗାଠାରେ ଟ୍ରେନ୍ ଦୁର୍ଘଟଣା ପରେ ବି ବିଭାଗୀୟ ଅଧିକାରୀମାନଙ୍କର ଚେତା ପଶୁ ନ ଥିବା ଚର୍ଚ୍ଚା ହେଉଛି। କର୍ତ୍ତୃପକ୍ଷଙ୍କ ବେପରୁଆ ମନୋଭାବ ଏବଂ ଧାରଣାର ତଦାରଖ କାର୍ଯ୍ୟରେ ଅବହେଳା ଯୋଗୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ପ୍ରକାଶ ଥାଉକି, ନିକଟ ଅତୀତରେ ମଧ୍ୟ ଅମ୍ବାଦଳା ଷ୍ଟେଶନ ପରିସରରେ ବେଦାନ୍ତର ଏକ ଟ୍ରେନ୍ ଲାଇନଚ୍ୟୁତ ହୋଇଥିଲା ।




ଅମ୍ବାଦଳା ନିକଟରେ ଲାଇନଚ୍ୟୁତ ହୋଇଥିବା ଟ୍ରେନ୍ ବଗି ।

## କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ



ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରୁଛନ୍ତି।

**କାମାକ୍ଷାନଗର, ୧୭।୬(ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ରଙ୍ଗମାଟିଆଠାରେ ଶନିବାର ଏକ କୋଇଲା ବୋଝେଇ ମାଲ୍‌ବାହୀ ଟ୍ରେନ୍‌ରେ ଅଗ୍ନିକାଣ୍ଡ ଘଟିଛି। ଉକ୍ତ ଟ୍ରେନ୍ ତାଳଚେରରୁ କୋଇଲା ନେଇ ଅନୁଗୋଳ-ସୁକିନ୍ଦା ରୁଟ୍‌ରେ ଡୁବୁରି ଯାଉଥିଲା। ଗୋଟିଏ ୱାଗନ୍‌ରେ ନିଆଁ ଲାଗିଯାଇଥିବା ଜଣାପଡ଼ିବା ପରେ ବିଭାଗୀୟ କର୍ମଚାରୀ ଅଗ୍ନିଶମ ବାହିନୀର ସହାୟତା ଲୋଡ଼ିଥିଲେ। କାମାକ୍ଷାନଗରରୁ ଅଗ୍ନିଶମ କର୍ମଚାରୀ ପହଞ୍ଚି ୩୦ ମିନିଟ୍‌ରେ ନିଆଁକୁ ଆୟତ୍ତ କରିଥିଲେ। ମାଲ୍‌ବାହୀ ଟ୍ରେନ୍‌ର ଅନ୍ୟ ୱାଗନ୍‌ଗୁଡ଼ିକ ସୁରକ୍ଷିତ ରହିଛି। ତେବେ ଟ୍ରେନ୍‌ଟି ଧାରଣା ଉପରେ ଛିଡ଼ା ହୋଇ ରହିଥିବା ଦେଖିବାକୁ ମିଳିଛି।






**ଆଜିର ମନ୍ତବ୍ୟ**

“ଦ୍ରୁତ ପରିବର୍ତ୍ତନଶୀଳ ବୈଶ୍ୱିକ ପ୍ରେକ୍ଷାପଟରେ ଭାରତ ପାଇଁ ଆତ୍ମନିର୍ଭରଶୀଳତା ଏକ ବିକଳ୍ପ ନୁହେଁ, ବରଂ ଜରୁରୀ ଆାବଶ୍ୟକତା। **-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଟ ତଳେ ଗଲା ବିଛା**
**ଧନ କରିଛନ୍ତି ନୂଆ ଚାକିରି**
**ପଲଙ୍କ ପଡ଼ିଛି ତୁଚ୍ଛା।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ନୂଆ ଚାକିରିରେ ଯୋଗ ଦେଇଥିବା ପ୍ରବାସୀ ସ୍ୱାମୀ ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହ ଜନିତ ଦୁଃଖରେ ଭାଙ୍ଗିପଡିବା ସ୍ୱାଭାବିକ ହୋଇଥିବା ବେଳେ ତା'ର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଇ ନ ଜାଣି ଭାତର ଦୋଷ**
**ଦେଇ ନ ଜାଣି ପତର ଦୋଷ।**

ଖାଇ ନ ଜାଣି ଭାତ ଭଲରେ ରନ୍ଧା ଯାଇ ନ ଥିବା କହିବା ଭଳି ଠିକ୍‌ରେ ପରଷି ନ ଜାଣି ପତରର ଦୋଷ ଥିବା କଥା କହିବା ନିହାତି ହାସ୍ୟାସ୍ପଦ କଥା ହୋଇଥାଏ। ନିଜର ଅସାମର୍ଥ୍ୟ ପ୍ରତି ଦୃଷ୍ଟି ନ ଦେଇ ଅନ୍ୟକୁ ଦୋଷାରୋପ କରିବା ମୂର୍ଖାମୀ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବଜ୍ରପାତରେ ୩ ମୃତ, ୪ ଗୁରୁତର

**ଢେଙ୍କାନାଳ, ୧୭।୬(ରତନ ନାୟାର)**

ଢେଙ୍କାନାଳ ଜିଲାରେ ଶନିବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ହୋଇଥିବା ବଜ୍ରପାତ ୩ ଜୀବନ ନେଇଛି। ମୃତକ ହେଲେ ସଦର ବ୍ଲକ ନଡ଼ଣପୁର ଗ୍ରାମର ପ୍ରକାଶ ବେହେରା (୪୮), ଶଙ୍କର୍ଷଣ ବେହେରା (୭୦) ଏବଂ ଗଁଦିଆ ବ୍ଲକ ଦେଓଗାଁ ପଞ୍ଚାୟତ ଡାଗରାପଲ୍ଲି ଗ୍ରାମର ଜଗତ ଦେହୁରୀ (୩୮)। ଏଥିରେ ଅନ୍ୟ ୪ଜଣ ଗୁରୁତର ହୋଇଛନ୍ତି। ପ୍ରକାଶ ଏବଂ ଶଙ୍କର୍ଷଣ ଗ୍ରାମ ନିକଟ ପାଞ୍ଚକାହାଣିଆରେ ମଇଁଷି ଚରାଉଥିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଉଭୟେ ସେଠାରେ ଟଳି ପଡ଼ିଥିଲେ। ପାଖରେ ଥିବା ଲୋକେ ସେମାନଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଡାଗରାପଲ୍ଲିର ଜଗତ, ଗୌରାଙ୍ଗ ଦେହୁରୀ (୩୭), ଶରତ ଦେହୁରୀ (୫୦), ଜଗା ବେହେରା (୩୫), ଜାଆନ୍ଦାପଶି ଗ୍ରାମର ଶ୍ରୀପତି ଦେହୁରୀ (୪୦) ପ୍ରମୁଖ ଝଡ଼ବର୍ଷା ସମୟରେ ସ୍କୁଲ ବାରଣ୍ଡାରେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଜଗତଙ୍କ ମୃତ୍ୟୁ ହୋଇଯାଇଥିଲା। ଅନ୍ୟମାନଙ୍କ ଚିକିତ୍ସା ଚାଲିଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# କାର୍ଯ୍ୟରେ ଅବହେଳା: ୨ ନିର୍ବାହୀ ଯନ୍ତ୍ରୀଙ୍କୁ ଜବାବ ତଲବ

**ପିଏମ୍‌ଜିଏସ୍‌ୱାଇ ମରାମତି**

**ଯାଜପୁର, ୧୭।୬(ହର୍ଷବର୍ଦ୍ଧନ ବେହେରା)**

ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡକ ଯୋଜନା (ପିଏମ୍‌ଜିଏସ୍‌ୱାଇ)ରେ ନିୟମିତ ମରାମତି କ୍ଷେତ୍ରରେ ଯାଜପୁର ଏବଂ ଭବାନୀପାଟଣା ଗ୍ରାମ୍ୟ ନିର୍ମାଣ(ଆର୍‌ଡବ୍ଲ୍ୟୁ) ଡିଭିଜନ ସର୍ବାଧିକ ଖିଲାପ କରିଛନ୍ତି। ଏଥିଯୋଗୁ ଏନ୍‌ଆର୍‌ଆଇଡିଏ (ନ୍ୟାଶନାଲ ରୁରାଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଏଜେନ୍ସି) ନିର୍ଦ୍ଦେଶକଙ୍କ ସମୀକ୍ଷା ବୈଠକରେ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। ଯାଜପୁର ଏବଂ ଭବାନୀପାଟଣା ଆର୍‌ଡବ୍ଲ୍ୟୁ ନିର୍ବାହୀ ଯନ୍ତ୍ରୀମାନଙ୍କ ସରକାରୀ କାର୍ଯ୍ୟରେ ଚରମ ଅବହେଳା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହିକ୍ରମରେ ପିଏମ୍‌ଜିଏସ୍‌ୱାଇ ମୁଖ୍ୟ ଯନ୍ତ୍ରୀ ଉଭୟ ନିର୍ବାହୀ ଯନ୍ତ୍ରୀଙ୍କୁ ଗତ ୧୩ ତାରିଖରେ ନୋଟିସ ଜାରି କରିଛନ୍ତି। ସେମାନଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ତାହାର ଜବାବ ୭ଦିନ ମଧ୍ୟରେ ଦେବାକୁ କୁହାଯାଇଛି। ଏଥିରେ ବିଫଳ ହେଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟଯନ୍ତ୍ରୀ ଚେତାବନୀ ଦେଇଛନ୍ତି।ପିଏମ୍‌ଜିଏସ୍‌ୱାଇ ଗ୍ରାମକୁ ଗ୍ରାମ ସଂଯୋଗ କରିବାର ଏକ ବୃହତ୍ ମାଧ୍ୟମ ହୋଇ ପାରିଛି। ଗତ ଦୁଇ ଦଶନ୍ଧି ହେଲା ଏହି ରାସ୍ତା ଗ୍ରାମବାସୀଙ୍କ ଗମନାଗମନ କ୍ଷେତ୍ରରେ ସହାୟକ ହେବା ସହ ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ବାଟ ଦେଖାଇଛି। କିନ୍ତୁ କେତେକ ବିଭାଗୀୟ ଅଧିକାରୀଙ୍କ ଠିକାଦାର ପ୍ରୀତି ଏହି ଯୋଜନାର ସଫଳତାରେ ପ୍ରତିବନ୍ଧକ ସାଜିଥିବା ଦେଖିବାକୁ ମିଳିଛି। ୫ ବର୍ଷ ଅବଧି ମଧ୍ୟରେ ଚୁକ୍ତି ଅନୁଯାୟୀ ପ୍ରତିବର୍ଷ ରକ୍ଷଣାବେକ୍ଷଣ ହେଉ ନ ଥିବା ଭଳି ଏକାଧିକ ଅଭିଯୋଗ ହେଉଛି। କେତେକ କ୍ଷେତ୍ରରେ ରକ୍ଷଣାବେକ୍ଷଣ ପାଇଁ ଉଦ୍ଦିଷ୍ଟ ଅନୁଦାନକୁ ମିଳିମିଶି ଲୁଟ କରାଯାଉଥିବା ସନ୍ଦେହ କରାଯାଇଛି। ଫଳରେ ପିଏମ୍‌ଜିଏସ୍‌ୱାଇ ରାସ୍ତା ଦୀର୍ଘସ୍ଥାୟୀ ହୋଇ ନ ପାରିବା ସହ ୫ ବର୍ଷ ମଧ୍ୟରେ ଭାଙ୍ଗି ବିପର୍ଯ୍ୟସ୍ତ ହେଉଛି। ପୂର୍ବରୁ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ଦ୍ଦେଶକ ଠିକାଦାର ଓ ଅଧିକାରୀମାନଙ୍କୁ ତାଗିଦ କରିବାର ନଜିର ରହିଛି। ଏପରିକି ଖିଲାପୀ ଠିକାସଂସ୍ଥାଠାରୁ ରକ୍ଷଣାବେକ୍ଷଣ ପାଇଁ ଉଦ୍ଦିଷ୍ଟ ଜମାରାଶି ସହ ୨୦ ପ୍ରତିଶତ ଅଧିକ ଅର୍ଥ ଅସୁଲି କରିବାକୁ ନିର୍ଦ୍ଦେଶକ ପୂର୍ବରୁ ଚେତାବନୀ ଦେଇଛନ୍ତି। ହେଲେ ଏହି ଚେତାବନୀ ଠିକାସଂସ୍ଥା ଏବଂ ଯନ୍ତ୍ରୀମାନଙ୍କୁ କୌଣସି ଫରକ ପକାଉନାହିଁ। ଫଳରେ ଅନିୟମିତତା ଏବଂ ଅବହେଳା ସୀମା ଲଂଘୁଛି। ସୂଚନା ଅନୁଯାୟୀ ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବାର ୫ ବର୍ଷ ମଧ୍ୟରେ ରକ୍ଷଣାବେକ୍ଷଣ ବାଧ୍ୟତାମୂଳକ ଏବଂ ଏଥିପାଇଁ ଅର୍ଥ ମଞ୍ଜୁର ହୋଇଥାଏ। କିନ୍ତୁ ଯାଜପୁର ଡିଭିଜନ ଅଧୀନରେ ୮୯ ଏବଂ ଭବାନୀପାଟଣା ଡିଭିଜନରେ ୭୮ ରାସ୍ତା ମରାମତି କ୍ଷେତ୍ରରେ ଟଙ୍କାଟିଏ ବି ଖର୍ଚ୍ଚ କରାଯାଇନାହିଁ, ଯାହାକି ରାଜ୍ୟରେ ସର୍ବାଧିକ ଖିଲାପ ବୋଲି ମୁଖ୍ୟଯନ୍ତ୍ରୀ ତାଙ୍କ ନୋଟିସରେ ଦର୍ଶାଇଛନ୍ତି।



ନୂଆଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ମାଲକାନଗିରି ଜିଲା ବଣ୍ଡା ଆଦିବାସୀ ।

# ବଣ୍ଡାଘାଟିରୁ ରାଇସିନା ହିଲ୍

**ମାଲକାନଗିରି,(ଦୁର୍ଯ୍ୟୋଧନ ପାତ୍ର)/ ଖଇରପୁଟ,୧୭।୬(ହୃଷୀକେଶ ସେଠୀ)**

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ବଣ୍ଡାଘାଟି ଅଞ୍ଚଳରୁ ୧୭ ବଣ୍ଡା ମହିଳା ଓ ପୁରୁଷ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିମନ୍ତ୍ରଣ କ୍ରମେ ରାଷ୍ଟ୍ରପିତ ଭବନ ବୁଲିବାକୁ ଦିଲ୍ଲୀ ଯାଇଥିଲେ। ଏମାନେ ଦୁଇଦିନ ପୂର୍ବେ ନିଜ ଅଞ୍ଚଳକୁ ଫେରିଛନ୍ତି। ଗତ ୧୦ ତାରିଖରେ ଏମାନେ ଦିଲ୍ଲୀଠାରେ ପହଞ୍ଚି ୧୧ ତାରିଖ ଦିନ ସଂସଦ ଭବନ ବୁଲିଥିଲେ । ୧୨ ତାରିଖରେ ରାଷ୍ଟ୍ରପତି ଭବନ ବୁଲି ରାଷ୍ଟ୍ରପତିଙ୍କ ସହ ଫଟୋ ଉଠାଇ ଆୟୋଜିତ ସଭାରେ ଯୋଗ ଦେଇଥିଲେ। ଏହି ଅବସରରେ ବଣ୍ଡାମାନଙ୍କ ପାରମ୍ପରିକ ମାଳା ରାଷ୍ଟ୍ରପତିଙ୍କୁ ବଣ୍ଡା ଯୁବତୀମାନେ ପିନ୍ଧାଇଥିଲେ। ବଣ୍ଡାମାନଙ୍କ ପାରମ୍ପରିକ ବେଶଭୂଷା ସାରା ଦେଶରୁ ଆସିଥିବା ଆଦିମ ଜନଜାତିଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହା ଛଡା ଦିଲ୍ଲୀରେ ଥିବା ବିଭିନ୍ନ ଦର୍ଶନୀୟ ସ୍ଥାନ ବଣ୍ଡାମାନେ ଭ୍ରମଣ କରିଥିଲେ। ଏମାନଙ୍କ ସହ ମାର୍ଗଦର୍ଶକ ଭାବେ ବଣ୍ଡା ଉନ୍ନୟନ ପ୍ରକଳ୍ପ ପରିଚାଳକ ଅଜିତ କୁମାର ସାହୁ ଯାଇଥିଲେ। ଫେରିବା ପରେ ବଣ୍ଡା ମହିଳା ଓ ପୁରୁଷ ଆଦିବାସୀ ଉନ୍ନୟନ ମନ୍ତ୍ରଣାଳୟ, ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଓ ଟ୍ରାଇବାଲ ଲାଇଭ୍‌ଲିହୁଡ୍ ପ୍ରୋଜେକ୍ଟ(ଟିଏଲପି) ସଂସ୍ଥାକୁ ଧନ୍ୟବାଦ ଦେବା ସହ ଖୁସି ପ୍ରକଟ କରିଛନ୍ତି।

# ୫-ଟି ସଚିବଙ୍କ କ୍ୟାପିଟାଲ ହସ୍ପିଟାଲ ପରିଦର୍ଶନ



**ଭୁବନେଶ୍ୱର, ୧୭।୬ (ଅନିଲ ଦାସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଶନିବାର ସନ୍ଧ୍ୟାରେ କ୍ୟାପିଟାଲ ହସ୍ପିଟାଲ ପରିଦର୍ଶନ କରିଛନ୍ତି। ଏଥିସହିତ ସେ 'ଆମ ହସ୍ପିଟାଲ' ପ୍ରକଳ୍ପର ଡିଜାଇନ ଏବଂ ଅଗ୍ରଗତି ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

# କନ୍ଧମାଳର ବିକାଶରେ ଆସିବ ବୈପ୍ଳବିକ ପରିବର୍ତ୍ତନ

**ପାଣ୍ଡିଆନ୍‌ଙ୍କ ଗସ୍ତର ଦ୍ୱିତୀୟ ଦିନ**

**ଫୁଲବାଣୀ, ୧୭।୬ (ରାକେଶ ରାଉତ)**

୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ କନ୍ଧମାଳ ଗସ୍ତର ଶନିବାର ଦ୍ୱିତୀୟ ଦିନରେ ଜିଲାର ଫିରିଙ୍ଗିଆ, ଫୁଲବାଣୀ, ଦାରିଙ୍ଗବାଡ଼ି, କେ. ନୂଆଗାଁ, ବାଲିଗୁଡା ଓ ଜି. ଉଦୟଗିରୀ ବ୍ଲକ ଗସ୍ତ କରିବା ସହ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ବିଭିନ୍ନ ବିକାଶ କାମର ସମୀକ୍ଷା କରିବା ସହିତ ଲୋକଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଶୁଣିଥିଲେ। ବାଲିଗୁଡାରେ ଥିବା ପ୍ରସିଦ୍ଧ ମା' ପାଟଖଣ୍ଡା ମନ୍ଦିର ଏବଂ ଜଗନ୍ନାଥ ମନ୍ଦିରର ସୌନ୍ଦର୍ଯ୍ୟକରଣ ସମ୍ପର୍କରେ ଡିପିଆର୍ ପ୍ରସ୍ତୁତ କରିବା ପାଇଁ ଜିଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। ଫୁଲବାଣୀଠାରେ ନିର୍ମାଣାଧୀନ ମେଡିକାଲ କଲେଜ ଓ ହସ୍ପିଟାଲର କାର୍ଯ୍ୟ ଡିସେମ୍ବର ସୁଦ୍ଧା ଶେଷ ହୋଇ ଆସନ୍ତା ବର୍ଷରୁ ପାଠ୍ୟକ୍ରମ ଆରମ୍ଭ ହେବ ବୋଲି କହିଛନ୍ତି। ମେଡିକାଲ କଲେଜ ଓ ମେଗା ପାନୀୟ ଜଳ ପ୍ରକଳ୍ପ ସହିତ ପର୍ଯ୍ୟଟନ ଓ ଯୋଗାଯୋଗର ଉନ୍ନତି କନ୍ଧମାଳର ବିକାଶରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି କହିଛନ୍ତି। ମିଶନ ଶକ୍ତି ଦ୍ୱାରା ପରିଚାଳିତ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ, ମିନି ଷ୍ଟାଡିଅମ, ହସପିଟାଲ ବୁଲି ଦେଖିବା ସହିତ ବିଭିନ୍ନ ସ୍ଥାନରେ ଲୋକଙ୍କ ସମସ୍ୟା ପଚାରି ବୁଝିଛନ୍ତି। ଦାରିଙ୍ଗବାଡ଼ିରେ ଥିବା ପର୍ଯ୍ୟଟନସ୍ଥଳ ହିଲ୍ ଭିୟୁ ପାର୍କ ଓ ବଟରଫ୍ଲାଏ ପାର୍କ ବୁଲି ଦେଖିଥିଲେ।

# ଅମଲା ଆନ୍ଦୋଳନ ପ୍ରତ୍ୟାହାର

- **ସୋମବାରଠାରୁ କାର୍ଯ୍ୟରେ ଯୋଗଦେବେ କର୍ମଚାରୀ**
- **ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଗଠନ ହେବ କମିଟି**

**ଭୁବନେଶ୍ୱର, ୧୭।୬(ଅନିଲ ଦାସ)**

ରାଜ୍ୟବାପୀ ୧୭ ଦିନ ଧରି ଚାଲିଥିବା ଅମଲା ଆନ୍ଦୋଳନ ଶନିବାର ପ୍ରତ୍ୟାହାର ହୋଇଛି। ଜିଲାସ୍ତର କ୍ୟାଡର ଅଣଗେଜେଟେଡ କର୍ମଚାରୀମାନଙ୍କ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା ହୋଇଛି। ଆଲୋଚନା ସଫଳ ହୋଇଥିବାରୁ ଆସନ୍ତା ସୋମବାରଠାରୁ କର୍ମଚାରୀମାନେ କାର୍ଯ୍ୟରେ ଯୋଗଦେବେ ବୋଲି ଜଣାପଡ଼ିଛି । ସଂଘର ଦାବି ପୂରଣ ନେଇ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହେବ। କମିଟି ରିପୋର୍ଟ ଦେବା ପରେ ଗ୍ରେଡ୍ ପେ ବୃଦ୍ଧି ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଖୁବ୍‌ଶୀଘ୍ର ଅମଲା ସଂଘ ଖୁସି ଖବର ପାଇବା ନେଇ ୫-ଟି ସଚିବ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରତିଶ୍ରୁତି ମିଳିବା ପରେ କର୍ମଚାରୀମାନେ ଚଳାଇଥିବା ଆନ୍ଦୋଳନ ଶେଷ ହୋଇଛି। ଆନ୍ଦୋଳନ ଯୋଗୁ ରହିଥିବା ବକେୟା କାମ ଦିନରାତି ଲାଗି ସାରିବୁ ବୋଲି ସଂଘ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ସୂଚନାଯୋଗ୍ୟ, ଜିଲାସ୍ତର କ୍ୟାଡର ଅଣଗେଜେଟେଡ କର୍ମଚାରୀମାନେ ଗ୍ରେଡ୍ ପେ ବୃଦ୍ଧି ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଚଳାଇଥିଲେ। ଏଥିଯୋଗୁ ଜିଲାସ୍ତରରେ ପ୍ରଶାସନିକ ସେବା ଏକପ୍ରକାର ଅଚଳ ହୋଇ ପଡ଼ିଥିଲା। ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ୩୦ ଜିଲାର ବ୍ଲକ, ତହସିଲ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। କର୍ମଚାରୀମାନେ ସେମାନଙ୍କର ଗ୍ରେଡ୍ ପେ ୧୯୦୦ରୁ ୪୨୦୦ କରିବାକୁ ଦାବି କରିଛନ୍ତି। ସଂଘ ପକ୍ଷରୁ ୨୦୨୩ ଏପ୍ରିଲରେ ସରକାରଙ୍କୁ ଏ ନେଇ ଦାବିପତ୍ର ଦିଆଯାଇଥିଲା। ଏହା ପରେ କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଥିଲେ। ଦାବି ପୂରଣ ଦିଗରେ ସରକାର କୌଣସି ପଦକ୍ଷେପ ନେଇ ନ ଥିବାରୁ କର୍ମଚାରୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ବୋରିସ୍‌ଙ୍କୁ ମିଳିଲା ...

ପର୍ଯ୍ୟନ୍ତ ସେ 'ସ୍ପେକ୍ଟାଟର'ର ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। କୋଭିଡ୍-୧୯ ଲକ୍‌ଡାଉନ୍ ପାର୍ଟିଗେଟ୍ ମାମଲାରେ ପାର୍ଲାମେଣ୍ଟକୁ ଜାଣିଶୁଣି ଭୁଲ୍ ତଥ୍ୟ ଦେଇଥିବା ଅଭିଯୋଗର ତଦନ୍ତରୁ ୫୮ ବର୍ଷୀୟ ବୋରିସ ଦୋଷୀ ବୋଲି ଜଣାପଡ଼ିବା ପୂର୍ବରୁ ସେ ଗତ ସପ୍ତାହରେ ଏମ୍‌ପି ପଦରୁ ଇସ୍ତଫା ଦେଇଥିଲେ। ଏବେ ସେ ପ୍ରତି ଶନିବାର ଡେଲି ମେଲ୍ ପାଇଁ ସ୍ତମ୍ଭ ଲେଖିବେ ବୋଲି ଉକ୍ତ ଖବରକାଗଜ ପକ୍ଷରୁ କୁହାଯାଇଛି। ଗତବର୍ଷ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ବୋରିସ୍ ବକ୍ତୃତା କାର୍ଯ୍ୟକ୍ରମରୁ ବହୁ ନିୟୁତ ପାଉଣ୍ଡ ଆୟ କରୁଛନ୍ତି। ଖବରକାଗଜରେ ତାଙ୍କ ନିଯୁକ୍ତି ସମ୍ପର୍କିତ ଘୋଷଣା ପ୍ରକାଶ ପାଇବା ପରେ ଏକ ସରକାରୀ ୱାଚ୍‌ଡଗ୍ ଏହାର ସମାଲୋଚନା କରିଛି। ପାର୍ଲାମେଣ୍ଟ କମିଟିରୁ ବିଭିନ୍ନ ପ୍ରସଙ୍ଗରେ ରାୟ ପାଇବାର ଦିନକ ପରେ ବୋରିସ୍‌ଙ୍କୁ ନୂତନ ନିଯୁକ୍ତି ମିଳିଛି। ତାଙ୍କ ବିବାଦୀୟ ପାର୍ଟିଗେଟ୍‌କୁ ନେଇ ତଦନ୍ତ ଏବେ ବି ଜାରି ରହିଛି।

### ଶିମିଳିପାଳରେ ଶିକାରୀ ...

ଟୁଇଟ୍ କରି ଶୋକବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ଜଣେ କର୍ତ୍ତବ୍ୟରତ ଯୋଦ୍ଧାଙ୍କ ପ୍ରାଣହାନି ଘଟିଛି। ଏହାକୁ ମନ୍ତ୍ରଣାଳୟ ସଜ୍ଞାନକୁ ନେଇ ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ ବ୍ୟୁରୋର ଏକ ଟିମ୍‌କୁ ତଦନ୍ତରେ ସହାୟତା ପାଇଁ ପଠାଯାଇଛି। ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଗିରଫ କରାଯାଇଛି। ବନ୍ୟପ୍ରାଣୀ ସୁରକ୍ଷା ଆଇନ (ଡବ୍ଲ୍ୟୁଏଲ୍‌ପିଏ) ୧୯୭୦ ଏବଂ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ବଳରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ଯାଦବ କହିଛନ୍ତି। ସୂଚନା ଅନୁଯାୟୀ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଉପର ବାର୍‌ହାକାମୁଡ଼ା ରେଞ୍ଜ କାଣ୍ଡଧେନୁ ସେକ୍ସନ ଗାମୁଛାଝରଣ ଅଞ୍ଚଳରେ ଶିକାରୀଙ୍କ ଅନୁପ୍ରବେଶ ନେଇ ଶୁକ୍ରବାର ରାତିରେ ବିଭାଗୀୟ ଅଧିକାରୀମାନେ ଖବର ପାଇଥିଲେ। ରେଞ୍ଜର ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜର ମାଥି ହାଁସଦାଙ୍କ ସମେତ ୬ କର୍ମଚାରୀ ରାତି ୨ଟା ୩୦ରେ ପାଟ୍ରୋଲିଂରେ ଯାଇଥିଲେ। ଗାମୁଛାଝରଣ ଅଞ୍ଚଳରେ ସେମାନଙ୍କର ୪୦ରୁ ଊର୍ଦ୍ଧ୍ୱ ଶିକାରୀଙ୍କ ସହ ମୁହାଁମୁହିଁ ହୋଇଥିଲା। ବନକର୍ମଚାରୀମାନେ ଅଟକାଇବାକୁ ଚେଷ୍ଟା କରିବାରୁ ଶିକାରୀମାନେ ଅତର୍କିତ ଗୁଳିଚାଳନା କରିଥିଲେ। ମାଥିଙ୍କ ଛାତିରେ ଏକ ଗୁଳି ବାଜିଥିଲା। ଏହାପରେ ଶିକାରୀମାନେ ଛତ୍ରଭଙ୍ଗ ଦେଇଥିଲେ। ସାଥି ବନ କର୍ମଚାରୀମାନେ ମାଥିଙ୍କୁ ଗୁରୁତର ଅବସ୍ଥାରେ ରାତି ୩ଟା ୧୫ରେ କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ବହଳଦା ବ୍ଲକ୍ ଟିଙ୍ଗିରିଆସ୍ଥିତ ଜନ୍ମମାଟିରେ ବିଭାଗ ପକ୍ଷରୁ ମାଥିଙ୍କୁ ଶହୀଦ ସମ୍ମାନ ପ୍ରଦାନ କରାଯାଇଛି। ଗ୍ରାମରେ ଶେଷ କୃତ୍ୟ ସମ୍ପନ୍ନ ହେବା ନେଇ ସୂଚନା ମିଳିଛି। ଗୁଳିକାଣ୍ଡ ସମୟରେ ଉପସ୍ଥିତ ଥିବା ଉପର ବାରହାକାମୁ ରେଞ୍ଜ ଫରେଷ୍ଟ ଗାର୍ଡ ହିମାଂଶୁ ଶେଖର ସେଠୀ ଠାକୁରମୁଣ୍ଡା ଥାନାରେ ଅଭିଯୋଗ ପରେ ଥାନା କେସ୍ (ନଂ. ୬୪/୧୩) ଅନୁଯାୟୀ ମାମଲା ରୁଜୁ ହୋଇଛି। ଘଟଣା ପରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଗୋଗନେନୀ, ଉତ୍ତର ଶିମିଳିପାଳ ଉପ କ୍ଷେତ୍ର ନିର୍ଦ୍ଦେଶକ ଡିଏନ ସାଇକିରଣ, ଡିଏଫ୍‌ଓ ଶ୍ରୀକାନ୍ତ ନାଏକ, ମୟୂରଭଞ୍ଜ ଏସ୍‌ପି ବି ଗଙ୍ଗାଧର, ଉପଖଣ୍ଡ ପୋଲିସ ଅଧିକାରୀ ସୁଦର୍ଶନ ଗାଙ୍ଗଇ, ଠାକୁରମୁଣ୍ଡା ଥାନା ଅଧିକାରିଣୀ ରାଞ୍ଜୁ ହାସିନା କୁଲୁ କରଞ୍ଜିଆରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ପକ୍ଷରୁ ଶିମିଳିପାଳ ପାଦ ଦେଶରେ ଥିବା ଗ୍ରାମଗୁଡ଼ିକରେ ଚଢ଼ାଉ ଜାରି ରହିଛି। ଏସ୍‌ପି ବି. ଗଙ୍ଗାଧର କହିଛନ୍ତି, ୩ ଜଣକୁ ଅଟକ ରଖି ତଦନ୍ତ ଚାଲିଛି। ଶିକାରୀଙ୍କୁ ଧରିବାକୁ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ସମେତ ବିଭିନ୍ନ ଥାନାର ଅଫିସରମାନଙ୍କୁ ମୃତୟନ କରାଯାଇଛି। ଖବରପାଇ ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ପହଞ୍ଚି ଶୋକ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

**ମାସକରେ ବନ୍ଧୁକ ମୁନରେ ଗଲାଣି ୩ ଜୀବନ**

କାଠ ମାଫିଆଙ୍କ ଦ୍ୱାରା ପରିଚାଳିତ ଏଜେଣ୍ଟ ଓ ଶିକାରୀମାନେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ପ୍ରବେଶ କରି ଜୀବଜନ୍ତୁ ଶିକାର କରିବା ସହ ମୂଲ୍ୟବାନ କାଠଚାଲାଣ କରିବାରେ ଲାଗିଛନ୍ତି। ଏହାକୁ ନେଇ ବନବିଭାଗ ପକ୍ଷରୁ କୋମ୍ବିଂ ଅପରେଶନ ଆରମ୍ଭ କରାଯାଉଥିବାରୁ ଅପରାଧୀମାନେ ହିଂସ୍ର ହୋଇପଡ଼ିଛନ୍ତି। ଗତ ମେ' ୨୨ ତାରିଖରେ ବାଙ୍ଗିରିପୋଷି ରେଞ୍ଜ ବାଉଁଶଖାଳ ବିଟ୍ ଅଞ୍ଚଳରେ ଶିକାରୀ ଗୁଳିରେ ଫରେଷ୍ଟଗାର୍ଡ ବିମଳ କୁମାର ଜେନାଙ୍କ ମୃତ୍ୟୁ ଘଟିଥିଲା। ଘଟଣାକୁ ଗୁରୁତ୍ୱର ସହ ନିଆଯାଇ ପୋଲିସ ଓ ବନବିଭାଗ ପକ୍ଷରୁ କୋମ୍ବିଂ ଅପରେଶନ କରାଯାଇ ସମସ୍ତ ଅପରାଧୀଙ୍କୁ ଗିରଫ କରିବା ସହ ବନ୍ଧୁକ ଜବତ ହୋଇଥିଲା। ଏହି ଘଟଣାର କିଛି ଦିନ ପରେ ଜୁନ୍ ୨ରେ ଚହଲା ରେଞ୍ଜ ଅଞ୍ଚଳରେ ଶିକାରୀ ଓ ବନକର୍ମଚାରୀ ମୁହାଁମୁହିଁ ହୋଇଥିଲେ। ଏଥିରେ ଆତ୍ମରକ୍ଷା ଲାଗି ବନ କର୍ମଚାରୀମାନେ ଗୁଳି ଚଳାଇବାରୁ ଶିକାରୀ ଜଗନ୍ନାଥ ହେମ୍ବ୍ରମଙ୍କ ମୃତ୍ୟୁ ଘଟିଥିଲା। ବେଆଇନ ଦେଶୀ ବନ୍ଧୁକ ସହିତ ମାରଣାସ୍ତ୍ର ବ୍ୟବହାର କରି ଶିକାରୀମାନେ କର୍ମଚାରୀଙ୍କୁ ଅତର୍କିତ ଆକ୍ରମଣ କରୁଛନ୍ତି। ବନ୍ଧୁକ ମୁନରେ ଆଖିବୁଜା ଗୁଳିଚାଳନା କରିବାରୁ ମାସକ ମଧ୍ୟରେ ଜଣେ ଶିକାରୀ ଓ ଦୁଇ ବନକର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଶିମିଳିପାଳର ସୁରକ୍ଷା ଦୃଷ୍ଟିକୋଣରୁ ଅଭୟାରଣ୍ୟକୁ ଜନଶୂନ୍ୟ କରି ବିସ୍ଥାପିତଙ୍କୁ ଥଇଥାନ ପୂର୍ବକ ରୋଜଗାର ଯୋଗାଇ ଦେବା ସହ ଅରଣ୍ୟ ନିବାସ ଭଳି ଅନ୍ୟାନ୍ୟ ରିସର୍ଟଗୁଡ଼ିକ ବନ୍ଦ କରିବା ପାଇଁ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫-ଟି ସଚିବ ଓ ପିସିସିଏଫ ଓଡ଼ିଶାଙ୍କ ନିକଟରେ ଦାବି କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ତୃତୀୟ ଚନ୍ଦ୍ର ପ୍ରଭାବରୁ ପ୍ରତ୍ୟେକ ପରିସ୍ଥିତିକୁ ସଜାଡ଼ି ନେବେ। କିନ୍ତୁ କୌଣସି ବନ୍ଧୁଙ୍କୁ ଟଙ୍କା ପଇସା ଦେଇ ଫେରି ପାଇବାରେ କମ୍ ସମ୍ଭାବନାକୁ ଦେଖି ମାନସିକ ଚିନ୍ତା ବଢ଼ିଯିବ। କର୍ମକ୍ଷେତ୍ରରେ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରୁ ସାହାଯ୍ୟ ପାଇପାରିବେ। କ୍ରମଶଃ ଦୂରେଇ ଯାଉଥିବା କୌଣସି ଆତ୍ମୀୟଙ୍କ ପାଇଁ ମନ ଛଟପଟ ହୋଇପାରେ।

**ବୃଷ** ଦୀର୍ଘଦିନ ହେଲା ଯାହା ପାଇନଥିଲେ ଆଜି ତାହା ପାଇବାରେ ଅସୁବିଧା ହେବନାହିଁ। ଶନିଙ୍କ ସୁପ୍ରଭାବରୁ କର୍ମକ୍ଷେତ୍ରରେ ଦାୟିତ୍ୱ ହାତକୁ ନେବାକୁ ବାଧ୍ୟ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନରେ ଉନ୍ନତ ମାନର ଫଳ ପାଇବେ। ପୁରାତନ ରୋଗର ପ୍ରାଦୁର୍ଭାବ ବଢ଼ିବା କାରଣରୁ ମାନସିକ ଦୁର୍ବଳତା ଅନୁଭବ କରିପାରନ୍ତି।

**ମିଥୁନ** ଏକତ୍ର ରବି ଓ ଚନ୍ଦ୍ରଜନିତ ସମ୍ପର୍କୀୟଙ୍କ ସହ ମିତ୍ରତା ବଢ଼ାଇବା ସକାଶେ ଚେଷ୍ଟା କରି ନିରାଶ ହେବେ। ଆନୁଷ୍ଠାନିକ କାର୍ଯ୍ୟ ପ୍ରସ୍ତୁତି ସକାଶେ ବ୍ୟସ୍ତ ରହିପାରନ୍ତି। କର୍ମକ୍ଷେତ୍ରରେ ପ୍ରଶାସନିକ କିମ୍ବା ପରିଚାଳନାଗତ ତ୍ରୁଟିକୁ ସୁଧାରିବାକୁ ଚେଷ୍ଟା କରିବେ। ପାରିବାରିକ ସମ୍ପର୍କ ମନ୍ଦ ହେବନି, ତଥାପି ସାଧାରଣ କଥାକୁ ନେଇ ଦ୍ୱନ୍ଦ୍ୱ ମଧ୍ୟରେ ଗତି କରିବେ।

**କର୍କଟ** ଅନୁକୂଳ ଗ୍ରହଚକ୍ର ହେତୁ ଆଜି ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା ଲାଭ କରି ମନ ଭିତରର କଥାକୁ ପ୍ରକାଶ କରିପାରନ୍ତି। ଅଭାବ ନ ଥିଲେ ମଧ୍ୟ ଖୋଲା ମନ ନେଇ ଖର୍ଚ୍ଚରୁ ଦୂରେଇ ରହିବା ପାଇଁ ଚେଷ୍ଟିତ ହେବେ। କେତେକ ପରିସ୍ଥିତିରେ ନିଜ ଲୋକଙ୍କୁ ସନ୍ଦେହ କରିବା ପରିସ୍ଥିତି ସୃଷ୍ଟି ହେବ। ପାରିବାରିକ ସ୍ତରରେ ସାଧାରଣ କଥାରୁ ସମସ୍ୟା ସୃଷ୍ଟି ହୋଇପାରେ।

**ସିଂହ** ରାଶ୍ୟାଧିପ ମଙ୍ଗଳ ନକ୍ଷତ୍ରସ୍ଥ ଯୋଗୁ ପରିଶ୍ରମଜନିତ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ପାଇବେ। ବନ୍ଧୁଙ୍କ ପାଖରେ ସମସ୍ୟାକୁ ଜଣାନ୍ତୁ; ଅବଶ୍ୟ ସହଯୋଗ ମିଳିଯିବ। ସନ୍ତାନମାନଙ୍କର କିଛି ରହିଥିବା ସମସ୍ୟାର ସମାଧାନ ସକାଶେ ବ୍ୟସ୍ତତା ବଢ଼ିପାରେ।

**କନ୍ୟା** କର୍ମାଧିପ ଭାଗ୍ୟସ୍ଥ ହେତୁ କୌଣସି କାମ ଆରମ୍ଭ କରିବାକୁ ଚାହୁଁଥିଲେ ଶୀଘ୍ର ଆରମ୍ଭ କରିବା ଭଲ। ପିଲାଙ୍କ ପାଇଁ ଜଞ୍ଜାଳ ବୃଦ୍ଧି ପାଇବା ହେତୁ ଦୁଶ୍ଚିନ୍ତାଗ୍ରସ୍ତ ହେବେ। ଶତ୍ରୁତା କରୁଥିବା ଲୋକ ନିଜର ଫାଇଦା ହାସଲର ଅପଚେଷ୍ଟା ଲାଗି ମନ ବଳାଇ ପାରନ୍ତି। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ସଭାସମିତିରେ ସଫଳତା ପାଇବେ।

**ତୁଳା** ଚନ୍ଦ୍ରଙ୍କ ଶୁଭତ୍ୱରୁ ଦୀର୍ଘଦିନରୁ ଚେଷ୍ଟା କରୁଥିବା କାମଟି ଆଜି ସମ୍ପନ୍ନ ହୋଇପାରିବ। ଚିତ୍ରା ନକ୍ଷତ୍ରର ସାମୟିକ ଶାରୀରିକ ଅସୁସ୍ଥତା ହେତୁ ମନ ବିଚଳିତ ରହିପାରେ। ବ୍ୟବସାୟ କ୍ଷେତ୍ରରେ କିଛି ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି। ମାମଲାରେ ସମସ୍ୟା କ୍ରମଶଃ ବୃଦ୍ଧି ପାଇବାକୁ ନେଇ ଚିନ୍ତିତ ରହିପାରନ୍ତି।

**ବିଛା** ସପ୍ତମସ୍ଥ ବୁଧ ପାରିବାରିକ କ୍ଷେତ୍ରରେ ମତାନ୍ତର ଜନିତ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିବ। ପୁନଶ୍ଚ ବିଭିନ୍ନ ପ୍ରକାରର କାର୍ଯ୍ୟବ୍ୟସ୍ତତା ହେତୁ ମାନସିକ ସ୍ଥିତି ଭଲ ରହିନପାରେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆତ୍ମୀୟମାନେ କ୍ରମଶଃ ଦୂରେଇ ଯିବେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ପଡ଼ୋଶୀଙ୍କ ସହ ଆଲୋଚନା କଲେ ଉପକୃତ ହେବେ।

**ଧନୁ** ଶନିଙ୍କ ପ୍ରଭାବରେ ମନ କଥାକୁ ଖୋଲିକରି କହିଲେ ମଧ୍ୟ ନିଜର ଲୋକମାନେ ତାହାର କଦର୍ଥ କରି ସମାଲୋଚନା କରିପାରନ୍ତି। ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ଚିଡ଼ା ସ୍ୱଭାବ ପାଇଁ କ୍ଷୁବ୍ଧ ହୋଇପାରନ୍ତି। ସନ୍ତାନଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ଓ ଅମନୋଯୋଗୀ ସ୍ୱଭାବର ପରିବର୍ତ୍ତନ ପାଇଁ ଚେଷ୍ଟା କରିପାରନ୍ତି। ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତି ଅନୁଭବ କରିବେ।

**ମକର** ସାମାନ୍ୟ ସମସ୍ୟା ମଧ୍ୟରେ ଆଜିର ପ୍ରତ୍ୟୁଷ ଯାତ୍ରା, ସଭାସମିତି, କର୍ମାରମ୍ଭ ବିନା ବାଧାବିଘ୍ନରେ ସମାପନ ହେବ। କର୍ମକ୍ଷେତ୍ରରେ କିଛି ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। କର୍ମକ୍ଷେତ୍ରରେ ବୁଦ୍ଧିଜୀବୀଙ୍କ ନିକଟରୁ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବ୍ୟବସାୟରେ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ।

**କୁମ୍ଭ** ଚତୁର୍ଥସ୍ଥ ବୁଧ ହେତୁ ପାରିବାରିକ କ୍ଷେତ୍ରରେ ଅଶାନ୍ତ ରହିପାରନ୍ତି। ବନ୍ଧୁମାନଙ୍କ ନିକଟରୁ କିଛି ଖରାପ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବାକୁ ପଡ଼ିପାରେ। ରୋଗୀଣା ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ କିଛିଟା ଆଶ୍ୱସ୍ତି ଅନୁଭବ କରିବେ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟ ଯୋଗୁ ବ୍ୟସ୍ତ ରହିପାରନ୍ତି ।

**ମୀନ** ପାପଗ୍ରହ ପ୍ରଭାବରୁ ମୁକ୍ତ କର୍ମ ସଂସ୍ଥାନ କାରଣରୁ ଆଜି କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଖୁସି ରହିବେ। ପରିବାରର ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ। ଏଣୁ ସରକାରୀସ୍ତରରୁ ଋଣ ଆଣିବା ସକାଶେ ମନ ବଳାଇ ପାରନ୍ତି। ସଭାସମିତିରେ, ଆଲୋଚନା ପରିସରରେ, ରାଜନୈତିକ ସ୍ଥିତି ତଥା ପ୍ରଶାସନିକ ସ୍ତରରେ ସଫଳତା ଅବଶ୍ୟ ମିଳିବ।

ଆଜି ଆଷାଢ଼ ଅମାବାସ୍ୟା ରବିବାର, ଶ୍ରୀମନ୍ଦିରରେ ବନକଲାଗି, ଜୁନ୍ ୧୮ ତାରିଖ, ବିଶ୍ୱ ପିତୃଦିବସ, ଅନ୍ତର୍ଜାତୀୟ ବଣଭୋଜି ଦିବସ, ରାଶି ନକ୍ଷତ୍ର-ମୃଗଶିରା/ମିଥୁନ, ଅଦ୍ୟ ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୫୭ ଗତେ ଘ.୦୯।୩୫ ମଧ୍ୟେ, ଘ.୦୧।୨୬ ଗତେ ଘ.୦୨।୫୨ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା. ଘ.୦୪।୪୪ ଗତେ ଘ.୦୬।୨୩ ମଧ୍ୟେ ରାହୁକାଳ ।

# ମୃତଦେହ ପୋତାକୁ ନେଇ ଉତ୍ତେଜନା

ଉମରକୋଟ, ୧୭।୬(ସନ୍ତୋଷ ଶତପଥୀ)

## ପୁଅ ଧର୍ମ ପରିବର୍ତ୍ତନ କରିଥିବାରୁ ବାପା ମୃତଦେହକୁ ଶ୍ମଶାନ ବାରଣ ଘଟଣା



ପ୍ରଶାସନିକ ଅଧିକାରୀମାନେ ଉତ୍ତ୍ୟକ୍ତ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

ପୁଅ ହିନ୍ଦୁଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିଥିବାରୁ ତାଙ୍କ ବାପାଙ୍କ ମୃତ୍ୟୁ ପରେ ଗାଁ ଶ୍ମଶାନରେ ମୃତଦେହ ସତ୍କାର କରିବାକୁ ଗ୍ରାମବାସୀ ବାରଣ କରିଥିଲେ। ଏହାପରେ ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇ ଗାଁ ବାହାର ଏକ ସରକାରୀ ସ୍ଥାନରେ ମୃତଦେହ ଶୁକ୍ରବାର ବିଳମ୍ବିତ ରାତିରେ ପୋତାଯାଇଥିଲା। ମୃତଦେହ ପୋତାଯାଇଥିବା ସ୍ଥାନ ନିକଟ ଗ୍ରାମର ଲୋକେ ଏହାକୁ ବିରୋଧ କରିଥିଲେ। ସର୍ବସାଧାରଣ ସ୍ଥାନରେ ମୃତଦେହ ପୋତିବାକୁ ନେଇ ଅସନ୍ତୁଷ୍ଟ ଅଞ୍ଚଳବାସୀ ଶୁକ୍ରବାର ରାତିରୁ ଶନିବାର ସନ୍ଧ୍ୟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ପ୍ରଶାସନିକ ଅଧିକାରୀମାନେ ସେମାନଙ୍କୁ ବୁଝାଶୁଝା କରିଥିଲେ। ପୁନର୍ବାର ଉକ୍ତ ସ୍ଥାନରେ କୌଣସି ମୃତଦେହ ସତ୍କାର କରାଯିବ ନାହିଁ ବୋଲି ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା।

ସୂଚନାନୁଯାୟୀ, ଶୁକ୍ରବାର ବେହେଡ଼ା ପଞ୍ଚାୟତ ସିଉନାଗୁଡ଼ା ଗ୍ରାମର ଡମୁ ସାନ୍ତା (୫୫)ଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ସାନପୁଅ ଧର୍ମ ପରିବର୍ତ୍ତନ କରିଥିଲେ। ଡମୁ ସାନପୁଅଙ୍କ ପାଖରେ ରହୁଥିବାରୁ ଗ୍ରାମବାସୀ ହିନ୍ଦୁ ଶ୍ମଶାନରେ ମୃତଦେହ ସତ୍କାର କରିବାକୁ ମନା କରିଥିଲେ। ଏହାପରେ ମୃତକଙ୍କ ପରିବାର ଲୋକେ ଘଟଣା ସମ୍ପର୍କରେ ଉମରକୋଟ ଥାନାରେ ଅଭିଯୋଗ କରିଥିଲେ। ଉମରକୋଟ ଉପଖଣ୍ଡ ଅଧିକାରୀ, ସ୍ଥାନୀୟ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ମୃତଦେହ ଅନ୍ୟତ୍ର ଏକ ସ୍ଥାନରେ ସତ୍କାର କରାଯିବାକୁ ନେଇ ମୃତକଙ୍କ ପରିବାରକୁ ଅଧିକାରୀମାନେ ବୁଝାଇଥିଲେ। ପରିବାର ଲୋକେ ସେଥିରେ ରାଜି ହେବାପରେ ଶୁକ୍ରବାର ବିଳମ୍ବିତ ରାତିରେ ପ୍ରଶାସନ ସହାୟତାରେ ମୂର୍ତ୍ତିମା ନିକଟ ଏକ ମୋରମ ଖାଦାନରେ ମୃତଦେହ ପୋତାଯାଇଥିଲା। ଏହି ଖବର ଜାଣିବା ପରେ ଖାଦାନ ନିକଟରେ ରହୁଥିବା ୩ଗାଁର ଉତ୍ତ୍ୟକ୍ତ ଲୋକେ ସେଠାରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ପୋତାଯାଇଥିବା

### ■ ୧୮ ଘଣ୍ଟା ଉମରକୋଟ୍-ରାଇଘର ରାସ୍ତାରୋକୋ କଲେ ଉତ୍ତ୍ୟକ୍ତ ଲୋକେ

ମୃତଦେହକୁ ସେଠାରୁ ବାହାରକରି ଅନ୍ୟତ୍ର କେଉଁଠି ସତ୍କାର କରିବାକୁ ସେମାନେ ଜିଦ୍ ଧରିଥିଲେ। ମୃତଦେହକୁ କୌଣସି ପରିସ୍ଥିତିରେ ବାହାର କରାଯିବ ନାହିଁ ବୋଲି ପ୍ରଶାସନିକ ଅଧିକାରୀମାନେ ରୋକ୍‌ଠୋକ୍ ମନା କରିଥିଲେ। ଏହାପରେ ଉତ୍ତ୍ୟକ୍ତ ଗ୍ରାମବାସୀ ଶୁକ୍ରବାର ରାତିରୁ ହିଁ ରାଇଘର-ଉମରକୋଟ ରାସ୍ତାକୁ ଅବରୋଧକରି ଧାରଣାରେ ବସିଥିଲେ। ଘଟଣାସ୍ଥଳରେ ଏସ୍‌ଆଇ ଅକ୍ଷୟ ମିଶ୍ର, ସନ୍ତୋଷ ମାଝି, ସୌମେନ୍ଦ୍ର ସେଠ, ଏଏସ୍‌ଆଇ ଶରତ ଚନ୍ଦ୍ର କୁରୁରୁକା, ରାମଚନ୍ଦ୍ର ବେହେରା, ସୁଖଦେ ଛାତ୍ରୀୟା ଓ ଏକ ପ୍ଲାଟୁନ୍ ଫୋର୍ସ ମୁତୟନ ଥିଲେ। ନବରଙ୍ଗପୁର ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ତହସିଲଦାର ତୁଳା ମୁଦୁଲି, ଏସ୍‌ଡିପିଓ ଶୁଭେନ୍ଦୁ ଶବର, ଉମରକୋଟ ଏସ୍‌ଆଇ ନୀଳିମା ପାଣିଗ୍ରାହୀ ଧାରଣାରେ ବସିଥିବା ଲୋକଙ୍କ ସହ ଆଲୋଚନା କରିଥିଲେ। ପୁନର୍ବାର ଉକ୍ତ ସ୍ଥାନରେ କୌଣସି ମୃତଦେହ ସତ୍କାର କରାଯିବ ନାହିଁ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ଶନିବାର ସନ୍ଧ୍ୟାରେ ହଟିଥିଲା।

# ସୋନପୁର ସବୁଠୁ ଉତ୍ତପ୍ତ

## ୪୫° ସେଲସିୟସ୍ ଉପରେ ୫ ସହର

ଭୁବନେଶ୍ୱର, ୧୭।୬(ଅନିଲ ଦାସ)

ଚାରିଆଡ଼େ ଉତ୍ତପ୍ତ ପରିବେଶ। ଲମ୍ବିଚାଲିଛି ତତଲା ଦିନ। ପାଣିପାଗ ବିଜ୍ଞାନୀଙ୍କ ପୂର୍ବାନୁମାନ ଗୋଳମାଳିଆ ହୋଇଯାଉଛି। ଦିନେ କି ସପ୍ତାହେ ନୁହେଁ, ମାସାଧିକ କାଳ ଗରମ ପ୍ରକୋପ ଜାରିରହିଛି। ତାତିରେ କେବେ ବିରାମ ଲାଗିବ ତାହା ଆକଳନ କରାଯାଇ ପାରୁନାହିଁ। ଅନ୍ୟପକ୍ଷରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମଧ୍ୟ ଚିନ୍ତା ବଢ଼ାଇଲାଣି। ପାଗ ଅନୁକୂଳ ହେଉ ନ ଥିବାରୁ ନିକଟରେ ମୌସୁମୀ ଆଗମନ ଆଶା କ୍ଷୀଣ। ଆସନ୍ତା ୨୧ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ହିଟ୍‌ୱେଭ ଜାରିରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ଶନିବାର ସୋନପୁର ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ଏଠାରେ ସର୍ବୋଚ୍ଚ ତାପମାତ୍ରା ୪୫.୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ରାଜ୍ୟର ୫ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ସେଲ୍‌ସିୟସକୁ ଟପିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୫.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ସମ୍ବଲପୁର ୪୫.୪, ହୀରାକୁଦ ୪୫.୧ ଏବଂ ବଲାଙ୍ଗୀରରେ ୪୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ଝାରସୁଗୁଡ଼ାରେ ୪୪.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବାବେଳେ ଅନୁଗୋଳ ୪୪.୭, ସୁନ୍ଦରଗଡ଼ ୪୪.୫, ନୟାଗଡ଼ ୪୪.୫, ବରଗଡ଼ ୪୪.୪, ଭୁବନେଶ୍ୱର ୪୪.୩, ତାଳଚେର ୪୪, ଢେଙ୍କାନାଳ ୪୩.୬, ଟିଟିଲାଗଡ଼ ୪୩.୫, ଖୋର୍ଦ୍ଧା ୪୩.୫, ରାଉରକେଲା ୪୩.୪, ନୂଆପଡ଼ା ୪୩.୪, ଦେବଗଡ଼ ୪୨.୫, ବାରିପଦା ୪୨.୪, ଜଗତ୍‌ସିଂହପୁର ୪୨.୪, କଟକ ୪୨.୧, ଫୁଲବାଣୀ ୪୨, ଭବାନୀପାଟଣା ୪୧.୮, କେନ୍ଦୁଝର ୪୧.୪, ଭଦ୍ରକ ୪୦.୫, ବ୍ରହ୍ମପୁର ୪୦.୫, କେନ୍ଦ୍ରାପଡ଼ା ୪୦.୨, ଯାଜପୁର ୪୦ ଏବଂ ଛତ୍ରପୁରରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ସୋନପୁର, ବୌଦ୍ଧ, ଅନୁଗୋଳ, ଦେବଗଡ଼, କେନ୍ଦୁଝର, କଟକ, ନୟାଗଡ଼, ଖୋର୍ଦ୍ଧା ଏବଂ ବଲାଙ୍ଗୀର ଜିଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଏ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଢେଙ୍କାନାଳ, ମୟୂରଭଞ୍ଜ, କନ୍ଧମାଳ, କଳାହାଣ୍ଡି ଏବଂ ନୂଆପଡା ଜିଲା ପାଇଁ ୟେଲୋୱାର୍ନିଂ ଜାରି କରାଯାଇଛି।

**BUYERS REQUIRED FOR VANAMEI SHRIMP**
**ବନମେଇ ଚିଙ୍ଗୁଡ଼ି ପାଇଁ କ୍ରେତା ଆବଶ୍ୟକ**

- ଆମେ ଉଚ୍ଚ ଗୁଣମାନର ବନମେଇ ଚିଙ୍ଗୁଡ଼ି ଚାଷ କରୁଥିବା ଏକ କମ୍ପାନୀ ଅଟୁ
- ଆମେ ବନମେଇ ଚିଙ୍ଗୁଡ଼ି ପାଇଁ ସମ୍ଭାବ୍ୟ କ୍ରେତା ଆବଶ୍ୟକ କରୁଛୁ
- ଚିଙ୍ଗୁଡ଼ିର ଗଣନା 40 -100 ମଧ୍ୟରେ ଅଟେ
- ପରିମାଣ 20 -25 ଟନ୍ ମଧ୍ୟରେ ଅଟେ
- କୌଣସି ମଧ୍ୟସ୍ଥି ରହିବେ ନାହିଁ, ସିଧାସଳଖ ଚାଷୀ ଓ କ୍ରେତାଙ୍କ ମଧ୍ୟରେ ନେଣଦେଣ ସଞ୍ଚାଳିତ ହେବ

- We are a company that is doing high quality farming of **VANAMEI SHRIMP**
- We require potential buyers of VANAMEI SHRIMP
- Shrimp count ranges between 40 – 100
- Quantity ranges between 20 – 25 TON
- No middlemen is involved, transaction will be done from direct farmer to buyer

Location: CHANDBALI, DISTT. BHADRAK, ODISHA,
ସ୍ଥାନ: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା CALL +91 – 77357 48087

LIC
भारतीय जीवन बीमा निगम
LIFE INSURANCE CORPORATION OF INDIA

**ଭାରତୀୟ ଜୀବନ ବୀମା ନିଗମ**
ପୂର୍ବ ମଧ୍ୟ କ୍ଷେତ୍ରୀୟ କାର୍ଯ୍ୟାଳୟ
ଇଞ୍ଜିନିୟରିଂ ବିଭାଗ
"ଜୀବନ ଦୀପ", ଏକ୍ଜିବିଶନ୍ ରୋଡ୍, ପାଟନା-୮୦୦୦୦୧।
ଫୋନ୍ ନଂ. ୦୬୧୨-୨୫୦୧୧୧୮/୨୫୦୩୦୧୪
ଏକ ଆଇଏସ୍‌ଓ ୯୦୦୧:୨୦୧୫ ପ୍ରମାଣିତ ବିଭାଗ

**ଆର୍କିଟେକ୍ଟ ଡିଜାଇନ୍ ପ୍ରତିଯୋଗିତା**

ଭାରତୀୟ ଜୀବନ ବୀମା ନିଗମ ନିମ୍ନଲିଖିତ କାର୍ଯ୍ୟ ପାଇଁ ଏକକାଳୀନ ଦର ଭିତ୍ତିରେ ଯୋଗ୍ୟ ଆର୍କିଟେକ୍ଟ/ଆର୍କିଟେକ୍ଟ ଫାର୍ମଗୁଡ଼ିକଠାରୁ ୱେବ୍‌ସାଇଟ୍ http://www.tenderwizard.com/LIC ମାଧ୍ୟମରେ ଇ-ବିଡ୍ ଆହ୍ୱାନ କରୁଛି:

| | |
|---|---|
| ବିଡ୍ ନଂ. | ଏଲ୍‌ଆଇସିଆଇ/ଇସିଜେଡ୍‌ଓ/ଇଏନ୍‌ଜିଜି./୨୦୨୩-୨୪/୦୭ |
| କାର୍ଯ୍ୟର ନାମ | ଡିଜାଇନ୍ ପ୍ରତିଯୋଗିତା ମାଧ୍ୟମରେ ସେକ୍ଟର-VI, ସିଡିଏ, ବିଡାନାସୀ, କଟକ, ଓଡ଼ିଶାଠାରେ ଆମ ପଲିସିଧାରକଙ୍କ ହାଉସିଂ ସ୍କିମ୍‌ରେ ଡୁପ୍ଲେକ୍ସ ନିର୍ମାଣ ନିମନ୍ତେ ପରାମର୍ଶଦାତା ତଥା ଆର୍କିଟେକ୍ଟଙ୍କ ନିଯୁକ୍ତି ନିମନ୍ତେ ଇ-ଟେଣ୍ଡର। |
| ବିକ୍ରୟ ଅବଧି (ଡାଉନ୍‌ଲୋଡିଂ) | ତା୧୯।୦୬।୨୦୨୩, ୧୭.୩୦ ଘଟିକାରୁ ତା୧୦।୦୭।୨୦୨୩ରିଖ ୧୭.୩୦ ଘଟିକା |
| ପ୍ରାକ୍-ବିଡ୍ ବୈଠକ | ତା୦୫।୦୭।୨୦୨୩, ୧୧.୩୦ ଘଟିକା, ସ୍ଥାନ: କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଭାରତୀୟ ଜୀବନ ବୀମା ନିଗମ, 'ଜୀବନ ପ୍ରକାଶ', ନୂଆପାଟନା, କଟକ – ୭୫୩୦୦୧ଙ୍କ କାର୍ଯ୍ୟାଳୟ |
| ଅନ୍‌ଲାଇନ୍ ବିଡ୍ ଦାଖଲ ସମାପ୍ତି ତାରିଖ ଓ ସମୟ | ତା୧୭।୦୭।୨୦୨୩ରିଖ ୨୩.୫୯ ଘଟିକା |
| ପ୍ରାକ୍‌ଯୋଗ୍ୟତା ଏବଂ ବୈଷୟିକ ବିଡ୍ ଖୋଲାଯିବାର ତାରିଖ ଓ ସମୟ | ତା୧୮।୦୭।୨୦୨୩ରିଖ, ୧୫.୩୦ ଘଟିକା ପରଠାରୁ |
| ଟେଣ୍ଡର ପ୍ରକ୍ରିୟାକରଣ ଦେୟ | ଟ.୨,୩୬୦.୦୦ ଜିଏସ୍‌ଟି ସମେତ, ତା୧୭।୦୭।୨୦୨୩ରିଖ, ୨୩.୫୯ ଘଟିକା ମଧ୍ୟରେ ଏନ୍‌ଇଏଫ୍‌ଟି ଜରିଆରେ ସ୍ଥାନାନ୍ତର କରାଯିବା ଆବଶ୍ୟକ |
| ଯୋଗାଯୋଗ ଇ-ମେଲ୍ | ecz_engg@licindia.com |
| ଉପସ୍ଥାପନା ତାରିଖ | 'ପ୍ରାକ୍‌ଯୋଗ୍ୟତା ଏବଂ ବୈଷୟିକ ବିଡ୍' ଯାଞ୍ଚ ପରେ ଯୋଗ୍ୟ ବିବେଚିତ ହୋଇଥିବା ଏବଂ ଟେଣ୍ଡର ପ୍ରକ୍ରିୟାକରଣ ଦେୟ ଜମା କରିଥିବା ବ୍ୟକ୍ତିମାନଙ୍କୁ ସୂଚିତ କରାଯିବ। |
| ମୂଲ୍ୟ ବିଡ୍ ଖୋଲାଯିବାର ତାରିଖ | ପରେ ସୂଚିତ କରାଯିବ |

ଦ୍ରଷ୍ଟବ୍ୟ: ଉପରୋକ୍ତ ଟେଣ୍ଡର ସଂକ୍ରାନ୍ତରେ କୌଣସି ଯୋଗପତ୍ର/ଶୁଦ୍ଧିପତ୍ର/ବିକ୍ରୟ ତାରିଖ ବୃଦ୍ଧି କେବଳ http://www.tenderwizard.com/LIC ୱେବ୍‌ସାଇଟ୍‌ରେ ଜାରି କରାଯିବ ଏବଂ ଗଣମାଧ୍ୟମରେ କୌଣସି ପୃଥକ୍ ଅଧିସୂଚନା ଜାରି କରାଯିବ ନାହିଁ। ତେଣୁ ବିଡରମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିଜକୁ ସର୍ବଦା ସୂଚିତ ରଖିବା ପାଇଁ କଥିତ ୱେବ୍‌ସାଇଟ୍ ନିୟମିତ ଭାବେ ପରିଦର୍ଶନ କରିବେ।
ତାରିଖ: ୧୮।୦୬।୨୦୨୩ ଅତିରିକ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଞ୍ଜିନିୟରିଂ)

# ଖଟିଆରେ ବୁହାହେଲେ ଗର୍ଭବତୀ



ଭବାନୀପାଟଣା, ୧୭।୬(ଉତ୍ତମ କୁମାର ଦାଶ)

ଗାଁକୁ ପକ୍କା ପୋଲ ନ ଥିବାରୁ ଆସି ପାରିଲାନି ଆମ୍ବୁଲାନ୍ସ। ଫଳରେ ଖଟିଆରେ ବୋହି ଜଣେ ଗର୍ଭବତୀ ମହିଳାଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଇଥିଲା। ଏଭଳି ଏକ ଦୃଶ୍ୟ ଶନିବାର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ତଳଝାପି ପଞ୍ଚାୟତ ରାଣୀପଦର ଗ୍ରାମ ଖମନପଡ଼ାରେ।

ଗାଁର ଭୋଳାନାଥ ଗଉଡ଼ଙ୍କ ସ୍ତ୍ରୀ ନନ୍ଦିନୀ ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଆମ୍ବୁଲାନ୍ସକୁ ଡକାଯାଇଥିଲା। ହେଲେ ଗାଁ ପାଖରେ ଇନ୍ଦ୍ରାବତୀ ଓ ବାଲିଯୋର ନଦୀ ପ୍ରବାହିତ ହେଉଥିବାରୁ ଯିବାଆସିବାରେ ବାଧକ ସାଜିଛି। ଆଜି ପର୍ଯ୍ୟନ୍ତ ନଦୀ ଉପରେ ପୋଲ ନିର୍ମାଣ ହୋଇପାରିନାହିଁ। ଗାଁ ଲୋକଙ୍କ ନିଜସ୍ୱ ଉଦ୍ୟମରେ ତିଆରି ହୋଇଛି କାଠ ପୋଲ। ସେଥିରେ ଆମ୍ବୁଲାନ୍ସ ଯାଇପାରି ନ ଥିବାରୁ ଦୂରରେ ଅଟକି ଯାଇଥିଲା। ପରେ ଗ୍ରାମବାସୀ ଏକ ଖଟିଆରେ ନନ୍ଦିନୀଙ୍କୁ ନେଇ ଗାଁ ପାରି କରିଥିଲେ। ଗାଁଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂର ଥୁଆମୂଳ ରାମପୁର-କାଶୀପୁର ମୁଖ୍ୟ ରାସ୍ତାରେ ଅପେକ୍ଷା କରିଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ। ସେଠାରୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଏଭଳି ଦୃଶ୍ୟ ପ୍ରାୟ ସମୟରେ ଅଞ୍ଚଳରେ ଦେଖାଯାଉଥିଲେ ମଧ୍ୟ ପ୍ରଶାସନ କି ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ତୀବ୍ର ଉଦବେଗ ପ୍ରକାଶ ପାଇଛି।

# ୩୬ ପୌର ସଂସ୍ଥା ପାଇଁ ୨୨୫.୫୩ କୋଟି

ଭୁବନେଶ୍ୱର, ୧୭।୬(ଅନିଲ ଦାସ)

## ମୁକ୍ତା ଯୋଜନାରେ ଅନୁମୋଦନ କଲେ ମୁଖ୍ୟମନ୍ତ୍ରୀ

### ୩ ପର୍ଯ୍ୟାୟରେ ମୋଟ ୮୩୩.୨୧ କୋଟି ମଞ୍ଜୁର

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ (ମୁକ୍ତା) ଯୋଜନାର ତୃତୀୟ ପର୍ଯ୍ୟାୟରେ ରାଜ୍ୟର ଉତ୍ତର ରାଜସ୍ୱ ଡିଭିଜନ ଅଞ୍ଚଳରେ ଥିବା ୧୦ଟି ଜିଲାର ୩୬ ପୌରାଞ୍ଚଳ ପାଇଁ ୨୨୫.୫୩ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ସେହି ଜିଲାଗୁଡ଼ିକ ହେଲା ଢେଙ୍କାନାଳ, ଅନୁଗୋଳ, କେନ୍ଦୁଝର, ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର, ବରଗଡ଼, ଝାରସୁଗୁଡ଼ା ଏବଂ ଦେବଗଡ଼। ଏହି ଜିଲାଗୁଡ଼ିକ ପାଇଁ ଅନୁମୋଦିତ ସମସ୍ତ ପ୍ରକଳ୍ପ କାର୍ଯ୍ୟ ମିଶନ ଶକ୍ତି ଗ୍ରୁପ୍ ଦ୍ୱାରା କରାଯିବ। ମୁକ୍ତା ଯୋଜନା ଅଧୀନରେ ଉକ୍ତ ପୌରାଞ୍ଚଳଗୁଡ଼ିକର ସମସ୍ତ ୱାର୍ଡର ବିକାଶ ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ ହୋଇଛି। ପ୍ରତ୍ୟେକ ପ୍ରକଳ୍ପ ଦୀର୍ଘସ୍ଥାୟୀ ପରିବେଶ ଅନୁକୂଳ।

ଉଲ୍ଲେଖଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଜୁନ୍ ୧୬ ତାରିଖରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ ନେଇ ୪୨ଟି ପୌର ସଂସ୍ଥାର ଜନପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ମୁକ୍ତା ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକ ମଧ୍ୟରେ କ୍ଷୁଦ୍ର ପାର୍କ, ଖୋଲା ଜିମ୍, ପିଲାଙ୍କ ଖେଳିବା ଜାଗା, ଖେଳପଡ଼ିଆ, ୱାକିଂ ଟ୍ରାକ୍, ଭେଣ୍ଡିଂ ଜୋନ ଆଦି ରହିଛି। ସହରାଞ୍ଚଳର ଗରିବ ଶ୍ରମିକ ଓ ଅନ୍ୟ ରାଜ୍ୟକୁ ଚାଲିଯାଉଥିବା ଶ୍ରମିକମାନଙ୍କୁ କାମ ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ଯୋଜନା ୨୦୨୦ ଏପ୍ରିଲ ୧୮ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ଏହି ଯୋଜନା ରାଜ୍ୟର ସମସ୍ତ ୧୧୫ଟି ପୌରସଂସ୍ଥାରେ କାର୍ଯ୍ୟକାରୀ କରାଯାଉଛି। ରାଜ୍ୟର ସମସ୍ତ ପୌର ସଂସ୍ଥା ପାଇଁ ୩ଟି ପର୍ଯ୍ୟାୟରେ ମୁକ୍ତା ଯୋଜନାରେ ସମୁଦାୟ ୮୩୩.୨୧ କୋଟି ଟଙ୍କା ମଞ୍ଜୁର କରାଗଲାଣି।

# ୬ ସୂଚନା ସେବା ଅଧିକାରୀ ହେଲେ ଉପନିର୍ଦ୍ଦେଶକ

ଭୁବନେଶ୍ୱର, ୧୭।୬(ଅନିଲ ଦାସ)

ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧୀନ ବିଭିନ୍ନ କାର୍ଯ୍ୟାଳୟରେ ଅବସ୍ଥାପିତ ଓଡ଼ିଶା ସୂଚନା ସେବା ବର୍ଗର ୬ଜଣ ବରିଷ୍ଠ ଅଧିକାରୀଙ୍କୁ ଉପନିର୍ଦ୍ଦେଶକ(ଡେପୁଟି ଡାଇରେକ୍ଟର) ଭାବରେ ପଦୋନ୍ନତି ଦିଆଯାଇଛି। ସେମାନେ ହେଲେ ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ଭଣ୍ଡାର ଅଧିକାରୀ ସୁରଜିତ ମିଶ୍ର, ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ରକ୍ଷକ କୁମାର ନାୟକ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଲୋକସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପତି, ମୁଖ୍ୟାଳୟର ସୂଚନା ଅଧିକାରୀ ଦୀପ୍ତିମୟୀ ମହାପାତ୍ର, ବରଗଡ଼ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଏବଂ କଟକ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର।

ଏ ନେଇ ଶନିବାର ଲୋକସମ୍ପର୍କ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପଦୋନ୍ନତି ପାଇଥିବା ଅଧିକାରୀମାନେ ଅନ୍ୟାଦେଶ ପର୍ଯ୍ୟନ୍ତ ବର୍ତ୍ତମାନ ଅବସ୍ଥାପିତ ସ୍ଥାନରେ କାର୍ଯ୍ୟ କରିବେ। ସେମାନେ ବିଭାଗୀୟ କର୍ତ୍ତୃପକ୍ଷ ତଥା ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହିତ ଓଡ଼ିଶା ସୂଚନା ସେବା ସଂଘ ପକ୍ଷରୁ ପଦୋନ୍ନତି ପାଇଥିବା ଅଧିକାରୀମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

NSM NATIONAL SUPERCOMPUTING MISSION
INFRASTRUCTURE | APPLICATIONS | R&D | HRD
ସେଣ୍ଟର ଫର୍ ଡେଭଲପମେଣ୍ଟ ଅଫ୍ ଆଡ୍‌ଭାନ୍ସଡ୍ କମ୍ପ୍ୟୁଟିଂ
(ଏମ୍‌ଇଆଇଟିୱାଇ, ଭାରତ ସରକାରଙ୍କ ଏକ ବୈଜ୍ଞାନିକ ସୋସାଇଟି)
सी डैक CDAC

**ସାମାଜିକ ଭାବେ ବଞ୍ଚିତ ସମୂହ (ଏସ୍‌ସି ଏବଂ ଏସ୍‌ଟି ଯୁବବର୍ଗ)ଙ୍କ ନିମନ୍ତେ ହାଇ ପରଫର୍ମାନ୍ସ କମ୍ପ୍ୟୁଟିଂ (ଏଚ୍‌ପିସି) ପିଜି ଡିପ୍ଲୋମା**

**ସେପ୍ଟେମ୍ବର ୨୦୨୩ ବ୍ୟାଚ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ପଞ୍ଜୀକରଣ**



ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ (ଏମ୍‌ଇଆଇଟିୱାଇ), ଭାରତ ସରକାରଙ୍କ ଦ୍ୱାରା ପାଣ୍ଠିପ୍ରାପ୍ତ ଜାତୀୟ ସୁପରକମ୍ପ୍ୟୁଟିଂ ମିଶନ୍ (ଏନ୍‌ଏସ୍‌ଏମ୍) ଅଧୀନରେ, ସେଣ୍ଟର ଫର୍ ଡେଭଲପମେଣ୍ଟ ଅଫ୍ ଆଡ୍‌ଭାନ୍ସଡ୍ କମ୍ପ୍ୟୁଟିଂ (ସି-ଡିଏସି) ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମା ପାଠ୍ୟକ୍ରମଗୁଡ଼ିକ ମଧ୍ୟରେ ହାଇ ପରଫର୍ମାନ୍ସ କମ୍ପ୍ୟୁଟିଂ (ଏଚ୍‌ପିସି)ରେ କୁଶଳୀ ଏବଂ ବିଶେଷଜ୍ଞ ମାନବ ସମ୍ବଳ ବିକାଶ ପାଇଁ କାମ କରୁଅଛି। ଇଞ୍ଜିନିୟରିଂ ଏବଂ ବିଜ୍ଞାନର ମନୋନୀତ ଶୃଙ୍ଖଳାରେ ପୋଷ୍ଟ ଗ୍ରାଜୁଏସନ କରିଥିବା ଭାରତର ଅନୁସୂଚିତ ଜାତି (ଏସ୍‌ସି) ଏବଂ ଅନୁସୂଚିତ ଜନଜାତି (ଏସ୍‌ଟି) ସମ୍ପ୍ରଦାୟର ବ୍ୟକ୍ତିମାନଙ୍କଠାରୁ ସି-ଡିଏସି ହାଇ ପରଫର୍ମାନ୍ସ କମ୍ପ୍ୟୁଟିଂ (ଏଚ୍‌ପିସି) ପାଠ୍ୟକ୍ରମରେ ନାମଲେଖା ପାଇଁ ଏନ୍‌ଏସ୍‌ଏମ୍ ସି-ଡିଏସି କମନ୍ ଆଡ୍‌ମିଶନ୍ ଟେଷ୍ଟ (ସି-ସିଏଟି) ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛି।

**ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ପାଠ୍ୟକ୍ରମ**
- ଏଚ୍‌ପିସି ସିଷ୍ଟମ୍ ଆଡ୍‌ମିନିଷ୍ଟ୍ରେଶନ୍ (ପିଜି-ଡିଏଚ୍‌ପିସିଏସ୍‌ଏ)
- ଏଚ୍‌ପିସି ଆପ୍ଲିକେଶନ୍ ପ୍ରୋଗ୍ରାମିଂ (ପିଜି-ଡିଏଚ୍‌ପିସିଏପି)

**ପାଠ୍ୟକ୍ରମ ଓ ଯୋଗ୍ୟତାର ମୁଖ୍ୟ ବିନ୍ଦୁ:**
- କେବଳ ଭାରତର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ସମ୍ପ୍ରଦାୟ ଆବେଦନ କରିପାରିବେ
- ଦରଖାସ୍ତ ଏବଂ ପାଠ୍ୟକ୍ରମ ଦେୟ ଛାଡ଼ କରାଯାଇଛି
- କେବଳ ୬ ମାସର ପାଠ୍ୟକ୍ରମ ଅବଧି ପାଇଁ ସାମାନ୍ୟ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ
- ୯୦୦ ଘଣ୍ଟିଆ ପାଠ୍ୟକ୍ରମର ସଫଳ ପ୍ରଶିକ୍ଷଣ ଏବଂ ପ୍ରମାଣନ ପରେ ପ୍ଲେସ୍‌ମେଣ୍ଟ ସୁଯୋଗ

**ଗୁରୁତ୍ୱପୂର୍ଣ୍ଣ ତାରିଖ**
ଅନ୍‌ଲାଇନ୍ ପଞ୍ଜୀକରଣର ଶେଷ ତାରିଖ: ଜୁଲାଇ ୦୫, ୨୦୨୩
ଏନ୍‌ଏସ୍‌ଏମ୍ ସି-ଡିଏସି କମନ୍ ଆଡ୍‌ମିଶନ୍ ଟେଷ୍ଟ : ଜୁଲାଇ ୧୫-୧୬, ୨୦୨୩
ପାଠ୍ୟକ୍ରମ ଆରମ୍ଭ: ସେପ୍ଟେମ୍ବର ୦୮, ୨୦୨୩

CBC - 06132/12/0009/2324

ନାମଲେଖା ପାଇଁ ଯୋଗ୍ୟତା, ନାମଲେଖା ପଦ୍ଧତି, ନାମଲେଖା ପାଠ୍ୟଖସଡ଼ା, ସମୟସୂଚୀ ସମ୍ବନ୍ଧୀୟ ବିବରଣୀ ଏବଂ ଅନ୍ୟାନ୍ୟ ନିୟମ ଓ ସର୍ତ୍ତାବଳୀ ପାଇଁ ସି-ଡିଏସିର ଏସିଟିଏସ୍ ୱେବ୍‌ସାଇଟ୍ https://www.cdac.in/NSMTrainingSCST ପରିଦର୍ଶନ କରନ୍ତୁ।

ऍक्टस acts ISO 9001:2015 Organisation
ପ୍ରଶିକ୍ଷଣ କେନ୍ଦ୍ର: ଆଡ୍‌ଭାନ୍ସଡ୍ କମ୍ପ୍ୟୁଟିଂ ଟ୍ରେନିଂ ସ୍କୁଲ୍,
ସେଣ୍ଟର ଫର୍ ଡେଭଲପମେଣ୍ଟ ଅଫ୍ ଆଡ୍‌ଭାନ୍ସଡ୍ କମ୍ପ୍ୟୁଟିଂ, ସି-ଡିଏସି ଇନୋଭେସନ୍ ପାର୍କ, ପଞ୍ଚବଟୀ, ପାଷାଣ, ପୁଣେ ୪୧୧୦୦୮, ମହାରାଷ୍ଟ୍ର, ଭାରତ, ଟେଲି: ୦୨୦-୨୫୫୦୩୧୦୦, ୧୦୭, ୧୩୪, ୧୩୬, ଇ-ମେଲ୍: actssupport@cdac.in

**ବିଜ୍ଞପ୍ତି**
**ବାହାନଗା ବଜାର (ବାଲେଶ୍ୱର)ର**
**ଦୁଃଖଦ ରେଳ ଦୁର୍ଘଟଣାରେ ମୃତକଙ୍କ ସମ୍ପର୍କୀୟ/ଆତ୍ମୀୟଙ୍କ ନିମନ୍ତେ**

ଏତଦ୍ୱାରା 02.06.2023ରେ ବାହାନଗା ବଜାର, ଜିଲ୍ଲା-ବାଲେଶ୍ୱର (ଓଡ଼ିଶା)ରେ 12841 ଶାଲିମାର-ଏମ୍‌ଜିଆର ଚେନ୍ନାଇ ସେଣ୍ଟ୍ରାଲ କରମଣ୍ଡଳ ଏକ୍ସପ୍ରେସ୍ ଏବଂ 12864 ଏସ୍‌ଏମ୍‌ଭିବି ହାଓଡ଼ା ଏକ୍ସପ୍ରେସ୍ ମଧ୍ୟରେ ସଂଘଟିତ ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସମ୍ପର୍କୀୟ/ଆତ୍ମୀୟମାନଙ୍କୁ ଅଚିହ୍ନା ମୃତକଙ୍କ ସହ ସମ୍ପର୍କ ସିଦ୍ଧ କରିବା ନିମନ୍ତେ ନିଜର ଡିଏନ୍‌ଏ ନମୁନା ପ୍ରଦାନ କରିବାକୁ ଭାରତୀୟ ରେଳ ଅନୁରୋଧ ଜଣାଉଛି।

**ସ୍ଥାନ**
**ଆକାଡେମିକ ବ୍ଲକ (କମିଟି ରୁମ),**
**AIIMS, ଭୁବନେଶ୍ୱର**

ଦୟାକରି ନିମ୍ନଲିଖିତ ବ୍ୟକ୍ତିମାନଙ୍କ ସହ ଯୋଗାଯୋଗ କରନ୍ତୁ:

**139**
ଭାରତୀୟ ରେଳ ହେଲ୍‌ପ୍‌ଲାଇନ୍

**ଶ୍ରୀ ଦିଗମ୍ବର ପାଢ଼ି,** ସହାୟକ କାର୍ମିକ ଅଧିକାରୀ
ମୋବାଇଲ-**8455887604**

**ଶ୍ରୀ ବିଶ୍ୱନାଥ ପାଢ଼ି,** ସହାୟକ ବାଣିଜ୍ୟ ପ୍ରବନ୍ଧକ
ମୋବାଇଲ-**8455885967**

**ଶ୍ରୀ ବି.ତପନ କୁମାର,** ଲୋକସମ୍ପର୍କ ଅଧିକାରୀ
ମୋବାଇଲ-**8455885040**

**ଶ୍ରୀ ବିକାଶ କୁମାର,** ଲୋକସମ୍ପର୍କ ଅଧିକାରୀ
ମୋବାଇଲ-**8455885041**

ଭୁବନେଶ୍ୱର ରେଳ ଷ୍ଟେସନଠାରେ ସହାୟତା: **0674-2534027**
ପୂର୍ବ ତଟ ରେଳପଥ କଣ୍ଟ୍ରୋଲ ରୁମ୍, ଭୁବନେଶ୍ୱରଠାରେ ସହାୟତା: **8455885999**
ଏବଂ ଖୋର୍ଦ୍ଧା ରୋଡ଼ଠାରେ ସହାୟତା: **8455887999**

D-3/23

**ଭାରତୀୟ ରେଳ**

"ଯେତେବେଳେ ତୁମେ ଏକ ସାଂପ୍ରଦାୟିକ ଧାର୍ମିକ ଗଣ୍ଡି ଭିତରେ ରହି ବନ୍ଦ ହୋଇଯାଅ– ଏବଂ ସେତିକି ମାତ୍ର ବିଶ୍ୱାସ ସଙ୍ଗେ ନିଜକୁ ବାନ୍ଧି ରଖ– ଏବଂ ଭାବ ଯେ, ସେତିକି ହିଁ ବିଶ୍ୱରେ ଏକମାତ୍ର ସତ୍ୟ– ସେତେବେଳେ ତୁମେ ତୁମର ଅନ୍ତରାତ୍ମାର ଅଗ୍ରଗତି ଓ ବିସ୍ତାରଶୀଳତାକୁ ବନ୍ଦ କରିଦିଅ। –ଶ୍ରୀମା

# ନୀରବ କାହିଁକି



ଆକାର ପଟେଲ

୩୦ ବର୍ଷ ପୂର୍ବେ କାର୍ଟୁନିଷ୍ଟ ସୁଧୀର ତୈଲାଙ୍ଗ ସେତେବେଳର ପ୍ରଧାନମନ୍ତ୍ରୀଙ୍କର ଏକ କାର୍ଟୁନ ଆଙ୍କିଥିଲେ ଓ ସେଥିରେ ଭଗବଦ୍ ଗୀତାର ଏକ ବାଣୀ ଲେଖିଥିଲେ। ତାହା ହେଉଛି– ଆତ୍ମାକୁ ଅସ୍ତ୍ର କାଟିପାରିବନାହିଁ, ପାଣି ବୁଡ଼ାଇପାରିବନାହିଁ କି ବାୟୁ ଉଡ଼ାଇ ନେଇପାରିବନାହିଁ କିମ୍ବା ନିଆଁ ଦହନ କରିପାରିବନାହିଁ। ଏହା ଅପରିବର୍ତ୍ତନୀୟ, ସର୍ବବ୍ୟାପୀ ଓ ସ୍ଥିର। ଏହି କାର୍ଟୁନଟି ପ୍ରଧାନମନ୍ତ୍ରୀ ନରସିମା ରାଓଙ୍କୁ ସୂଚିତ କରିଥିଲା। ତାଙ୍କ ବିରୋଧରେ ପ୍ରମୁଖ ଅଭିଯୋଗ ଥିଲା ଯେ ସେ ଜଟିଳ କ୍ଷେତ୍ରରେ କିଛି କରି ନ ଥିଲେ। ଜଣେ ନିଷ୍କ୍ରିୟ ଓ ନିଷ୍ପତ୍ତି ନେବାରେ ଅକ୍ଷମ ବ୍ୟକ୍ତି ଭାବେ ତାଙ୍କୁ ଦର୍ଶାଯାଇଥିଲା। ତାଙ୍କ ଚାରିପାଖରେ ବଜ୍ରପାତ ଘଟି ଦେଶର ବ୍ୟାପକ କ୍ଷତି ଘଟାଉଥିବାବେଳେ ରାଓ ଆଖି ବନ୍ଦ କରି ବସିଥିବା ତୈଲାଙ୍ଗ ତାଙ୍କ କାର୍ଟୁନରେ ସୂଚାଇ ଥିଲେ। କ୍ଷତିକୁ ଉପେକ୍ଷା କରିବା ଦୋଷ ରାଓଙ୍କ ଉପରେ ଲଦା ଯାଇଥିଲା। ବାସ୍ତବରେ ଲୋକ ସଭାରେ କଂଗ୍ରେସର ୨୪୦ ସଦସ୍ୟ ଥିବାରୁ ଏହି କଂଗ୍ରେସ ନେତା ଅଗ୍ରଗତି କରିପାରୁ ନ ଥିଲେ। ଲୋକ ସଭାରେ ସଂଖ୍ୟା କମ୍ ଥିବା ଜଣେ ପ୍ରଧାନମନ୍ତ୍ରୀ ଅନ୍ୟମାନେ ଚାହୁଁ ନ ଥିବା ବିଧେୟକ ମାଧ୍ୟମରେ ବଳ ପ୍ରୟୋଗ କରିପାରି ନ ଥିଲେ ଏବଂ କଂଗ୍ରେସରେ ସେ ସମୟରେ ତାଙ୍କର ବହୁ ବିରୋଧୀ ଥିଲେ। ରାଓ ମଧ୍ୟ ଏକ ସାକ୍ଷାତ୍କାରରେ ଦର୍ଶାଇଥିଲେ ଯେ, ପଦକ୍ଷେପ ନ ନେବା ବି ଏକ ପଦକ୍ଷେପ। ତାଙ୍କ ସାଥୀ ଜି. ସଞ୍ଜୀବା ରେଡ୍ଡୀ କହିଥିଲେ, ରାଓ ଜଣେ ଗଭୀର ଭାବୁକ ଏବଂ ତ୍ୱରିତ ପଦକ୍ଷେପ ନେବାର ବ୍ୟକ୍ତି ନୁହନ୍ତି ଏବଂ ସେ ହେଉଛନ୍ତି ଏଭଳି ବ୍ୟକ୍ତି ଯିଏ କି ଉତ୍ତେଜନାକୁ ପ୍ରତିହତ କରି ସ୍ୱାଭାବିକ ନିଷ୍ପତ୍ତି ନେଇଥାନ୍ତି। ରାଓଙ୍କ ସମୟ ଥିଲା ଏକ ବିପର୍ଯ୍ୟୟର ସମୟ। ପୂରା ସମୟ ତକ ଦେଶ ପାଇଁ ଦୁଃଖଦ ଥିଲା। ସେତେବେଳେ ମନ୍ଦିରକୁ ନେଇ ହିଂସା, ମଣ୍ଡଳ କମିଶନ ଏବଂ ୧୯୯୨ର ଦଙ୍ଗା, ୧୯୯୩ର ବମ୍ବେ ବିସ୍ଫୋରଣ, ଲୋକସଭାରେ ଲାଞ୍ଚ ଓ ଆର୍ଥିକ ସଙ୍କଟ ଦେଖାଯାଇଥିଲା। ତଥାପି ଏସବୁ ମଧ୍ୟରେ ରାଓ ସୈନିକ ଭଳି କାର୍ଯ୍ୟ କଲେ ଓ ରକ୍ଷା ପାଇଗଲେ। ଏବେ ଆସନ୍ତୁ ତାଙ୍କୁ ଓ ତାଙ୍କ କାର୍ଯ୍ୟଶୈଳୀକୁ ଏବକାର ପ୍ରଧାନମନ୍ତ୍ରୀଙ୍କ ସହ ତୁଳନା କରିବା।

ଏବକାର ପ୍ରଧାନମନ୍ତ୍ରୀ ନିଷ୍ପତ୍ତି ନେବାରେ ବେଶ୍ ଜଣାଶୁଣା ଓ ପଦକ୍ଷେପ ନେବାରେ ସିଦ୍ଧହସ୍ତ ବୋଲି ପ୍ରଚାର କରାଯାଉଛି। କିନ୍ତୁ ବାସ୍ତବତା ତାହା ନୁହେଁ। ମଣିପୁର ମେ ୩ରୁ ୪୫ ଦିନ ହେଲା ଜଳୁଛି। ହେଲେ ପ୍ରଧାନମନ୍ତ୍ରୀ ଏହା ଉପରେ ଖୁବ୍ କମ୍ ପଦକ୍ଷେପ ନେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଏକ ମାସ ପରେ ମେ ୩୦ରେ ସେଠାକୁ ଗଲେ। କିନ୍ତୁ ତାଙ୍କ ଗସ୍ତ ହିଂସା ରୋକିପାରିଲା ନାହିଁ। କାରଣ ସେ କିଛି କହିବା ବ୍ୟତୀତ କିଛି କଲେ ନାହିଁ। ପ୍ରଧାନମନ୍ତ୍ରୀଙ୍କଠାରୁ ସେହିଭଳି କେଇପଦ କଥା ବି ଶୁଣିବାକୁ ମିଳିନାହିଁ। ପରେ ସେ ଆଉ କ'ଣ କହିବେ? ଏହା କହିବେ କି ଡବଲ ଇଞ୍ଜିନ ସରକାର ଭାଙ୍ଗିଗଲା। ଭାଜପା ଆଇନଶୃଙ୍ଖଳା ଉପରେ ଠିକ୍ ଭାବେ କାର୍ଯ୍ୟ କରି ପାରି ନାହିଁ କି ନାଗରିକଙ୍କ ସୁରକ୍ଷା କରି ନାହିଁ। କିନ୍ତୁ ଭାଜପା ତାହା କହିବ ନାହିଁ କିମ୍ବା ସ୍ୱୀକାର କରିବ ନାହିଁ। ସେଥିପାଇଁ ତାହା ନୀରବ ରହିବାକୁ ପସନ୍ଦ କରିଛି। ବିଶ୍ୱାସ କରାଯାଉଛି, ତାହା ଆପେ ଆପେ ଚାଲିଯିବ ଏବଂ ପରେ ତା' ଉପରେ ତାଙ୍କୁ କିଛି କରିବାକୁ ନ ଥିବ। ନିକଟରେ ଏଭଳି ବି ଘଟିଛି। ୧୭ ଏପ୍ରିଲ ୨୦୨୧ରେ ସେ ଆସାନ୍‌ସୋଲରେ ଏକ ରାଲିକୁ ସମ୍ବୋଧନ କରିଥିଲେ। ସେ ଏଡ଼େ ବିଶାଳ ରାଲି କେବେ ଦେଖି ନ ଥିଲେ ବୋଲି କହିଥିଲେ। ଅନ୍ୟପକ୍ଷରେ ସେହିଦିନ ୨ ଲକ୍ଷରୁ ଅଧିକ ଲୋକ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଥିଲେ ଏବଂ କିଛିଦିନ ମଧ୍ୟରେ ଏହି ସଂଖ୍ୟା ଦୁଇଗୁଣ ବଢ଼ିଗଲା। ଭାରତର ହସ୍ପିଟାଲ ଓ ଶ୍ମଶାନର ଦୃଶ୍ୟ ସାରା ବିଶ୍ୱରେ ଖବର ପାଲଟିଯାଇଥିଲା। ସରକାରଙ୍କ ଅପାରଗତା ଓ ତ୍ରୁଟି ପଦାରେ ପଡ଼ିଗଲା। ତ୍ରୁଟି ଯୋଗୁ ସରକାର ସ୍ଥାଣୁ ହୋଇଗଲେ ଓ ପ୍ରଧାନମନ୍ତ୍ରୀ ଅନ୍ତର୍ଦ୍ଧାନ ହୋଇଗଲେ। ମାର୍ଚ୍ଚରୁ ସେପ୍ଟେମ୍ବର ୨୦୨୦ ପର୍ଯ୍ୟନ୍ତ, ଏହି ୭ ମାସରେ ୮୨ ଥର ସାଧାରଣରେ ସଶରୀରରେ ଓ ଭର୍ଚୁଆଲରେ ଦେଖାଦେଇଛନ୍ତି। ତା'ପର ୪ ମାସରେ ସେ ୧୧୧ ଥର ଓ ଫେବୃୟାରୀରୁ ୨୫ ଏପ୍ରିଲ ୨୦୨୧ ଯାଏ ସେ ୯୨ଥର ସାଧାରଣରେ ଦେଖାଦେଇଥିଲେ ଏବଂ ସେହିଦିନଠାରୁ କୁମ୍ଭ ଓ ପଶ୍ଚିମବଙ୍ଗ ରାଲି ରଦ୍ଦ କରିବା ପରେ ମୋଦି ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ସେ ୨୦ ଦିନ ଯାଏ ଆଉ ସାଧାରଣରେ ଦେଖାଦେଇ ନ ଥିଲେ। ଯେତେବେଳେ କୋଭିଡ୍ ଲହର ଥମିଗଲା ଏବଂ ସେ ଆଉ ଆଗକୁ କଠିନ ସମସ୍ୟା କିମ୍ବା ପ୍ରଶ୍ନର ସମ୍ମୁଖୀନ ହେବ ନାହିଁ ବୋଲି ସ୍ପଷ୍ଟ ହେଲା, ସେତେବେଳେ ସେ ଦେଖାଦେଲେ। ସେ ଆଉ କ'ଣ ବା କରିପାରିଥା'ନ୍ତେ। ସଫଳତାର କମ୍ ସୁଯୋଗ କିମ୍ବା ବ୍ୟକ୍ତିଗତ ବିଫଳତାର ସମ୍ଭାବନା ଥାଇ ବି ଜଣେ ନେତା ଏକ କଠିନ ସମୟରେ ଆଗକୁ ବାହାରିବା ଉଚିତ, କାରଣ ତାହା ହିଁ ବାସ୍ତବ ନେତୃତ୍ୱ। କିନ୍ତୁ ମୋଦି ଆଗକୁ ନ ଆସି ଦୂରେଇ ରହିଲେ, ଯାହା ମଣିପୁରବାସୀ ଦେଖିଛନ୍ତ ଏବଂ ଦ୍ୱିତୀୟ ଲହରରେ ପୀଡ଼ିତ ଓ ଅନ୍ୟମାନେ ବି ଦେଖିଥିଲେ। କାରଣ ସେ ସମୟରେ ସାମ୍ନାକୁ ଆସିନାହାନ୍ତି। ତାଙ୍କ ମନ୍ତ୍ରୀମାନେ ବି ଦୂରେଇ ରହିଛନ୍ତି, ଫଳରେ ସମସ୍ୟା ବଢ଼ିଗଲା। ଏବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଇମ୍ଫାଲରେ ରହିବା ଉଚିତ। କିନ୍ତୁ ପ୍ରଧାନନ୍ତ୍ରୀ ନୀରବ ଥିବାରୁ ସ୍ୱରାଷ୍ଟ ମନ୍ତ୍ରୀଙ୍କ ଉପରେ କୌଣସି ଚାପ ନାହିଁ। ଏପରିକି ଲଦାଖରେ ସୀମା ଉତ୍ତେଜନାକୁ ନେଇ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ କାହିଁକ ଏହା କରୁଛନ୍ତି ଓ ଲଦାଖରେ ତାଙ୍କର କ'ଣ ଅଛି, ସେ ବିଷୟରେ ମୋଦି ତାଙ୍କୁ ଫୋନ କରି ନ ଥିଲେ। ଏଣୁ ସମସ୍ୟା ସମାଧାନ କରିବାକୁ ତାଙ୍କର କୌଣସି ବ୍ୟକ୍ତିଗତ ଦାୟିତ୍ୱ ନ ଥିବା ଭଳି ମନେହେଉଥିଲା। ନରସିମା ରାଓ ମଧ୍ୟ ଏହା କରିପାରିଥାଆନ୍ତେ। କିନ୍ତୁ ସେ ନିଜକୁ ଜଣେ କାମିକା ବ୍ୟକ୍ତି ଭାବେ ଛଳନା କରୁ ନ ଥିଲେ କିମ୍ବା ସେ ନିଷ୍ପତ୍ତି ନେବାରେ ଜଣେ ଦକ୍ଷ ନେତା ବୋଲି କହୁ ନ ଥିଲେ।

Email:aakar.patel@gmail.com

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | | | | 5 |
| | | | | 4 | | 3 | | |
| 7 | | 4 | 3 | | 6 | | 8 | |
| | | | | | | 5 | | |
| | | 9 | | | | | 7 | |
| | | | 7 | | 1 | 4 | 3 | |
| | | 8 | | | 5 | | 2 | |
| | 1 | 7 | | 6 | | | | |
| | 6 | | 9 | | 4 | | 5 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 5 | 8 | 1 | 7 | 4 | 6 | 3 |
| 4 | 8 | 6 | 3 | 9 | 2 | 5 | 1 | 7 |
| 1 | 7 | 3 | 4 | 5 | 6 | 9 | 8 | 2 |
| 3 | 9 | 8 | 1 | 2 | 5 | 7 | 4 | 6 |
| 7 | 1 | 2 | 6 | 3 | 4 | 8 | 5 | 9 |
| 6 | 5 | 4 | 7 | 8 | 9 | 3 | 2 | 1 |
| 5 | 6 | 9 | 2 | 4 | 3 | 1 | 7 | 8 |
| 8 | 4 | 7 | 9 | 6 | 1 | 2 | 3 | 5 |
| 2 | 3 | 1 | 5 | 7 | 8 | 6 | 9 | 4 |

ଗତ କାଲିର ଉତ୍ତର

# କାହାର ସାଥ୍, କାହାର ବିକାଶ



ବିଚିତ୍ର ବିଶ୍ୱାଳ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯେଉଁ ସ୍ଲୋଗାନ ଲୋକମାନଙ୍କ ମଧ୍ୟରେ ସବୁଠାରୁ ବେଶି ଆଶା ସଞ୍ଚାରକରିଥିଲା ତା' ହେଉଛି 'ସବ୍‌କା ସାଥ୍ ସବ୍‌କା ବିକାଶ'। କିନ୍ତୁ ଯଦି ବାସ୍ତବତାକୁ ଦେଖାଯାଏ ତେବେ ଏହି ସବ୍‌କା ସାଥ୍ ସବ୍‌କା ବିକାଶ ସ୍ଲୋଗାନ ହିଁ ସବୁଠାରୁ ବେଶି ମିଛ ତଥା ପ୍ରହେଳିକା ପ୍ରମାଣିତ ହୋଇଛି। ଗୋଟିଏ କଥା ବାରମ୍ବାର ଦେଖାଯାଉଛି ଯେ, ମୋଦିଙ୍କ ସବ୍‌କା ସାଥ୍ ଓ ସବ୍‌କା ବିକାଶରେ ସାଧାରଣ ଜନତା, ଚାଷୀ,ମୂଲିଆ ନାହାନ୍ତି। ପ୍ରଧାନମନ୍ତ୍ରୀ ଯେପରି ଭାବେ ନିଜର କର୍ପୋରେଟ୍ ବନ୍ଧୁ ଓ ଅନ୍ୟ କମ୍ପାନୀଙ୍କ ସାଥ୍ ଦେଉଛନ୍ତି ଓ ତାଙ୍କର ବିକାଶ ପାଇଁ ଲାଗିପଡ଼ିଛନ୍ତି ସମତାଳରେ ସାଧାରଣ ଜନତାଙ୍କ କଥା ସେ ଭୁଲିଯାଇଛନ୍ତି। ସରକାର ଯେପରିଭାବେ କମ୍ପାନୀଗୁଡ଼ିକର ସାଥ୍ ଦେଉଛନ୍ତି ସେହି ତୁଳନାରେ ସାଧାରଣ ଜନତାଙ୍କ ସାଥିରେ ନାହାନ୍ତି। ତେଣୁ ଏହି ସ୍ଲୋଗାନକୁ ସଂଶୋଧନକରି କମ୍ପାନୀ କା ସାଥ୍, କମ୍ପାନୀ କା ବିକାଶ କହିଲେ ଅଧିକ ଠିକ୍‌ହେବ।

୨୦୨୨ ପ୍ରାରମ୍ଭରେ ଅକ୍ସଫାମ୍ ଅନୁଷ୍ଠାନ ଦ୍ୱାରା ପ୍ରସ୍ତୁତ ବିଷମତା ସମ୍ବନ୍ଧୀୟ ଏକ ରିପୋର୍ଟ ଶୀର୍ଷକ 'ଦି ଇନ୍‌ଇକ୍ୱାଲିଟି ଭାଇରସ୍' ପ୍ରକାଶ କରିଥିଲା ଯେ, ଭାରତରେ କରୋନା କାଳରେ ୧୧ ଜଣ ଧନିକଙ୍କ ଯେତିକି ସମ୍ପତ୍ତି ବୃଦ୍ଧି ପାଇଛି, ସେତିକି ଟଙ୍କାରେ ଏମ୍‌ଜିଏନ୍‌ଆର୍‌ଇଜିଏ ଭଳି ଗରିବ କଲ୍ୟାଣ ଯୋଜନାକୁ ୧୦ବର୍ଷ ଯାଏ ଚଲାଯାଇପାରିବ। ରିପୋର୍ଟ ଆହୁରି କହୁଛି ଯେ, ଆମ ଦେଶରେ ନିୟମିତଭାବେ ଧନୀମାନେ ଅଧିକ ଧନୀ ହେଉଥିବାବେଳେ ଗରିବମାନେ ଅଧିକ ଗରିବ ହେବାରେ ଲାଗିଛନ୍ତି। ପରିଣାମ ସ୍ୱରୂପ ଧନୀ ଓ ଗରିବଙ୍କ ମଧ୍ୟରେ ପ୍ରଭେଦ ବହୁତ ବଢ଼ିଛି। ଦେଶର ଅର୍ଥନୀତି କ୍ରମାଗତଭାବେ ବଢ଼ିଚାଲୁଛି ବୋଲି ଯେଉଁ ପ୍ରଚାର କରାଯାଉଛି, ତାହା ସାଧାରଣ ଜନତାଙ୍କ ବିକାଶକୁ ପ୍ରତିଫଳିତ କରୁନାହିଁ। ବରଂ ଉପରଭାଗରେ ଥିବା କିଛି ସୁପର ଧନୀକଙ୍କ ସମ୍ପତ୍ତି ବହୁପରିମାଣରେ ବଢ଼ିଥିବାରୁ ତାହା ଆମ ଦେଶର ଅର୍ଥନୀତିର ପୃଥୁଳଚିତ୍ରକୁ ଦର୍ଶାଉଛି। ସମ୍ପ୍ରତି ଭାରତକୁ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ବୋଲି ଯେଉଁ ପ୍ରଚାରକରାଯାଉଛି ତାହା କେବଳ ଏହିପରି ଧନିକମାନେ ଅଧିକ ଧନୀ ହେବାର ପ୍ରକ୍ରିୟାରେ ହିଁ ହୋଇଛି।



ଚଳିତ ବଜେଟରେ ଦୁର୍ଭାଗ୍ୟଜନକଭାବେ ଲୋକମାନଙ୍କ ହାତକୁ କାମ ଯୋଗାଉଥିବା ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନା ବାବଦକୁ ଅର୍ଥ କମ୍ କରିଦିଆଯାଇଛି। ସରକାର ଗୋଟିଏ ପଟେ ଏମ୍‌ଜିଏନ୍‌ଆର୍‌ଇଜିଏ, ଅନ୍ୟାନ୍ୟ ଜନକଲ୍ୟାଣକାରୀ ଯୋଜନା ଓ ସାମାଜିକ ସୁରକ୍ଷା ଆଦି ଯୋଜନାରେ ବ୍ୟୟବରାଦ କମ୍ କରୁଥିବାବେଳେ ଅନ୍ୟପଟେ ଗୁଜରାଟଭିତ୍ତିକ ଏକ କମ୍ପାନୀ ବେଦାନ୍ତ ଫକ୍ସକନ୍‌କୁ ୭୬ ହଜାର କୋଟି ଟଙ୍କା ସବ୍‌ସିଡି ପ୍ରଦାନ କରିଛନ୍ତି। ଏହା ବ୍ୟତୀତ ଗୁଜରାଟ ସରକାରଏହି କମ୍ପାନୀକୁ ରିହାତି ଦାମ୍‌ରେ ଜମି ଯୋଗାଇ ଦେଇଛନ୍ତି। ଚିନ୍ତାର ବିଷୟ ଯେ, ଏମ୍‌ଜିଏନ୍‌ଆର୍‌ଇଜିଏର ବାର୍ଷିକ ବଜେଟଠାରୁ ଅଧିକ ଟଙ୍କା କେବଳ ଗୋଟିଏ କମ୍ପାନୀକୁ ରିହାତି ପ୍ରଦାନ କରାଯାଇଛି। ପ୍ରଶ୍ନ ଉଠୁଛି ବଡ଼ ବଡ଼ କମ୍ପାନୀକୁ ହଜାର ହଜାର କୋଟି ଟଙ୍କା ରିହାତି ଦେବା ରେବିଡି ସଂସ୍କୃତି ନା ଗରିବ ଲୋକଙ୍କୁ ଖାଦ୍ୟଶସ୍ୟ କି କାମ ଯୋଗାଇବା ରେବିଡି ସଂସ୍କୃତି! କରଦାତାଙ୍କ ଟଙ୍କାରେ ପ୍ରଧାନମନ୍ତ୍ରୀ କାହାର ବିକାଶକୁ ପ୍ରାଧାନ୍ୟ ଦେବାକୁ ଚାହୁଁଛନ୍ତି? ବେଦାନ୍ତ ଫକ୍ସକନ୍ ଯେପରି କମ୍ପାନୀ ସେଥିରେ ଅଧିକ କର୍ମନିଯୁକ୍ତି ବି ସୃଷ୍ଟିହେବାର ସମ୍ଭାବନା ନାହିଁ। ଯଦି ପ୍ରଧାନମନ୍ତ୍ରୀ ପ୍ରକୃତରେ ସବ୍‌କା ସାଥ୍ ସବ୍‌କା ବିକାଶ ଚାହାନ୍ତି ତେବେ ସେ କମ୍ପାନୀକୁ ସବ୍‌ସିଡି ନ ଦେଇ ସେହି ଟଙ୍କାରେ ଏମ୍‌ଜିଏନ୍‌ଆର୍‌ଇଜିଏରେ ଲୋକମାନଙ୍କୁ ୨ଗୁଣ କର୍ମନିଯୁକ୍ତି ଯୋଗାଇ ପାରିଥାନ୍ତେ। ଏହା ଦ୍ୱାରା ଗ୍ରାମୀଣ ଲୋକମାନଙ୍କର କ୍ରୟଶକ୍ତି ଅଧିକ ବଢ଼ିଥାନ୍ତା ଓ ଏହା ଦେଶର ଅର୍ଥନୀତିକୁ ଅଧିକ ସୁଦୃଢ଼ କରିଥାନ୍ତା। ସ୍ୱାଧୀନତା ସମୟରେ ଚର୍ଚ୍ଚାରେ ଥିବା ଟ୍ରିକଲ୍‌ଡାଉନ୍‌ତତ୍ତ୍ୱ ଅର୍ଥାତ୍ ପ୍ରଥମେ ଧନୀମାନେ ବିକଶିତ ହେବା ପରେ ଧୀରେ ଧୀରେ ଗରିବମାନେ ବିକଶିତ ହେବେ ତାହା ଏବେ ଭୁଲ୍ ପ୍ରମାଣିତ ହୋଇସାରିଛି। ସାରା ବିଶ୍ୱ ଏହା ମାନିବାକୁ ଆରମ୍ଭ କଲାଣି। ତେଣୁ ଆମ ବିକାଶ ନୀତି ଏକାସାଙ୍ଗରେ ଧନୀ ଓ ଗରିବଙ୍କୁ ସାଥିରେ ନେଇ ଚାଲିବା କଥା। କିନ୍ତୁ ଦୁର୍ଭାଗ୍ୟର ବିଷୟ , ଆମ ଅର୍ଥନୈତିକ ଢାଞ୍ଚା ଗରିବଙ୍କୁ ଶୋଷଣକରି ଅଧିକ ଗରିବ କରୁଛି ଓ ଧନୀଙ୍କୁ ସୁପର ଧନୀ। ବାସ୍ତବିକ ସବ୍‌କା ସାର୍ଥ ସବ୍‌କା ବିକାଶ ପାଇଁଏହି ଢାଞ୍ଚାକୁ ଓଲଟାଇବାକୁ ପଡ଼ିବ।

ମେକ୍ ଇନ୍ ଇଣ୍ଡିଆକୁ ପ୍ରୋତ୍ସାହନ ଦେବା ପାଇଁ ୧୪ଟି କ୍ଷେତ୍ରର ଉତ୍ପାଦନଭିତ୍ତିକ କମ୍ପାନୀଙ୍କୁ ମିଳୁଥିବା ରିହାତିକୁ ସରକାର ୨୦% ପର୍ଯ୍ୟନ୍ତ ବୃଦ୍ଧିକରୁଛନ୍ତି। ମାର୍ଚ୍ଚ ୨୦୨୨ରେ ସରକାର ହୁଣ୍ଡାଇ ସମେତ ୪କମ୍ପାନୀକୁ ବୈଦ୍ୟୁତିକ ଯାନର ବ୍ୟାଟେରି ନିର୍ମାଣ କରିବା ପାଇଁ ୧୮ହଜାର କୋଟି ଟଙ୍କା ରିହାତି ପ୍ରଦାନ କରିଥିଲେ। ପରେ ପରେ ହୁଣ୍ଡାଇ ଏଥିରୁ ଓହରିଯାଇଥିଲା। ଏତଦ୍‌ବ୍ୟତୀତ ଗତ ୫ବର୍ଷ ମଧ୍ୟରେ ବ୍ୟାଙ୍କଗୁଡ଼ିକ ମଧ୍ୟ ବ୍ୟାଡ୍‌ଲୋନ୍ ନାମ ଦେଇ ୧୦,୯,୫୧୧ କୋଟି ଟଙ୍କା ସୁପର ଧନୀମାନଙ୍କୁ ଛାଡ଼ କରିଛନ୍ତି। ଗରିବ ଲୋକମାନେ ଋଣ ଶୁଝିବାରେ ବିଳମ୍ବ କଲେ ଏହି ବ୍ୟାଙ୍କଗୁଡ଼ିକ ବାଘରବାଡ଼ି ନିଲାମକରୁଥିବାବେଳେ ଧନିକମାନଙ୍କୁ ଲକ୍ଷ ଲକ୍ଷ କୋଟି ଟଙ୍କାଋଣ ଛାଡ଼ କରୁଛନ୍ତି ଓ ଏହାର ନାଁ ଦେଉଛନ୍ତି ବ୍ୟାଡ୍‌ଲୋନ୍। ଏଥିରେ ଉଭୟ ସରକାରଙ୍କ ନିୟନ୍ତ୍ରଣରେ ଥିବା ବ୍ୟାଙ୍କ୍ ଓ ଘରୋଇ ବ୍ୟାଙ୍କ୍ ଅଛନ୍ତି। ୨୦୧୭–୧୮ରେ କୋଭିଡ୍ ସମୟରେ ସୁପର ଧନୀମାନଙ୍କୁ ବ୍ୟାଡ୍‌ଲୋନ୍ ନାଁରେ ସର୍ବାଧିକ ୨ ଲକ୍ଷ ୩୬ ହଜାର କୋଟି ଟଙ୍କା ଋଣ ଛାଡ଼ କରାଯାଇଥିବାବେଳେ ୨୦୧୮–୧୯ରେ ୨ଲକ୍ଷ ୩୪ ହଜାର କୋଟି, ୨୦୧୯–୨୦ ରେ ୨ ଲକ୍ଷ ୨ ହଜାର କୋଟି ଓ ୨୦୨୦–୨୧ରେ ୧ ଲକ୍ଷ ୭୪ ହଜାର କୋଟି ଟଙ୍କା ଋଣ ଛାଡ଼କରାଯାଇଛି। ଅନ୍ୟପକ୍ଷରେ ୨୦୨୦–୨୧ରେ ସର୍ବାଧିକ ୩୩ ହଜାର ୫୩୪ କୋଟି ଟଙ୍କା ଋଣ ଆଦାୟ କରାଯାଇଥିବାବେଳେ ୨୦୧୯–୨୦ ଓ ୨୦୨୦–୨୧ରେ ୩୦ ହଜାର କୋଟି ଲେଖାଏ ଋଣ ଆଦାୟ କରାଯାଇଛି। ଏଥିରେ ସ୍ପଷ୍ଟ ଯେ, ଋଣ ପରିଶୋଧ ଆଦାୟ ତୁଳନାରେ ବହୁ ଅଧିକ ଟଙ୍କା ଧନିକମାନଙ୍କୁ ଛାଡ଼କରାଯାଉଛି। କେଉଁମାନଙ୍କୁ ଏହି ଋଣ ଛାଡ଼କରାଯାଇଛି ତାହା ସର୍ବସାଧାରଣରେ ଜଣାଇବାକୁ ରିଜର୍ଭବ୍ୟାଙ୍କ୍ ଅଫ୍ ଇଣ୍ଡିଆ ମନାକରିଦେଇଛି। କିନ୍ତୁ ଗରିବ ଲୋକଙ୍କ ଋଣ ଖିଲାପିବେଳକୁ ବ୍ୟାଙ୍କ ଋଣଖିଲାପୀଙ୍କ ନାମ କାନ୍ଥରେ ଲେଖିଦେଉଛି। ଏହା କ'ଣ ପକ୍ଷପାତିତା ନୁହେଁ?

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ– ୯୪୩୮୪୬୮୪୭୪

# ଗାନ୍ଧୀ ଓ ଗୋପବନ୍ଧୁ



ପ୍ରଫୁଲ୍ଲ କୁମାର ସାହୁ

ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଉତ୍କଳମଣି ଗୋପବନ୍ଧୁ ଦାସ– ଦୁହେଁ ସମଭାବାପନ୍ନ ମଣିଷ। ବିଧି ପ୍ରେରିତ ମହାପୁରୁଷ। ଜଣେ ସାବରମତୀର ସନ୍ଥ ଓ ଅନ୍ୟ ଜଣେ ସତ୍ୟବାଦୀ ବକୁଳ ବନର ବୈରାଗୀ। ଜଣେ ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ ଓ ଅନ୍ୟ ଜଣେ ଓଡ଼ିଶାରେ ଅସହଯୋଗ ଆନ୍ଦୋଳନର ସାରଥି। ଉଭୟ ଥିଲେ ସତ୍ୟନିଷ୍ଠ ମୁକ୍ତିଯୋଦ୍ଧା, ସମାଜ ସଂସ୍କାରକ, ମାନବବାଦୀ ଚିନ୍ତା ନାୟକ ଓ ଧର୍ମ ନିରପେକ୍ଷ ତଥା ଧର୍ମପ୍ରାଣ ସନ୍ଥ।

ଗାନ୍ଧିଜୀଙ୍କ ତାରୁଣ୍ୟର ଆବେଗିକ, ବୌଦ୍ଧିକ ଓ ଆଧ୍ୟାତ୍ମିକ ସଚେତନତା ନିର୍ମାଣ ଅନ୍ତରାଳରେ ରହିଛି ତାଙ୍କ ମାତା ପୁତୁଳି ବାଇ(ଯିଏ ଥିଲେ ଅତ୍ୟନ୍ତ ଧର୍ମପ୍ରାଣା)ଙ୍କ ଜୀବନାଦର୍ଶ ତଥା ଭକ୍ତି ଭାବଧାରା ଅନୁପ୍ରେରିତ ଅନେକ ଭାରତୀୟ ସନ୍ଥ ସନ୍ୟାସୀଙ୍କ ପ୍ରଭାବ। ଅନ୍ୟ ପକ୍ଷରେ ଶୈଶବରୁ ମାତୃହରା ଗୋପବନ୍ଧୁ ନିଜ ଗାଁ ଦେଇ ବହିଯାଇଥିବା ପୁଣ୍ୟତୋୟା ଭାର୍ଗବୀକୁ ମାତୃଜ୍ଞାନ କରି ପାଇଥିଲେ କରୁଣାର ଝର ଭଳି ଝରି ଝରି କରୁଣା ବିତରି ଯିବାର ପ୍ରେରଣା। ପିଲାଟିଦିନରୁ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଗବତ ପଢ଼ି ଲଭିଥିଲେ ଶୁଦ୍ଧପୂତ ଭାବ ଓ ଉତ୍ସର୍ଗୀକୃତ କର୍ମଯୋଗର ଉଦ୍ଦୀପନା। ଉପନିଷଦ ତାଙ୍କୁ ଶିଖାଇଥିଲା ନିଃସ୍ୱାର୍ଥ ସେବା, ସାଧନା ଓ ସଂକଳ୍ପର ମହାମନ୍ତ୍ର।

ଅସହଯୋଗ ଆନ୍ଦୋଳନର ମୁଖ୍ୟ ବିଷୟ ଥିଲା ସ୍ୱଦେଶୀ ଗ୍ରହଣ ଓ ବିଦେଶୀ ବର୍ଜନ। ବିଦେଶୀ ବସ୍ତ୍ରକୁ ଗଣିକା ଓ ସ୍ୱଦେଶୀ ବସ୍ତ୍ରକୁ ଧର୍ମପତ୍ନୀ କୁଳବଧୂ ସହିତ ତୁଳନା କରିବାସହ ଦେଶବାସୀଙ୍କୁ ଆହ୍ୱାନ ଜଣାଇ ଗୋପବନ୍ଧୁ କହିଛନ୍ତି, ବିଦେଶୀକୁ ଛାଡ଼ି ସ୍ୱଦେଶୀ ଗ୍ରହଣ କଲେ ଲାଘବ ହେବ ଗାନ୍ଧିଜୀଙ୍କ ଦୁଃଖ। ସାମ୍ପ୍ରଦାୟିକ ସଦ୍ଭାବନା ପ୍ରତିଷ୍ଠା କରିବା ପାଇଁ ଗାନ୍ଧିଜୀ ସାରା ଜୀବନ ସଂଗ୍ରାମ କରିଛନ୍ତି ଏବଂ ତାଙ୍କ ପରିକଳ୍ପିତ ସ୍ୱରାଜ୍ୟ ଥିଲା ସର୍ବଧର୍ମ ସମନ୍ୱୟର ମଞ୍ଚ। ହିନ୍ଦୁ ପରମ୍ପରାକୁ ସେ ଗଣ୍ଠିଧନ କରିଥିଲେ ସତ, କିନ୍ତୁ ସବୁ ଧର୍ମ ପ୍ରତି ଥିଲା ତାଙ୍କର ଶ୍ରଦ୍ଧା ଓ ସମ୍ମାନ। ତେଣୁ ପ୍ରାର୍ଥନା ସଭାରେ ସେ ଉଦ୍ଧାର କରୁଥିଲେ ଭିନ୍ନ ଭିନ୍ନ ଧର୍ମର ଶାସ୍ତ୍ରବାଣୀ। ଅର୍ଥାତ୍ ତାଙ୍କର ଧର୍ମ ଥିଲା ମାନବ ଧର୍ମ। ସେ ଆଦର୍ଶକୁ ଆଦରି ନେଇଥିବାରୁ ଉତ୍କଳମଣି ଗୋପବନ୍ଧୁଙ୍କ ଆଖିରେ ନ ଥିଲା ମନ୍ଦିର, ମସଜିଦ୍ ଓ ଗିର୍ଜା ଭିତରେ ଫରକ। ସେ ହିନ୍ଦୁଧର୍ମକୁ ଭଲ ପାଉଥିଲେ ସତ, କିନ୍ତୁ ତାଙ୍କ ମନରେ ସଦା ଜାଗ୍ରତ ଥିଲା ସର୍ବଧର୍ମ ସମନ୍ୱୟ ଭାବ। ୧୯୩୪ ମସିହାରେ ଗାନ୍ଧିଜୀ ଓଡ଼ିଶାରେ ଆରମ୍ଭ କରିଥିଲେ ତାଙ୍କର ବହୁ ଚର୍ଚ୍ଚିତ ହରିଜନ ପଦଯାତ୍ରା। ତା'ର ବହୁ ପୂର୍ବରୁ ଗୋପବନ୍ଧୁ ଏଠି ଜାତି ପ୍ରଥାକୁ ବିରୋଧ କରି ଆରମ୍ଭ କରିଥିଲେ ବିଭିନ୍ନ କାର୍ଯ୍ୟକ୍ରମ। ସତ୍ୟବାଦୀ ବନବିଦ୍ୟାଳୟର ପଂକ୍ତି ଭୋଜନ ତା'ର ସବୁଠାରୁ ବଡ଼ ଉଦାହରଣ।

ଗାନ୍ଧିଜୀ କେବଳ ଭାରତର ସ୍ୱାଧୀନତା ପାଇଁ ନୁହେଁ, ଏଥି ସହିତ ସେ ଲଢୁଥିଲେ ସାମାଜିକ ଅନ୍ୟାୟ ତଥା ଦେଶର କୋଟି କୋଟି ମୂକ ନିର୍ବାକ ଜନତାଙ୍କ ମୁହଁରେ ଟିକେ ହସ ଭରିଦେବା ପାଇଁ। ସରଳ ସତ୍ୟଶୀଳ ଓ ନିରାଡ଼ମ୍ବର ଜୀବନ ଜିଇବାରେ ଗାନ୍ଧିଜୀ ଥିଲେ ଭାରତୀୟତାର ପ୍ରତୀକ। ଅନୁରୂପ ଭାବରେ ଓଡ଼ିଶାରେ ଗୋପବନ୍ଧୁ ଥିଲେ ସେହି ସରଳତାର ପ୍ରତୀକ। ପ୍ରାଚୀନ ଭାରତର ମୁନି ଋଷିଙ୍କ ଭଳି ସତ୍ୟବାଦୀର ସନ୍ଥ ଆଦରି ନେଇଥିଲେ ସରଳ ଓ ନିରାଡ଼ମ୍ବର ଜୀବନ। ଲାଲା ଲଜପତ୍ ରାୟଙ୍କ ଭାଷାରେ 'ମୋ ଜାଣିବାରେ ୧୯୨୦ଠାରୁ ଗାନ୍ଧିଜୀଙ୍କୁ ଛାଡ଼ିଦେଲେ ଗୋପବନ୍ଧୁଙ୍କ ଭଳି ସରଳ ଅମାୟିକ ବ୍ୟକ୍ତିତ୍ୱ ଅନ୍ୟ କେହି ନାହିଁ। ସେ କେବଳ ଦୁଇଟି ଲୁଗା ବ୍ୟବହାର କରୁଥିଲେ। ଗୋଟିଏ ହାତବୁଣା ଧୋତି ଓ ଚାଦରଟିଏ ଥିଲା ତାଙ୍କର ନିତିଦିନିଆ ପୋଷାକ। ଏହି ଗୋଟିଏ ପୋଷାକକୁ ସେ ଘରେ, ବାହାରେ ସଭାରେ, କୋର୍ଟରେ, ସ୍କୁଲରେ ଓ କଂଗ୍ରେସ ଦରବାରରେ ସବୁଠି ପିନ୍ଧିବାର ଦେଖାଯାଉଥିଲା। ସେ ସତ୍ୟ, ସାଧୁତା ଓ ସରଳ ଭାବେ ଜୀବନ ବିତାଇବାକୁ ନିଜର ବ୍ରତ କରି ନେଇଥିଲେ।' ସତ୍ୟ, ଅହିଂସା ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ଗାନ୍ଧୀ ଗୋପବନ୍ଧୁ ଥିଲେ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଅହିଂସାର ଏହି ଶକ୍ତ ଡୋରିରେ ବନ୍ଧା ଥିଲା ଗୋପବନ୍ଧୁଙ୍କ ଜୀବନ। ସ୍ୱରାଜ୍ୟ ପଥରେ ସତ୍ୟର ଉପାସନା ଏକ ଅନନ୍ୟ ସାଧନା। ଗୋପବନ୍ଧୁ ଥିଲେ ସେହି ଆଦର୍ଶର ଏକନିଷ୍ଠ ପୂଜାରୀ।



ଶ୍ରାଦ୍ଧତିଥି ଉପଲକ୍ଷେ

ଗୋପବନ୍ଧୁଙ୍କ ଦୃଷ୍ଟିରେ ଗାନ୍ଧୀ ଥିଲେ ଏକ ମହତ୍ତର ଚେତନା। ଗାନ୍ଧିଜୀଙ୍କୁ ସେ କେତେବେଳେ ସତ୍ୟ, ନ୍ୟାୟ ଓ ନିର୍ଭୀକତାର ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି ତ କେତେବେଳେ ତୁଳନା କରିଛନ୍ତି ସକ୍ରେଟିସ୍‌ଙ୍କ ସହିତ। ଗାନ୍ଧିଜୀ ମଧ୍ୟ 'ୟଙ୍ଗ ଇଣ୍ଡିଆ'ରେ ଗୋପବନ୍ଧୁଙ୍କୁ ତପସ୍ୱୀ ବୋଲି ଲେଖିଛନ୍ତି ଏବଂ ତାଙ୍କର ସମର୍ପଣ ଭାବ ଓ କର୍ମଯୋଗକୁ ପ୍ରଶଂସା କରିଛନ୍ତି ଖୋଲା ମଞ୍ଚରେ। ଗାନ୍ଧିଜୀଙ୍କ ଚିନ୍ତନ ଓ ଆଦର୍ଶ ଗୋପବନ୍ଧୁଙ୍କୁ ଯେତିକି ପ୍ରଭାବିତ କରିଛି, ଗାନ୍ଧିଜୀଙ୍କୁ ମଧ୍ୟ ସମପରିମାଣରେ ପ୍ରଭାବିତ କରିଛି ଗୋପବନ୍ଧୁଙ୍କ ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱ। ଗୋପବନ୍ଧୁଙ୍କ ନିଃସ୍ୱାର୍ଥପରତା, ନିର୍ମଳ ଭାବମୂର୍ତ୍ତି ଓ ଅକୁଣ୍ଠିତ ଜନସେବାରେ ଗାନ୍ଧିଜୀ ମୁଗ୍ଧ ହୋଇ କହିଛନ୍ତି, ତାଙ୍କ ଭଳି ନେତା ଓ କର୍ମୀ ଜାତିର ଗୌରବ। ପୁଣ୍ୟପ୍ରାଣ ଗୋପବନ୍ଧୁଙ୍କ ମହାପ୍ରୟାଣ(୧୯୨୮) ପରେ ୧୯୩୪ ମେ ୮ ତାରିଖ ପୁରୀରେ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରି ଗାନ୍ଧିଜୀ କହିଥିଲେ– 'ଗୋପବନ୍ଧୁଙ୍କ ଧର୍ମନିଷ୍ଠା, ସତ୍ୟନିଷ୍ଠା, ସାଧୁତା, ସରଳତା ଓ ବୀର ପ୍ରଭାବ ମୋ ଉପରେ ମଧ୍ୟ ପଡ଼ିଥିଲା। ଆଜି ଏହି ପୁଣ୍ୟ ଭୂମିରେ ମୁଁ ତାଙ୍କ ଅଭାବ ବେଶି ଅନୁଭବ କରୁଛି। ଅହିଂସା ଲଢ଼େଇରେ ଗାନ୍ଧିଜୀଙ୍କ ଆଦର୍ଶର ଜୟ ହେବ ବୋଲି ଅନୁଭବ କରି ଗୋପବନ୍ଧୁ 'ବନ୍ଦୀର ଆତ୍ମକଥା'ରେ ଲେଖିଥିଲେ–

'ମହାତ୍ମା ସାଧନା ମହାତ୍ମା କଷଣ,
ନ ଯାଏ ଜଗତେ କେବେ ଅକାରଣ।'

ଗାନ୍ଧିଜୀ ସେହି କଥାକୁ ଦୋହରାଇଛନ୍ତି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ। ତାଙ୍କ ବକ୍ତବ୍ୟ ଅନୁସାରେ "ମୁଁ ବିଶ୍ୱାସ କରୁଛି ଓ ଆପଣମାନେ ବିଶ୍ୱାସ କରନ୍ତୁ ଯେ ତାଙ୍କ ମହତ୍ତ୍ୱ ଆତ୍ମା ପରି ଅମର ହୋଇ ରହିଛି ଓ ଚିରକାଳ ରହିବ। ମୋର ଆଶା ଯେ କେବଳ ଉତ୍କଳ କାହିଁକି, ସମଗ୍ର ଭାରତ ସେହି ସ୍ୱର୍ଗୀୟ ପଣ୍ଡିତ ଗୋପବନ୍ଧୁଙ୍କର ତ୍ୟାଗମାର୍ଗ ଅନୁସରଣ କରିବ ଏବଂ ତାଙ୍କ ସ୍ମୃତିର ପ୍ରଭାବରେ ନିଜକୁ ଧନ୍ୟ ମନେକରିବ।" ଗାନ୍ଧୀ ଓ ଗୋପବନ୍ଧୁଙ୍କ ଲକ୍ଷ୍ୟ ଥିଲା ସମାନ। ଉଭୟେ ନିଜ ନିଜ କ୍ଷେତ୍ରରେ ଅନନ୍ୟ ଓ ଅତୁଳନୀୟ।

ମୋ–୬୩୭୧୬୪୨୪୬୪

## ଏଇ ଭାରତରେ

କୁହାଯାଏ ଛୋଟ ପିଲାମାନଙ୍କ ନିରୀହ ମନରେ ମିଥ୍ୟା ପ୍ରବେଶ କରି ନ ଥାଏ। ସେମାନେ ସତ୍ୟ ହିଁ କହିଥାନ୍ତି। ସେମାନଙ୍କ ମନରେ କୌଣସି ଦ୍ୱନ୍ଦ୍ୱ ନ ଥାଏ। ସମସ୍ତେ ପିଲାମାନଙ୍କର ସଚ୍ଚୋଟତା ଏବଂ ସତ୍ୟତା ଉପରେ ବିଶ୍ୱାସ କରନ୍ତି। ଭାଗଲପୁର ଜିଲାରେ ମଧ୍ୟ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ଯେଉଁଠାରେ ଗୋଟିଏ ମାସ ପରେ ଏକ ଶିଶୁର ସଚ୍ଚୋଟତା ଜାଗ୍ରତ ହୋଇଛି ଏବଂ ସେ ମଧ୍ୟ ତାଙ୍କର ଭୁଲ୍‌କୁ ହୃଦୟଙ୍ଗମ କରି କ୍ଷମା ମାଗିଛନ୍ତି। ବାସ୍ତବରେ, ଭାଗଲପୁର ଜିଲାର ଇଣ୍ଡଷ୍ଟ୍ରିଆଲ ପୋଲିସ ଷ୍ଟେଶନ ଅଧୀନସ୍ଥ ଜ୍ୟୋତି ବିହାର କଲୋନୀରୁ ଏକ ମାସ ପୂର୍ବରୁ ଅନୋମାଲଙ୍କର ସାଇକେଲ ଚୋରି ହୋଇଥିଲା। ତାଙ୍କ ଘର ବାହାରେ ସିସିଟିଭି ଲଗାଯାଇଥିଲା, ଯେଉଁଥିରେ ସେମାନେ ଦେଖିଲେ ଏକ ଛୋଟ ପିଲା ଚୋରି କରିବା ପାଇଁ ଘରେ ପ୍ରବେଶ କରି କେବଳ ସାଇକେଲ ନେଇ ଚାଲିଗଲା। ପରିବାର ସଦସ୍ୟମାନେ ଏହି ସାଇକେଲ ଫେରି ପାଇବାର ଆଶା ଛାଡି ଦେଇଥିଲେ। କିନ୍ତୁ ଏକ ମାସ ପରେ ସାଇକେଲ ଚୋରି କରିଥିବା ପିଲା ନିଜେ ଆସି ସାଇକେଲ ଫେରାଇ ଏକ ଚିଠିରେ 'ଆଇ ଆମ ସରି'ଲେଖି ପଳାଇଥିଲେ। ପିଲାଟି ଚିଠିରେ ଲେଖିଥିଲା ଯେ ମୋର ନାମ ଅର୍ଣ୍ଣବ, ମୁଁ ଆପଣଙ୍କର ସାଇକେଲ ନେଇଥିଲି, ମୋର ବନ୍ଧୁ ମୋତେ ଏହା କରିବାକୁ କହିଥିଲେ। ମୁଁ ଏଭଳି କାର୍ଯ୍ୟ କରିଥିବାରୁ ବେଶ୍ ଦୁଃଖିତ।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଜୁନ୍ ୧୯୯୮

- ନାଇଜରର ରାଜଧାନୀ ନିଆମିଠାରୁ ୬୦ କିଲୋମିଟର ଦୂର ପଶ୍ଚିମରେ ତୋରାଡ଼ି ନିକଟସ୍ଥ ଏକ ସୁନା ଖଣିରେ ମାଟି ଅତଡ଼ା ଧସି ଅନ୍ୟୁନ ୩୦ ଜଣ ଲୋକଙ୍କ ମୃତ୍ୟୁ।
- ବୋସନିଆ ହେର୍ଜେଗୋଭିନାରେ ଆହୁରି ଅଧିକ ବର୍ଷଟିଏ 'ନାଟୋ' ସାମରିକ ବାହିନୀ ଏବଂ ଆନ୍ତର୍ଜାତିକ ପୋଲିସ ଅବସ୍ଥାନ କରିବା ନିମନ୍ତେ ଜାତିସଂଘ ନିରାପତ୍ତା ପରିଷଦ ପକ୍ଷରୁ ଅନୁମତି ପ୍ରଦାନ।

## ଚିରନ୍ତନୀ

ତୁମେ ମୋର ଆଦି ଅନ୍ତ,
ତୁମେ ମୋର ସବୁ ସାନ ବଡ଼
ତୁମେ ସତ୍ୟ ସନାତନ ଜ୍ଞାନରୂପୀ ଜଡ଼
ଆହେ ଜଡ଼!

(ଜଡ଼–ଦର୍ଶନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିଜୁଳିସେବା ପାଇବା ମୌଳିକ ଅଧିକାର

ମହାଶୟ,

ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ତାତିକୁ ବଳିଯାଉଛି ଅଘୋଷିତ ଅସମୟରେ ବିଜୁଳିକାଟ୍। ନିରବଚ୍ଛିନ୍ନ ଉନ୍ନତ ମାନର ଗୁଣାତ୍ମକ ବିଜୁଳି ଯୋଗାଣକୁ ନେଇ ଦାଏର କରାଯାଇଥିବା ଜନସ୍ୱାର୍ଥ ମାମଲାରେ କଲିକତା ହାଇକୋର୍ଟ ତାଙ୍କ ରାୟରେ ଦର୍ଶାଇଥିଲେ "ଗୋଟିଏ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଦ୍ୟୁତ୍‌ସେବା ପାଇବା ସାଧାରଣ ଜନତାଙ୍କ ମୌଳିକ ଅଧିକାର ମଧ୍ୟରୁ ଅନ୍ୟତମ ଅଧିକାର ।" ବିଜୁଳି ଯୋଗାଣରେ ଅହେତୁକ ତ୍ରୁଟି ଓ ଅନିୟମିତତା ସବୁ ସରକାରଙ୍କ ଅପାରଗତା ଅବହେଳାଜନିତ କଷଣ ଓ ନିର୍ଯାତନା । ଆଇନତଃ ଖାଉଟି କଲ୍ୟାଣ ଉପଭୋକ୍ତା ଆଇନ ଅନୁଯାୟୀ ଏତା ଦଣ୍ଡନୀୟ ଅପରାଧ ବୋଲି ବିବେଚନା କରାଯିବା ଦରକାର। ଉପଭୋକ୍ତା ଖାଉଟିମାନଙ୍କୁ କ୍ଷତି ପୂରଣ ଦେବା ସହିତ କେଉଁ ସେକ୍ସନରେ କେତେ ସମୟ ବିଜୁଳିସେବା ବନ୍ଦ ରହିଛି, ସେଇ ସମୟାନୁପାତରେ ଆବଣ୍ଟନ କରାଯାଉଥିବା ବିଦ୍ୟୁତ୍ ବିଲ୍‌ରେ ରିହାତି ଦେବା ଉଚିତ । ସରକାର ବିଜୁଳି ସେବା ଯୋଗାଇବାରେ ପଦକ୍ଷେପ ଗ୍ରହଣ କରିବା ଜରୁରୀ।

–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୮ ଜୁନ୍, ୨୦୨୩



**ଖଣ୍ଡି ଲାଞ୍ଜ ମାଙ୍କଡ଼, ୨ ଜଙ୍ଗଲୀ କୁକୁଡ଼ା ମୃତ**

**ବାରଙ୍ଗ,(ଲିଙ୍ଗରାଜ ରାଉତ):** ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ନନ୍ଦନକାନନରେ ଶନିବାର ଏକ ୪ବର୍ଷର ମାଈ ଖଣ୍ଡି ଲାଞ୍ଜ ମାଙ୍କଡ଼ ୬୦ ନମ୍ବର(ଖ) ଏନକ୍ଲୋଜରରେ ମୃତ୍ୟୁ ହୋଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲା। ୨୦୨୧ ଫେବୃୟାରୀ ୭ରେ ଜୀବଜନ୍ତୁ ଅଦଳବଦଳ ପ୍ରକ୍ରିୟାରେ ମିଜୋରାମର ଆଇଜଲ ଚିଡ଼ିଆଖାନାରୁ ତିନି ହଳ ମାଈଅଣ୍ଡିରା ଖଣ୍ଡିଲାଞ୍ଜ ମାଙ୍କଡ ଆସିଥିଲା। ସେହିପରି ପ୍ରାଣୀ ଉଦ୍ୟାନର ୭୫ନମ୍ବର(ଖ) ଏନକ୍ଲୋଜରରେ ଗତ ଶୁକ୍ରବାର ଏକ ବିଷଧର ସାପ କାମୁଡ଼ାରେ ଦୁଇଟି ମାଈ ନାଲି ଜଙ୍ଗଲୀ କୁକୁଡ଼ାର ମୃତ୍ୟୁ ଘଟିଥିବା ପ୍ରାଣୀ ଉଦ୍ୟାନ ପକ୍ଷରୁ ସୂଚନା ଦିଆଯାଇଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବରେ ମାଲ୍ୟାର୍ପଣ, ଗୋପବନ୍ଧୁ ଛକ, ସକାଳ ୮ଟା।
- କସ୍ତୁରୀ ଅନୁଷ୍ଠାନ ପକ୍ଷରୁ ଆଲୋଚନା ଚକ୍ର, ସୂଚନା ଭବନ, ସକାଳ ୮ଟା।
- ମୁନୀନ୍ଦ୍ର ଧର୍ମାର୍ଥ ଟ୍ରଷ୍ଟ, ହରିୟାଣାର ଓଡ଼ିଶା ଶାଖାର ସମସ୍ତ ସଦସ୍ୟଙ୍କ ପକ୍ଷରୁ ରକ୍ତଦାନ ଶିବିର, ଜୁ ଗାର୍ଡେନ, ପଟିଆ, ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ଏକାମ୍ର ହାଟ, ପୂର୍ବାହ୍ନ ୧୧ଟା।
- ଆଇସିସି ଏଜୁକେଶନ ଏକ୍ସପୋ ଏବଂ କନ୍‌କ୍ଲେଭ୍, ହୋଟେଲ ସ୍ୱସ୍ତି ପ୍ରିମିୟମ୍, ମଧ୍ୟାହ୍ନ ୧୨ଟା।
- ଅଜନ୍ତା ସର୍କସ, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଖାରବେଳ ନଗର, ଅପରାହ୍ନ ୪ଟା।
- ପ୍ରୟାସ ଫାଉଣ୍ଡେଶନ ପକ୍ଷରୁ 'ଜି୨୦ ୟାଇ୨୦ ଚକ୍ ସିରିଜ୍', ହୋଟେଲ ମେଫେୟାର କନ୍‌ଭେନଶନ, ଅପରାହ୍ନ ୪ଟା।
- ଗ୍ୟାଲେରୀ ଆର୍ଟିଷ୍ଟମାଇଣ୍ଡଜ ପକ୍ଷରୁ ପ୍ରଦର୍ଶନୀର ଉଦ୍‌ଘାଟନ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଅପରାହ୍ନ ୪ଟା ୩୦।
- ପରିଚୟ ଫାଉଣ୍ଡେଶନ ପକ୍ଷରୁ ୮ମ ଏଡିଶନ ଅଫ୍ ଶ୍ରୀ ଆୱାର୍ଡ, ହୋଟେଲ ମେଫେୟାର କନ୍‌ଭେନଶନ, ସନ୍ଧ୍ୟା ୬ଟା।
- ଗୁରୁ ଡ. ଗଣେଶନଙ୍କ ଶ୍ରଦ୍ଧାଞ୍ଜଳୀ ସଭା, ଲୋକନାଥ ସଙ୍ଗୀତ କଳା ନିକେତନ, ସାମନ୍ତରାପୁର, ସନ୍ଧ୍ୟା ୬ଟା ୩୦।
- କଳିଙ୍ଗ କନ୍ୟା ରତ୍ନ ସମ୍ମେଳନ, ସୂଚନା ଭବନ, ସନ୍ଧ୍ୟା ୭ଟା।

**ବାଲିଅନ୍ତା**

- ଚଇତାଳି ଘୋଡ଼ାନାଚ ପରିବେଷଣ, ଭୁବନପୁର ମା' ଉତ୍ତରମୁଖୀ ମନ୍ଦିର ପରିସର, ପୂର୍ବାହ୍ନ ୧୦ଟା।
- ବାଦୀପାଲା ପରିବେଷଣ, ଗଡ଼ନହରକଣ୍ଟାର ଶ୍ରୀ ରୁଦ୍ରେଶ୍ୱର ମହାଦେବ ମନ୍ଦିର ନିକଟ ପଡ଼ିଆ, ରାତି ୭ଟା।

# ସାପ କାମୁଡ଼ାରେ ୬ ବର୍ଷରେ ୬୩୫୧ ଜଣଙ୍କ ମୃତ୍ୟୁ

**ଭୁବନେଶ୍ୱର, ୧୭।୬ (ବନ୍ଦନା ସେଠୀ)**

ଓଡ଼ିଶାରେ ପ୍ରତିବର୍ଷ ସାପ କାମୁଡାଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଓସ୍‌ଡମା ପରିସଂଖ୍ୟାନ ଅନୁଯାୟୀ, ୨୦୧୫ରୁ ୨୦୨୧ ମଧ୍ୟରେ ସାପ କାମୁଡ଼ାରେ ୬୩୫୧ ବ୍ୟକ୍ତିଙ୍କ ଜୀବନ ଯାଇଛି। ଗଞ୍ଜାମ ଜିଲାରୁ ସର୍ବାଧିକ ୩୦୭ ଜଣଙ୍କ ମୃତ୍ୟୁ ଘଟିଛି।୨୦୧୫ରେ ରାଜ୍ୟରେ ମୋଟ ୫୨୨ ସର୍ପାଘାତ ମୃତ୍ୟୁ ହୋଇଥିବାବେଳେ ୨୦୨୧ରେ ଏହା ଦୁଇଗୁଣ ଅଧିକ ଥିଲା ଅର୍ଥାତ୍ ୧୧୫୯ଜଣଙ୍କ ମୃତ୍ୟୁ ଘଟିଥିଲା। ସର୍ପାଘାତଜନିତ ୪ଲକ୍ଷ ଟଙ୍କା କ୍ଷତିପୂରଣ ପାଇଥିବା ଲୋକଙ୍କ ତାଲିକା ଅନୁଯାୟୀ ଏହି ସଂଖ୍ୟା ପ୍ରଦାନ କରାଯାଇଛି। ମାତ୍ର ସ୍ନେକ ହେଲ୍ପ ଲାଇନର ଅନୁଶୀଳନ ଅନୁଯାୟୀ, ପ୍ରକୃତ ମୃତ୍ୟୁସଂଖ୍ୟା ଏହାଠାରୁ ଢେର୍ ଅଧିକ। କାରଣ ଅନେକ ସାପ କାମୁଡା ମୃତ୍ୟୁକୁ ନେଇ ଅଭିଯୋଗ କିମ୍ବା ବ୍ୟବଚ୍ଛେଦ ହୋଇ ନ ଥିବାରୁ ତାହା ଚପି ଯାଉଛି। ତେବେ ସର୍ପାଘାତ ମୃତ୍ୟୁକୁ ରୋକିବା ବଡ଼ ଚ୍ୟାଲେଞ୍ଜ ହୋଇଥିବାବେଳେ ଏ କ୍ଷେତ୍ରରେ ସାପ ଧରାଳିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ ଜନବସତି ମଧ୍ୟରୁ ବିଷଧର ସାପଙ୍କୁ ଉଦ୍ଧାର କରି ଅନ୍ୟତ୍ର ସୁରକ୍ଷିତ ଭାବରେ ସ୍ଥାନାନ୍ତର କରୁ ନ ଥିଲେ ରାଜ୍ୟରେ ବାର୍ଷିକ ସାପ କାମୁଡା ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଉଥାନ୍ତା ବୋଲି ମତ ପ୍ରକାଶ ପାଇଛି।

ଶନିବାର ସ୍ନେକ ହେଲ୍ପଲାଇନ୍ ପକ୍ଷରୁ ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ 'ସର୍ପାଘାତ ସୁରକ୍ଷା କର୍ମଶାଳା' ଅନୁଷ୍ଠିତ ହୋଇଥିଲା।



ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା ସାପ କାମୁଡା ସମ୍ପର୍କରେ ସୂଚନା ଦେଉଛନ୍ତି।

### ଗଞ୍ଜାମ ଜିଲାରେ ସର୍ବାଧିକ

ଏମ୍ସ ଭୁବନେଶ୍ୱରର ଫୋରେନ୍‌ସିକ ମେଡିସିନ୍ ଓ ଟକ୍ସିକୋଲୋଜି ବିଭାଗର ଅତିରିକ୍ତ ପ୍ରଫେସର ଡା. ସୁଦୀପ୍ତ ରଞ୍ଜନ ସିଂହ ଯୋଗଦେଇ, ସାପ ଦେହରୁ ମଣିଷକୁ ସଂକ୍ରମିତ ହେଉଥିବା ଜୁନୋଟିକ ରୋଗ ଏବଂ ଆଖିରେ ସାପ ବିଷ ପଡିଲେ ତାହାର ପ୍ରାଥମିକ ଚିକିତ୍ସା ବିଷୟରେ ବୁଝାଇଥିଲେ। ବିଏମ୍‌ସି ଡାକ୍ତରଖାନାର ମେଡିସିନ୍ ସ୍ପେଶାଲିଷ୍ଟ ଡା. ନିରଞ୍ଜନ ପାଢୀ ସାପ କାମୁଡାର ପ୍ରାଥମିକ ଚିକିତ୍ସା ସହିତ ଗୋଲ୍ଡେନ ଆୱାର୍ସ ଗୁରୁତ୍ୱ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ କଟକ ଏସ୍‌ସିବି ମେଡିକାଲର ମେଡିସିନ୍ ବିଭାଗ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡା. ଜୟନ୍ତ କୁମାର ପଣ୍ଡା ସାପ କାମୁଡାର ଡାକ୍ତରୀ ଚିକିତ୍ସା, ଆଣ୍ଟିଭେନମ, ଆଇସିୟୁ ଓ ସାପ ଧରାଳିମାନେ ବିକଳାଙ୍ଗ ହେବାରୁ କିପରି ବଞ୍ଚିବେ ସେ ନେଇ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗର ନୋଡାଲ ଅଫିସର (ସ୍ନେକ୍ ବାଇଟ୍) ଡା. ସୁରଜିତ ଗରାବଡୁ ରାଜ୍ୟରେ ସାପ କାମୁଡା ଚିକିତ୍ସା ପାଇଁ ସରକାରୀସ୍ତରରେ ରହିଥିବା ମାଗଣା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ସ୍ନେକ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ତଥା ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଉପସ୍ଥିତ ରହି ସାପଧରାଳି ଏବଂ ସାପଙ୍କ ପାଇଁ ରହିଥିବା ସୁରକ୍ଷା ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ। ସ୍ନେକ ହେଲ୍ପଲାଇନ୍ ସଭାପତି ଡା. ସୌର୍ଯ୍ୟ ରଞ୍ଜନ ପରିଜା କର୍ମଶାଳାରେ ବିଶେଷଜ୍ଞମାନେ ଦେଇଥିବା ପରାମର୍ଶ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। କର୍ମଶାଳାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୯୦ଜଣ ସାପ ଉଦ୍ଧାରକାରୀ ଯୋଗଦେଇଥିଲେ।

## ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ୨ ଗିରଫ

**ଭୁବନେଶ୍ୱର, ୧୭।୬ (ସୂର୍ଯ୍ୟକାନ୍ତ ବେହେରା):** ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଓ ଏହାକୁ ବିରୋଧ କରିବାରୁ ତାଙ୍କ ମା'ଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି । ସେମାନେ ହେଲେ ସ୍ଥାନୀୟ ଥାନା ଅଞ୍ଚଳର ସୂର୍ଯ୍ୟପ୍ରସାଦ ବେହେରା ଓ ଶଙ୍କର ମାଝୀ। ୨ ଅଭିଯୁକ୍ତଙ୍କ ବିରୋଧରେ ପୋକ୍ସୋ ଆକ୍ଟରେ ମାମଲା ରୁଜୁ ହୋଇଛି । ୧୫ ତାରିଖ ଅପରାହ୍ନରେ ନାବାଳିକା ଜଣକ ମା'ଙ୍କ ସହ ରଜ ପାଳିବା ପାଇଁ ବନ୍ଧୁ ଘରକୁ ଯାଇଥିଲେ। ସେହି ସମୟରେ ଅଭିଯୁକ୍ତଦ୍ୱୟ ସେଠାକୁ ଆସି ପୀଡିତାଙ୍କୁ ଛାତ ଉପରେ ଏକୁଟିଆ ଦେଖି ଟଣାଓଟରା କରିଥିଲେ। ଏ ନେଇ ନାବାଳିକା ବିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମାଡ଼ ମାରିଥିଲେ। ପୀଡ଼ିତା ଚିତ୍କାର କରିବାରୁ ତାଙ୍କ ମା ଘଟଣାସ୍ଥଳକୁ ଆସିଥିଲେ। ହେଲେ ଅଭିଯୁକ୍ତ ସୂର୍ଯ୍ୟ ତାଙ୍କୁ ଏକ ଇଟାରେ ଆକ୍ରମଣ କରିଥିଲେ। ଏନେଇ ଭରତପୁର ଥାନାରେ ଅଭିଯୋଗ ହୋଇଥିଲା।


ବାଲେଶ୍ୱର ବାହାନଗାଠାରେ ଘଟିଥିବା ଟ୍ରେନ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ଆତ୍ମାର ସଦଗତି ସହିତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ଆଇଆର୍‌ସି ଭିଲେଜସ୍ଥିତ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ପରିସରରେ ଦୀପଦାନ।

## ୩୦ ସଂସ୍ଥାକୁ 'କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର'

**ଭୁବନେଶ୍ୱର, ୧୭।୬ (ବନ୍ଦନା ସେଠୀ):** ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଏଣ୍ଡ ଏନ୍‌ଭାଇରନ୍‌ମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ (ଆଇକ୍ୟୁଇଏମ୍‌ଏସ୍)ଓ ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ଶନିବାର 'ପ୍ଲାଷ୍ଟିକ ପ୍ରଦୂଷଣର ସମାଧାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରର ଅଧ୍ୟକ୍ଷ ବିନୋଦ କୁମାର ସ୍ୱାଗତ ଭାଷଣ ପ୍ରଦାନ କରି ଏକ ସ୍ୱଚ୍ଛ, ପ୍ରଦୂଷଣମୁକ୍ତ, ସବୁଜ ପରିବେଶର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପରିବେଶ ସମ୍ବନ୍ଧୀୟ ଉଲ୍ଲେଖନୀୟ ଅବଦାନ ପାଇଁ ୩୦ଟି ସଂସ୍ଥାକୁ 'କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର' ପ୍ରଦାନ କରାଯାଇଥିଲା। ଏଥିସହ ଏକ ସ୍ମାରକୀ ପତ୍ରିକା ଉନ୍ମୋଚନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ସଦସ୍ୟ ସଚିବ ତଥା ନିର୍ଦ୍ଦେଶକ ଡ. କେ. ମୁରୁଗେସନ, ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆର ସ୍ୱାଧୀନ ନିର୍ଦ୍ଦେଶକ ତଥା ଗେଲ୍ ଗ୍ୟାସ ଲିମିଟେଡର ଏକ୍ସଟରନାଲ ମନିଟର ଡ. ଅଶୋକ କୁମାର ତ୍ରିପାଠୀ, ବେଦାନ୍ତ ଲିମିଟେଡ଼ର ବ୍ୟବସାୟ ବିକାଶ କୌଶଳ ବିଭାଗୀୟ ସଭାପତି ଡ. ତପନ କୁମାର ଚାନ୍ଦ ଓ ଟାଟା ଷ୍ଟିଲ ମାଇନିଙ୍ଗ ଲିମିଟେଡ଼ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ କୁମାର ସତିଜା ଯୋଗ ଦେଇଥିଲେ। ଆଇକ୍ୟୁଇଏମ୍‌ଏସର ପରିଚାଳନା ନିର୍ଦ୍ଦେଶକ ତଥା ଆଲୋଚନାଚକ୍ରର ଆବାହକ ଦେବବ୍ରତ ପାଣିଗ୍ରାହୀ ପ୍ଲାଷ୍ଟିକ ପ୍ରଦୂଷଣ ଉପରେ କହିଥିଲେ। ଅଧିକାଂଶ ପ୍ଲାଷ୍ଟିକ୍ ଖାଲୁଆ ସ୍ଥାନରେ ଜମିରହି ପରିବେଶ ଉପରେ କୁପ୍ରଭାବ ପକାଉଛି ବୋଲି କହିଥିଲେ। ଆଇକ୍ୟୁଇଏମ୍‌ଏସ ମୁଖ୍ୟ ପରିଚାଳନା ଅଧିକାରୀ ସୁବ୍ରତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁପ୍ତଗଙ୍ଗାରେ ସାଧୁ ସମ୍ମିଳନୀ



**ପୁରୁଣା ଭୁବନେଶ୍ୱର, ୧୭।୬ (ସୁବାସ ଚନ୍ଦ୍ର ପ୍ରଧାନ):** ଶାନ୍ତିସ୍ତୂପ ଧଉଳି ପାହାଡ଼ର ଗୁପ୍ତଗଙ୍ଗାଠାରେ ଗତ ୧୦ ତାରିଖରୁ ଚାଲିଥିବା ସାଧୁ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ମଠରୁ ନାଗା ସନ୍ନ୍ୟାସୀମାନେ ଏଠାରେ ଭାଗବତ୍ ପାଠ, ସାଧୁ ଅଭ୍ୟର୍ଥନା, ଧ୍ୱଜିସ୍ଥାପନ, ହୋମ ପରେ ପାହାଡ ପରିକ୍ରମା କରିଥିଲେ। ଶନିବାର ବସୁମତି ସ୍ନାନ ଉପଲକ୍ଷେ ଭୂମି ପୂଜନ ଏବଂ ପୂର୍ଣ୍ଣାହୁତି ହୋଇଥିଲା। ଜଗତସିଂହପୁରର ବେଲବଣ ମଠାଧିସ ସନ୍ଥ ରାମାଭିଶେକ ଦାସ ମହନ୍ତ ଏହି ସମ୍ମିଳନୀ ପ୍ରତିଷ୍ଠା କରିଥିଲେ। ଏହି କ୍ଷେତ୍ରରେ ସ୍ୱାମୀ ନିଗମାନନ୍ଦ ପରମହଂସଙ୍କ ଶିଷ୍ୟ ସ୍ୱାମୀ ଶିବାନନ୍ଦ ପରମହଂସ ତପସ୍ୟା ସାଧନା କରିଥିବା କହିଥିଲେ। ଧଉଳି ପଞ୍ଚବଟୀ ଆଶ୍ରମ ମଠାଧିସ ଶୁକାନ୍ତ ବାବା, ଗୁପ୍ତଗଙ୍ଗା ମଠର ମଠାଧିସ ବିନୋଦ ବାବା ଓ ବାବା ଆତ୍ମାରାମ ଦାସଙ୍କ ଆବାହକତ୍ୱରେ ଏହି ସମ୍ମିଳନୀକୁ ସୋମେନ ଦାସ, ସାତସଙ୍ଖ ସୀତାରାମ ଆଶ୍ରମର ବାବା ରଘୁନାଥ ଦାସ, ଖଣ୍ଡଗିରି ଆଶ୍ରମର କୃଷ୍ଣ ମହାରାଜ ପରିଚାଳନା କରିଥିଲେ। ବାଲିଅନ୍ତା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଚୌଧୁରୀ ବିଜୟ କୁମାର ଦାସଙ୍କ ସମେତ ଧବଳେଶ୍ୱର ବ୍ୟବସାୟୀମାନେ ସହଯୋଗ କରିଥିଲେ।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏବିପି ସମ୍ବର୍ଦ୍ଧିତ



**ପୁରୁଣା ଭୁବନେଶ୍ୱର, ୧୭।୬ (ସୁବାସ ଚନ୍ଦ୍ର ପ୍ରଧାନ):** ସମାଜର ତୃଣମୂଳସ୍ତରରେ ସାମାଜିକ କାର୍ଯ୍ୟକ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ନୂଆଗାଁର ଆଞ୍ଚଳିକ ବିକାଶ ପରିଷଦ(ଏବିପି)କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏକାମ୍ର ଗ୍ରାମୀଣ ସାଂସ୍କୃତିକ ପରିଷଦ ପକ୍ଷରୁ ଧଉଳି, ଗ୍ରୀନ ଜୟଦେବ ଫାଉଣ୍ଡେଶନ ପକ୍ଷରୁ ୬୪ ଯୋଗିନୀପୀଠ ଏବଂ ୫୯ନଂ. ୱାର୍ଡର ସାମନ୍ତରାପୁର ଠାରେ ପୃଥକ ଭାବେ ଅନୁଷ୍ଠାନକୁ ଏହି ସମ୍ମାନିତ କରାଯାଇଛି। ଅନୁଷ୍ଠାନର ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଅରୁଣ ପୁରୋହିତ, ପରିବେଶବିତ୍ ଲକ୍ଷ୍ମୀଧର ପ୍ରଧାନ, ଆଲୋକ ସାହୁ ପ୍ରମୁଖ ଉପସ୍ଥିତ ରହି ଏହି ସମ୍ମାନ ଗ୍ରହଣ କରିଥିଲେ।

## ଗବେଷକ ବଳରାମ ମିଶ୍ରଙ୍କ ପରଲୋକ

**ଭୁବନେଶ୍ୱର, ୧୭।୬ (ଶର୍ମିଷ୍ଠା ପାଣିଗ୍ରାହୀ):** ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ବଳରାମ ମିଶ୍ରଙ୍କର ଶୁକ୍ରବାର ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ୮୪ବର୍ଷରେ ପରଲୋକ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିଟକରେ ଧର୍ମପତ୍ନୀ ବିଦ୍ୟୁଲତା, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ଜଣେ ଗାଳ୍ପିକ, ଔପନ୍ୟାସିକ ଓ ପ୍ରାବନ୍ଧିକ ଥିଲେ। କୋଣାର୍କ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ତାଙ୍କର ବହୁ ପୁସ୍ତକ ପ୍ରକାଶିତ ହୋଇ ଭାରତର ବିଭିନ୍ନ ଭାଷାରେ ଅନୁଦିତ ହୋଇଛି। ତାଙ୍କ ବିୟୋଗରେ ଓଡ଼ିଶା ଲେଖକ ସମବାୟ ସମିତିର ସଭାପତି ଡ. ସାତକଡି ହୋତା, ପୂଜ୍ୟପୂଜା ଓଡ଼ିଶାର ସଭାପତି ବିରଜା ପ୍ରସାଦ ଶତପଥୀ, ଶ୍ରୀଜଗନ୍ନାଥ ଆଶ୍ରିତ ମଣ୍ଡଳୀର ସମ୍ପାଦକ ଇଂ. ଗଣେଶ ଚନ୍ଦ୍ର ପଣ୍ଡା, ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ସମ୍ପାଦକ ପୀତବାସ ରାଉତରାୟ, କବିପ୍ରସାଦ ସ୍ମୃତି ପରିଷଦ ସମ୍ପାଦକ ରମାକାନ୍ତ ମିଶ୍ର, ସାରଳାଦାସ ସ୍ମୃତି ସଂସଦର କର୍ମକର୍ତ୍ତା ପ୍ରଦୀପ୍ତ ବିଶ୍ୱାଳ ପ୍ରମୁଖ ଗଭୀର ଶୋକପ୍ରକାଶ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।



## ନବୀନ ନିବାସ ଘେରିବେ ଆଉଟ୍‌ସୋର୍ସିଂ କର୍ମଚାରୀ

**ଭୁବନେଶ୍ୱର, ୧୭।୬ (ଅନୁରାଧା ମହାରଣା) :** ମୋଟା ଅଙ୍କର ଦରମା ଓ ବିଭିନ୍ନ ସରକାରୀ ସୁବିଧାର ଲାଭ ଉଠାଉଥିବା ଅମଲା ଏବଂ ଜନପ୍ରତିନିଧିମାନେ ଶିକ୍ଷିତ ଯୁବକ ଯୁବତୀଙ୍କ ଅଧିକାର କ୍ଷୁଣ୍ଣ କରୁଛନ୍ତି। ଓଡିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ଏପରି ଅଭିଯୋଗ ଆଣିବା ସହ ସରକାରଙ୍କ ଉପରେ ବର୍ଷିଛି। ତୁରନ୍ତ ସ୍ଥାୟୀ ଚାକିରି ଓ ସେପର୍ଯ୍ୟନ୍ତ ଚାକିରି ନିରାପତ୍ତା, ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଓ ଦରମା ବୃଦ୍ଧି ଦାବି ତୁରନ୍ତ ପୂରଣ ନ କଲେ ରାଜ୍ୟ, ଜିଲା, ବ୍ଲକ ଓ ପଞ୍ଚାୟତସ୍ତରରୁ ପ୍ରତିବାଦ ଆରମ୍ଭ ହେବ ବୋଲି ଚେତାବନୀ ଦିଆଯାଇଛି। ମହାସଂଘ ଉପଦେଷ୍ଟା ପ୍ରଭାତ ମହାନ୍ତି ଓ ସଭାପତି ସଞ୍ଜୟ ପଟ୍ଟନାୟକ କହିଛନ୍ତି, ରାଜ୍ୟ ସରକାରଙ୍କ ବିଭିନ୍ନ ଦପ୍ତରରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିବା ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କରିବା ପାଇଁ ମହାସଂଘ ତରଫରୁ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ବାରମ୍ବାର ନିବେଦନ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତେଣୁ ଆସନ୍ତା ୨୩ ତାରିଖରେ ସମସ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପାଇଁ ଡାକରା ଦିଆଯାଇଛି। ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବ। ସପ୍ତାହକ ମଧ୍ୟରେ ଦାବି ପୂରଣ ନ ହେଲେ ଆସନ୍ତା ମାସରେ କାର୍ଯ୍ୟ ବନ୍ଦ କରାଯାଇ ଆନ୍ଦୋଳନକୁ ବ୍ୟାପକ କରାଯିବା ସହ ନବୀନ ନିବାସ ଘେରାଉ କରିବାକୁ ବାଧ ହେବୁ ବୋଲି ସେମାନେ କହିଛନ୍ତି।

## ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ, ଅଂଶୁଘାତ ଆଶଙ୍କା

**ବାରଙ୍ଗ, ୧୭।୬ (ଲିଙ୍ଗରାଜ ରାଉତ):** ନନ୍ଦନକାନନ-ବାରଙ୍ଗ ମୁଖ୍ୟରାସ୍ତା କଡ଼ରୁ ଶନିବାର ଜଣେ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ କେନ୍ଦ୍ରାପଡ଼ା ପଟାମୁଣ୍ଡାଇ ଅଞ୍ଚଳର ସୁକାନ୍ତ ଦାସ(୪୫)। ସେ ଦୀର୍ଘବର୍ଷ ହେବ ନନ୍ଦନକାନନ ଅଞ୍ଚଳରେ ଘରଭଡ଼ା ନେଇ ପରିବାର ସହିତ ରହୁଥିଲେ। ନନ୍ଦନକାନନ ନିକଟରେ ଏକ ହୋଟେଲରେ କାମ କରୁଥିଲା। ସୁକାନ୍ତ କିଛିଦିନ ହେବ ହୋଟେଲକୁ ଯାଉ ନ ଥିଲେ। ପ୍ରକାଶ ଯେ, ଶନିବାର ମଧ୍ୟାହ୍ନ ୧୨ଟା ସମୟରେ ସୁକାନ୍ତ ଏକ ସାଇକେଲ ଯୋଗେ ନନ୍ଦନକାନନ ପଟୁ ବାରଙ୍ଗ ଯାଉଥିବା ବେଳେ ହଠାତ୍ ସାଇକେଲରୁ ପଡିଯାଇଥିଲେ। ଫଳରେ ତାଙ୍କ ପାଟି ଓ ନାକରୁ ରକ୍ତସ୍ରାବ ହେବା ସହ ଚେତାଶୂନ୍ୟ ହୋଇପଡି ରହିଥିଲେ। ସ୍ଥାନୀୟ ଲୋକମାନେ ଦେଖି ନନ୍ଦନକାନନ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସୁକାନ୍ତଙ୍କୁ ଉଦ୍ଧାର କରି ୧୦୮ଆମ୍ବୁଲାନ୍ସ ଯୋଗେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ସୁକାନ୍ତଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ବ୍ୟବଚ୍ଛେଦ ତଥ୍ୟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ।

## ଏମ୍‌ପି ଅପରାଜିତାଙ୍କୁ ଦଳୀୟ କର୍ମୀଙ୍କ ବିରୋଧ

**ଖୋର୍ଦ୍ଧା (ପ୍ରଭାତ ପାଣିଗ୍ରାହୀ)/ ଟାଙ୍ଗୀ, ୧୭।୬ (ରଘୁନାଥ ସାହୁ)**

- ରାସ୍ତାରେ ପଥର ରଖି ଅଟକାଇଲେ
- ସୋସିଆଲ ମିଡିଆରେ ଭିଡିଓ ଭାଇରାଲ

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଓଳସିଂହ ଗ୍ରାମରେ ଏକ ଦଳୀୟ କର୍ମୀ ସମ୍ମିଳନୀରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେବାକୁ ଯାଉଥିବା ବେଳେ ଦଳୀୟ କର୍ମୀମାନେ ବିରୋଧ କରିଛନ୍ତି। କର୍ମୀଙ୍କୁ ଅଣଦେଖା ପ୍ରତିବାଦରେ ଏକାଧିକ ଭାଜପା କର୍ମୀ ଏମ୍‌ପି ଷଡ଼ଙ୍ଗୀଙ୍କୁ ଘେରିଥିଲେ। କର୍ମୀଙ୍କ ବିରୋଧ ଯୋଗୁ ଅପରାଜିତା ଫେରିଯାଇଥିଲେ। ଏ ସଂକ୍ରାନ୍ତୀୟ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ ଓଳସିଂହ ଗ୍ରାମରେ ଏକ ଦଳୀୟ କର୍ମୀ ସମ୍ମିଳନୀରେ ଯୋଗଦେବା ପାଇଁ ଏମ୍‌ପି ଷଡ଼ଙ୍ଗୀ ଯାଉଥିଲେ। ସାଙ୍ଗରେ ଥିଲେ ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର। ତେବେ ବଡ଼ପୋଖରିଆ ମଣ୍ଡଳ ସଭାପତି ବିପିନ ପାଲ୍‌ଟାସିଂ, ଭାଜପା ନେତା ଆଶିଷ ଅରିସଲଙ୍କ ନେତୃତ୍ୱରେ ଏକାଧିକ କର୍ମୀ ହଠାତ୍ ରାସ୍ତାକୁ ଆସି ବିରୋଧ କରିଥିଲେ। ରାସ୍ତା ଉପରେ ପଥର ରଖି ଅବରୋଧ କରିଥିଲେ। ଫଳରେ ଏମ୍‌ପି ଷଡ଼ଙ୍ଗୀ ଗାଡିରୁ ଓହ୍ଲାଇଥିଲେ। ଦଳୀୟ କର୍ମୀ ତାଙ୍କୁ ଘେରିଯିବା ସହ ସମ୍ମିଳନୀକୁ ଦଳୀୟ କର୍ମୀଙ୍କୁ ଡକାନଯିବା, ସେମାନଙ୍କୁ କ୍ରମାଗତ ଭାବେ ଅଣଦେଖା କରାଯାଉଥିବା ଅଭିଯୋଗ କରିଥିଲେ। ଏପରିକି ଅପରାଜିତା ଗୋ-ବ୍ୟାକ ବୋଲି ନାରା ଦେଇଥିଲେ। କାହିଁକି ସେମାନଙ୍କୁ ଦଳୀୟ ବୈଠକକୁ ଡକାଯାଇନାହିଁ ବୋଲି ଏମ୍‌ପିଙ୍କୁ ପ୍ରଶ୍ନ କରିଥିଲେ। କର୍ମୀଙ୍କ ବିରୋଧ ଯୋଗୁ ଅପରାଜିତା ସମ୍ମିଳନୀରେ ଯୋଗ ନ ଦେଇ ଫେରିଯାଇଥିଲେ। ଏ ସମ୍ପର୍କରେ ବଡପୋଖରିଆ ମଣ୍ଡଳ ସଭାପତି ବିପିନ କହିଛନ୍ତି, ଦୀର୍ଘଦିନ ହେବ ଦଳ ପାଇଁ କାମ କରୁଥିବା କର୍ମୀଙ୍କୁ ଏମ୍‌ପିଙ୍କ ଅଣଦେଖା, ମନମୁଖି କାର୍ଯ୍ୟକୁ ନେଇ ପୂର୍ବରୁ ଦଳରେ ଅସନ୍ତୋଷ ରହିଥିଲା। ଓଳସିଂହ ଗ୍ରାମରେ ସ୍ଥାନୀୟ ନେତୃବୃନ୍ଦଙ୍କୁ ବୈଠକକୁ ନ ଡକାଯିବାରୁ ଏମ୍‌ପି ଷଡ଼ଙ୍ଗୀ ଦଳୀୟ କର୍ମୀଙ୍କ ଆକ୍ରୋଶର ଶିକାର ହୋଇଥିଲେ ବୋଲି ସେ କହିଛନ୍ତି। ଆଗାମୀ ଦିନରେ ଏମ୍‌ପି ଷଡ଼ଙ୍ଗୀ ଦଳ ବିରୋଧୀ କାର୍ଯ୍ୟ କଲେ ତୀବ୍ର ବିରୋଧ କରାଯିବ ବୋଲି ଭାଜପା ନେତା ଆଶିଷ କହିଛନ୍ତି। ଅନ୍ୟପକ୍ଷରେ ଏନେଇ ଏମ୍‌ପି ଷଡ଼ଙ୍ଗୀଙ୍କ ମତାମତ ମିଳିପାରି ନାହିଁ।

# ୨୬ରୁ ଏକାମ୍ର ପ୍ରକଳ୍ପ ଭୂମିପୂଜନ, ଶିଳାନ୍ୟାସ ଉତ୍ସବ

- ୩ଦିନ ଧରି ହେବ ଯଜ୍ଞ, ଭଜନ ସମାରୋହ
- ଯୋଗଦେବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୭।୬ (ବନ୍ଦନା ସେଠୀ)**

ବହୁ ପ୍ରତୀକ୍ଷିତ ଏକାମ୍ର ପ୍ରକଳ୍ପର ଭୂମିପୂଜନ ଓ ଶିଳାନ୍ୟାସ ଉତ୍ସବ ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବ। ଏନେଇ ଶନିବାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ସମ୍ମିଳନୀ କକ୍ଷଠାରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ୩ଦିନ ଧରି ହେବାକୁ ଥିବା ଏହି ଉତ୍ସବରେ ଯଜ୍ଞ ଓ ଭଜନ ସମାରୋହ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଲିଙ୍ଗରାଜ ମନ୍ଦିର ସିଂହଦ୍ୱାର ସାମ୍ନା ଉତ୍ତର ପୂର୍ବକୋଣରେ ଯଜ୍ଞ ମଣ୍ଡପ ନିର୍ମାଣ କରାଯିବ। ଦେବୀ ପାଦହରା ପୁଷ୍କରିଣୀ ପାର୍ଶ୍ୱରେ ଭଜନ ସମାରୋହ ନିମନ୍ତେ ବ୍ୟବସ୍ଥା କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଉତ୍ସବରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଲକ୍ଷାଧିକ ଲୋକଙ୍କ ସମାଗମ ଦୃଷ୍ଟିରୁ ଉତ୍ସବକୁ ସୁବ୍ୟବସ୍ଥିତ ତଥା ଶୃଙ୍ଖଳିତ କରିବା ଦିଗରେ ଆଲୋଚନା ହୋଇଥିଲା। ପାର୍କିଂ ଲାଗି ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି।



ବୈଠକରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।

ବୈଠକରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ବିଜ୍ଞାନ ଓ କାରିଗରି କୌଶଳ ଏବଂ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂ, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ, ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଡିସିପି ପ୍ରତୀକ କୁମାର ସିଂହ, ଓବିସିସି ପରିଚାଳନା ନିର୍ଦ୍ଦେଶକ ଜେ.କେ. ଦାଶ, ଲିଙ୍ଗରାଜ ମନ୍ଦିରର ବିଭିନ୍ନ ସେବାୟତ ନିଯୋଗର ପ୍ରତିନିଧି, ମନ୍ଦିର ଟ୍ରଷ୍ଟ ବୋର୍ଡର ସଦସ୍ୟ ଏବଂ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ଦିଲୀପ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଉତ୍ସବ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ସେବାୟତ ନିଯୋଗର ପ୍ରତିନିଧି ଓ ସ୍ଥାନୀୟ କର୍ପୋରେଟରମାନେ ଏହି ଐତିହ୍ୟସମ୍ପନ୍ନ ଉତ୍ସବର ସଫଳ ଆୟୋଜନ ନିମନ୍ତେ ସମସ୍ତ ସହଯୋଗ କରିବେ ବୋଲି ଜଣାଇଥିଲେ।

ଏକାମ୍ର କ୍ଷେତ୍ରର ଗୌରବମୟ ଐତିହ୍ୟର ସଂରକ୍ଷଣ ପାଇଁ ଗତବର୍ଷ ରାଜ୍ୟ ସରକାର 'ଏକାମ୍ର କ୍ଷେତ୍ର ପ୍ରକଳ୍ପ'ର ଘୋଷଣା କରିଥିଲେ। ଏହା ପ୍ରକଳ୍ପରେ ସୁଦୃଶ୍ୟ ପ୍ରବେଶ ପଥ, ବିନ୍ଦୁସାଗର ପୁନରୁଦ୍ଧାର, ଅତ୍ୟାଧୁନିକ ପାର୍କିଂ, ଲିଙ୍ଗରାଜ ଐତିହ୍ୟ ପ୍ରକଳ୍ପ, କେଦାରଗୌରୀ ଓ ମୁକ୍ତେଶ୍ୱର ପରିସରର ବିକାଶ ଓ ବିଭିନ୍ନ ସୁବିଧା ସୁଯୋଗ, ଇ-ଅଟୋ ସେବା, ଐତିହ୍ୟ ବ୍ୟାଖ୍ୟାନ କେନ୍ଦ୍ର, ଯାତାୟାତର ସୁବିଧା ପାଇଁ ତାଳେଶ୍ୱର ଛକରୁ ବଢେଇବାଙ୍କ ଛକ ପର୍ଯ୍ୟନ୍ତ ରାସ୍ତା, ୪ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା, ଶ୍ରୀ ଲିଙ୍ଗରାଜ ମନ୍ଦିର ସାମ୍ନାରେ ଉଦ୍ୟାନ ନିର୍ମାଣ ସହିତ ସୌନ୍ଦର୍ଯ୍ୟକରଣ, ମନ୍ଦିର ଚାରି ପାଖରେ ପରିକ୍ରମା ପଥ ନିର୍ମାଣ ଲାଗି ପରିକଳ୍ପନା କରାଯାଇ ଯୋଜନା ପ୍ରସ୍ତୁତ କରାଯାଇଛି। ଶ୍ରୀ ଲିଙ୍ଗରାଜ ଐତିହ୍ୟ ପ୍ରକଳ୍ପ ଅଧୀନରେ ଭକ୍ତମାନେ ଯେପରି ସୁବିଧାରେ ଦର୍ଶନ କରିପାରିବେ, ସେଥିପାଇଁ ବ୍ୟବସ୍ଥା କରାଯିବ। ପର୍ଯ୍ୟଟକଙ୍କ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଲାଗି ପଦକ୍ଷେପ ନିଆଯିବ। ଓଡ଼ିଶା ସେତୁ ନିର୍ମାଣ ନିଗମ (ଓବିସିସି) ଦ୍ୱାରା ଏହି ଐତିହ୍ୟ ପ୍ରକଳ୍ପ କରାଯିବାକୁ ରାଜ୍ୟ କ୍ୟାବିନେଟ ପୂର୍ବରୁ ଅନୁମୋଦନ କରିଛି।

### ଏକାମ୍ର ପ୍ରକଳ୍ପ ପାଇଁ ଖାଲି ହୋଇପାରୁନି ମନ୍ଦିର ପାର୍ଶ୍ୱ ଅଞ୍ଚଳ

ଏକାମ୍ର ପ୍ରକଳ୍ପ ଭୂମିପୂଜନ ଓ ଶିଳାନ୍ୟାସ ଉତ୍ସବ ଆସନ୍ତା ୨୬ ତାରିଖରୁ ୩ଦିନ ଧରି ହେବାକୁ ଯାଉଛି। ଏହି ପ୍ରକଳ୍ପ ଅନ୍ତର୍ଗତ ଶ୍ରୀ ଲିଙ୍ଗରାଜ ମନ୍ଦିର ଏବଂ ଏହାର ଆଖପାଖରେ ଥିବା ମନ୍ଦିରର ଉନ୍ନତିକରଣ କରାଯିବ। ମାତ୍ର ପ୍ରକଳ୍ପ କାର୍ଯ୍ୟ ପାଇଁ ପାଖରେ ଥିବା ପ୍ରାୟ ୨୩ଏକର ପରିମିତ ଘରୋଇ ଜମି ଏବଂ ସରକାରୀ ଜମିରେ ଥିବା ଜବରଦଖଲ ବାଧକ ସାଜିଥିଲା। ତେଣୁ ପ୍ରକଳ୍ପ ପାଇଁ ଜମିକୁ ଖାଲି କରିବା ପାଇଁ ବିଏମ୍‌ସିକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଏବେ ସୁଦ୍ଧା ସମ୍ପୃକ୍ତ ଅଞ୍ଚଳକୁ ଖାଲି କରିବାରେ ବିଏମ୍‌ସି ସଫଳ ହୋଇପାରି ନାହିଁ। ୨୩ ଏକରରୁ ୧୬ଏକର ସରକାରୀ ଜମି ରହିଥିବାବେଳେ ୭ ଏକର ଘରୋଇ ଜମି ରହିଛି। ଘରୋଇ ଜମିରୁ ସମ୍ପୃକ୍ତ ଜମି ମାଲିକଙ୍କୁ ଆବଶ୍ୟକ ମୂଲ୍ୟ ଦିଆଯାଇ କେବଳ ଏବେ ସୁଦ୍ଧା ପ୍ରାୟ ୩ଏକର ଖାଲି କରାଯାଇଛି। ଅପରପକ୍ଷେ ସରକାରୀ ଜମି ଉପରେ ଜବରଦଖଲ କରିଥିବା ଅଧିକାଂଶ ବ୍ୟକ୍ତିଙ୍କୁ ହଟାଇ ଦିଆଯାଇଛି। ମାତ୍ର ଏହାକୁ ସମ୍ପୂର୍ଣ୍ଣ ଖାଲି କରିବା ପାଇଁ ଆହୁରି ୨ମାସ ସମୟ ଲାଗିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ବହୁ ପ୍ରତୀକ୍ଷିତ ଏକାମ୍ର ପ୍ରକଳ୍ପର ଭୂମି ପୂଜନ ପରେ ମଧ୍ୟ ଯଥାଶୀଘ୍ର କାମ ଆରମ୍ଭ ହେବା ନେଇ ସନ୍ଦେହ ଉପୁଜିଛି।

## ସଂକ୍ଷେପରେ

### ନଦୀରୁ ମିଳିଲା ଶିଶୁକନ୍ୟା ମୃତଦେହ

ଗୋପ,୧୭।୬(ଭାରତୀ ଭୂଷଣ ଉପାଧ୍ୟାୟ): ଗୋପ ଅନ୍ତର୍ଗତ କୁଶଭଦ୍ରା ନଦୀରେ ଭାସୁଥିବା ଗୋଟିଏ ନବଜାତ ଶିଶୁକନ୍ୟାର ମୃତଦେହକୁ ଶନିବାର ମଧ୍ୟାହ୍ନରେ ଗୋପ ପୋଲିସ ପକ୍ଷରୁ ଉଦ୍ଧାର କରାଯାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୩) ରୁଜୁ କରି ତଦନ୍ତ ଚଳାଇଛି ବୋଲି ତଦନ୍ତକାରୀ ଅଧିକାରିଣୀ ସବିତା କିରୋ କହିଛନ୍ତି। ପ୍ରକାଶ ଯେ, ସକାଳେ ଗୋପ -ବାଲିଘାଇ ରାସ୍ତାର ମା' ଅଡଙ୍ଗେଇ ପୀଠ ନିକଟସ୍ଥ ନଦୀରେ ଜଣେ ନବଜାତ ଶିଶୁର ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବରପାଇ ପୋଲିସ ସ୍ଥାନୀୟ ଅଗ୍ନି ବିଭାଗର କର୍ମଚାରୀଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚି ନବଜାତ ଶିଶୁର ମୃତଦେହକୁ କୂଳକୁ ଅଣାଯିବା ପରେ ଶିଶୁଟି କନ୍ୟା ବୋଲି ଜଣାପଡିଥିଲା। ପୋଲିସ ଏହି ନବଜାତ ଶିଶୁକନ୍ୟାକୁ ଚାରିଛକ ଡାକ୍ତରଖାନାକୁ ନେଇ ବ୍ୟବଚ୍ଛେଦ କରିବା ପରେ ନିକଟସ୍ଥ ଶ୍ମଶାନରେ ପୋତିଥିଲା। ତେବେ ଶିଶୁକନ୍ୟାଟି କାହାର, ନଦୀରେ କିଭଳି ଆସିଲା ସେନେଇ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଗୋପ ଅଞ୍ଚଳରେ କେତେକ ନର୍ସିଂ ହୋମରେ ଏପରି ଅବାଧ ଭାବେ ଶିଶୁ ଭ୍ରୂଣ ହତ୍ୟା କରାଯାଉଥିବା ଅଭିଯୋଗ ହେଉଥିବାବେଳେ ଏବେ ନଦୀରେ ଏହି ଶିଶୁ ମିଳିଥିବାରୁ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରାଯାଇଛି।

### ସେବାୟତଙ୍କ ସହ ଆଲୋଚନା କଲେ ମୁଖ୍ୟ ଶାସନ ସଚିବ

ପୁରୀ, ୧୭।୬(ଅଜିତ୍ ମହାନ୍ତି) : ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଆଉ ଦୁଇଦିନ ଥିବା ବେଳେ ମହାପ୍ରଭୁଙ୍କ ନୀତି କିପରି ଶୃଙ୍ଖଳିତ ହେବ ସେ ନେଇ ମୁଖ୍ୟ ଶାସନ ସଚିବ ଶନିବାର ଶ୍ରୀମନ୍ଦିର ଯାଇ ବିଭିନ୍ନ ନିଯୋଗ ସହ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଂଜନ କୁମାର ଦାସ ଙ୍କ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ତେବେ ବୈଠକ ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା କହିଛନ୍ତି କି ରବିବାର ଠାରୁ କିପରି ମହାପ୍ରଭୁଙ୍କ ନୀତି ଠିକ୍ ସମୟରେ ହେବ। ଯାହାର ପାଳି ରହିଛି ସେ ଆଗରୁ ଆସି ଉପସ୍ଥିତ ରହିବେ ।ଯେପରୀ କାହାକୁ ଡାକାଯିବ କୁ ପଡିବ ନାହିଁ। ସଠିକ ଭାବରେ ନୀତି ସମ୍ପାଦନ କରିବେ ସେ ନେଇ ଆଲୋଚନା ହୋଇଥିଲା। ସମସ୍ତେ ପ୍ରତିଶୃତି ଦେଇଛନ୍ତି ମହାପ୍ରଭୁଙ୍କ କାର୍ଯ୍ୟକୁ ସୂଚାର ରୂପେ କରିବା ପାଇଁ। ତେବେ ମହାପ୍ରଭୁଙ୍କ ଇଚ୍ଛା ଅନୁଯାୟୀ ସମସ୍ତ କାର୍ଯ୍ୟ ହୋଇଥାଏ। ପ୍ରସ୍ତୁତ ହୋଇଥିବା ନୀତି ନିଘଣ୍ଟ ଅନୁଯାୟୀ ନୀତି ସମ୍ପାଦନ ହେବ। ନୀତି ସଅଳ ହେବ କିନ୍ତୁ ଡେରୀରେ ନିତି ନକରିବା ପାଇଁ ସେବାୟତ ମାନେ ପ୍ରତିଶୃତି ଦେଇଛନ୍ତି। ସେହିପରି ନବଯୌବନ ଦର୍ଶନ ନେଇ ଭକ୍ତ ମାନଙ୍କୁ ସୂଚନା ଦିଆଯାଇଛି। ଚଳିତ ଥର ଉଭା ନଥିବାରୁ ନବଯୌବନ ଦର୍ଶନ ଦିନ ନୀତି ବିଳମ୍ବ ହେଲେ ସବୁ ନୀତି ବିଳମ୍ବ ହୋଇଯିବ । ପ୍ରଶାସନ ନେଇଥିବା ନିଷ୍ପତ୍ତି ଅନୁଯାୟୀ ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଦାୟା ଓ ଆଶିବାଦରୁ ମହାପ୍ରଭୁଙ୍କ ନୀତି ନିର୍ଦ୍ଧାରିତ ସମୟରେ ସମ୍ପନ୍ନ ହେବ। ତେବେ ନବଯୌବନ ଦର୍ଶନ ସମୟ କମ ଥିବାରୁ ନିର୍ଦ୍ଧାରିତ ସମୟରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଅନ୍ୟ ମାନଙ୍କୁ ମଧ୍ୟ ଦର୍ଶନ କରିବା ପାଇଁ ସୁଯୋଗ ଦେବା ପାଇଁ ସେ ସମସ୍ତ ଭକ୍ତମାନଙ୍କୁ ଜେନା ଅନୁରୋଧ କରିଛନ୍ତି।

# ବରୁଣେଇ ରଜ ମହୋତ୍ସବ ଉଦ୍‌ଯାପିତ

ଖୋର୍ଦ୍ଧା,୧୭।୬(ପ୍ରଭାତ ପାଣିଗ୍ରାହୀ)


ବରୁଣେଇ ରଜ ମହୋତ୍ସବର ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା ଜିଲା ପ୍ରଶାସନ ସହଯୋଗରେ ସାମାଜିକ ଅନୁଷ୍ଠାନ 'ଦିଶାନ୍ତ' ଆନୁକୂଲ୍ୟରେ ସ୍ଥାନୀୟ ବରୁଣେଇ ପୀଠରେ ୩ଦିନ ଧରି ଚାଲିଥିବା ୧୫ତମ ରଜ ମହୋତ୍ସବ-୨୦୨୩ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଦିଶାନ୍ତର ସଭାପତି ତଥା ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ମିଜିବୁଲ୍ଲା ଖାଁ, ନୟାଗଡ଼ ଜିଲାପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥିଭାବେ ଜିଲାପରିଷଦ ଅଧ୍ୟକ୍ଷା ଖୋର୍ଦ୍ଧା ରୂପଶ୍ରୀରାଣୀ ଗୁମାନସିଂହ, ଓଡ଼ିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ, ରଣପୁର ଏନ୍‌ଏସି ଅଧ୍ୟକ୍ଷା ରଙ୍ଗିନ ମହାନ୍ତି, ଖୋର୍ଦ୍ଧା ପୌରପରିଷଦ ନିର୍ବାହୀ ଅଧିକାରୀ ରିଜ୍‌ୱାନ କିଅକବ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ଲିଙ୍କନ ସୁବୁଦ୍ଧି, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟଙ୍କ ସମେତ କାଉନସିଲରମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତାଲାଭ କରିଥିବା ବ୍ୟକ୍ତି ଏବଂ କୃତୀ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଦିଶାନ୍ତର ସମ୍ପାଦକ ଦିଲୀପ କୁମାର ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ଉପସଭାପତି ନିରଞ୍ଜନ ନାୟକ ବସବରଣୀ ପାଠ କରିଥିଲେ। ସହସମ୍ପାଦକ ସଞ୍ଜୀବ କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗୋମୁଣ୍ଡିଆରେ ସରିଲା ରଜପର୍ବ

କୃଷ୍ଣପ୍ରସାଦ,୧୭।୬ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମା'ସଞ୍ଜୀବ ଦୁର୍ଗା ଯୁବ ସଂସଦ ଗୋମୁଣ୍ଡିଆ ପକ୍ଷରୁ ୩ଦିନ ଧରି ଚାଲିଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ୪ଟି ଟିମ୍‌କୁ ନେଇ ଗୋମୁଣ୍ଡିଆ ୫ମ ବାର୍ଷିକ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ହୋଇଥିଲା। ପି.କେ. ଟାଇଗର ଓ ସୁପରକିଲର ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ପି.କେ. ଟାଇଗର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮୯ରନ ସଂଗ୍ରହ କରିଥିଲା। ଜବାବରେ ସୁପରକିଲର ଟିମ୍ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଅଶୋକ ସାମଲ, ବୁଲାମଣି ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ସୁରେଶ ଚନ୍ଦ୍ର ସାହୁ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ଶିବ ପ୍ରସାଦ ନାୟକ ସ୍କୋରରେ ସହାୟତା କରିଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ କୃଷ୍ଣପ୍ରସାଦ ଥାନା ଆଇଆଇସି ଶରତ କୁମାର ନାୟକ, ସମ୍ମାନିତ ଅତିଥି ବ୍ଲକ ଏଲ୍‌ପିଜି ଗ୍ୟାସ୍ ବିତରକ ଦୁଷ୍ମନ୍ତ କୁମାର ନାୟକ, ଶିକ୍ଷାବିତ୍ ଗଣେଶ୍ୱର ନାୟକ, ଗ୍ରାମ୍ୟ କମିଟି ସମ୍ପାଦକ ସାଧୁ ଚରଣ ନାୟକଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ଅନୁଷ୍ଠାନର ସଦସ୍ୟ ବିଷ୍ଣୁ ଚରଣ ବେହେରା ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ଗ୍ରାମର ମହିଳା ଓ ଯୁବତୀଙ୍କୁ ନେଇ ପୁଚି, ମେହେନ୍ଦି, ଝୋଟି ଆଦି ପ୍ରତିଯୋଗିତା ହୋଇଥିଲା। ସଞ୍ଜୀବ ଦୁର୍ଗା ଯୁବ ସଂସଦ ସଭାପତି ସନ୍ତୋଷ ଜେନା, ସମ୍ପାଦକ ପବିତ୍ର ନାୟକ, ସଭ୍ୟ ଗଣେଶ୍ୱର ଜେନା, ଦୀପକ ଦାସ, ସୁଶାନ୍ତ ସାହୁ, ବିପିନ ଦାସ, ଜିତେନ୍ଦ୍ର ଜେନା ପ୍ରମୁଖ ଉତ୍ସବ ଆୟୋଜନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

# ପରମ୍ପରା, ମନୋରଞ୍ଜନକୁ ଉଜ୍ଜୀବିତ କରେ ମହୋତ୍ସବ


ଅତିଥିଙ୍କ ଗହଣରେ ରଜରାଣୀ, କୃତୀ ପ୍ରତିଯୋଗୀ ଏବଂ ଅନ୍ୟମାନେ।

ବେଗୁନିଆ,୧୭।୬(ହରପ୍ରସନ୍ନ ପଣ୍ଡା)

ଭାଇଚାରା ଓ କୃଷିଭିତ୍ତିକ ଗଣପର୍ବ ରଜ ମହୋତ୍ସବ ବେଗୁନିଆ ବ୍ଲକର ପୁରପଲ୍ଲୀରେ ପାଳନ କରାଯାଇଥିଲା। ଶନିବାର ଏହି ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ତେବେ ବ୍ଲକର କଣ୍ଠାବାଡ, ତୁଳସୀପୁର, ଗୁଡୁମ, ଡାଳତୋଳା, ଗଡ଼ମାଣତୀର, ରାଉତପଡା ଆଦି ବିଭିନ୍ନ ଗ୍ରାମରେ ଉତ୍ସାହର ସହ ପାଳନ ହୋଇଥିଲା। ସେହିପରି ବେଗୁନିଆ ସଦର ମହକୁମାସ୍ଥିତ ପ୍ରଭୁ ଦଧିବାମନ ଦେବଙ୍କ ଆମ୍ରକାନନ ପରିସରରେ ରଜ ମହୋତ୍ସବ ପାଳିତ ହୋଇଥିଲା। ପତିତପାବନ ଯୁବକ ସଂଘ ଆନୁକୂଲ୍ୟରେ ୪ଦିନ ଧରି ଚାଲିଥିବା ମହୋତ୍ସବ ଉଦ୍‌ଯାପିତ ହୋଇଛି। ମହୋତ୍ସବ କମିଟିର ସଭାପତି ହିମାଂଶୁ ଭୂଷଣ ଦାଶଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ସଭାରେ ବେଗୁନିଆ ତହସିଲଦାର ପ୍ରଧାନ ଟୁଲ୍ଲୀ ଆମ୍ମା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ବକ୍ତା ଏବଂ ଡା.ମଧୁସୂଦନ ସୁବୁଦ୍ଧି, ସମ୍ପାଦକ ଗଙ୍ଗାଧର ମାର୍ଥା ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳର ପରମ୍ପରା ସଂସ୍କୃତିକୁ ଲୋକେ ଏବେ ମଧ୍ୟ ଭୁଲି ନାହାନ୍ତି। ପର୍ବପର୍ବାଣି ଆସିଲେ ଗ୍ରାମରେ ଗଠିତ କମିଟି ପକ୍ଷରୁ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଦ୍ୱାରା ଭାଇଚାରାର ଉଦାହରଣ ସୃଷ୍ଟି କରେ। ଆୟୋଜକ କମିଟିର ଉପଦେଷ୍ଟା ଦିବାକର ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବଂଶୀଧର ସ୍ମୃତି ସଂସଦ ପକ୍ଷରୁ ଶ୍ରେଷ୍ଠ ବିବେଚିତ ରଜରାଣୀ ଶ୍ରାବଣୀ ଶୁଭଦର୍ଶିନୀ ବିଶୋୟୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସାହେବାଣୀ ସ୍ମୃତି ସଂସଦ ପକ୍ଷରୁ ପ୍ରଥମ ରନଅପ ସମର୍ପିତା ମହାପାତ୍ର, ୨ୟ ରନର୍ସଅପ ଶୁଭଶ୍ରୀ ପ୍ରଧାନ ଓ ଶ୍ରେଷ୍ଠ ବିବେଚିତ ନୃତ୍ୟ ଶିଳ୍ପୀ ଶ୍ରାବଣୀ ଶୁଭଦର୍ଶିନୀ ବିଶୋୟୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଦାନବାକ୍ସ ସହ ଟଙ୍କା ଜବତ, ୨ ଗିରଫ

ଡେଲାଙ୍ଗ,୧୭।୬(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅନ୍ତର୍ଗତ ଏକ ମନ୍ଦିରରୁ ହୁଣ୍ଡିବାକ୍ସ ସହ ଟଙ୍କା ଚୋରି କରିବା ଘଟଣାରେ ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ହରିରାଜପୁର ଗ୍ରାମର ଜଗବନ୍ଧୁ ଦାସ(୩୫), ସଂଗ୍ରାମ ସ୍ୱାଇଁ(୨୫)। ସେମାନଙ୍କଠାରୁ ଦାନବାକ୍ସ ସହିତ ୧୮ହଜାର ୬୫୩ ଟଙ୍କା ଜବତ କରାଯାଇଛି। ଘଟଣା ଅନୁଯାୟୀ, ଗତ ୧୫ ତାରିଖ ରାତିରେ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିର ହୁଣ୍ଡିକୁ କେହି ଦୁର୍ବୃତ୍ତ ଚୋରିକରି ନେଇଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ହରିରାଜପୁର ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଡେଲାଙ୍ଗ ପୋଲିସ ନଂ.୧୭୬/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଡେଲାଙ୍ଗ ଥାନା ଅଧୀନ ହରିରାଜପୁର ଫାଣ୍ଡି ଅଧିକାରୀ ଗଦାଧର ନାୟକ ମନ୍ଦିର ପରିସରରେ ଥିବା ସିସିଟିଭିକୁ ଯାଞ୍ଚ କରିବା ପରେ ଅଭିଯୁକ୍ତଦ୍ୱୟଙ୍କ ଟେର ପାଇଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତ ସଂଗ୍ରାମ ଓ ଜଗବନ୍ଧୁଙ୍କୁ ଗିରଫ କରିଥିଲେ।

# ମଦନପୁର ରଜ ମହୋତ୍ସବ ଉଦ୍‌ଯାପିତ


ଅତିଥିମାନେ ଜଣେ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଯାଁଳା,୧୭।୬ (ବୁଲା ବାରିକ)

ରାଜଧାନୀ ଉପକଣ୍ଠ ମଦନପୁର ହାଇସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ରଜ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ପହିଲି ରଜରେ ଗ୍ରାମର ଯୁବତୀ ଓ ମହିଳାମାନେ ସକାଳେ ସ୍କୁଲ ପଡ଼ିଆରେ ଏକାଠି ହୋଇ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିଲେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ କୁନି କୁନି ପିଲାଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଫଟୋ ଉତ୍ତୋଳନ ପାଇଁ ଏକ ସ୍ୱତନ୍ତ୍ର ସେଲ୍ଫିପଏଣ୍ଟ ହୋଇଥିଲା। ଏଥିସହିତ ୮ଟି ଦଳ ମଧ୍ୟରେ ଏକ ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ପ୍ରଫେସର ଚେନୁଶେଖର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳନା ହୋଇଥିଲା। ଏହି ମହୋତ୍ସବର ଦ୍ୱିତୀୟ ଦିବସରେ ଅତିଥିଭାବେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ରାଜ୍ୟ ସଭା ସଦସ୍ୟ ମୁନା ଖାଁ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଖବରଦାତା ବୁଲା ବାରିକ, ପରମାନନ୍ଦ ସାମନ୍ତସିଂହାରଙ୍କ ସମେତ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଉଦ୍‌ଯାପନୀ ଦିବସରେ ତଥା ଶନିବାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଚଳିତ ବର୍ଷ ୭୮ଟି ଦୋଳି ଲାଗିଥିବା ବେଳେ ଆସନ୍ତା ବର୍ଷ ଶହେରୁ ଊର୍ଦ୍ଧ୍ୱ ଦୋଳି ଲଗାଇବା ପାଇଁ ଚେଷ୍ଟା କରିବେ ବୋଲି ମଦନପୁର ପଞ୍ଚାୟତ ରଜ ମହୋତ୍ସବର କର୍ମକର୍ତ୍ତାମାନେ କହିଛନ୍ତି।

# ସରକାରୀ ସ୍ତରରେ ହୋଇନି ପ୍ରସ୍ତୁତି

ସାକ୍ଷୀଗୋପାଳ,୧୭।୬ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)




## ଆଜି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଉତ୍ସବ

ପୁରୀ ଜିଲା ସାକ୍ଷୀଗୋପାଳସ୍ଥିତ ସୁଆଣ୍ଡୋର ସୁଯୋଗ୍ୟ ପୁତ୍ର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୫ତମ ଶ୍ରାଦ୍ଧବାର୍ଷିକୀ ରବିବାର ପାଳନ ହେବାକୁ ଯାଉଛି। ଏ ନେଇ ବିଭିନ୍ନ ସଂଗଠନ, ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି। କିନ୍ତୁ ସରକାର ପକ୍ଷରୁ କୌଣସି ପ୍ରସ୍ତୁତି ହୋଇ ନ ଥିବା ଦେଖିବାକୁ ମିଳିଛି। ପଣ୍ଡିତ ଗୋପବନ୍ଧୁଙ୍କ ତ୍ୟାଗ ଓ ସେବା ଦ୍ୱାରା ଓଡ଼ିଶାର ସମୃଦ୍ଧି ଏବଂ ସାହିତ୍ୟ କ୍ଷେତ୍ରରେ ଉଚ୍ଚକୋଟୀର ହୋଇପାରିଛି। ସେ ଏକା ଧାରାରେ ଜଣେ ସ୍ୱାଧୀନତା ସଂଗ୍ରାମୀ, କବି, ଲେଖକ ସହ ଦୈନିକ ଖବରକାଗଜ ସମାଜ ଏବଂ ସତ୍ୟବାଦୀ ପତ୍ରିକାର ପ୍ରତିଷ୍ଠାତା ଥିଲେ। ସେ ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବାରୁ ଗରିବଙ୍କ ବେଦନା, ଅସହାୟଙ୍କ ଦୁଃଖ ଜାଣିପାରି ସହାୟତା ପାଇଁ ଆଗେଇ ଆସୁଥିଲେ। ଏଥିସହ ସେ ଓଡ଼ିଆ ଭାଷାକୁ ଉଚ୍ଚସ୍ତରକୁ ନେବା ସହ ଓଡ଼ିଶାବାସୀଙ୍କୁ ସ୍ୱାଧୀନତା ଦେବା ପାଇଁ ସଂଘର୍ଷ ଚଳାଇଥିଲେ। ତାଙ୍କ ନେତୃତ୍ୱରେ ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ ପ୍ରମୁଖ ପଞ୍ଚସଖା ମିଶି ସତ୍ୟବାଦୀ ଏବଂ ଓଡ଼ିଶାକୁ ଶିକ୍ଷିତ କରିବା ପାଇଁ ପୁଣ୍ୟତୋୟା ନଦୀ ଭାର୍ଗବୀ କୂଳରେ ମା' ତାରିଣୀଙ୍କ ମନ୍ଦିରରେ ନଦୀ ବାଲି ଧରି ଶପଥ କରିଥିଲେ ଏବଂ ବକୁଳବନରେ ଏକାଠି ହୋଇ ଗଢ଼ିଥିଲେ ବନ ବିଦ୍ୟାଳୟ। ଶେଷରେ ସମାଜ ସେବାରେ ନିଜକୁ ନିୟୋଜିତ କରିଥିବା ପଣ୍ଡିତ ଗୋପବନ୍ଧୁ ଦାସଙ୍କର ୧୯୨୮ ଜୁନ ୧୭ ତାରିଖ ଶ୍ରୀଜଗନ୍ନାଥଙ୍କ ନେତ୍ରୋତ୍ସବ ଦିନ ତାଙ୍କ କର୍ମ ଭୂମି ସତ୍ୟବାଦୀ ବିଦ୍ୟାଳୟ ପରିସରରେ ପରଲୋକ ଘଟିଥିଲା। ଗୋପବନ୍ଧୁ ଦାସଙ୍କ ସେବା, ଆଦର୍ଶ ପ୍ରତିଟି ଓଡ଼ିଆଙ୍କ ପାଇଁ ଆଦର୍ଶ ଥିବାରୁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଗତବର୍ଷ ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ଜନ୍ମପୀଠ ସୁଆଣ୍ଡୋକୁ ଐତିହ୍ୟ ପ୍ରକଳ୍ପ ଭାବେ ଗଢ଼ି ତୋଳିଛନ୍ତି। ବିଭିନ୍ନ ସଂଗଠନ, ଅନୁଷ୍ଠାନ ପକ୍ଷରୁ ରବିବାର ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଉତ୍ସବ ବେଶ୍ ଆଡ଼ମ୍ବର ସହକାରେ ପାଳନ ହେବ। ଏଥିରେ ସ୍କୁଲ, କଲେଜ ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ, ଆତ୍ମୀୟ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଅପରପକ୍ଷେ ଗୋପବନ୍ଧୁଙ୍କ ଜୟନ୍ତୀ ଉତ୍ସବକୁ ସରକାର ଅତି ଜାକଜକମରେ ପାଳନ କରୁଥିବା ବେଳେ ଶ୍ରାଦ୍ଧ ଉତ୍ସବ ପାଳନ ନେଇ ପ୍ରସ୍ତୁତି ହୋଇ ନ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସେହିପରି ଗୋପବନ୍ଧୁଙ୍କ ଜୟନ୍ତୀ, ଶ୍ରାଦ୍ଧ ଉତ୍ସବ ସହ ଅଗଷ୍ଟ୧୫ ଓ ଜାନୁୟାରୀ ୨୬ରେ ଗୋପବନ୍ଧୁ ସଂଗ୍ରହାଳୟ, ଷଠିଘରକୁ ପ୍ରବେଶ ଶୁଳ୍କ ଛାଡ଼ ନିମନ୍ତେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ବିଷ୍ଣୁପ୍ରିୟା ବରାଳ ପ୍ରମୁଖ ଦାବି କରିଛନ୍ତି। ତେବେ ସରକାରୀସ୍ତରରେ ଗୋପବନ୍ଧୁଙ୍କ ଶ୍ରାଦ୍ଧ ଉତ୍ସବ ପାଳନ ସମ୍ପର୍କରେ କୌଣସି ପ୍ରସ୍ତାବ ଆସିନାହିଁ। କିନ୍ତୁ ଆମ ତରଫରୁ ପାଳନ କରିବୁ ବୋଲି ବିଡିଓ ଲୋଚନ ଦାସ ଏବଂ ସତ୍ୟବାଦୀ ଆଇଆଇସି ବିଜୟ କେତନ ବେହେରା ସୂଚନା ଦେଇଛନ୍ତି।

# ୨ ଦିନରେ ୩ ଜଣଙ୍କ ସନ୍ଦେହଜନକ ମୃତ୍ୟୁ

ଯାଁଳା,୧୭।୬ (ବୁଲା ବାରିକ)

## ଅଂଶୁଘାତରେ ସନ୍ଦେହ

ରାଜଧାନୀ ଉପକଣ୍ଠ ଇନ୍‌ଫୋଭ୍ୟାଲି ଥାନା ଅଧୀନ ବିଭିନ୍ନ ଅଞ୍ଚଳରେ ଦୁଇଦିନରେ ୩ଜଣଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଅଂଶୁଘାତରେ ସେମାନଙ୍କର ମୃତ୍ୟୁ ହୋଇଥିବା ସାଧାରଣରେ ଆଲୋଚନା ହେଉଛି। ସୂଚନା ମୁତାବକ, ଗତ ଗୁରୁବାର ଗଙ୍ଗପଡ଼ା ଗୁଡ଼ିଆସାହିର ରମେଶ ଚନ୍ଦ୍ର ସାହୁ(୫୦) ଖରାରେ କାମ କରୁଥିବା ବେଳେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ଘରକୁ ଫେରିଥିଲେ। ଶୁକ୍ରବାର ସକାଳ ୮ଟାରେ ପୁଣି ରମେଶ ଅସୁସ୍ଥତା ଅନୁଭବ କରିବା ସହ ତଳେ ପଡ଼ିଯାଇଥିଲେ। ପରିବାରଲୋକେ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ପୁରୀ ଜିଲା ପିପିଲି ଅଞ୍ଚଳର ସୁଧୀର କୁମାର ମହାପାତ୍ର(୫୦) ଯାଁଳାର ରାଧାଚରଣପୁର ଗ୍ରାମରେ ଭଡାରେ ରୁହନ୍ତି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ସେ ବଜାରରୁ ଘରକୁ ଫେରିବା ପରେ ଅସୁସ୍ଥ ଅନୁଭବ କରିଥିଲେ। ଡାକ୍ତରଖାନା ନେବା ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଶନିବାର ଯାଁଳା ପାଟଣାସାହି ତଥା ଉତ୍ତର ମୁଣ୍ଡମୁହାଣର ଶ୍ୟାମ ବାରିକ ତାଙ୍କ ବାରିପଟେ ପଡିଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାରଲୋକଙ୍କୁ ଜଣାଇଥିଲେ। ହେଲେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା।

# ତଦନ୍ତ ପରେ ପଦକ୍ଷେପ: ମୁଖ୍ୟ ପ୍ରଶାସକ

ପୁରୀ, ୧୭।୬(ଅଜିତ୍ ମହାନ୍ତି)

## ନକଲି ମହାପ୍ରସାଦ ପ୍ରସ୍ତୁତ ଘଟଣା

ପୁରୀ ପାଇକ ସାହିରେ ନକଲି ମହାପ୍ରସାଦ ପ୍ରସ୍ତୁତ କରାଯାଉଥିବା ଅଭିଯୋଗ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ସୁଆର ମହାସୁଆର ନିଯୋଗର କର୍ମକର୍ତ୍ତା ମୁହଁ ଖୋଲିଛନ୍ତି। ଏ ନେଇ ଅଭିଯୋଗକୁ ସୁଆର ମହାସୁଆର ନିଯୋଗର ସମ୍ପାଦକ ନାରାୟଣ ମହାସୁଆର ଖଣ୍ଡନ କରଛନ୍ତି। ନାରାୟଣ କହିଛନ୍ତି ଯେ, ଅନେକ ସ୍ଥାନରେ କୁଡୁଆରେ ରନ୍ଧାଯାଉଛି। ପ୍ରସାଦ ଭାବେ ଲୋକଙ୍କୁ ପ୍ରଦାନ କରାଯାଉଛି। ବର୍ଷସାରା ଏପରି ବିଭିନ୍ନ ସ୍ଥାନରେ ହେଉଛି। ତେବେ ଯେଉଁଠାରେ ଏପରି କୁଡୁଆରେ ରନ୍ଧାଯାଇ ବିକ୍ରି କରାଯାଉଛି, ତାହାକୁ ମହାପ୍ରସାଦ ନୁହେଁ ପ୍ରସାଦ କହି ବିକ୍ରି କରାଯାଉଛି। ଗଣାଲାଗି ଦିନ ଭକ୍ତ ହୁଅନ୍ତୁ ବା ପୁରୀବାସୀ ସେମାନେ ସେମାନଙ୍କ କାର୍ଯ୍ୟ ପାଇଁ ବିଭିନ୍ନ ଠାକୁରଙ୍କ ନିକଟରେ ରାନ୍ଧି ଭୋଗ କରି ପ୍ରସାଦ ଭାବେ ପାଇଥାନ୍ତି। ଶୁକ୍ରବାର ଯେଉଁ ଘଟଣା ଘଟିଛି, ସମ୍ପୃକ୍ତ ବ୍ୟକ୍ତି ବରାଦ ଦେଇଥିଲେ। ସେ ମଧ୍ୟ ଅନ୍ୟ ଠାକୁରଙ୍କ ନିକଟରେ ରାନ୍ଧି ତାଙ୍କୁ ପ୍ରସାଦ ଦେବା ପାଇଁ କହିଥିଲେ। ତେଣୁ ଯିଏ ବି ରାନ୍ଧିଥିଲେ ତାଙ୍କର କୌଣସି ଭୁଲ ନାହିଁ। ନୃସିଂହ ମନ୍ଦିର ଠାରୁ ଆରମ୍ଭ କରି ବାରବାଟୀ ଯାଗାରେ ମାଟିହାଣ୍ଡିରେ ପ୍ରସାଦ ରନ୍ଧାଯାଇ ଲୋକଙ୍କୁ ପ୍ରଦାନ କରାଯାଇଛି। ତେବେ ଶ୍ରୀମନ୍ଦିରରେ ରନ୍ଧାଯାଇ ମହାପ୍ରଭୁଙ୍କ ନିକଟରେ ଭୋଗ କରାଯାଇ ଉକ୍ତ ଭୋଗକୁ ମା' ବିମଳାଙ୍କୁ ଅର୍ପଣ କରାଯିବା ପରେ ତାହାକୁ ମହାପ୍ରସାଦ କୁହାଯାଇଥାଏ। ମାତ୍ର ଶ୍ରୀମନ୍ଦିର ବାହାରେ ଯେ କୌଣସି ଠାକୁରଙ୍କ ନିକଟରେ କୁଡୁଆରେ ଭୋଗ ପ୍ରସ୍ତୁତ କରାଗଲେ ତାହାକୁ ମହାପ୍ରସାଦ କୁହାଯାଏ ନାହିଁ। ବରଂ ତାହାକୁ ପ୍ରସାଦ କୁହାଯାଇଥାଏ। ଶୁକ୍ରବାର ଯେଉଁ ରୋଷେଇ କରାଯାଉଥିଲା, ତାହା ଅବଢ଼ା ନୁହେଁ ବରଂ ଶଙ୍ଖୁଡ଼ି ଭୋଗ ଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚରାଉଚରା କରାଯିବାରୁ ସେ ପ୍ରସାଦ ବୋଲି କହିଥିଲେ।

# ସାପ କାମୁଡ଼ାରେ ୬ ବର୍ଷରେ ୬୩୫୧ ଜଣଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୭।୬ (ବନ୍ଦନା ସେଠୀ)



ସର୍ପ ଦଂଶନ ସୁରକ୍ଷା କର୍ମଶାଳାରେ ସୂଚନା ଦିଆଯାଉଛି।

ଓଡ଼ିଶାରେ ପ୍ରତିବର୍ଷ ସାପ କାମୁଡାଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଓସ୍‌ଡମା ପରିସଂଖ୍ୟାନ ଅନୁଯାୟୀ, ୨୦୧୫ରୁ ୨୦୨୧ ମଧ୍ୟରେ ସାପ କାମୁଡ଼ାରେ ୬୩୫୧ ବ୍ୟକ୍ତିଙ୍କ ଜୀବନ ଯାଇଛି। ଗଞ୍ଜାମ ଜିଲାରୁ ସର୍ବାଧିକ ୩୦୭ ଜଣଙ୍କ ମୃତ୍ୟୁ ଘଟିଛି।୨୦୧୫ରେ ରାଜ୍ୟରେ ମୋଟ ୫୨୨ ସର୍ପାଘାତ ମୃତ୍ୟୁ ହୋଇଥିବାବେଳେ ୨୦୨୧ରେ ଏହା ଦୁଇଗୁଣ ଅଧିକ ଥିଲା ଅର୍ଥାତ୍ ୧୧୫୯ଜଣଙ୍କ ମୃତ୍ୟୁ ଘଟିଥିଲା। ସର୍ପାଘାତଜନିତ ୪ଲକ୍ଷ ଟଙ୍କା କ୍ଷତିପୂରଣ ପାଇଥିବା ଲୋକଙ୍କ ତାଲିକା ଅନୁଯାୟୀ ଏହି ସଂଖ୍ୟା ପ୍ରଦାନ କରାଯାଇଛି। ମାତ୍ର ସ୍ନେକ ହେଲ୍ପ ଲାଇନର ଅନୁଶୀଳନ ଅନୁଯାୟୀ, ପ୍ରକୃତ ମୃତ୍ୟୁସଂଖ୍ୟା ଏହାଠାରୁ ଢେର୍ ଅଧିକ। କାରଣ ଅନେକ ସାପ କାମୁଡା ମୃତ୍ୟୁକୁ ନେଇ ଅଭିଯୋଗ କିମ୍ବା ବ୍ୟବଚ୍ଛେଦ ହୋଇ ନ ଥିବାରୁ ତାହା ଚପି ଯାଉଛି। ତେବେ ସର୍ପାଘାତ ମୃତ୍ୟୁକୁ ରୋକିବା ବଡ଼ ଚ୍ୟାଲେଞ୍ଜ ହୋଇଥିବାବେଳେ ଏ କ୍ଷେତ୍ରରେ ସାପ ଧରାଳିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ ଜନବସତି ମଧ୍ୟରୁ ବିଷଧର ସାପଙ୍କୁ ଉଦ୍ଧାର କରି ଅନ୍ୟତ୍ର ସୁରକ୍ଷିତ ଭାବରେ ସ୍ଥାନାନ୍ତର କରୁ ନ ଥିଲେ ରାଜ୍ୟରେ ବାର୍ଷିକ ସାପ କାମୁଡା ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଉଥାନ୍ତା ବୋଲି ମତ ପ୍ରକାଶ ପାଇଛି।

ଶନିବାର ସ୍ନେକ ହେଲ୍ପଲାଇନ୍ ପକ୍ଷରୁ ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ 'ସର୍ପାଘାତ ସୁରକ୍ଷା କର୍ମଶାଳା' ଅନୁଷ୍ଠିତ ହୋଇଥିଲା।

## ଗଞ୍ଜାମ ଜିଲାରେ ସର୍ବାଧିକ

ଏମ୍‌ସ ଭୁବନେଶ୍ୱରର ଫୋରେନ୍‌ସିକ ମେଡିସିନ୍ ଓ ଟକ୍ସିକୋଲୋଜି ବିଭାଗର ଅତିରିକ୍ତ ପ୍ରଫେସର ଡା. ସୁଦୀପ୍ତ ରଞ୍ଜନ ସିଂହ ଯୋଗଦେଇ, ସାପ ଦେହରୁ ମଣିଷକୁ ସଂକ୍ରମିତ ହେଉଥିବା ଜୁନୋଟିକ ରୋଗ ଏବଂ ଆଖିରେ ସାପ ବିଷ ପଡିଲେ ତାହାର ପ୍ରାଥମିକ ଚିକିତ୍ସା ବିଷୟରେ ବୁଝାଇଥିଲେ। ବିଏମ୍‌ସି ଡାକ୍ତରଖାନାର ମେଡିସିନ୍ ସ୍ପେଶାଲିଷ୍ଟ ଡା. ନିରଞ୍ଜନ ପାଢୀ ସାପ କାମୁଡାର ପ୍ରାଥମିକ ଚିକିତ୍ସା ସହିତ ଗୋଲ୍ଡେନ ଆୱାର୍‌ର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ କଟକ ଏସ୍‌ସିବି ମେଡିକାଲର ମେଡିସିନ୍ ବିଭାଗ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡା. ଜୟନ୍ତ କୁମାର ପଣ୍ଡା ସାପ କାମୁଡାର ଡାକ୍ତରୀ ଚିକିତ୍ସା, ଆଣ୍ଟିଭେନମ, ଆଇସିୟୁ ଓ ସାପ ଧରାଳିମାନେ ବିକଳାଙ୍ଗ ହେବାରୁ କିପରି ବଞ୍ଚିବେ ସେ ନେଇ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗର ନୋଡାଲ ଅଫିସର (ସ୍ନେକ୍ ବାଇଟ୍) ଡା. ସୁରଜିତ ଗରାବଡୁ ରାଜ୍ୟରେ ସାପ କାମୁଡା ଚିକିତ୍ସା ପାଇଁ ସରକାରୀସ୍ତରରେ ରହିଥିବା ମାଗଣା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ସ୍ନେକ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ତଥା ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ଉପସ୍ଥିତ ରହି ସାପଧରାଳି ଏବଂ ସାପଙ୍କ ପାଇଁ ରହିଥିବା ସୁରକ୍ଷା ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ। ସ୍ନେକ ହେଲ୍ପଲାଇନ୍ ସଭାପତି ଡା. ସୌର୍ଯ୍ୟ ରଞ୍ଜନ ପରିଜା କର୍ମଶାଳାରେ ବିଶେଷଜ୍ଞମାନେ ଦେଇଥିବା ପରାମର୍ଶ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। କର୍ମଶାଳାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୯୦ଜଣ ସାପ ଉଦ୍ଧାରକାରୀ ଯୋଗଦେଇଥିଲେ।



ପୁରୀର ଶିଳ୍ପୀ ଶାଶ୍ୱତ ରଞ୍ଜନଙ୍କ ଦ୍ୱାରା ଦିଆସିଲି କାଠିରେ ପ୍ରସ୍ତୁତ ୩ ରଥ ।



ପୁରୀ ପାନ୍ଥନିବାସ ପରିସରରେ ଅନୁଷ୍ଠିତ ଚିତ୍ରକଳା ଶିବିରରେ ଜଣେ ଶିଳ୍ପୀ ମହାପ୍ରଭୁଙ୍କ ମହାପ୍ରସାଦ ଚିତ୍ର ଆଙ୍କୁଛନ୍ତି ।

## ୩ ରଥରେ ପାର୍ଶ୍ୱ ଦେବଦେବୀ, ହଂସପଟା ସଂଯୋଗ



**ପୁରୀ, ୧୭।୬(ଅଜିତ୍ ମହାନ୍ତି):**

### ରଥଖଳାରୁ ...

ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ତିନିରଥର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମହାରଣା ସେବକ ଏବଂ ଭୋଇସେବକମାନେ ରଥ ତିନିପାର୍ଶ୍ୱରେ ଲାଗିଥିବା ତିନୋଟି ଲେଖାଏ ୯ଟି ଜଳଯନ୍ତ୍ରର ଖାପରେ ପାର୍ଶ୍ୱ ଦେବଦେବୀ ଓ ଶିଖର ଡମ୍ବରୁ (ଆସ୍ଥାନ) ସଂଯୋଗ କରିଛନ୍ତି। ତିନିରଥର ଠେକେରା ବାଡ଼ ଦାଢ଼ ଅଂଶରେ ହଂସପଟା ବାଡ଼ିଆ ସରିଛି। ଏହାପରେ ଠେକେରା ବାଡ଼ ବୁଲାଯିବ। ଦରଜି ସେବକମାନେ ତିନିରଥର କନା ଯୋଡ଼ା କାମ ସାରି କୋଠ ସୁଆଁସିଆ ସେବକମାନଙ୍କୁ ଯୋଗାଇଛନ୍ତି। କୋଠ ସୁଆଁସିଆ ସେବକମାନେ ରଥରେ କନା ପକା କାର୍ଯ୍ୟ ଆରମ୍ଭ କରିଛନ୍ତି। ପ୍ରଥମେ ତାଳଧ୍ୱଜ ରଥର ଚାରିପାର୍ଶ୍ୱ ଦୁଆରବେଢ଼ାରେ ଏବଂ ପରେ ରଥର ବତା ଓ ପୋଟଳ ଆଦିରେ କନା ପଡ଼ିବ। ତିନିରଥର ଦୁଇଟି ଲେଖାଏ ବ୍ରେକ ପୁଲି ଲାଗିବା ସହ ବ୍ରେକଗୁଡିକର ତଳ ପାର୍ଶ୍ୱ ଆବଶ୍ୟକ ମରାମତି ପରେ ରବର ମ୍ୟାଟ ବାଡ଼ିଆ ଚାଲିଛି। ତିନିରଥର ଘୋଡାଗୁଡିକର ସଂଯୋଗ ସ୍ଥାନଗୁଡ଼ିକରେ ଘୋଡ଼ା ବାଗିଆ କଣ୍ଟା ବସି ରଙ୍ଗ କାର୍ଯ୍ୟ ଶେଷ ହୋଇଛି। ସେହିପରି ଥର ତିନି ସାରଥିଙ୍କ ଜଂଘ, ହାତ ସଂଯୋଗ ସ୍ଥାନରେ ସାରଥି ବାଗିଆ କଣ୍ଟା ବସି ରଙ୍ଗ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସିଂହ ଦ୍ୱାରରେ ଲାଗିବା ରଥ ପରେ ତିନି ସାରଥି ରଥ ଉପରକୁ ଉଠିବେ। ଅପରପକ୍ଷରେ ଚିତ୍ରକାର ସେବକମାନେ ତିନିରଥ ପ୍ରଭାରେ ରଙ୍ଗ କାର୍ଯ୍ୟର ଶେଷ ସ୍ୱର୍ଶ ଦେଉଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥର ବ୍ରେକ ଜାମିନି କଣ୍ଟା , ୨୦ଟି ଲେଖାଏ ସାରଥୀ ବାଗିଆ କଣ୍ଟା, ଘୋଗା ବାଗୁଆ କଣ୍ଟା ଯୋଗାଇଛନ୍ତି। ପାହି ମହାରଣାମାନେ ଘାଟୁଆରୀ ସେବକଙ୍କ ପାଇଁ ବନକ ପେଡ଼ି, ଚାଙ୍ଗଡ଼ା ବାକ୍ସ, ଅଳଙ୍କାର ବାକ୍ସ ନିର୍ମାଣ ଶେଷ କରି ଯୋଗାଇଛନ୍ତି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୬।୨୦୨୩

| ୫୪,୯୬୫ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ତଦନ୍ତ ପରେ ପଦକ୍ଷେପ: ମୁଖ୍ୟ ପ୍ରଶାସକ

**ପୁରୀ, ୧୭।୬(ଅଜିତ୍ ମହାନ୍ତି)**

ପୁରୀ ପାଇକ ସାହିରେ ନକଲି ମହାପ୍ରସାଦ ପ୍ରସ୍ତୁତ କରାଯାଉଥିବା ଅଭିଯୋଗ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସମେତ ସୁଆର ମହାସୁଆର ନିଯୋଗର କର୍ମକର୍ତ୍ତା ମୁହଁ ଖୋଲିଛନ୍ତି। ଏ ନେଇ ଅଭିଯୋଗକୁ ସୁଆର ମହାସୁଆର ନିଯୋଗର ସମ୍ପାଦକ ନାରାୟଣ ମହାସୁଆର ଖଣ୍ଡନ କରଛନ୍ତି। ନାରାୟଣ କହିଛନ୍ତି ଯେ, ଅନେକ ସ୍ଥାନରେ କୁଡୁଆରେ ରନ୍ଧାଯାଉଛି। ପ୍ରସାଦ ଭାବେ ଲୋକଙ୍କୁ ପ୍ରଦାନ କରାଯାଉଛି। ବର୍ଷସାରା ଏପରି ବିଭିନ୍ନ ସ୍ଥାନରେ ହେଉଛି। ତେବେ ଯେଉଁଠାରେ ଏପରି କୁଡୁଆରେ ରନ୍ଧାଯାଇ ବିକ୍ରି କରାଯାଉଛି, ତାହାକୁ ମହାପ୍ରସାଦ ନୁହେଁ ପ୍ରସାଦ କହି ବିକ୍ରି କରାଯାଉଛି। ଗଣାଲାଗି ଦିନ ଭକ୍ତ ହୁଅନ୍ତୁ ବା ପୁରୀବାସୀ ସେମାନେ ସେମାନଙ୍କ କାର୍ଯ୍ୟ ପାଇଁ ବିଭିନ୍ନ ଠାକୁରଙ୍କ ନିକଟରେ ରାନ୍ଧି ଭୋଗ କରି ପ୍ରସାଦ ଭାବେ ପାଇଥାନ୍ତି। ଶୁକ୍ରବାର ଯେଉଁ ଘଟଣା ଘଟିଛି, ସମ୍ପୃକ୍ତ ବ୍ୟକ୍ତି ବରାଦ ଦେଇଥିଲେ। ସେ ମଧ ଅନ୍ୟ ଠାକୁରଙ୍କ ନିକଟରେ ରାନ୍ଧି ତାଙ୍କୁ ପ୍ରସାଦ ଦେବା ପାଇଁ କହିଥିଲେ। ତେଣୁ ଯିଏ ବି ରାନ୍ଧିଥିଲେ ତାଙ୍କର କୌଣସି ଭୁଲ୍ ନାହିଁ। ନୃସିଂହ ମନ୍ଦିର ଠାରୁ ଆରମ୍ଭ କରି ବାରବାଟୀ ଜାଗାରେ ମାଟିହାଣ୍ଡିରେ ପ୍ରସାଦ ରନ୍ଧାଯାଇ ଲୋକଙ୍କୁ ପ୍ରଦାନ କରାଯାଇଛି। ତେବେ ଶ୍ରୀମନ୍ଦିରରେ ରନ୍ଧାଯାଇ ମହାପ୍ରଭୁଙ୍କ ନିକଟରେ ଭୋଗ କରାଯାଇ ଉକ୍ତ ଭୋଗକୁ ମା' ବିମଳାଙ୍କୁ ଅର୍ପଣ କରାଯିବା ପରେ ତାହାକୁ ମହାପ୍ରସାଦ କୁହାଯାଇଥାଏ। ମାତ୍ର ଶ୍ରୀମନ୍ଦିର ବାହାରେ ଯେ କୌଣସି ଠାକୁରଙ୍କ ନିକଟରେ କୁଡୁଆରେ ଭୋଗ ପ୍ରସ୍ତୁତ କରାଗଲେ ତାହାକୁ ମହାପ୍ରସାଦ କୁହାଯାଏ ନାହିଁ। ବରଂ ତାହାକୁ ପ୍ରସାଦ କୁହାଯାଇଥାଏ। ଶୁକ୍ରବାର ଯେଉଁ ରୋଷେଇ କରାଯାଉଥିଲା, ତାହା ଅବଢ଼ା ନୁହେଁ ବରଂ ଶଙ୍ଖୁଡ଼ି ଭୋଗ ଥିଲା। ଏ ନେଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚରାଉଚରା କରାଯିବାରୁ ସେ ପ୍ରସାଦ ବୋଲି କହିଥିଲେ। ଯଦି ସେ ମହାପ୍ରସାଦ କହି ବିତରଣ କରୁଥିବେ ତାହାଲେ ସମ୍ପୂର୍ଣ୍ଣ ଭୁଲ। କିନ୍ତୁ ପ୍ରସାଦ କହି ବିତରଣ କରୁଥିଲେ ଭୁଲ୍ ନୁହେଁ ବୋଲି ନାରାୟଣ କହିଛନ୍ତି।

ସେହିପରି ସୁଆର ମହାସୁଆର ନିଯୋଗ ସଭାପତି ପଦ୍ମନାଭ ମହାସୁଆର କହିଛନ୍ତି, ଟେଣ୍ଟ ମଧ୍ୟରେ ଯେଉଁଭଳି ପ୍ରସାଦ ପ୍ରସ୍ତୁତ କରି ବିକ୍ରି କରାଯାଉଥିଲା ତାହା ଅତି ନିନ୍ଦନୀୟ ଘଟଣା। ଶ୍ରୀଜଗନ୍ନାଥ ସଂସ୍କୃତିର ଅପପ୍ରଚାର କରିବାକୁ କିଛି କୁଚକ୍ରୀ ଗୋଷ୍ଠୀ କାର୍ଯ୍ୟ କରୁଛନ୍ତି। ଏ ନେଇ ସେ ନିଯୋଗ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦେବା ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଅବଗତ କରିଛନ୍ତି। ଶ୍ରୀମନ୍ଦିର ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ହାଣ୍ଡି ଓ କୁଡୁଆର ବ୍ୟବହାର ଉପରେ ରୋକ ଲଗାଯାଉ ବୋଲି ସେ କହିଛନ୍ତି। ଉକ୍ତ ଘଟଣା ଜଗନ୍ନାଥପ୍ରେମୀଙ୍କ ମନରେ ଆଘାତ ଦେଇଛି। ଯଦି ଶ୍ରୀମନ୍ଦିରର କୌଣସି ସୁଆର କିମ୍ବା କର୍ମଚାରୀ ଏଥିରେ ସାମିଲ ରହିଥାନ୍ତି ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସଭାପତି କହିଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ସିଂହଦ୍ୱାର ଥାନାରେ ସୁଆର ମହାସୁଆର ନିଯୋଗ ପକ୍ଷରୁ ଦିଆଯାଇଥିବା ଏତଲା ଆଧାରରେ ତଦନ୍ତ ଚାଲିଛି। ତଦନ୍ତ ପରେ ପଦକ୍ଷେପ ନିଆଯିବ।

**ନକଲି ମହାପ୍ରସାଦ ପ୍ରସ୍ତୁତ ଘଟଣା**

- କାର୍ଯ୍ୟାନୁଷ୍ଠାନ ଦାବିକଲେ ସୁଆର ମହାସୁଆର ନିଯୋଗ ସଭାପତି
- ନିଯୋଗ ସମ୍ପାଦକ କହିଲେ ଅବଢ଼ା ନୁହେଁ, ଶଙ୍ଖୁଡ଼ି ଭୋଗ ଥିଲା



ରଥଯାତ୍ରା ପାଇଁ ପ୍ରସ୍ତୁତ ରଥରେ ଶନିବାର ସନ୍ଧ୍ୟାରେ ସେବକମାନେ ବସ୍ତ୍ର ଲଗାଉଛନ୍ତି ।

## ରଥଯାତ୍ରା ପାଇଁ ସେବା କାର୍ଯ୍ୟକ୍ରମ

**ପୁରୀ, ୧୭।୬(ଅଜିତ ମହାନ୍ତି)**

ଆଉ ୨ ଦିନ ପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଏହି ଉପଲକ୍ଷେ ମରିଚିକୋଟସ୍ଥିତ ବଡ଼ଦାଣ୍ଡ ସେବା ସଙ୍ଗଠନ ପକ୍ଷରୁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୁରୀ ସହରରେ ଥିବା ଏକାଧିକ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ତଥା ଅନ୍ୟ କେତେକ ୱାଟର ପଏଣ୍ଟ ଚତୁଃପାର୍ଶ୍ୱ ପିଣ୍ଡିରୁ ଶିଉଳି ଛଡ଼ାଇବା ସହ ସଫେଇ କରାଯାଇଛି। ମରିଚିକୋଟଠାରୁ ମାର୍କେଟ ଛକ ଓ ବିଭିନ୍ନ ସାହି ରାସ୍ତା ସଫେଇ କରାଯାଇଛି। ସଙ୍ଗଠନର ମନୋଜ କୁମାର ସାହୁ, ସୁନିଲ କୁମାର ମହାପାତ୍ର, ସହଦେବ ନାୟକ, ଆଲୋକ ବାରିକ୍, ସୂର୍ଯ୍ୟକାନ୍ତ ନାୟକ, ସୁନିଲ ନନ୍ଦ, ରବିନାରାୟଣ ଦାସ, ରମେଶ ଚନ୍ଦ୍ର ନାୟକ ନାରାୟଣ ରାୟ ସିଂ, ଜଗନ୍ନାଥ ପାଢ଼ୀ ପ୍ରମୁଖ ଶ୍ରମଦାନ କରିଥିଲେ ।

## ଶିଶୁ ଶ୍ରମିକ, ବାଲ୍ୟବିବାହ ରୋକାଯିବା ଆବଶ୍ୟକ



ବୈଠକରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ ।

**ପୁରୀ, ୧୭।୬(ଅଜିତ ମହାନ୍ତି):**

ପ୍ରତ୍ୟେକ ଶିଶୁ ଆଗାମୀ କାଲିର ଭବିଷ୍ୟତ। ସେମାନେ ଦେଶ ପାଇଁ ଜଣେ ଜଣେ ସମ୍ବଳ। ତେଣୁ ସେମାନଙ୍କୁ ଉଚିତ ଶିକ୍ଷା ଓ ପରିବେଶ ଯୋଗାଇ ଦେବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ କହିଛନ୍ତି। ଶନିବାର ସର୍କିଟ ହାଉସ୍‌ରେ ପୁରୀ ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ସାହୁ ଏଥିରେ ଯୋଗଦେଇ କହିଥିଲେ, ଶିଶୁ ଶ୍ରମିକ ଓ ବାଲ୍ୟ ବିବାହ ଘୃଣ୍ୟ ପ୍ରଥା ହୋଇଥିବାରୁ ଏହାକୁ ସବୁ ସ୍ତରରୁ ପ୍ରତିହତ କରିବାର ଆବଶ୍ୟକତା ରହିଛି। ତେଣୁ ସମ୍ବେଦନଶୀଳ ଓ ଦାୟିତ୍ୱର ସହ ପ୍ରତ୍ୟେକ କାର୍ଯ୍ୟ ନିର୍ବାହ କରିବାକୁ ସେ ପରାମର୍ଶ ଦେଇଥିଲେ। ଶିଶୁ କଲ୍ୟାଣ କମିଟିର ଅଧ୍ୟକ୍ଷ ଅଜିତ କୁମାର ମହାପାତ୍ର, ନିମାପଡ଼ା ଏନ୍‌ଏସି ନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ଦେବାଶିଷ ରଥ, ଜିଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି, ଡିଭିଜନାଲ ଶ୍ରମ ଆୟୁକ୍ତ ଶିବଶଙ୍କର ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ, ସହକାରୀ ଶ୍ରମ ଅଧିକାରୀ ବିକ୍ରମ କେଶରୀ ପ୍ରଧାନ ପ୍ରମୁଖ ଏଥିରେ ଯୋଗଦେଇ ଶିଶୁ ଶ୍ରମିକ ନିରୋଧ ସମ୍ପର୍କରେ ଆଲୋଚନା କରିଥିଲେ।

## ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

### ରାଣୀପୁରରେ ଶ୍ରାଦ୍ଧୋତ୍ସବ ପାଳିତ

**ଜଟଣୀ, ୧୭।୬(ରବୀନ୍ଦ୍ର ନାଥ ମହାକୁଡ଼):** ଜଟଣୀ ବ୍ଲକ ଅଧୀନ ରାଣୀପୁର ଗ୍ରାମସ୍ଥିତ ବାପାମା' ସେବାଶ୍ରମ ଟ୍ରଷ୍ଟ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅତିଥିମାନେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଖବରଦାତା ଅବନୀ କୁମାର ରାଉତରାୟ, ପ୍ରସନ୍ନ କୁମାର ମହାରଥୀ, ନିରଞ୍ଜନ ପଣ୍ଡା, ପଦ୍ମ ଚରଣ ପ୍ରଧାନ, ବିପିନ ବିହାରୀ ମହାନ୍ତି, ହାଡିବନ୍ଧୁ ମହାରଣା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଖବରଦାତା ରାଉତରାୟ କହିଥିଲେ, ଗୋପବନ୍ଧୁଙ୍କ ମୂଳ ଉଦ୍ଦେଶ୍ୟ ଥିଲା ମାନବସେବା। ବର୍ତ୍ତମାନ ସମୟର ଯୁବପିଢ଼ୀ ଗୋପବନ୍ଧୁଙ୍କ ନୀତି, ଆଦର୍ଶକୁ ଅନୁସରଣ କରି ସମାଜର ହିତ ପାଇଁ କାର୍ଯ୍ୟ କଲେ ସମାଜର ମଙ୍ଗଳ ହୋଇପାରିବ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୬୦ଜଣଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଗୌତମ ମହାରଣା, ସଭାପତି ଜ୍ୟୋତି ମହାରଣା, ଉପସଭାପତି ବାସୁଦେବ ସେଠୀ, ଉପଦେଷ୍ଟା ବୃନ୍ଦାବନ ସୁବୁଦ୍ଧି, ହିଜବୁର ରେହେମାନ, ଗୀତାଞ୍ଜଳି ସେଠୀ, ସନ୍ତୋଷୀ ଜାଲି, ଭୁବନେଶ୍ୱର ବାର୍ ଆସୋସିଏଶନର ସୁଜାତାରାଣୀ କର, ଜ୍ୟୋତିର୍ମୟୀ ପଣ୍ଡା, ସୁଜାତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସେବାୟତଙ୍କ ସହ ଆଲୋଚନା କଲେ ମୁଖ୍ୟ ଶାସନ ସଚିବ

**ପୁରୀ, ୧୭।୬(ଅଜିତ୍ ମହାନ୍ତି)**

ମହାପ୍ରଭୁଙ୍କ ଘୋଷଯାତ୍ରାରେ ନୀତି କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେ ନେଇ ମୁଖ୍ୟ ଶାସନ ସଚିବ ଶନିବାର ଶ୍ରୀମନ୍ଦିର ଯାଇ ବିଭିନ୍ନ ନିଯୋଗ ସହ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ପରେ ବୈଠକ ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ଜେନା କହିଛନ୍ତି, ରବିବାରଠାରୁ କିପରି ମହାପ୍ରଭୁଙ୍କ ନୀତି ଠିକ୍ ସମୟରେ ହେବ ସେଥିଲାଗି ସେବାୟତମାନେ ଗୁରୁତ୍ୱ ଦେବେ। ଯାହାଙ୍କର ପାଳି ରହିଛି ସେ ଆଗରୁ ଆସି ଉପସ୍ଥିତ ରହିବେ, ଯେପରି କାହାକୁ ଡକାଯିବାକୁ ପଡ଼ିବ ନାହିଁ। ଠିକ୍ ଭାବେ ନୀତି ସମ୍ପାଦନ କରାଯିବା ନେଇ ଆଲୋଚନା ହୋଇଥିଲା। ମହାପ୍ରଭୁଙ୍କ କାର୍ଯ୍ୟକୁ ସୂଚାରୁ ରୂପେ ସମ୍ପନ୍ନ କରିବା ପାଇଁ ସମସ୍ତେ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ମହାପ୍ରଭୁଙ୍କ ଇଛା ଅନୁଯାୟୀ ସମସ୍ତ କାର୍ଯ୍ୟ ହୋଇଥାଏ। ପ୍ରସ୍ତୁତ ହୋଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ ନୀତି ସମ୍ପାଦନ ହେବ। ନୀତି ସଅଳ ହେବ। ନୀତି ବିଳମ୍ବ ନ କରିବା ପାଇଁ ସେବାୟତମାନେ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ନବଯୌବନ ଦର୍ଶନ ନେଇ ଭକ୍ତମାନଙ୍କୁ ସୂଚନା ଦିଆଯାଇଛି। ଚଳିତ ଥର ଉଭା ନ ଥିବାରୁ ନବଯୌବନ ଦର୍ଶନ ଦିନ ନୀତି ବିଳମ୍ବ ହେଲେ ସବୁ ନୀତି ବିଳମ୍ବ ହୋଇଯିବ। ତେଣୁ ପ୍ରଶାସନ ନେଇଥିବା ନିଷ୍ପତ୍ତି ଅନୁଯାୟୀ ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଦୟା ଓ ଆଶୀର୍ବାଦରୁ ମହାପ୍ରଭୁଙ୍କ ନୀତି ନିର୍ଦ୍ଧାରିତ ସମୟରେ ସମ୍ପନ୍ନ ହେବ। ନବଯୌବନ ଦର୍ଶନ ସମୟ କମ୍ ଥିବାରୁ ନିର୍ଦ୍ଧାରିତ ସମୟରେ ଭକ୍ତମାନେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ଦର୍ଶନ କରିବାର ସୁଯୋଗ ଦେବା ପାଇଁ ସମସ୍ତଙ୍କୁ ଜେନା ଅନୁରୋଧ କରିଛନ୍ତି।

# ପିପିଲି-ଜଟଣୀ ରାସ୍ତାରୁ ଉଠିଯାଇଛି ପିଚୁ

**ପିପିଲି, ୧୭।୬(ଦୁର୍ଗାମାଧବ ମିଶ୍ର):**

ପିପିଲି ପୂର୍ତ୍ତ ବିଭାଗ ଅଧୀନରେ ଥିବା ପିପିଲି- ଜଟଣୀ ରାସ୍ତାର ୯କି.ମି .ଏବେ ଦୟନୀୟ ଅବସ୍ଥା। ରାସ୍ତା ସାରା ଖାଲଖମା ହୋଇଯାଇଥିବା ବେଳେ କିଛି ଜାଗାରେ ପିଚୁ ମଧ ଉଠିଗଲାଣି। ଫଳରେ ଯାନବାହନ ଯାତାୟାତ ବେଳେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨ଚକିଆଠାରୁ ୪ଚକିଆ ପର୍ଯ୍ୟନ୍ତ ଯାନବାହନ ଯିବାଆସିବା ବେଳେ ରାସ୍ତାର ଖାଲଖମା ରାସ୍ତାରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ଏ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହାର ମରାମତି ପାଇଁ ସ୍ଥାନୀୟ ଲୋକେ ବିଭାଗ ନିକଟରେ ଦାବି କରିଆସୁଥିବା ବେଳେ କୌଣସି ଅଧିକାରୀ ଏଥିପ୍ରତି ଧ୍ୟାନ ଦେଉ ନାହାନ୍ତି। ବିଶେଷକରି ଗତ ବର୍ଷ ଅଗଷ୍ଟରେ ଦୟାନଦୀର ବନ୍ୟାଜଳରେ କଣ୍ଟି ଓ ବାରିମୂଳ ମଧବର୍ତ୍ତୀ ସ୍ଥାନରେ ରାସ୍ତା ଧୋଇ ଯାଇଥିବାବେଳେ ଏହାକୁ ଅସ୍ଥାୟୀ ଭାବେ ମରାମତି କରାଯାଇଥିଲା। କାକୁଡ଼ିଆଠାରୁ ବୁଢାପଡ଼ା ଶ୍ରୀସୋମନାଥ ମନ୍ଦିର ପର୍ଯ୍ୟନ୍ତ ରାସ୍ତାରୁ ପିଚୁ ଓ କିଛି ଜାଗାରେ କଂକ୍ରିଟ ଉଠି ଖାଲଖମା ହୋଇଛି । କାକୁଡ଼ିଆ, ବାରିମୂଳ ଆଦି ଛକରେ ହୋଇଥିବା କଂକ୍ରିଟ ରାସ୍ତାର ଅବସ୍ଥା ଶୋଚନୀୟ। ଏହି କଂକ୍ରିଟ ରାସ୍ତାରୁ ଚିପ୍ସ ଓ ରଡ୍ ବାହାରି ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତ। ଫଳରେ ପ୍ରତିଦିନ ସେଠାରେ ଦୁର୍ଘଟଣାମାନ ଘଟୁଛି। ହସ୍ପିଟାଲ ଯାଉଥିବା ରୋଗୀଙ୍କଠାରୁ ଆରମ୍ଭ କରି ସ୍କୁଲ କଲେଜ ଯାଉଥିବା ଛାତ୍ରୀଛାତ୍ରମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ପିପିଲି ହାଟଛକଠାରୁ ବୁଢାପଡ଼ା ଶ୍ରୀ ସୋମନାଥ ଦେବଙ୍କ ମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ଅଧିକ ଖାଲ। ମାଧିପୁର ନିକଟରେ ଥିବା ୨ଟି ବ୍ରିଜର ସଂଯୋଗ ରାସ୍ତା ମଧ ଦବିଗଲାଣି। ଏହି ନିତିଦିନିଆ ରାସ୍ତାରେ ପ୍ରତିଦିନ ଯାତ୍ରୀବାହୀ ବସ୍ ସମେତ ହଜାର ହଜାର ୪ଚକିଆ ହାଲୁକା ଓ ଭାରିଯାନ ଯାତାୟାତ କରୁଛି। କୋଣାର୍କ ଓ ପୁରୀ ଯାତାୟାତ ପାଇଁ ଏହି ରାସ୍ତା ଉପରେ ଯାତ୍ରୀମାନେ ମୁଖ୍ୟତଃ ନିର୍ଭର କରୁଥିବାରୁ ବିଭାଗୀୟ ଉଚ୍ଚ ଅଧିକାରୀ ତୁରନ୍ତ ଉକ୍ତ ରାସ୍ତାର ସ୍ଥାୟୀ ମରାମତି ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ନବଘନ ବେହେରାଙ୍କୁ ପଚାରିବାରେ ମରାମତି କାର୍ଯ୍ୟ ପାଇଁ ଏଷ୍ଟିମେଟ ହୋଇଛି। ଖୁବ୍‌ଶୀଘ୍ର ଉକ୍ତ ରାସ୍ତା ମରାମତି ହେବ ବୋଲି ସେ କହିଥିଲେ।

**ଅଧିକାଂଶ ସ୍ଥାନରେ ଖାଲ**



ପିପିଲି-ଜଟଣୀ ରାସ୍ତାରୁ କଂକ୍ରିଟ ଉଠିଯାଇଛି ।

# ଅଭିଯୋଗସତ୍ତ୍ୱେ ଆପୋସ ସମାଧାନ ଲାଗି ପୋଲିସର ଉଦ୍ୟମ

**ଗୋପ, ୧୭।୬**
**(ଭାରତୀ ଭୂଷଣ ଉପାଧ୍ୟାୟ)**

ଭୁବନେଶ୍ୱରର ଏକ କମ୍ପାନୀ ଗୋପ ବ୍ଲକ ଅଧୀନ ମହଲପଡ଼ା ପଞ୍ଚାୟତ ଓ ଶୋରଭା ପଞ୍ଚାୟତ ମୌଜାରେ ବେଆଇନ ପୋଖରୀ ଖୋଳୁଛି। ଏନେଇ ଥାନାରେ ବାରମ୍ବାର ଅଭିଯୋଗ ହେଉଥିଲେ ମଧ ଜିଲା ପ୍ରଶାସନ ଓ ତହସିଲଦାର ସମସ୍ତେ ଚୁପ୍ ରହିଛନ୍ତି। ତେବେ ପୋଲିସ ଏହାର ଆପୋସ ସମାଧାନ ଲାଗି ଉଦ୍ୟମ ଆରମ୍ଭ କରିଛି। ଜବରଦଖଲ ଜମିରେ ଶ୍ମଶାନ ଜମି, ଦେବୋତ୍ତର ସମ୍ପତ୍ତି ସହିତ ଶହ ଶହ ଏକର ସରକାରୀ ଜମି ରହିଛି। ଏହି ବେଆଇନ ପୋଖରୀ ଖୋଳାରେ କିଛି ଧନୀଶ୍ରେଣୀର ବ୍ୟକ୍ତି ସାମିଲ ଥିବା ଅଭିଯୋଗ ହେଉଛି। ଏ ବାବଦରେ ମହଲପଡ଼ା ସରପଞ୍ଚ ଶୀର୍ଷରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ରାଜସ୍ୱ ମନ୍ତ୍ରୀଙ୍କ ସହିତ ଅନ୍ୟାନ୍ୟ ବିଭାଗ ଓ ଜିଲାପାଳଙ୍କୁ ଟୁଇଟ୍ ମାଧ୍ୟମରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ପୋଖରୀ ଖୋଳାହେଲେ ଆଗାମୀ ଦିନରେ ଶହ ଶହ ହେକ୍ଟର ଚାଷଜମି ନଷ୍ଟ ହେବା ସହ ୬ ପଞ୍ଚାୟତର ଅନେକ ଗାଁ ସମ୍ପୂର୍ଣ୍ଣ ବର୍ଷାପାଣିରେ ବୁଡ଼ିବ। ଏଥିସହ ନିକଟସ୍ଥ କାଦୁଆ ନଦୀ ପୋତିଦେବାରୁ ବର୍ଷାପାଣି ନିଷ୍କାସନରେ ସମସ୍ୟା ସୃଷ୍ଟି ହେବ ବୋଲି ଅଭିଯୋଗ ରହିଛି। ବାରମ୍ବାର ଅଭିଯୋଗ, ଆନ୍ଦୋଳନ ପ୍ରଭୃତି କରାଯାଉଥିଲେ ସୁଦ୍ଧା କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି ବୋଲି ସରପଞ୍ଚ ନାୟକ କହିଛନ୍ତି। ଏଥିପ୍ରତି ଏବେଠାରୁ ରାଜ୍ୟ ସରକାର ଓ ଜିଲାପାଳ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ବ୍ଲକର ୬ ପଞ୍ଚାୟତରେ ବିଭିନ୍ନ ଗାଁ କ୍ଷତିଗ୍ରସ୍ତ ହେବ ବୋଲି ଜଣାପଡ଼ିଛି। ଏପରି ଅଭିଯୋଗ ସମ୍ପର୍କରେ ତହସିଲଦାର ଏସ୍‌କେ ସାର୍ଗିଙ୍କୁ ପଚାରିବାରେ, ଖୁବ୍‌ଶୀଘ୍ର ଉଚ୍ଛେଦ ହେବ ବୋଲି କହିଛନ୍ତି।

**ବେଆଇନ ପୋଖରୀ ଖୋଳା ପ୍ରସଙ୍ଗ**

## ରଜ ମହୋତ୍ସବ ଉଦ୍‌ଯାପିତ

ଫୁଲନଖରା,(ସତ୍ୟରଞ୍ଜନ ଦାସମହାପାତ୍ର): ପାହାଳ ଥାନା ଅନ୍ତର୍ଗତ ଗୋହଳ ଗ୍ରାମରେ ମା' ଗରୁତେଇ ଗ୍ରାମ୍ୟ ସଙ୍ଗଠନ ଏବଂ ମୋ ଗାଁ ମୋ ଗର୍ବ ଫାଉଣ୍ଡେଶନ ପକ୍ଷରୁ ୩ ଦିନ ବ୍ୟାପୀ ହୋଇଥିବା ରଜ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅଭିନେତା ପୁପିନ୍ଦର, ଜୋନ୍-୪ ଏସିପି ଶୁଭନାରାୟଣ ମୁଦୁଲି, ପାହାଳ ଥାନା ଆଇଆଇସି ସୁଚିତ୍ରା ପରିଡା, ବାଲିଅନ୍ତା ବ୍ଲକ ଅଧକ୍ଷା ବାସନ୍ତୀ ଖଟୁଆ, ୧୬ ନଂ. ଜୋନ୍ ଜିଲାପରିଷଦ ସଦସ୍ୟ ମହେଶ୍ୱର ଦାଶ, ଜଗନ୍ନାଥପୁର ସରପଞ୍ଚ ବିଶ୍ୱଜିତ୍ ଭୋଇ ଅତିଥି ଭାବେ ଯୋଗଦେଇଥିଲେ। ମହୋତ୍ସବର ଶେଷ ଦିନରେ ବିଭିନ୍ନ ପ୍ରକାର ପିଠା, ଝୋଟି, ଚିତ୍ରାଙ୍କନ ଓ ପୁଞ୍ଚି ପ୍ରତିଯୋଗିତା ହୋଇଥିଲା। ସଞ୍ଜୀବ ସାମନ୍ତରାୟ, ଅକ୍ଷୟ ଦାସ, ବିଜୟ ରଞ୍ଜନ ଦାସ, ଅଜିତ୍ ଦାସ, ବାହୁଡି ଭୋଇ, ମନୋରଞ୍ଜନ ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଉଦ୍‌ଘାଟନ ଅପେକ୍ଷାରେ ଗଡ଼ଖାଇ ସଂଗ୍ରହାଳୟ

କଟକ,୧୭।୬(ସୁପ୍ରିୟା ପ୍ରିୟଦର୍ଶିନୀ)

- ନିର୍ମାଣ କାର୍ଯ୍ୟ ଶେଷ
- ବ୍ୟାଖ୍ୟାନ କେନ୍ଦ୍ର, ବସିବା ସ୍ଥାନ, ଶୌଚାଳୟ ବ୍ୟବସ୍ଥା ରହିଛି




କଟକର ଐତିହ୍ୟ ସହ ଜଡ଼ିତ ଗଡ଼ଖାଇ ପର୍ଯ୍ୟଟକଙ୍କ ପାଇଁ ଏବେ ଆଉ ଏକ ଆକର୍ଷଣର କେନ୍ଦ୍ର ହେବାକୁ ଯାଉଛି। ଗଡ଼ଖାଇର ସୌନ୍ଦର୍ଯ୍ୟକରଣ ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ଅଣ୍ଟା ଭିଡିଛି। ଗଡ଼ଖାଇ ନିକଟ ତଥା ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ସମ୍ମୁଖରେ ଓଟିଡିସ ପକ୍ଷରୁ ଗଡ଼ଖାଇ ସଂଗ୍ରହାଳୟ ନିର୍ମାଣ କରାଯାଇଛି। ଏବେ ଏହା ଉଦ୍‌ଘାଟନ ଅପେକ୍ଷାରେ ରହିଛି। ଏଥିସହ ଏଠାରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ବ୍ୟାଖ୍ୟାନ କେନ୍ଦ୍ର, ବସିବା ସ୍ଥାନ ଓ ଶୌଚାଳୟ ନିର୍ମାଣ ହୋଇଛି। ସଂଗ୍ରହାଳୟରେ ଗଡ଼ଖାଇ ଖୋଦେଇରୁ ବାହାରିଥିବା ବିଭିନ୍ନ ସାମଗ୍ରୀ ରଖାଯିବ। ଏଥିସହ ବ୍ୟାଖ୍ୟାନ କେନ୍ଦ୍ରରେ କଟକ ସହରର ଇତିହାସକୁ ଫଟୋ ମାଧ୍ୟମରେ ପ୍ରଦର୍ଶିତ କରାଯିବ। କଟକ ବିଷୟରେ ଜାଣିବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହା ବିଶେଷ ସହାୟକ ହେବ। ସଂଗ୍ରହାଳୟ ନିକଟରେ ଗଡ଼ଖାଇକୁ ଲାଗି ଏକ ଖୋଲା ସ୍ଥାନରେ ପର୍ଯ୍ୟଟକଙ୍କ ବସିବା ପାଇଁ ୫ଟି ସୁନ୍ଦର ଚଉତରା ନିର୍ମାଣ କରାଯାଇଛି। ଏଠାରେ ପର୍ଯ୍ୟଟକମାନେ ବସି ଗଡ଼ଖାଇର ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ। ଏହାସହ ସଂଗ୍ରହାଳୟ ନିକଟରେ ମହିଳା, ପୁରୁଷ ଓ ଦିବ୍ୟାଙ୍ଗଙ୍କ ପାଇଁ ଅତ୍ୟାଧୁନିକ ଶୌଚାଳୟ ତିଆରି ହୋଇଛି। ଏଥିପାଇଁ ଓଟିଡିସ ପକ୍ଷରୁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ନିକଟରୁ ଅନୁମତି ନିଆଯାଇଥିଲା। ତେବେ ଉପରୋକ୍ତ ପ୍ରକଳ୍ପଗୁଡିକର ନିର୍ମାଣ ପାଇଁ ଓଟିଡିସ ପକ୍ଷରୁ ୫ କୋଟି ଟଙ୍କା ବ୍ୟୟ କରାଯାଇଛି। ୨୦୧୯ରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଯାଇଛି। ଏନେଇ ଓଟିଡିସି ଅଧିକାରୀ ସୁଜାତା ପଟ୍ଟନାୟକ କହିଛନ୍ତି, ସବୁ ନିର୍ମାଣ କାର୍ଯ୍ୟ ପ୍ରାୟ ଶେଷ ହୋଇଛି। ଏହାକୁ ପରିଚାଳନା କରିବା ପାଇଁ କଟକ ମହାନଗର ନିଗମ କିମ୍ବା ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରାଯିବ। ଅପରପକ୍ଷରେ ଗଡ଼ଖାଇର ପୁନରୁଦ୍ଧାର ଓ ଉନ୍ନତୀକରଣ ପାଇଁ ୨୦୧୦ରେ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଇତିମଧ୍ୟରେ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ କିଛି ମିଟର ପାଚେରି ନିର୍ମାଣ କାମ ହୋଇଛି। ସେହିପରି ଅଧାପନ୍ତରିଆ ଭାବେ ଦଳ କାଢି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ, ସିଏମ୍‌ସି ଓ ଜିଲା ପ୍ରଶାସନ ନୀରବ ରହିଥିବା ସାଧାରଣରେ ଆଲୋଚନା ହୋଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।


ରଜ ପରେ ଶନିବାର କଟକ ଅଲିଶା ବଜାର ଅଞ୍ଚଳରେ ଜଣେ ମହିଳା ମା' ବସୁନ୍ଧରାଙ୍କୁ ପୂଜାର୍ଚ୍ଚନା କରୁଛନ୍ତି।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବତୀ ମୃତ

ଖୁଣ୍ଟୁଣୀ,୧୭।୬(ସଚ୍ଚିଦାନନ୍ଦ ପଣ୍ଡା): ବିଦ୍ୟୁତ୍ ଆଘାତରେ ଶୁକ୍ରବାର ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୁରୁଡିଝାଟିଆ ଥାନା ଅଧୀନ ମହୁରିଆ ଗ୍ରାମର ପୁନିତା ମାଝି(୧୯)। ଅପରାହ୍ନରେ ସେ ଘର ଭିତରେ ଲାଗିଥିବା ଏକ ଇଲେକ୍ଟ୍ରିବୋର୍ଡରେ ତାର ସଂଯୋଗ କରୁଥିବାବେଳେ କରେଣ୍ଟ ଲାଗିବାରୁ ଚେତାଶୂନ୍ୟ ହୋଇପଡିଥିଲେ। ଚିକିତ୍ସା ଲାଗି ତାଙ୍କୁ ଆଠଗଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୭/୨୩) ରୁଜୁ ହୋଇଛି।

### କାର୍ ଧକ୍କାରେ ୨ ବିଦ୍ୟୁତ୍ କର୍ମଚାରୀ ଗୁରୁତର

ଖୁଣ୍ଟୁଣୀ,୧୭।୬(ସଚ୍ଚିଦାନନ୍ଦ ପଣ୍ଡା): ୫୫ ନଂ. ଜାତୀୟ ରାଜପଥର ଖୁଣ୍ଟୁଣୀ ଥାନା ଅଧୀନ ରାଧାରମଣପୁର ଗ୍ରାମଠାରେ ଶନିବାର ଏକ କାର ଧକ୍କାରେ ୨ ଜଣ ବିଦ୍ୟୁତ୍ କର୍ମଚାରୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଉମେଶ ପତ୍ରି ଓ ହରପ୍ରସାଦ ପଣ୍ଡା। ଚିକିତ୍ସାଲାଗି ସେମାନଙ୍କୁ ଆଠଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିଲା। ଉମେଶ ଓ ହରପ୍ରସାଦ ଏକ ବାଇକ୍‌ରେ ଶିଡି ନେଇ ବିଦ୍ୟୁତ୍ ମରାମତି କରିବାକୁ ଯାଉଥିବାବେଳେ ଖୁଣ୍ଟୁଣୀ ପଟୁ ଆସୁଥିବା ଏକ କାର ସେମାନଙ୍କୁ ଧକ୍କା ଦେଇଥିଲା।

### ବରୁଣେଇ ପୀଠରେ ଘୋଡ଼ାନାଚ

ଫୁଲନଖରା,୧୭।୬(ସତ୍ୟରଞ୍ଜନ ଦାସମହାପାତ୍ର): ଜଗନ୍ନାଥପୁର ପଞ୍ଚାୟତ ଅଧୀନ ମନ୍ଦାରିଆ ପାଟଣା ଗ୍ରାମସ୍ଥିତ ବରୁରେଇ ପୀଠରେ ରଜ ଅବସରରେ ଘୋଡାନାଚ ଉତ୍ସବ ପାଳିତ ହୋଇଯାଇଛି। ଗତ ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଗାୟକ ବିଦ୍ୟାଧର ବେହେରା ଓ ରମେଶ ଚନ୍ଦ୍ର ରାଉତ ଘୋଡାନାଚ ପରିବେଷଣ କରିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟ ଅନୁଷ୍ଠିତ ହୋଇଛି।

### ହୃଦ୍‌ଘାତରେ ଅବସରପ୍ରାପ୍ତ ଯବାନଙ୍କ ପରଲୋକ

ଚୌଦ୍ୱାର,୧୭।୬(ଆଶୁତୋଷ ଦାସ): ଭାରତ ପ୍ରତିରକ୍ଷା ବିଭାଗ ସୀମା ସୁରକ୍ଷା



ବାହିନୀର ଅବସରପ୍ରାପ୍ତ ଯବାନ କୃଷ୍ଣମୂର୍ତ୍ତି ସାମଲ(୪୨)ଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ନୂଆସାହି ସାଇବିହାର ନିବାସୀ କୃଷ୍ଣମୂର୍ତ୍ତି ଶନିବାର ସକାଳେ ଖେଳିବାକୁ ଯିବା ପାଇଁ ନିଜ ବାଇକ୍ ବାହାର କରୁଥିବାବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରି ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେଠାରେ ବ୍ୟବଚ୍ଛେଦ ପରେ ତାଙ୍କ ମରଶରୀରକୁ ପରିବାର ଲୋକେ ଓ ସ୍ଥାନୀୟ ବାସିନ୍ଦା ଶୋଭାଯାତ୍ରାରେ ନେଇ ନୂଆସାହି ଶ୍ମଶାନରେ ସତ୍କାର କରିଥିଲେ। ତାଙ୍କର ଏକମାତ୍ର ପୁତ୍ର ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, କୃଷ୍ଣମୂର୍ତ୍ତି ନିକଟରେ ପ୍ରତିରକ୍ଷା ବାହିନୀରୁ ଅବସର ନେଇଥିଲେ। ପରେ ସେ ଘରେ ରହି ଅଞ୍ଚଳର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।


ରଥଯାତ୍ରାରେ ଶ୍ରୀଜୀଉଙ୍କ ପହଣ୍ଡି ବିଜେ ସମୟରେ ଲାଗୁଥିବା ଟାହିଆକୁ କଟକ ଫିରିଙ୍ଗି ବଜାର ଅଞ୍ଚଳରେ ଜଣେ କାରିଗର ପ୍ରସ୍ତୁତ କରୁଛନ୍ତି।

## ଗ୍ରୀଡ୍‌କୋ କାର୍ଯ୍ୟାଳୟ ଘେରାଉ ପାଇଁ ନଗର କଂଗ୍ରେସର ପ୍ରସ୍ତୁତି

କଟକ,୧୭।୬ (କାର୍ତ୍ତିକ ସାହୁ)

ବେଆଇନ ବିଦ୍ୟୁତ୍ କାଟ ପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। କଂଗ୍ରେସ ପକ୍ଷରୁ ଏହାର ପ୍ରତିବାଦ କରାଯିବ। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥିତ ଗ୍ରୀଡ୍‌କୋ କାର୍ଯ୍ୟାଳୟ ଆସନ୍ତା ୧୯ ତାରିଖରେ ଘେରାଉ କରାଯିବ। ଏଥିରେ ସାମିଲ ହେବା ପାଇଁ କଟକ ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ସଭା କଲେଜ ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କଟକ ସହରର ସମସ୍ତ ୱାର୍ଡରୁ କଂଗ୍ରେସ କର୍ମୀମାନେ ଉକ୍ତ ଘେରାଉରେ ସାମିଲ ହେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପିସିସି ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରା, ସଂଯୋଜକ ରାଜେନ୍ଦ୍ର ପଟ୍ଟନାୟକ, ବରିଷ୍ଠ ନେତା ବିଶ୍ୱନାଥ ଶତପଥୀ, କଟକ-ଚୌଦ୍ୱାର ଯୁବ କଂଗ୍ରେସ ସଭାପତି ମାନସ ନାୟକ, ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ ବେହେରାଙ୍କ ସମେତ ବହୁ କର୍ମୀ ବୈଠକରେ ଉପସ୍ଥିତ ଥିଲେ।

## ମୋ ଘର ଯୋଜନା: ଆୟ ପ୍ରମାଣପତ୍ର ସଂଗ୍ରହରେ ସମସ୍ୟା

କଟକ ସଦର,୧୭।୬(ସୁଶାନ୍ତ ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତର ହିତାଧିକାରୀମାନେ ମୋ ଘର ଯୋଜନାରେ ଋଣ ପାଇବା ପାଇଁ ଶୁକ୍ରବାରଠାରୁ ଅନ୍‌ଲାଇନ୍‌ରେ ଆବେଦନ ଲାଗି ନିକଟତମ ଜନସେବା କେନ୍ଦ୍ରରେ ଭିଡ଼ ଲଗାଇଛନ୍ତି। ହେଲେ ପାଖରେ ବାର୍ଷିକ ଆୟ ପ୍ରମାଣପତ୍ର ନ ଥିବାରୁ ଶତକଡା ୯୦ ଭାଗ ଲୋକ ନିରାଶାରେ ଫେରୁଥିବା ଜଣାପଡ଼ିଛି। ଆବେଦନ ସମୟରେ ଏହି ପ୍ରମାଣପତ୍ର ବାଧ୍ୟତାମୂଳକ ହେବ ବୋଲି କାହାକୁ ଜଣା ନ ଥିଲା। ଅଳ୍ପ ଦିନରେ ଆୟ ପ୍ରମାଣପତ୍ର ହାସଲ କରିବା ସହଜ ହେଉ ନ ଥିବାରୁ ରାଜ୍ୟ ସରକାର ନିୟମରେ ସାମୟିକ ଭାବେ କୋହଳ କରିବା ପାଇଁ ଉତ୍କଳ ବିକାଶ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ ଅନୁରୋଧ କରିଛନ୍ତି। ଋଣ କରିବା ସମୟରେ ମନୋନୀତ ହିତାଧିକାରୀଙ୍କଠାରୁ ଏହି ପ୍ରମାଣପତ୍ର ନ ନେଇ ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ କରାଯାଇ ପାରିବ ବୋଲି ସେଠୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନଚେତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ଏହି ନୂଆ ଯୋଜନାରୁ ଅନେକ ହିତାଧିକାରୀ ବଞ୍ଚିତ ହେବେ।

## ଚହଟେଶ୍ୱର ମନ୍ଦିରରେ ଆଲୋଚନା ସଭା

କଟକ,୧୭।୬ (କାର୍ତ୍ତିକ ସାହୁ)

ସମନ୍ୱୟ ଅନୁଷ୍ଠାନ ପକ୍ଷରୁ କଟକ ଚହଟାସ୍ଥିତ ଚହଟେଶ୍ୱର ମନ୍ଦିର ପରିସରରେ ଏକ ଆଲୋଚନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଡ୍‌ଭୋକେଟ୍ ବଂଶୀଧର ଶତପଥୀ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଡ. ଶ୍ରୀରାମଚନ୍ଦ୍ର ଦାଶ ଭଳି ମେଧାବୀ ଖୁବ୍ କମ୍ ଦେଖାଯାଆନ୍ତି ଏବଂ ସେ ଚଳନ୍ତି ଶବ୍ଦକୋଷ। ଅନୁଷ୍ଠାନର ସଭାପତି ଦୁଃଖୀଶ୍ୟାମ ଦାସ ଅଧ୍ୟକ୍ଷତା କରି କହିଥିଲେ, ଶ୍ରୀରାମ ଚନ୍ଦ୍ର ପ୍ରାଥମିକ ଶ୍ରେଣୀରୁ ପାଟ୍‌ନାରେ ଏମ୍.ଏ. ପାସ୍ କରିବା ଯାଏ ସର୍ବଦା ପ୍ରଥମ ସ୍ଥାନରେ ରହୁଥିଲେ। କାର୍ଯ୍ୟକାରୀ ସମ୍ପାଦକ ଆଲୋକ କୁମାର ପଣ୍ଡା ପ୍ରବନ୍ଧ ପାଠ, ପରିଚାଳନା ସମ୍ପାଦକ କବୀର କୁମାର ଜେନା ସ୍ୱାଗତ ଭାଷଣ, ପଣ୍ଡିତ ଦିଲ୍ଲୀପ କୁମାର ସାବତ ଶିବସ୍ତୁତି ଗାନ କରିଥିଲେ। ସସ୍ମିତା ଜେନାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଦଣ୍ଡୁଆସିପଡ଼ା ପୋଖରୀ ନିଲାମ ବନ୍ଦ

କଟକ ସଦର,୧୭।୬(ସୁଶାନ୍ତ ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ଆୟତପୁର ପଞ୍ଚାୟତ ଅଧୀନରେ ଥିବା ଦଣ୍ଡୁଆସିପଡ଼ା ପୋଖରୀ ନିଲାମ ଶନିବାର ୫ ବର୍ଷ ପାଇଁ ହେବାର ଥିଲା। ମାତ୍ର ଏହାକୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। କାରଣ ଶୁକପାଇକା ନଦୀ ମୁହାଣ ଖୋଲିବା ପାଇଁ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଜଳସମ୍ପଦ ବିଭାଗକୁ ଅନୁମତି ଦେଇ ସାରିଛନ୍ତି। ତେଣୁ ଏଭଳି ସ୍ଥିତିରେ ପୋଖରୀ ନିଲାମ କରାଗଲେ ନିଲାମଧାରୀ କ୍ଷତିଗ୍ରସ୍ତ ହେବେ ବୋଲି ଦଣ୍ଡୁଆସିପଡ଼ା ଗ୍ରାମର ଲୋକମାନେ ବିଡିଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ନିଲାମ ସ୍ଥଳରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପାର୍ଥ ସାରଥୀ ଦାଶଙ୍କୁ ପ୍ରଦାନ କରିଥିଲେ। ଏକଥା ବିଡ଼ିଓଙ୍କୁ ଜଣାଇ ଯାହାକିଛି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ନିର୍ବାହୀ ଅଧିକାରୀ ଦାଶ କହି ନିଲାମ ବନ୍ଦ କରିଦେଇଥିଲେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ

କଟକ ସଦର,୧୭।୬(ସୁଶାନ୍ତ ଜେନା)

କିଶନ ନଗର ଥାନା ଅନ୍ତର୍ଗତ ତରିତୋ ଗ୍ରାମର ପାର୍ବତୀ ସେଠୀ ନାମ୍ନୀ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ହେଲେ ତାଙ୍କୁ ଶାଶୁଘର ଲୋକେ ବିଷ ପିଆଇ ମାରି ଦେଇଥିବା ତାଙ୍କ ଭାଇ ଲୋକନାଥ ସେଠୀ କିଶନ ନଗର ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ଦଫା ୩୦୨ ଅନୁଯାୟୀ ପୋଲିସ ଏକ ହତ୍ୟା ମାମଲା(ନଂ.୧୨୦/୨୩) ରୁଜୁ କରିଛି। ଅଭିଯୋଗ ଅନୁଯାୟୀ, ବିରିଡି ଥାନା ଅନ୍ତର୍ଗତ ଅରଣା ଗ୍ରାମର ପାର୍ବତୀଙ୍କୁ ତରିତୋ ଗ୍ରାମର ଚନ୍ଦନ ସେଠୀ ୨୦୨୦ରେ ବିବାହ କରିଥିଲେ। ବିବାହ ପରଠାରୁ ଶାଶୁଘର ଲୋକେ ଯୌତୁକ ଦାବିକରି ପାର୍ବତୀଙ୍କୁ ନିର୍ଯାତନା ଦେଉଥିଲେ। ଗୁରୁବାର ପାର୍ବତୀଙ୍କ ଶାଶୁଘରକୁ ଲୋକନାଥ ଯାଇଥିବାବେଳେ ସେଠାରେ ତାଙ୍କୁ ଅପମାନିତ କରି ଗାଳିଗୁଲଜ କରାଯାଇଥିଲା। ଶନିବାର ସକାଳେ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପାର୍ବତୀଙ୍କ ମୃତ୍ୟୁ ଘଟିଥିବା ଜାଣିବା ପରେ ଲୋକନାଥ ସେଠାରେ ପହଞ୍ଚିଥିଲେ। ମଙ୍ଗଳାବାଗ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଅପରପକ୍ଷରେ କିଶୋର ନଗର ପୋଲିସ ପାର୍ବତୀଙ୍କ ଶାଶୁଘରକୁ ତଦନ୍ତ ପାଇଁ ଯାଇଥିଲେ ମଧ୍ୟ ସେଠାରେ କେହି ନ ଥିଲେ। ତେଣୁ ପାର୍ବତୀ ଏସ୍‌ସିବି ମେଡିକାଲକୁ କେମିତି ଗଲେ ସେ ସମ୍ପର୍କରେ ଜଣାପଡି ନାହିଁ। ଏ ନେଇ ଥାନାଧିକାରୀ ରଶ୍ମି ରଞ୍ଜନ ଦାଶ କହିଛନ୍ତି, ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ଜଣାପଡିବ। ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

## 'ଓଡ଼ିଶାର ସଂସ୍କୃତି, ପରମ୍ପରା ଅନନ୍ୟ'

### ରୌପ୍ୟ ଜୟନ୍ତୀ ରଜ ମହୋତ୍ସବର ତୃତୀୟ ସନ୍ଧ୍ୟା

କଟକ,୧୭।୬ (କାର୍ତ୍ତିକ ସାହୁ)

କଟକ ସହୀଦ ଭବନରେ ସୁର ମନ୍ଦିର ନୃତ୍ୟାନୁଷ୍ଠାନ ପକ୍ଷରୁ ଚାଲିଥିବା ରୌପ୍ୟ ଜୟନ୍ତୀ ରଜ ମହୋତ୍ସବର ଶନିବାର ଥିଲା ତୃତୀୟ ସନ୍ଧ୍ୟା। ଏଥିରେ ମୁଖ୍ୟ ଅତିଥି ଭାବେ ଇସ୍ପାତ୍ ଏବଂ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ଓଏସ୍‌ଆଇସିର ଚେୟାରମ୍ୟାନ୍ ଚିନ୍ମୟ ସାହୁ, ଆଇଏମ୍‌ଏଫ୍‌ଏର କିଶୋର ମହାନ୍ତି, କଟକ ଡିସିଓ ନଳିନୀକାନ୍ତ ସାହୁ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅବସରପ୍ରାପ୍ତ ନୃତ୍ୟ ବିଭାଗ ମୁଖ୍ୟ ଡ. ସ୍ନେହପ୍ରଭା ସାମନ୍ତରାୟ ଯୋଗଦେଇ ଓଡ଼ିଶାର ସଂସ୍କୃତି, ପରମ୍ପରା ଅନନ୍ୟ ବୋଲି କହିଥିଲେ। ପ୍ରଥମେ ସୁରମନ୍ଦିର କଳାକାରଙ୍କ ମାଟି ନୃତ୍ୟ ପରିବେଷଣରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ରାୟପୁରର ପୂର୍ଣ୍ଣଶ୍ରୀ ରାଉତଙ୍କ ଏକକ ଓଡ଼ିଶୀ ନୃତ୍ୟ, ଭୁବନେଶ୍ୱରର ମଧୁସ୍ମିତା ମହାନ୍ତି ଓ ତନିସା ମହାନ୍ତି ଦ୍ୱୈତ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ଭୁବନେଶ୍ୱର ନୂପୁର ଅନୁଷ୍ଠାନର ଗୁରୁ ନିରଞ୍ଜନ ରାଉତ ଓ ସାଥୀଙ୍କ ସମ୍ମିଳିତ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ହିମାଂଶୁ ପରିଜା କାର୍ଯ୍ୟକ୍ରମ ପରିଚାଳନା, ହିମାଳୟ ପୃଷ୍ଟି ଆଲୋକ ପରିଚାଳନା ଓ ରାଧାମୋହନ ସାହୁ ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।



କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଷଷ୍ଠ ଷ୍ଟାର୍ କଲ୍‌ଚରାଲ ଫେଷ୍ଟିଭାଲର ଶନିବାର ଉଦ୍‌ଘାଟନୀ ସନ୍ଧ୍ୟାରେ ସାଂସ୍କୃତିକ କଳା ପରିଷଦ କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ'ଶୂନ୍ୟ ପଞ୍ଜୁରୀ'ର ଏକ ଦୃଶ୍ୟ।


ନବଯୌବନ ଦର୍ଶନର ଅବ୍ୟବହିତ ପୂର୍ବରୁ କଟକ ସାଆନ୍ତ ସାହି ଅଞ୍ଚଳରେ ଜଣେ ଶିଳ୍ପୀ ଶ୍ରୀଜୀଉଙ୍କ ପ୍ରତିମାକୁ ରଙ୍ଗତୂଳୀରେ ନୂତନ ରୂପରେଖ ଦେଉଛନ୍ତି।


କଟକ ଚାନ୍ଦିନୀଚୌକ ଅଞ୍ଚଳରେ ରଥଯାତ୍ରା ପାଇଁ ଜଣେ କାରିଗର ରଥରେ ରଙ୍ଗ ଦେଉଛନ୍ତି।

**ମୋବାଇଲରେ ବାର୍ତ୍ତାଳାପ ବେଳେ ବଜ୍ରପାତ : ଜଣେ ମୃତ**

ଆଠଗଡ,(ସତ୍ୟ ପ୍ରକାଶ ରଥ): ମୋବାଇଲ୍ ଫୋନରେ କଥାହେଉଥବା ବେଳେ ବଜ୍ରପାତ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। କଟକ ଜିଲା ଆଠଗଡ ଥାନା ଅନ୍ତର୍ଗତ ଗୌରାଙ୍ଗପୁର ଗ୍ରାମରେ ଶନିବାର ଅପରାହ୍ନରେ ଏହି ଘଟଣା ଘଟିଛି। ମୃତକ ହେଲେ ଢେଙ୍କାନାଳ ଥାନା ଅନ୍ତର୍ଗତ ନଡିଆଳି ଗ୍ରାମର ନନ୍ଦିଆ ବେହେରାଙ୍କ ପୁତ୍ର କହ୍ନେଇ ବେହେରା (୨୦) । ସେ କିଛିଦିନ ହେବ ଆଠଗଡ ଗଡ଼ଝରିର ଭିଣୋଇ ଛବି ବେହେରାଙ୍କ ଘରକୁ ଆସିଥିଲେ। ଶନିବାର ଅପରାହ୍ନରେ ମଇଁଷି ଚରାଇବାକୁ ଯାଇ ଫେରୁଥିବାବେଳେ ଏହି ଘଟଣା ଘଟିଥିଲା। ମୋବାଇଲ ଓ କହ୍ନେଇଙ୍କ ଛାତି ପୋଡି ଯାଇଛି।

# ଖୋଳାପୋତାରେ ଖିନ୍‌ଭିନ୍ ଭୁବନେଶ୍ୱର

**ଅଣ୍ଡରଗ୍ରାଉଣ୍ଡ କେବ୍‌ଲିଂ**



**ଖାଲଖମାରେ ଭର୍ତ୍ତି ହେଉଛି ସହର**



ଭୁବନେଶ୍ୱର,୧୭।୬(ଅଭିଜିତ ଦାସ)

ବିକାଶ ଓ ଉନ୍ନୟନ କାମ ପାଇଁ ସ୍ମାର୍ଟସିଟି ଭୁବନେଶ୍ୱରରେ ପାଣିଭଳି ଟଙ୍କା ଖର୍ଚ୍ଚ କରାଯାଉଛି। ମାତ୍ର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ସହରର ବିକାଶଧାରା 'ଗୋଦରା କୋଡେ ଯେତେ ମାଡେ ସେତେ ସଦୃଶ' ହୋଇଛି। ଯିଏ ଯେଉଁଠି ଯେମିତି ପାରୁଛି ଖୋଳିତାଡ଼ି ପକାଉଛି। ଗୋଟିଏ ବିଭାଗ କାମ ସାରିବା ପରେ ଅନ୍ୟ ବିଭାଗ ନିଜ କାମ ପାଇଁ ତାହାକୁ ତାଡ଼ି ଦେଉଛି। ଏମିତି ବର୍ଷ ବର୍ଷ ଧରି ସହରରେ ଖୋଳାପୋତା ଭିତରେ ସ୍ମାର୍ଟସିଟି ଖିନ୍‌ଭିନ୍ ହୋଇଯାଉଥିବାବେଳେ ସହରବାସୀ ପ୍ରତିଦିନ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଧୀରେ ଧୀରେ ସ୍ଥିତି ଏପରି ହୋଇଛି ସହର ଖାଲଖମାରେ ଭର୍ତ୍ତି ହୋଇଯାଉଛି। ପ୍ରଥମେ ଡ୍ରେନ୍, ସ୍ୱେରେଜ ଲାଇନ୍ ପାଇଁ ମୁଖ୍ୟ ରାସ୍ତାଠାରୁ କଲୋନୀ ପର୍ଯ୍ୟନ୍ତ ଖୋଳାପୋତା କାମ ଚାଲିଥିଲା। ଏବେ ଅଣ୍ଡରଗ୍ରାଉଣ୍ଡ କେବ୍‌ଲିଂ ଓ ଗ୍ୟାସ୍ ଲାଇନ୍ କାମ ପାଇଁ ଲୋକଙ୍କୁ ଦହଗଞ୍ଜ କରୁଛି। ମନଇଚ୍ଛା ରାସ୍ତାକୁ ଖୋଳି ଅଧାପନ୍ତରିଆ ଭାବେ ଛାଡ଼ି ମାସ ମାସ ଧରି ଲୋକଙ୍କ ଯାତାୟାତ ବନ୍ଦ କରାଯାଉଥିବା ଦେଖିବାକୁ ମିଳୁଛି। ଆଗକୁ ମୌସୁମୀ ଆସୁଥିବାରୁ ଏବେ ଚିନ୍ତାରେ ସହରବାସୀ।

୨୦୧୬ରେ ସ୍ମାର୍ଟସିଟି ଯୋଜନାରେ ଭୁବନେଶ୍ୱରରେ ଅଣ୍ଡରଗ୍ରାଉଣ୍ଡ ବିଦ୍ୟୁତ୍ କେବୁଲ ଯୋଜନା ଆରମ୍ଭ କରାଯାଇଥିଲା। ପରେ ମାଟି ତଳେ ଗ୍ୟାସ୍ ପାଇପ୍ ଲାଇନ ପ୍ରକଳ୍ପ ଓ ୨୦୧୮ରେ ଅଣ୍ଡରଗ୍ରାଉଣ୍ଡ ଇଣ୍ଟରନେଟ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା। ତେବେ ଏ ସମସ୍ତ ପ୍ରକଳ୍ପର କାର୍ଯ୍ୟ ବିଭିନ୍ନ ଘରୋଇ କମ୍ପାନୀ ଓ ଠିକାଦାରଙ୍କୁ ଦିଆଯାଇଛି। ମନଇଚ୍ଛା କାର୍ଯ୍ୟ କରୁଥିବାରୁ ପ୍ରକଳ୍ପ ଗୁଡିକ ଧିମା ଗତିରେ ଚାଲୁଛି। ରାସ୍ତା ଖୋଳିବା ପରେ ନିୟମ ଅନୁସାରେ ପୁନରୁଦ୍ଧାର କାମ କରାଯାଉ ନ ଥିବାରୁ ଖାଲଖମା ରହୁଛି। ଏପରିକି କାର୍ଯ୍ୟ ସ୍ଥଳରେ ରାସ୍ତା ଉପରେ ବିଭିନ୍ନ ଯନ୍ତ୍ରପାତି ବହୁ ଦିନ ଧରି ପଡିରହୁଛି। ଦୀର୍ଘଦିନ ଧରି କାମ ଚାଲୁଥିବାରୁ ରାସ୍ତାରେ ଧୂଳି ଉଠି ଲୋକଙ୍କୁ ଅଣନିଃଶ୍ୱାସୀ କରି ପକାଉଛି।

### ଶୀଘ୍ର ତଦାରଖ କରାଯାଇ ପଦକ୍ଷେପ ନିଆଯିବ

ବିଏସ୍‌ସିଏଲ୍ ଅଧିକାରୀ ଅମିତାଭ ମହାନ୍ତି କହିଛନ୍ତି, ସ୍ମାର୍ଟସିଟି ପକ୍ଷରୁ ସମସ୍ତ ଅଣ୍ଡର ଗ୍ରାଉଣ୍ଡ୍ କାର୍ଯ୍ୟ ବିଭିନ୍ନ ବିଭାଗକୁ ବାଣ୍ଟି ଦିଆଯାଇଛି। ରାସ୍ତାର ଖୋଳାଖୋଳି ସମ୍ପର୍କରେ ପୂର୍ବରୁ ଘରୋଇ ସଂସ୍ଥାଗୁଡିକୁ ଚିଠି ଲେଖାଯାଇଥିଲା। ଏବେ ଅଧିକାଂଶ ସ୍ଥାନରେ ଅଣ୍ଡର ଗ୍ରାଉଣ୍ଡ୍ ପ୍ରକଳ୍ପ ଲାଗି ଖାଲ ଖମା ସୃଷ୍ଟି ହୋଇଛି। ଖୁବ୍ ଶୀଘ୍ର ତଦାରଖ କରାଯାଇ ପୁନଃନିର୍ମାଣ କରାଯିବ।

### ସମନ୍ୱୟ ଅଭାବ, ୟୁଟିଲିଟି କରିଡର ନ ଥିବାରୁ ସମସ୍ୟା

ଓପିଟିସିଏଲ୍‌ର ଜଣେ ଅଧିକାରୀ କହିଛନ୍ତି, ଅଣ୍ଡର ଗ୍ରାଉଣ୍ଡ୍ ପ୍ରକଳ୍ପଗୁଡିକ ଭିନ୍ନ ଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଛି। ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ନ ଥିବାରୁ ସ୍ମାର୍ଟସିଟିରେ ଏଭଳି ଅବସ୍ଥା ଦେଖିବାକୁ ପଡୁଛି। ୟୁଟିଲିଟି କରିଡର ନ ଥିବାରୁ ଅନେକ ସମୟରେ ପ୍ରକଳ୍ପଗୁଡିକ ମନ୍ଥର ଗତିରେ କାର୍ଯ୍ୟକାରୀ ହେଉଛି। ସମସ୍ତ ବିଭାଗର ପ୍ରକଳ୍ପଗୁଡିକ ଘରୋଇ ସଂସ୍ଥା ହାତରେ ଟେକି ଦେବା ଦ୍ୱାରା ଅନେକ ସମୟରେ କାମ ଅଧାପନ୍ତରିଆ ଭାବେ ପଡି ରହୁଛି। ଯେଉଁ ଘରୋଇ ସଂସ୍ଥା ଅଣ୍ଡର ଗ୍ରାଉଣ୍ଡ୍ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଏ, କାମ ସରିବା ପରେ ସେହି ସଂସ୍ଥା ଉକ୍ତ ସ୍ଥାନଗୁଡିକର ପୁନର୍ନିର୍ମାଣ କରିଥାଏ। କିନ୍ତୁ ବିଭାଗୀୟ ଅଧିକାରୀମାନେ ଠିକ୍ ଭାବରେ କାର୍ଯ୍ୟର ତଦାରଖ କରୁ ନ ଥିବାରୁ ସଂସ୍ଥାଗୁଡିକ ଠିକ୍ କାମ କରୁନାହାନ୍ତି।



"ଦୀର୍ଘଦିନ ଧରି ହେବ ଏଭଳି କାମ ଜାରି ରହିଛି। ଖୋଳା ଖୋଳି ଦ୍ୱାରା ଯିବା ଆସିବାରେ କଷ୍ଟକର ହୋଇପଡୁଛି। ଦିନରେ ଧୂଳିବାଲି ଉଡୁଥିବା ବେଳେ ରାତିରେ ଅଣ୍ଡର ଗ୍ରାଉଣ୍ଡ ପ୍ରକଳ୍ପ କାମ ହେଉଥିବାରୁ ଶୋଇ ହେଉନାହିଁ। କାମ ସରିବା ପରେ ବି ବିଭିନ୍ନ ଯନ୍ତ୍ରପାତି ଦୀର୍ଘ ଦିନ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ପଡି ରହୁଥିବାରୁ ଯାତାୟାତରେ ସମସ୍ୟା ହେଉଛି।

– କିଶୋର ଦାସ, ସ୍ଥାନୀୟ ଦୋକାନୀ

"ବିଭିନ୍ନ ବିଭାଗ ଦ୍ୱାରା ଅଣ୍ଡର ଗ୍ରାଉଣ୍ଡ୍ ପ୍ରକଳ୍ପ ଚାଲୁଥିବାବେଳେ ଅଧିକାଂଶ ସମୟରେ ମାଟିତଳେ ପୂର୍ବରୁ ଥିବା କେବୁଲଗୁଡିକ ଜଣାପଡି ନ ଥାଏ। ଖୋଳିବା ସମୟରେ ଅନ୍ୟ ବିଭାଗର କେବୁଲ୍ ହେଉ ଅବା ପାଇପ୍ କ୍ଷତିଗ୍ରସ୍ତ ହେଲେ ଅଧିକ ସମସ୍ୟା ହୁଏ, କାମ ମଧ୍ୟ ଧିମା ହୁଏ। ବାରମ୍ବାର ଖୋଳାଖୋଳି ହେବା ଦ୍ୱାରା ରାସ୍ତାଗୁଡିକର ଅବସ୍ଥା ଖରାପ ହୋଇପଡୁଛି।

–ଦିଲୀପ ମଲ୍ଲିକ,କାର୍ଯ୍ୟରତ ଶ୍ରମିକ

# ମୋ ବାପା ମହାନ୍

**ଆଜି ପିତୃ ଦିବସ**



ଭୁବନେଶ୍ୱର,୧୭।୬(ଶର୍ମିଷ୍ଠା ପାଣିଗ୍ରାହୀ)

ସିଏ ସବୁଠୁ ଅଧିକ ଭଲ ପାଆନ୍ତି, କିନ୍ତୁ କେତେବେଳେ ପ୍ରକାଶ କରିପାରନ୍ତି ନାହିଁ। କ୍ଲାନ୍ତ ଥାଇ ବି ରାତିଦିନ ପରିଶ୍ରମ କରନ୍ତି, କେବେ ଥକି ପଡ଼ନ୍ତିନି। ଅନୁଶାସନ ଦିଅନ୍ତି, ହେଲେ ଅନୁଶୋଚନା ଦେଖାନ୍ତି ନାହିଁ। ପିଲା ଓ ପରିବାର ମୁହଁରେ ହସ ଦେଖିବାକୁ ଦିନରାତି ଏକ କରିଦେଉଥିବା ମଣିଷ ହେଉଛନ୍ତି ମୋ ବାପା। ଉପନିଷଦୀୟ ବାଣୀ କହେ, ପିତା ଧର୍ମ, କର୍ମ, ଅର୍ଥ, ମୋକ୍ଷ ଆଦି ଚତୁଃବର୍ଗ ଫଳ ପ୍ରାପ୍ତିର ଆଧାର। ବାପା ସ୍ୱର୍ଗ ପରି ଆଶ୍ରୟ ଓ ଆଶ୍ୱାସନାର ଅବଲମ୍ବନ। ହାତ ଧରି ଚାଲିବାକୁ, କାନ୍ଧରେ ବସେଇ ଏ ଦୁନିଆ ଚିହ୍ନାଉଥିବା ଚରିତ୍ର ହେଉଛନ୍ତି ବାପା। ମା'କଥା ତ ସମସ୍ତେ କୁହନ୍ତି, କିନ୍ତୁ ବାପାଙ୍କ କଥା ଆମେ କମ୍ କହୁ। ଜୀବନର ପ୍ରତିଟି ପାହାଚକୁ ଚଢ଼ିବାରେ ସାମର୍ଥ୍ୟ ଦେଉଥିବା ବାପା ସତରେ କେତେ ମହାନ। ରବିବାର ପିତୃ ଦିବସରେ 'ବାପା'ଙ୍କ ପାଇଁ ଧରିତ୍ରୀ ପକ୍ଷରୁ ସ୍ୱତନ୍ତ୍ର ଉପସ୍ଥାପନା।

### ବାପାଙ୍କ ଗାଳି ସାହସ ଦିଏ



ମୋ ବାପା ମୋର ଘନିଷ୍ଠ ସାଙ୍ଗ। ଯେବେଠୁ ବାପାଙ୍କୁ ଜାଣିବାକୁ ଚେଷ୍ଟା କରିଛି, ସେବେଠୁ ତାଙ୍କୁ ମୋର ସବୁ ସୁବିଧା ଅସୁବିଧାରେ ସାମିଲ କରିଛି। ଯେ କୌଣସି ବି ପରିସ୍ଥିତି ହେଉ ନା କାହିଁକି ସେ ମୋ ସହ ସବୁବେଳେ ଛାଇ ହୋଇ ରହିଛନ୍ତି। ହଁ ବାପା ଶବ୍ଦକୁ ନେଇ ମନରେ ଏକ ଛୋଟିଆ ଭୟଟିଏ ଥାଏ। ସେଥିପାଇଁ ଆମେ ତାଙ୍କ ସହ ମିଶିବାକୁ ଆଗ୍ରହ କରନ୍ତି ନାହିଁ। କିନ୍ତୁ ବାପାଙ୍କ ସେହି ଗାଳି ଭିତରେ ହିଁ ଜୀବନରେ ବାଟ ଚାଲିବାର ସାହସ ଥାଏ। ପିତୃ ଦିବସ ଉପଲକ୍ଷେ ମୋ ଭଳି ସମସ୍ତ ପିଲାଙ୍କୁ କହିବାକୁ ଚାହିଁବି ଯେ, ବାପାଙ୍କ ସହ ସମସ୍ତେ ମିଶିବା ଦରକାର। ବାପାଙ୍କ ଗାଳି ଭିତରେ ଭଲପାଇବାକୁ ଦେଖିବାର ଆବଶ୍ୟକତା ରହିଛି।

-ଗୌରବ ଦାସ, ଛାତ୍ର

### ବାପା ମୋର ରୋଲ୍ ମଡେଲ



ବାପା, ମୋ ଜୀବନର ସବୁଠୁ ପ୍ରିୟ ମଣିଷ। ବାପାଙ୍କ ପାଇଁ ମୁଁ ଏତେବାଟ ଯାଇଛି ବୋଲି ମୋ ଛାତି ଗର୍ବରେ ଫାଟିପଡ଼େ। ମୁଁ ମୋ ବାପାଙ୍କ ଝିଅ। ବାପାଙ୍କ ପରିଚୟରେ ପରିଚିତ ହେବା ଯେମିତି ମୋର ଗୋଟିଏ ଅଲଗା ପ୍ରକାର ଖୁସି। ମୋ ବାପାଙ୍କଠାରୁ ମୁଁ ବହୁତ କିଛି ଶିଖିବାକୁ ପାଇଛି। ତାଙ୍କ ବିଷୟରେ କହିବାକୁ ସବୁ ଶବ୍ଦ ଫିକା ପଡ଼ିବ। ସେ ସବୁବେଳେ ଭଲରେ ରୁହନ୍ତୁ ସେତିକି ହିଁ ଚାହେଁ। ମୋ ସାହସର ପ୍ରତୀକ, ମୋ ଖୁସିର କାରଣ, ମୋ ସବୁ ବିପଦ ଆପଦରେ ପ୍ରକୃତ ବନ୍ଧୁ ସାଜିଥିବା ମୋ ବାପା ମୋର ରୋଲ ମଡେଲ ହୋଇ ସବୁବେଳେ ମୋ ପାଖରେ ରହିଥାନ୍ତୁ।

-ସୋନାଲି ଲଗ୍ନଜିତା, ଆଇଟି ଇଞ୍ଜିନିୟର

### ତାଙ୍କ ପାଇଁ ଅନେକ ଭାବନା



ମା' ସହ ଶହେ ଫଟୋ। ବାପାଙ୍କ ସହ ଗୋଟିଏ ବି ମିଳିବା କଷ୍ଟ। ବାପାଙ୍କୁ ସାହସ କରି କିଛି କହିବା କୌଣସି ଗୋଟିଏ ବଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସହ ସମାନ। ତାଙ୍କ ପାଇଁ ଅନେକ ଭାବନା, କିନ୍ତୁ କହିବା ବେଳେ ଯେମିତି ମୁଁ ନିରୁତ୍ତର ହୋଇଯାଏ। ସେ ଆମକୁ ସଂସାରରେ ସବୁ ଖୁସି ଦିଅନ୍ତି। କିନ୍ତୁ ଆମେ କ'ଣ କଲେ ସେ ଖୁସିହେବେ ସେ ନେଇ କେବେ ଚିନ୍ତା କଲେ ଆମେ ହୁଏତ ଆମ ଜୀବନରେ ତାଙ୍କର ଉପସ୍ଥିତିକୁ ଠିକ୍ ଭାବେ ବୁଝିପାରିବା। ଆମେ ବଡ଼ ହେବା ଯାଏ ସେ ସବୁ ଖୁସି ଦିଅନ୍ତି। ତାଙ୍କ ବାର୍ଦ୍ଧକ୍ୟ ସମୟରେ ଆମେ ତାଙ୍କ ପାଖେ ରହି ସେହିଭଳି ଭଲପାଇବା ଦେବା ଆମର କର୍ତ୍ତବ୍ୟ।

-ଅରିଜିତ ପ୍ରସାଦ ମିଶ୍ର , ଫାର୍ମାସିଷ୍ଟ

### ବାର୍ଦ୍ଧକ୍ୟ ବୟସରେ ହତାଦର ନ କରାଯାଉ



ବର୍ତ୍ତମାନର ବଡ଼ ସମସ୍ୟା ହେଲା ବୃଦ୍ଧାଶ୍ରମକୁ ବାପାଙ୍କୁ ପଠାଇବା। ପିତୃ ଦିବସ ଉପଲେକ୍ଷେ ମୋର ବାର୍ତ୍ତା ମାଧ୍ୟମରେ ଏତିକି ଅନୁରୋଧ, ଆମ ପାଇଁ ସାରା ଜୀବନ ଚିନ୍ତା କରି, ଉପାର୍ଜିତ ସମସ୍ତ ଅର୍ଥ, ଭଲପାଇବାକୁ ପ୍ରତି ମୁହୂର୍ତ୍ତରେ ଭେଟିଦେଉଥିବା ବାପାଙ୍କୁ ବାର୍ଦ୍ଧକ୍ୟ ବୟସରେ ହତାଦାର ନ କରାଯାଉ। ଜୀବନରେ ସବୁକିଛି ଦେଇଥିବା ସେ ମଣିଷ ରୂପକ ଦେବତା ପ୍ରତି ଅବହେଳା କେବେ ହେଲେ ଗ୍ରହଣୀୟ ନୁହେଁ। ବଞ୍ଚିଥିବା ଯାଏ ହତାଦାର ନ କରି ସ୍ନେହ, ଆଦାରରେ ତାଙ୍କ ଜୀବନକୁ ସହଜ, ସୁନ୍ଦର କରିବା ପାଇଁ ଆମେ ଚେଷ୍ଟା କରିବା ଦରକାର।

-ପ୍ରଭାତ କୁମାର ମଲ୍ଲିକ, ଡିଏସ୍‌ପି, ନୟାଗଡ଼।

## ପୋତାହେବ ଜବତ କୋଟିଏ ଟଙ୍କାର ପଶୁଅସ୍ଥି ତହସିଲଦାରଙ୍କୁ ଚିଠି ଲେଖିଲା ପୋଲିସ

ଭୁବନେଶ୍ୱର,୧୭।୬(ସୂର୍ଯ୍ୟକାନ୍ତ ବେହେରା): ଜଟଣୀରୁ ପଶ୍ଚିମବଙ୍ଗକୁ ଚାଲାଣବେଳେ ତମାଣ୍ଡୋ ପୋଲିସ ବିପୁଳ ପଶୁଅସ୍ଥି ବା ହାଡ଼ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଥିଲା। ଏଥିସହ ସେମାନଙ୍କଠାରୁ ୯୯୫୦ କେଜି ଅସ୍ଥି ଜବତ କରିଥିଲା। ତେବେ ଏହି ଅସ୍ଥି ପୋତିବା ପାଇଁ ଜେଏମ୍‌ଏଫ୍‌ସି-୧ କୋର୍ଟଙ୍କ ଅନୁମତି ମାଗିବା ସହ ଏଥିପାଇଁ ସରକାରୀ ଯାଗା ଦେବାକୁ ତହସିଲଦାରଙ୍କୁ ଚିଠି ଲେଖିଛି ତମାଣ୍ଡୋ ପୋଲିସ। ସୂଚନାନୁସାରେ, ଶନିବାର ପଶ୍ଚିମବଙ୍ଗକୁ ପଶୁ ଅସ୍ଥି ଚାଲାଣବେଳେ ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଚଢାଉ କରି ର୍ୟାକେଟକୁ ଧରିବାରେ ସଫଳ ହୋଇଥିଲା। ୩ ଜଣଙ୍କଠାରୁ ୯୯୫୦ କେଜି ଅସ୍ଥି ଜବତ ହୋଇଥିଲା। ଏହାର ଆନୁମାନିକ ମୂଲ୍ୟ ୧ କୋଟି ଟଙ୍କା ହେବ। ପଚରାଉଚରାବେଳେ ଅଭିଯୁକ୍ତମାନେ ଜଟଣୀ ଥାନା ବେଣାପୁରରୁ ପଶୁହାଡ଼ ନେଇ ଯାଉଥିଲେ। ଏହି ହାଡ଼ରେ ଚିକିତ୍ସା ଉପକରଣ ଓ ପ୍ଲେଟ ତିଆରି ହେଉଥିବା ସେମାନେ ପୋଲିସକୁ କହିଛନ୍ତି। ପଶୁ ଅସ୍ଥି ଚୋରାଚାଲାଣ ର୍ୟାକେଟ ବାବଦରେ ଅଧିକ ତଥ୍ୟ ପାଇଁ ୩ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ବୋଲି ପୋଲିସ ସୂଚନା ଦେଇଛି।

# ଭୁବନେଶ୍ୱରରେ ଅଜନ୍ତା ସର୍କସ




ଭୁବନେଶ୍ୱର,୧୭।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଦୀର୍ଘ ୮ବର୍ଷ ପରେ ରାଜଧାନୀ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆରେ ପ୍ରସିଦ୍ଧ ଅଜନ୍ତା ସର୍କସ ପ୍ରଦର୍ଶନ ଆରମ୍ଭ ହୋଇଛି। ୩୫ଦିନ ଧରି ଚାଲିବାକୁ ଥିବା ଏହି ସର୍କସରେ ଚିତ୍ତାକର୍ଷକ ବିପଦପୂର୍ଣ୍ଣ ଖେଳ କୌଶଳ ପ୍ରଦର୍ଶନ କରାଯାଉଛି। ଆଫ୍ରିକାନ, ଋଷିଆନ, ମଣିପୁରର କଳାକାରମାନେ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିବାବେଳେ ଏଥିରେ ଫାୟାର ରିଂ, ଫ୍ଲାଇଂ, ଫାୟାର ଡ୍ୟାନ୍ସ, ସାଇକେଲ ଫ୍ଲାଏ, ରିଂ ବାଲାନ୍ସ, ଜୋକର କମେ ସହ ୩୦ପ୍ରକାର ଖେଳ ରହିଛି। ଗ୍ଲୋବ ମୋଟର ସାଇକେଲ ରାଇ ଦର୍ଶକଙ୍କୁ ଅଧିକ ରୋମାଞ୍ଚ ଭରି ଦେଇଥିଲା। ଏ ନେଇ ଅଜନ୍ତା ସର୍କସର ମ୍ୟାନେଜର ବୈକୁଣ୍ଠ ପାତ୍ର କହିଛନ୍ତି, ଆମ ସର୍କସ ଏକ ଅନ୍ତଃରାଷ୍ଟ୍ରୀୟ ଖେଳ। ବିଦେଶରୁ ଆସି ପୂର୍ବରୁ ଏହି ସର୍କସ ବିଭିନ୍ନ ସହରରେ ପ୍ରଦର୍ଶିତ ହେଉଥିଲା। ପ୍ରାକ୍ ଐତିହାସିକ କାଳରେ କର୍ମକ୍ଳାନ୍ତ ଜୀବନରେ ମନୋରଞ୍ଜନ ପାଇଁ ସର୍କସକୁ ଦେଖି ଖୁସି ହେଉଥିଲେ। ଲୁପ୍ତ ହେବାକୁ ବସିଥିବା ଏହି ଖେଳକୁ ଟିଭି ଓ ମୋବାଇଲରେ ନ ଦେଖି ସିଧା ସାମ୍ନାସାମ୍ନି ସର୍କସ ଦେଖିବାର ମଜା କିଛି ଅଲଗା। ଚଳିତବର୍ଷ ପ୍ରାୟ ୧ହଜାରରୁ ୧୫୦୦ସିଟ୍‌ର ବ୍ୟବସ୍ଥା କରାଯାଇଛି। ଟିକେଟ ମୂଲ୍ୟ ୧୦୦ରୁ ୩୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସର୍କସକୁ ମ୍ୟାନେଜର ପାତ୍ର ଓ ସଞ୍ଜିତ ଘୋଷାଲ ପରିଚାଳନା କରୁଛନ୍ତି।

## ମୃତ୍ୟୁ ପୂର୍ବରୁ ଡିଜେ ଆଜେକ୍ସଙ୍କ ଶେଷ ଭିଡିଓ ଭାଇରାଲ

ଭୁବନେଶ୍ୱର,୧୭।୬(ସୂର୍ଯ୍ୟକାନ୍ତ ବେହେରା)

ଡିଜେ ଆଜେକ୍ସ ତଥା ଅକ୍ଷୟ କୁମାର ମହାରଣାଙ୍କ ଆତ୍ମହତ୍ୟା ମାମଲା କୋର୍ଟରେ ବିଚାରାଧୀନ ରହିଛି। ତେବେ ଏହାମଧ୍ୟରେ ଆଜେକ୍ସଙ୍କ ମୃତ୍ୟୁ ପୂର୍ବରୁ ଶେଷ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଜୀବନ ହାରିବା ପୂର୍ବରୁ ସେ ଛାତି ଫଟାଇ ଚିତ୍କାର କରି କାନ୍ଦିବା ସହ ଆଇ ଆମ ସରି ଆଉ ବଞ୍ଚିପାରିବିନି, ମରିଯିବି ବୋଲି କହୁଛନ୍ତି। ଏହାସହ ଭିଡିଓରେ କାନ୍ଦି କାନ୍ଦି ଜଣଙ୍କର ନାଁ ନେଉଥିବା ଶୁଣିବାକୁ ମିଳୁଛି। ସେହିପରି ଭିଡିଓରେ ଫ୍ୟାନରେ ବେଡସିଟ ଲଗାଇଥିବା ମଧ୍ୟ ଦେଖିବାକୁ ମିଳିଛି । ତେବେ ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପରିବାର ଲୋକଙ୍କ ପୁଅକୁ ଝୁରି କାନ୍ଦୁଛନ୍ତି। ତେବେ ପୋଲିସ ଏହି ଭିଡିଓକୁ ନେଇ ତଦନ୍ତ ଚଳାଇଛି। ସୂଚନାନୁସାରେ ଗତ ମାର୍ଚ୍ଚରେ ଡିଜେ ଆଜେକ୍ସଙ୍କ ମୃତଦେହ ସେ ରହୁଥିବା ଘରୁ ଜବତ ହୋଇଥିଲା। ପ୍ରେମ ପ୍ରତାରଣାକୁ ନେଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଘଟଣାକୁ ରବିବାର ୩ ମାସ ପୂରିବ। ଆଜେକ୍ସ ମୃତ୍ୟୁ ମାମଲାରେ ଖାରବେଳ ନଗର ଥାନା ପୋଲିସ ହାତରେ ଡିଜିଟାଲ ପ୍ରମାଣ ଲାଗିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାର କରିପାରି ନଥିବାରୁ ପରିବାର ଲୋକେ ହାଇକୋର୍ଟ ଦ୍ୱାରସ୍ଥ ହୋଇଥିଲେ।

## ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି



ଭୁବନେଶ୍ୱର,୧୭।୬ (ଅନୁରାଧା ମହାରଣା)

ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଶନିବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ସାକ୍ଷାତ କରିଛନ୍ତି। ଲୋକସେବା ଭବନଠାରେ ମନ୍ତ୍ରୀଙ୍କ ସହ ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଛି। ଏଥିସହ ବିଶ୍ୱବିଦ୍ୟାଳୟର ବିକାଶ ନେଇ ବିଭିନ୍ନ ଦିଗ ଉପରେ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିବା ସେ କହିଛନ୍ତି। ତେବେ କେଉଁ ସବୁ ପ୍ରସଙ୍ଗରେ ଆଲୋଚନା ହୋଇଛି ତାହା ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତର କଥା ବୋଲି କହି ଏଡାଇ ଯାଇଛନ୍ତି କୁଳପତି ଆଚାର୍ଯ୍ୟ।

# 'ଛୋଟପିଲା, ଗୃହପାଳିତ ପଶୁଙ୍କୁ କାର୍ ଭିତରେ ଏକୁଟିଆ ଛାଡ଼ନ୍ତୁ ନାହିଁ'

## ସତର୍କ କଲା ଓଡ଼ିଶା ପୋଲିସ

କଟକ,୧୭।୬(କାର୍ତ୍ତିକ ସାହୁ)

କାର୍ ଭିତରେ ଶ୍ୱାସରୁଦ୍ଧ ହୋଇ ଶିଶୁ ମୃତ୍ୟୁ ଘଟଣାକୁ ନେଇ ଓଡ଼ିଶା ପୋଲିସ ଅଭିଭାବକମାନଙ୍କୁ ସତର୍କ କରାଇଛି। ଛୋଟ ପିଲା ଓ ଗୃହପାଳିତ ପଶୁଙ୍କୁ କାର୍ ଭିତରେ ଏକୁଟିଆ ଛାଡ଼ନ୍ତୁ ନାହିଁ ବୋଲି ଓଡ଼ିଶା ପୋଲିସ ପକ୍ଷରୁ ଟୁଇଟର ଯୋଗେ ସତର୍କ କରାଯାଇଛି। ବିଶେଷକରି ଗ୍ରୀଷ୍ମଦିନେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ରୌଦ୍ରତାପ କାରଣରୁ ବନ୍ଦ କାର୍ ଭିତରେ ତାପମାତ୍ରା ଅସମ୍ଭବ ଭାବେ ବୃଦ୍ଧି ପାଇଥାଏ। ସାଧାରଣତଃ ବାହାରର ତାପମାତ୍ରା ୪୦ ଡିଗ୍ରୀ ଥିବାବେଳେ କାର୍ ଭିତରର ତାପମାତ୍ରା ବୃଦ୍ଧି ପାଇଁ ୬୦ ଡିଗ୍ରୀ ହେବାକୁ ମାତ୍ର ୧୫ ମିନିଟ୍ ସମୟ ଲାଗେ। ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେବା ସହ ଜୀବନ ଚାଲିଯିବାର ଆଶଙ୍କା ରହିଛି। ତେଣୁ ଓଡ଼ିଶା ପୋଲିସ ପକ୍ଷରୁ ସାମ୍ପ୍ରତିକ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏଭଳି ସତର୍କତାମୂଳକ ବାର୍ତ୍ତା ପ୍ରଦାନ କରାଯାଇଛି। ଓଡ଼ିଶା ପୋଲିସର ଏହି ବାର୍ତ୍ତାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ସୂଚନାଯୋଗ୍ୟ, କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳରେ କାର୍ ଭିତରେ ଶ୍ୱାସରୁଦ୍ଧ ହୋଇ ଶୁକ୍ରବାର ଜଣେ ଶିଶୁର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ଗ୍ରୀଷ୍ମପ୍ରବାହ କମିବା ପର୍ଯ୍ୟନ୍ତ ସକାଳୁଆ ସ୍କୁଲ ହେଉ

ଭୁବନେଶ୍ୱର,୧୭।୬ (ଅନୁରାଧା ମହାରଣା)

ଗ୍ରୀଷ୍ମଛୁଟି ସରି ଆସୁଥିବାବେଳେ ଆସନ୍ତା ୨୧ ତାରିଖରେ ରାଜ୍ୟର ସମସ୍ତ ସ୍କୁଲ ଖୋଲିବାକୁ ଯାଉଛି। ତେବେ ସାରା ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଉଥିବାରୁ ସ୍କୁଲକୁ ସକାଳୁଆ କରାଯିବା ପାଇଁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଦାବି ହୋଇଛି। ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି, ରାଜ୍ୟ ସରକାର ୧୯ ତାରିଖରେ ଖୋଲିବାକୁ ଥିବା ସ୍କୁଲର ଛୁଟି ଅବଧିକୁ ଦୁଇଦିନ ବୃଦ୍ଧି କରିଛନ୍ତି। ମାତ୍ର ଏବେ ଉପକୂଳଠାରୁ ଆରମ୍ଭ କରି ପଶ୍ଚିମାଞ୍ଚଳ, ଉତ୍ତର ଓ ଦକ୍ଷିଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହୁଛି। ରାଜ୍ୟର ଅଧିକାଂଶ ସ୍କୁଲ ଘର ଆଜବେଷ୍ଟସ୍ କିମ୍ବା ଏକ ମହଲା ଛାତବିଶିଷ୍ଟ। ବିଦ୍ୟାଳୟର ସମସ୍ତ ଶ୍ରେଣୀଗୃହରେ ବିଦ୍ୟୁତ୍ ସଂଯୋଗ ଓ ପଙ୍ଖାର ସୁବିଧା ନାହିଁ। ଯେଉଁଠି ଅଛି ଅଧା ଅଚଳ ଅବସ୍ଥାରେ ରହିଛି। ଜୁନ୍‌ର ଆର୍ଦ୍ରତାଯୁକ୍ତ ରୌଦ୍ରତାପ ଅସହ୍ୟ ହୋଇପଡ଼ିଛି। ଏଭଳି ସ୍ଥିତିରେ ଦିନ ୧୦ଟାରୁ ୪ଟା ପାଠପଢ଼ା ସମ୍ଭବ ନୁହେଁ। ଯେଉଁ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପୋଷ୍ଟ ଅଫିସ୍ ଆଦି ଦିନବେଳେ ଚାଲୁଛି ସେଠାରେ କୁଲର, ଏସି, ଥଣ୍ଡା ପିଇବା ପାଣି ଆଦି ସୁବିଧା ଉପଲବ୍ଧ ଅଛି। କିନ୍ତୁ ବିଦ୍ୟାଳୟଗୁଡ଼ିକରେ ଏଭଳି ସୁବିଧା ନ ଥିବା ସତ୍ତ୍ୱେ ଶିକ୍ଷାଦାନ ନେଇ ଅଭିଭାବକ, ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି। ପିଲାଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷାକୁ ଦୃଷ୍ଟିରେ ରଖି ତାପମାତ୍ରା ହ୍ରାସ ନ ହେବା ପର୍ଯ୍ୟନ୍ତ ସ୍କୁଲ ସମୟକୁ ସକାଳ ୬ଟା ୩୦ରୁ ୯ଟା ୩୦ ପର୍ଯ୍ୟନ୍ତ କରାଯିବା ପାଇଁ ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ ଓ କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ପ୍ରମୁଖ ସରକାରଙ୍କୁ ନିବେଦନ କରିଛନ୍ତି।

**ରାଜ୍ୟ ସରକାରଙ୍କୁ ନିବେଦନ ଜଣାଇଲା ଓଷ୍ଟା**

## ଆଜି କ'ଣ କେଉଁଠି

କଟକ

- ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୫ତମ ଶ୍ରାଦ୍ଧୋତ୍ସବ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ,ବାରବାଟୀ ଷ୍ଟାଡିୟମ୍, ଗୋପବନ୍ଧୁ ଭବନ, ସକାଳ ୮ଟା ଓ ଶ୍ରଦ୍ଧାଞ୍ଜଳି ସଭା, ସମାଜ କାର୍ଯ୍ୟାଳୟ, ଅପରାହ୍ନ ୪ଟା ୩୦ ।

# ଅଘୋଷିତ ବିଦ୍ୟୁତ୍ କାଟ: ଉପଭୋକ୍ତା ହନ୍ତସନ୍ତ

ନିଶ୍ଚିନ୍ତକୋଇଲି ,୧୭।୬
(ଅଶୋକ କୁମାର ମହାପାତ୍ର)



ପଚଣ୍ଡ ରୌଦ୍ର ତାପରେ ଲୋକେ ହନ୍ତସନ୍ତ ହେଉଥିବାବେଳେ ଅଘୋଷିତ ବିଦ୍ୟୁତ୍ କାଟ ଓ ଲୋ- ଭୋଲ୍‌ଟେଜ ଉପଭୋକ୍ତାଙ୍କ ପାଇଁ ଯନ୍ତ୍ରଣାର କାରଣ ପାଲଟିଛି। କଟକ ଜିଲା ନିଶ୍ଚିନ୍ତକୋଇଲି ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ ନିଶ୍ଚିନ୍ତକୋଇଲି,ଓରିକଣ୍ଡା ଓ ଅସୁରେଶ୍ୱର ୩ଟି ସେକ୍ସନ ରହିଛି। ଏହାସତ୍ତ୍ୱେ ସହରରୁ ଗାଁ ପର୍ଯ୍ୟନ୍ତ ସବୁଆଡେ ବିଦ୍ୟୁତ୍ ବିଭାଗର ଚରମ ଅବହେଳା ପାଇଁ ଉପଭୋକ୍ତା ଅସନ୍ତୋଷ ବଢ଼ିବାରେ ଲାଗିଛି। କିଛି ଦିନ ହେବ ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ହେଉଥିବାବେଳେ ଦାଉ ସାଜୁଛି ଟାଟା ପାୱା । କେତେବେଳେ କାଳ ବୈଶାଖି ବାହାନାରେ ତ ଆଉ କେତେବେଳେ ଲୋ ଭୋଲ୍‌ଟେଜ ନାଁରେ ବିଦ୍ୟୁତ୍ କାଟି ଦିଆଯାଉଛି। ଏବେ ନିଶ୍ଚିନ୍ତକୋଇଲି ସଦର ମହକୁମାରେ ଲୋ-ଭୋଲଟେଜ ଓ ଅଘୋଷିତ ବିଦ୍ୟୁତ୍ କାଟ ଉଭୟ ବ୍ୟବସାୟୀ ଓ ଘରୋଇ ଉପଭୋକ୍ତାଙ୍କୁ ପ୍ରଭାବିତ କରିଛି। ବିଭାଗ ପକ୍ଷରୁ ୨୨୦ ଭୋଲ୍ଟ ଦେବା ପାଇଁ ବ୍ୟବସ୍ଥା ଥିବା ବେଳେ ଦିନ ତମାମ ମାତ୍ର ୧୧୦ ଭୋଲଟରେ ସୀମିତ ରହୁଛି। ଏପରିକି ରାତିରେ ଓ ଖରାବେଳେ ଲାଇଟ୍ ଓ ଫ୍ୟାନ କିଛି ଚାଲିପାରୁନାହିଁ। ଖରାରେ ଲୋକେ ବାହାରକୁ ବାହାରି ପାରୁନ ଥିବା ବେଳେ ଘର ଭିତରେ ମଧ୍ୟ ରହି ନ ପାରି ଲୋକେ ଛଟପଟ ହେଉଛନ୍ତି। ପୁରୁଣା ଟ୍ରାନ୍ସଫରମର ଓ ପୁରୁଣା ତାରରେ ଟାଟା ପାୱାର ବିଦ୍ୟୁତ ସେବା ଯୋଗାଉଥିବାର ଏପରି ପରିସ୍ଥିତ ସୃଷ୍ଟି ହେଉଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଅପରପକ୍ଷେ ବିଭାଗୀୟ କର୍ମଚାରୀଙ୍କ ବେପରୁଆ ମନୋଭାବ ପାଇଁ ନିକଟରେ ନିଶ୍ଚିନ୍ତକୋଇଲି ପଞ୍ଚାୟତର ଓଥକା ନିକଟରେ ଥିବା ୮ ନମ୍ବର କେନାଲରେ ଛିଣ୍ଡିପଡିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ଟି ମଇଁଷିଙ୍କ ମୃତ୍ୟୁ ଘଟିଥିଲା। ଅନୁରୂପ ଭାବେ କଟିକଟା ପଞ୍ଚାୟତର ପଣ୍ଡିମଖଣ୍ଡଭୋଳ ଗ୍ରାମରେ ମଧ୍ୟ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୨ଟି ଗାଈଙ୍କ ମଧ୍ୟ ମୃତ୍ୟୁ ଘଟିଛି। ଏନେଇ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସେହିପରି ଅସୁରେଶ୍ୱରରେ ମଧ୍ୟ ଖୁଣ୍ଟରେ ଚଢି ବିଦ୍ୟୁତ୍ କାର୍ଯ୍ୟ କରୁଥିବା ବେଳେ ସଂସ୍ଥାର ବେପରୁଆ କାର୍ଯ୍ୟ ଯୋଗୁ ଜଣେ କର୍ମଚାରୀ ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ତାଙ୍କ ମୃତ୍ୟୁ ଘଟିଛି। କଟକ-ଚାନ୍ଦବାଲି ରାସ୍ତାର କେନ୍ଦୁପାଟଣା ଛକରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଏହିପରି ଭାବେ ଟାଟା ପାୱାର ଦାୟତ୍ୱ ହୀନତା ଓ କର୍ତ୍ତବ୍ୟରେ ଅବହେଳା କାରଣରୁ ବହୁ ଧନଜୀବନ ହାନୀ ଘଟିଛି।

ସ୍ଥାନୀୟ ଅସୁରେଶ୍ୱର, ନିଶ୍ଚିନ୍ତକୋଇଲି ଓ ଓରିକଣ୍ଡା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ବିଦ୍ୟୁତ୍ କାଟ ଯୋଗୁ କୋମଳମତି ଶିଶୁ, ରୋଗାଗ୍ରସ୍ତ ବ୍ୟକ୍ତି, ବୃଦ୍ଧାବୃଦ୍ଧମାନେ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ନିରବଛିନ୍ନ ବିଦ୍ୟୁତ ସେବା ଯୋଗାଇବା ସହ ଟାଟା ପାୱାର ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାମାଜିକ କର୍ମୀ ଅମିୟ କୁମାର ବିଶ୍ୱାଳ, ପୂର୍ବତନ ସରପଞ୍ଚ ଦିଲୀପ କୁମାର ରାଉତ, ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ନିଶ୍ଚିନ୍ତକୋଇଲି ବିଦ୍ୟୁତ୍ ବିଭାଗୀୟ ସହକାରୀ ଯନ୍ତ୍ରୀ ଅନୀଲ କୁମାର ନାୟକ କୁହନ୍ତି, ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଗତ କିଛି ଦିନ ହେଲା କାଳ ବୈଶାଖି ଯୋଗୁ ବହୁ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପୁଡି ଯାଇଛି ଓ ତାର ଛିଣ୍ଡିଯାଇଛି। ଏନେଇ ଅଧିକ ଲୋଡ୍ ହେଉଥିବାରୁ ଲୋ ଭୋଲଟେଜ ହେଉଛି। ତେଣୁ ବିଦ୍ୟୁତ୍ ଯୋଗାଣରେ ବହୁ ସମୟରେ ବ୍ୟାଘତ ଘଟୁଛି।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ଧାରଣା



ଧାରଣାରେ ବସିଥିବା ତହସିଲ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ସଦସ୍ୟା ସଦସ୍ୟମାନେ ।

**ଅତିରିକ୍ତ ଆର୍‌ଆଇଙ୍କୁ ଆକ୍ରମଣ ଘଟଣା**

ସାଲେପୁର,୧୭।୬(ଅରବିନ୍ଦ ଭୂୟାଁ):

ସାଲେପୁର ତହସିଲର ଅତିରିକ୍ତ ଆର୍‌ଆଇ ଶାରଦା ପ୍ରସନ୍ନ ସାହୁଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ଦାବି ହୋଇଛି। ଏନେଇ ଶନିବାର ତହସିଲ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। କଟକ ସଦର ଉପଜିଲାପାଳ ୫ଦିନ ମଧ୍ୟରେ ଆକ୍ରମଣକାରୀଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଲାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

ସୂଚନା ମୁତାବକ, ଗତ ୧୧ତାରିଖରେ ସାଲେପୁର ଅତିରିକ୍ତ ଆର୍‌ଆଇ ସାହୁ ପୁରଣ ଗ୍ରାମରେ ଚକବନ୍ଦୀ କାର୍ଯ୍ୟ ସମ୍ପାଦନ କରୁଥିବାବେଳେ ଉକ୍ତ ଗ୍ରାମର ବିଜୟ ନାୟକ ସେଠାରେ ପହଞ୍ଚି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରଧର କରିଥିଲେ। ଏନେଇ ସମ୍ପୃକ୍ତ ଅତିରିକ୍ତ ଆରଆଇ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଯଦି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଯାଏ ତେବେ ସାଲେପୁର ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି କଟକ ଜିଲାପାଳଙ୍କ ସମେତ ପୋଲିସ ବିଭାଗର ଉଚ୍ଚ ପଦାଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ତେବେ ଘଟଣାର ୬ଦିନ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରି ନ ଥିବାରୁ ଏହି ଆନ୍ଦୋଳନ କରାଯାଇଥିଲା।

## ଗୋରୁ ବୋଝେଇ ଗାଡ଼ି ଜବତ, ଚାଳକ ଗିରଫ

ନିଶ୍ଚିନ୍ତକୋଇଲି,୧୭।୬ (ଅଶୋକ କୁମାର ମହାପାତ୍ର): ନିଶ୍ଚିନ୍ତକୋଇଲି ଥାନା ଅଧୀନରେ ବାରମ୍ବାର ଗୋଚାଲାଣ ହେଉଥିଲେ ହେଁ ପୋଲିସ ଏଥିପ୍ରତି ଦୃଷ୍ଟି ଦେଉ ନ ଥିଲା। ତେଣୁ ଗୋଚାଲାଣ ଉପରେ ରୋକ ଲାଗଇବା ପାଇଁ ଶେଷରେ ସ୍ଥାନୀୟ ଲୋକେ ଅଣ୍ଟା ଭିଡିଥିଲେ। ଫଳରେ ଶୁକ୍ରବାର ରାତିରେ ଏକ ଅଟୋରେ ୪ଟି ଗାଈକୁ ବସ୍ତାଭଳି ଲଦି ଓଥକା ନତକାଇ ରାସ୍ତାରେ ନିଆଯାଉଥିବା ସମୟରେ ନତକାଇ ପଞ୍ଚାୟତ ଏକରୁଖି ଗ୍ରାମର ଜୟରାମ ବେହେରା ଗାଡିକୁ ଅଟକାଇ ନିଶ୍ଚିନ୍ତକୋଇଲି ଥାନାକୁ ଖବର ଦେଇଥିଲେ। ଥାନା ଅଧିକାରୀ ଚିନ୍ମୟୀ ସାହୁ ପହଞ୍ଚି ଗାଡ଼ ଡ୍ରାଇଭର ଓ ଗାଈଗୁଡ଼ିକୁ ଥାନାକୁ ନେଇଥିଲେ। ସେଠାରେ ଡ୍ରାଇଭରଙ୍କୁ ପଚରାଉଚରା ପରେ ତାଙ୍କ ଘର ମାହାଙ୍ଗା ଥାନା ଧାରୋ ଶ୍ୟାମସୁନ୍ଦରପୁର ଅଞ୍ଚଳର ବୋଲି ଜଣାପଡିଥିଲା। ପରେ ସମ୍ପୃକ୍ତ ଡ୍ରାଇଭର ଏସକେ ସୁଲତାନକୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଗାଈଗୁଡ଼ିକୁ ଚୌଦ୍ୱାର ଗୋଶାଳାରେ ରଖାଯାଇଛି। ଜୟରାମଙ୍କ ଲିଖିତ ଅଭିଯୋଗ କ୍ରମେ ଥାନାରେ ନଂ.୧୧୧/୨୩ରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଏହି ଥାନା ଅଧୀନ ଶୁକରପଡ଼ାରୁ କ୍ରମାଗତ ଗୋଚାଲାଣ ହେଉଥିଲେ ହେଁ ଜିଲା ପ୍ରଶାସନ ଓ ପୋଲିସ ଚୁପ୍ ରହିଛି। ତେଣୁ ଜନ ଜାଗରଣ ହିଁ ଗୋଚାଲାଣ ରୋକିପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ମୋବାଇଲରେ ବାର୍ତ୍ତାଳାପ ବେଳେ ବଜ୍ରପାତ : ଜଣେ ମୃତ

ଆଠଗଡ,୧୭।୬(ସତ୍ୟ ପ୍ରକାଶ ରଥ) ମୋବାଇଲ ଫୋନରେ କଥାହେଉଥିବା ବେଳେ ବଜ୍ରପାତ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। କଟକ ଜିଲା ଆଠଗଡ ଥାନା ଅନ୍ତର୍ଗତ ଗୌରାଙ୍ଗପୁର ଗ୍ରାମରେ ଶନିବାର ଅପରାହ୍ନରେ ଏହି ଘଟଣା ଘଟିଛି। ମୃତକ ହେଲେ ଢେଙ୍କାନାଳ ଥାନା ଅନ୍ତର୍ଗତ ନଡିଆଳି ଗ୍ରାମର ନନ୍ଦିଆ ବେହେରାଙ୍କ ପୁତ୍ର କହ୍ନେଇ ବେହେରା (୨୦) । ସେ କିଛି ଦିନ ହେବ ଆଠଗଡ ଥାନା ଅନ୍ତର୍ଗତ ଗଉଡ଼ଝରି ଗ୍ରାମର ଭିଣୋଇ ଛବି ବେହେରାଙ୍କ ଘରକୁ ଆସିଥିଲେ। ଶନିବାର ଅପରାହ୍ନରେ ମଇଁଷି ଚରାଇବାକୁ ଗୌରାଙ୍ଗପୁର ଯାଇଥିଲେ। ମଇଁଷି ନେଇ ଫେରୁଥିବାବେଳେ ମୋବାଇଲ୍ ଫୋନରେ କଥା ହେଉଥିଲେ। ଏହି ସମୟରେ ହଠାତ ବଜ୍ରପାତ ହୋଇ ମୋବାଇଲ ନଷ୍ଟ ହେବା ସହ ଛାତି ପୋଡି ଯାଇଥିଲା। ଖବର ପାଇ ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ କହ୍ନେଇଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରବିବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।



ରାଜ୍ୟ ଅମଲା ସଂଘ ଆହ୍ୱାନକ୍ରମେ ବିଭିନ୍ନ ଦାବି ନେଇ ଅମଲାମାନଙ୍କ ଆନ୍ଦୋଳନ ଶନିବାର ସ୍ଥଗିତ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ବାଙ୍କୀ ଅମଲା ସଂଘ ପକ୍ଷରୁ ମା' ଚର୍ଚ୍ଚିକାଙ୍କ ପୀଠରେ ଦୀପଦାନ କରାଯାଉଛି।

## 'ଛୋଟପିଲା, ଗୃହପାଳିତ ପ୍ରାଣୀଙ୍କୁ କାର୍ ଭିତରେ ଏକୁଟିଆ ଛାଡ଼ନ୍ତୁ ନାହିଁ'

କଟକ,୧୭।୬(କାର୍ତ୍ତିକ ସାହୁ)

**ସତର୍କ କଲା ଓଡ଼ିଶା ପୋଲିସ**

କାର୍ ଭିତରେ ଶ୍ୱାସରୁଦ୍ଧ ହୋଇ ଶିଶୁ ମୃତ୍ୟୁ ଘଟଣାକୁ ନେଇ ଓଡ଼ିଶା ପୋଲିସ ଅଭିଭାବକମାନଙ୍କୁ ସତର୍କ କରାଇଛି। ଛୋଟ ପିଲା ଓ ଗୃହପାଳିତ ପଶୁଙ୍କୁ କାର୍ ଭିତରେ ଏକୁଟିଆ ଛାଡ଼ନ୍ତୁ ନାହିଁ ବୋଲି ଓଡ଼ିଶା ପୋଲିସ ପକ୍ଷରୁ ଟୁଇଟର ଯୋଗେ ସତର୍କ କରାଯାଇଛି। ବିଶେଷକରି ଗ୍ରୀଷ୍ମଦିନେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ରୌଦ୍ରତାପ କାରଣରୁ ବନ୍ଦ କାର୍ ଭିତରେ ତାପମାତ୍ରା ଅସମ୍ଭବ ଭାବେ ବୃଦ୍ଧି ପାଇଥାଏ। ସାଧାରଣତଃ ବାହାରର ତାପମାତ୍ରା ୪୦ ଡିଗ୍ରୀ ଥିବାବେଳେ କାର୍ ଭିତରର ତାପମାତ୍ରା ବୃଦ୍ଧି ପାଇଁ ୬୦ ଡିଗ୍ରୀ ହେବାକୁ ମାତ୍ର ୧୫ ମିନିଟ୍ ସମୟ ଲାଗେ। ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେବା ସହ ଜୀବନ ଚାଲିଯିବାର ଆଶଙ୍କା ରହିଛି। ତେଣୁ ଓଡ଼ିଶା ପୋଲିସ ପକ୍ଷରୁ ସାମ୍ପ୍ରତିକ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏଭଳି ସତର୍କତାମୂଳକ ବାର୍ତ୍ତା ପ୍ରଦାନ କରାଯାଇଛି। ଓଡ଼ିଶା ପୋଲିସର ଏହି ବାର୍ତ୍ତାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ସୂଚନାଯୋଗ୍ୟ, କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳରେ କାର୍ ଭିତରେ ଶ୍ୱାସରୁଦ୍ଧ ହୋଇ ଶୁକ୍ରବାର ଜଣେ ଶିଶୁର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## 'ରୋଗୀ,ସହାୟକଙ୍କ ପାଇଁ ଡାକ୍ତରଖାନାରେ ସୁବିଧା କର'

### ରୋଗୀ କଲ୍ୟାଣ ସମିତି ବୈଠକ

ନିଶ୍ଚିନ୍ତକୋଇଲି,୧୭।୬(ଅଶୋକ ମହାପାତ୍ର): ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦେଉଛନ୍ତି। ଗ୍ରାମାଞ୍ଚଳରେ ସହରାଞ୍ଚଳ ଭଳି କିପରି ସ୍ୱାସ୍ଥ୍ୟସେବା ମିଳିପାରିବ ସେ ନେଇ ସମସ୍ତେ ଯତ୍ନବାନ ହେବା ଦରକାର। ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ସହ ରୋଗୀଙ୍କ ସାଙ୍ଗରେ ଆସିଥିବା ସହାୟକଙ୍କୁ ମଧ୍ୟ ଡାକ୍ତରଖାନାରେ ସୁବିଧା ମିଳିବା ଦରକାର। ସେମାନଙ୍କ ପାଇଁ ବସିବା ଓ ପାନୀୟ ଜଳ ପରି ମୌଳିକ ସୁବିଧା ଉପରେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତି ବୈଠକରେ ଏହା କୁହାଯାଇଛି।

## ମଦ ବ୍ୟବସାୟୀଙ୍କୁ ପୋଲିସ ଜିମା ଦେଲେ ମହିଳା

ସାଲେପୁର,୧୭।୬(ଅରବିନ୍ଦ ଭୂୟାଁ): ଚୋରା ଦେଶୀ ମଦ ବିକି ଗ୍ରାମର ଯୁବକଙ୍କୁ ନିଶାଗ୍ରସ୍ତ କରାଉଥିବା ଜଣେ ବ୍ୟବସାୟୀଙ୍କୁ ଶନିବାର ଗ୍ରାମର ମହିଳାମାନେ ଧରି ସାଲେପୁର ପୋଲିସ ଜିମା ଦେଇଥିବା ଜଣାଯାଇଛି। ପୋଲିସ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୬ ବୋତଲ ଦେଶୀ ମଦ ଜବତ କରିଛି। ସେ ହେଲେ ସାଲେପୁର ଥାନା ଅନ୍ତର୍ଗତ ଭାତପଡ଼ା ଗ୍ରାମର ଗଣେଶ୍ୱର ଦେହୁରି। ଗଣେଶ୍ୱର ନିଜ ଘରେ ଚୋରା ଦେଶୀ ମଦ ବିକ୍ରି କରୁଥିଲେ। ଏକଥା ମହିଳାମାନେ ଜାଣିବା ପରେ ତାଙ୍କୁ ପୋଲିସରେ ଦେବାକୁ ସ୍ଥିର କରିଥିଲେ। ତେଣୁ ଗ୍ରାମର ମାନସୀ ଦେହୁରୀଙ୍କ ନେତୃତ୍ୱରେ ବହୁ ମହିଳା ତାଙ୍କୁ କାବୁ କରିଥିଲେ। ଏନେଇ ଥାନାରେ ନଂ.୧୯୭/୨୩ରେ ଏକ ମାମଲା ରୁଜୁ ହୋଇଛି।

## ଦ୍ୱୀପାଞ୍ଚଳରେ ଖୋଲିବ ଜାତୀୟକରଣ ବ୍ୟାଙ୍କ

ନିଶ୍ଚିନ୍ତକୋଇଲି,୧୭।୬
(ଅଶୋକ କୁମାର ମହାପାତ୍ର)

ଲୁଣା ଚିତ୍ରୋତ୍ପଳା ଦୀପାଞ୍ଚଳରେ ଜାତୀୟକରଣ ବ୍ୟାଙ୍କ ଖୋଲିବାକୁ ନିଷ୍ପତ୍ତି ହୋଇଛି। କଟକ ଜିଲା ନୂତନ ସମ୍ମିଳନୀ କକ୍ଷରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସଭାପତିତ୍ୱରେ ପିସିସି ଓ ଡିଏଲଆରସି ବୈଠକ ହୋଇଥିଲା। ଏଥିରେ ଏମ୍‌ପି ଭର୍ତ୍ତୃହରି ମହତାବ, ଏଲଡିଓ ରାଜେଶ ବେହେରା, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କର ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ମହାପାତ୍ର ଲୁଣା ଚିତ୍ରୋତ୍ପଳା ଦୀପାଞ୍ଚଳରେ ଷ୍ଟେଟ ବ୍ୟାଙ୍କର ଶାଖା ଖୋଲିବାକୁ ପ୍ରସ୍ତାବ ରଖିଥିଲେ। ଏଲଡିଓ ବେହେରା ଷ୍ଟେଟବ୍ୟାଙ୍କର ଶାଖା ତରତ ପଞ୍ଚାୟତରେ ଖୋଲିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ରଜଦୋଳିରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାଙ୍କୀ,୧୭।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କଟକ ଜିଲା ବାଙ୍କୀ ଏନ୍‌ଏସି ନିକଟବର୍ତ୍ତୀ ପ୍ରସିଦ୍ଧ ବ୍ରହ୍ମେଇଙ୍କ ପୀଠରେ ଏକ ଅଭାବନୀୟ ଘଟଣା ଘଟିଛି। ପୀଠରେ ରଜ ମହୋତ୍ସବ ଚାଲିଥିବାବେଳେ ସେଠାରେ ଲଗାଯାଇଥିବା ଦୋଳିରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଶନିବାର ସକାଳେ ଜବତ ହୋଇଛି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ସାହାଡ଼ାପଦା ଗ୍ରାମର ଅନୀଲ କୁମାର ବେହେରା (୨୨)। ଗ୍ରାମବାସୀ ଓ ପରିବାର ସଦସ୍ୟ ଏ ବିଷୟରେ ଜାଣିବା ପରେ ବାଙ୍କୀ ଥାନାରେ ଖବର ଦେଇଥିଲେ। ଏହାପରେ ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏଥିସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି। ଏନେଇ ଥାନାରେ ମାମଲା (ନଂ. ୨୧୪/୨୩) ରୁଜୁ ହୋଇଛି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଅନୀଲ ଶନିବାର ରାତିରେ ୨ଜଣ ଯୁବକ ଘରୁ ଡାକିନେଇ ବାଇକ୍ ଯୋଗେ ପଳାଇଥିଲେ ଏବଂ ପରେ ହତ୍ୟା କରି ଗଛରେ ଟାଙ୍ଗି ଦେଇଛନ୍ତି। ଏହାର ପ୍ରତିବାଦ କରି ପରିବାରବର୍ଗ ଓ ଗ୍ରାମବାସୀଙ୍କ ପକ୍ଷରୁ ବାଙ୍କୀ ଥାନା ଛକରେ ମୃତଦେହ ରଖି ରାସ୍ତାରୋକୋ କରାଯାଇଥିଲା। ଫଳରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ଥାନା ଅଧିକାରୀ ତ୍ରିପାଠୀ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

## ଓଡ଼ିଶାର ସଂସ୍କୃତି, ଐତିହ୍ୟକୁ ଭୁଲି ହେବ ନାହିଁ

ଆଠଗଡ,୧୭।୬(ସତ୍ୟପ୍ରକାଶ ରଥ)

ଆଠଗଡ ବ୍ଲକ ଅନ୍ତର୍ଗତ କନ୍ଦରପୁର ଠାରେ ବିଜୁ ଯୁବ-ଛାତ୍ର ଜନତା ଦଳ ତରଫରୁ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଛାତ୍ର ନେତା ଅରୁଣ କୁମାରଙ୍କ ସଂଯୋଜିତ ଓ ସରପଞ୍ଚ କଲ୍ୟାଣୀ ଖଟୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୁବ ଆଇନଜୀବୀ ତଥା ଆଠଗଡ଼ ବିଜେଡି ଯୁବ ସଙ୍ଗଠକ ଆଦିତ୍ୟ ପ୍ରତାପ ସାଇଁ ଯୋଗଦେଇ ରଜ ଓଡ଼ିଆମାନଙ୍କ ଏକ ସ୍ୱତନ୍ତ୍ର ପର୍ବ ବୋଲି କହିଥିଲେ। ଓଡ଼ିଶାର ଭାଇ ଭଉଣୀ ବିଶ୍ୱରେ ଯେଉଁଠି ଥିଲେ ମଧ୍ୟ ଏହାର ସଂସ୍କୃତି ଏବଂ ଐତିହ୍ୟକୁ କେବେ ଭୁଲି ହେବ ନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, କୃଷକ ନେତା ନିରାକାର ଲେଙ୍କା, ସମିତି ସଭ୍ୟାଙ୍କ ପ୍ରତିନିଧି ସନ୍ତୋଷ କୁମାର ନାୟକ, କନ୍ଦରପୁର ବିଜେଡ଼ି ସଭାପତି ସନ୍ତୋଷ କୁମାର ସାହୁ, ପୂର୍ବତନ ସମିତି ସଭ୍ୟ ବିକ୍ରମ ପରିଡ଼ା, ମାନସ ସାହୁ, ଆଠଗଡ଼ ବ୍ଲକ ବିଜୁ ଛାତ୍ର ଜନତା ଦଳର ସଭାପତି ସତ୍ୟପ୍ରିୟ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସରୋଜ କୁମାର ଦାସ, ପବିତ୍ର ମୋହନ ଖଟୁଆ, ଶଙ୍କର ନାୟକ, ବିକାଶ କୁମାର ପରିଡ଼ା, ନିଶାକର ବେହେରା, ବିଶ୍ୱଜିତ୍ ନାୟକ, ଅମିୟ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# କବାଡ଼ି ପ୍ରତିଯୋଗିତା: ଇଚ୍ଛାପୁର ଟିମ୍ ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

ମଙ୍ଗୁଳି-ଜଗତପୁର,୧୭।୬
(ମାନସ ସାମଲ)

ଚୌଦ୍ୱାର ଥାନା ଅଧୀନ ନଖରା ଖେଳ ପଡିଆରେ ନଖରା ଯୁବକ ସଂଘ ଓ ଟାଙ୍ଗୀ-ଚୌଦ୍ୱାର କ୍ରୀଡା ସଂସଦ ପକ୍ଷରୁ ଆୟୋଜିତ ୮ମ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣସେନା ଟିମ୍ ଓ ଇଚ୍ଛାପୁର ଟିମ୍ ମଧ୍ୟରେ ଶୁକ୍ରବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରାହ୍ମଣସେନା ଟିମ୍‌କୁ ୫ ପଏଣ୍ଟ ବ୍ୟବଧାନରେ ହରାଇ ଇଚ୍ଛାପୁର ଟିମ୍ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶାଳଗାଁ ସରପଞ୍ଚ ପବିତ୍ର ଉପାଧ୍ୟାୟ, ସମ୍ମାନିତ ଅତିଥି ଭାବେ ଭୀମସେନ ତ୍ରିପାଠୀ, ସୁରେନ ବେହେରା, ମନୋଜ ସାହୁ, ଗୁଟୁ କାନୁନ୍‌ଗୋ, ବାପୁ ରାମ ପ୍ରମୁଖ ଯୋଗଦେଇ ବିଜେତା ଟିମ୍ ସହିତ ସମସ୍ତ ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ବେଷ୍ଟ ରାଇଡର ଓ ମ୍ୟାନ୍ ଅଫ୍ ଦି ସିରିଜ ଜ୍ୟୋତିରଞ୍ଜନ ଖୁଣ୍ଟିଆ, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏମ୍. ସିଂ, ବେଷ୍ଟ ଡିଫେଣ୍ଡର ଭାବେ ଆଦିତ୍ୟ ଦେବତା ବିବେଚିତ ହୋଇଥିଲେ। ବିଜୟ କୁମାର ବାରିକ, ଦୀନବନ୍ଧୁ ନାଥ, ସନନ୍ତଲକ୍ଷ୍ମୀ ନାୟକ, କ୍ଷୀରୋଦ ଚନ୍ଦ୍ର ସ୍ୱାଇଁ ରେଫରି ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ସୁରଜ ତ୍ରିପାଠୀ, ମନୋଜ ମହାରଣା, ଶ୍ରୀକାନ୍ତ ଭଞ୍ଜ, ତ୍ରିଲୋଚନ ସାହୁ, ପ୍ରଶାନ୍ତ ଭଞ୍ଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚିତ୍ତାକର୍ଷକ ଡ୍ୟାନ୍ସ, ମନଛୁଆଁ ଭଜନରେ ରଜ ମହୋତ୍ସବ ଉଦ୍‌ଯାପିତ

ବଡ଼ମ୍ବା,୧୭।୬( ମାୟାଧର ମଲ୍ଲିକ )

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପମଥୁରା ଗ୍ରାମ ପଡିଆରେ ୪ ଦିନ ଧରି ଚାଲିଥିବା ଗୋପମଥୁରା ଦ୍ୱିତୀୟ ବାର୍ଷିକ ରଜ ମହୋତ୍ସବ ଶନିବାର ଚିତାକର୍ଷକ ଡ୍ୟାନ୍ସ ଓ ମନଛୁଆଁ ଭଜନରେ ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ମୁଖ୍ୟବକ୍ତା ଭାବେ କଟକ ଜିଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ନରସିଂହପୁର ବ୍ଲକ ବିଜେଡି ସଭାପତି କୃପାସିନ୍ଧୁ ମିଶ୍ର,ସମିତି ସଭ୍ୟ ନାରାୟଣ ଜେନା ପ୍ରମୁଖ ଯୋଗ ଦେଇଥିଲେ। ରଜ ମହୋତ୍ସବ କମିଟି ଆବାହକ ତଥା ସରପଞ୍ଚ ଅଶୋକ କୁମାର ଜଗଦେବ ପୌରୋହିତ୍ୟ କରିଥିଲେ। ମହୋତ୍ସବ କମିଟି ସଭାପତି ଜ୍ଞାନ ରଞ୍ଜନ ମଲ୍ଲିକ ଓ ସଦସ୍ୟ ନବ କିଶୋର ବିଶ୍ୱାଳ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ କମିଟି ସଭାପତି ଅକ୍ଷୟ କୁମାର ବଳବନ୍ତରାୟ, ସମ୍ପାଦକ ଅଭିମନ୍ୟୁ ସାହୁ, ସଦସ୍ୟ ସଞ୍ଜୟ କୁମାର ନାୟକ, ଦୟାନିଧି ଲେଙ୍କା, ବସୁଦେବ ମଲ୍ଲିକ, ଭଗବାନ ରାଉତ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।




ରଜ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ କରାଯାଉଛି।

## ସଂକ୍ଷେପରେ

### ବିଶ୍ୱଜିତ୍ ସିଫା କମିଟି ସଦସ୍ୟ ମନୋନୀତ



ବୋଲଗଡ଼, ୧୭।୬ (ଦେବବ୍ରତ ହୋତା): ବୋଲଗଡ଼ ବ୍ଲକ ଡାବରଧୁଆ ପାଟଣା ପଞ୍ଚାୟତ ଚୁଡା ଗ୍ରାମର ବ୍ୟବସାୟୀ ବିଶ୍ୱଜିତ୍ ସ୍ୱାଇଁ ଭୁବନେଶ୍ୱର କୌଶଲାଗଙ୍ଗଠାରେ ଥିବା ଭାରତୀୟ କୃଷି ଅନୁସନ୍ଧାନ ପରିଷଦ(ଆଇସିଏଆର୍) ଅଧୀନ କେନ୍ଦ୍ରୀୟ ମିଠାଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥାନ (ସିଫା) ର ପରିଚାଳନା କମିଟି ସଦସ୍ୟଭାବେ ଆଗାମୀ ୩ବର୍ଷ ପାଇଁ ମନୋନୀତ ହୋଇଛନ୍ତି। ସେ ବର୍ତ୍ତମାନ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚାର କୋଷାଧକ୍ଷ ଭାବେ କାର୍ଯ୍ୟରତ ଥିବା ବେଳେ ଆଇସିଏଆର୍‌ର ଅଧକ୍ଷ ଥିବା କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ତାଙ୍କୁ ଏହି ନୂତନ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏନେଇ ବିଶ୍ୱଜିତ୍‌ଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସେ ତାଙ୍କର ଏହି ନୂତନ ଦାୟିତ୍ୱ ପାଇଁ ରାଜ୍ୟ ଭାଜପା ନେତୃବୃନ୍ଦଙ୍କ ସମେତ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ନୂତନ ଦାୟିତ୍ୱକୁ ନିଷ୍ଠା ଓ ଆତ୍ମବିଶ୍ୱାସର ସହ ନିର୍ବାହ କରିବେ ବୋଲି ବିଶ୍ୱଜିତ୍ କହିଛନ୍ତି।

### ତାରିଣୀ ମନ୍ଦିର ବାର୍ଷିକୋତ୍ସବ

**ବୋଲଗଡ଼,୧୭।୬(ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ ଅନ୍ତର୍ଗତ ଖଙ୍ଗୁରିଆ ଗ୍ରାମ ଦେଉଳ ପୋଖରୀ ହୁଡାସ୍ଥିତ ମା'ତାରିଣୀଙ୍କ ମନ୍ଦିର ପ୍ରତିଷ୍ଠାର ପଞ୍ଚମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମା'ତାରିଣୀ କମିଟି ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ସକାଳେ ଅଧିବାସ ଓ ମଙ୍ଗଳାସ୍ତୁତି କରାଯିବା ପରେ ପୂଜକ ସୁରେନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ହୋମଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ତ୍ତାଭାବେ କମଳାକାନ୍ତ ଷଡ଼ଙ୍ଗୀ ଉପବିଷ୍ଟ ଥିଲେ। ଖଙ୍ଗୁରିଆ, ସଂପୁର, ଯୋଡାପଡା, ଗବଡିହ ପାଟଣା ଓ ଗବଡିହ ଶାସନ ଗ୍ରାମର ଶତାଧିକ ମହିଳାପୁରୁଷ ଯୋଗଦେଇଥିଲେ।

### ମା'ଡୋମଣୀଙ୍କ ପୀଠରେ ଚଣ୍ଡୀ ମହାଯଜ୍ଞ

**ବାଣପୁର,୧୭।୬(ଶଙ୍କର ବସ୍ତି):** ବାଣପୁର ଶାଳିଆ ଡ୍ୟାମସ୍ଥିତ ମା' ଡୋମଣୀ ଦେବୀଙ୍କ ପୀଠରେ ଚଣ୍ଡୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ନୃସିଂହ ପ୍ରସାଦ ମିଶ୍ର, ପଣ୍ଡିତ ବିରୁପାକ୍ଷ ଦାଶ, ନିରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ଗୋଦାବରୀ ଦାସ, ବଳରାମ ଦାସ, ସୁରେଶ କୁମାର ଆଚାର୍ଯ୍ୟ, ସନ୍ତୋଷ କୁମାର ବ୍ରହ୍ମା ପ୍ରମୁଖ ବୈଦିକ ବ୍ରାହ୍ମଣ, ବୈଷ୍ଣବମାନେ ଉପସ୍ଥିତ ଥିବା ବେଳେ ଶାଳିଆ ଜଳସେଚନ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ମା'ଙ୍କ ଆଶୀର୍ବାଦ ପାଇବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥଲା। ପାହାଡ଼ଘେରା ଶାଳିଆ ଡ୍ୟାମ୍‌ର ଜଳରାଶିର ଅପୂର୍ବ ପ୍ରାକୃତିକ ପରିବେଶକୁ ଆଗନ୍ତୁକମାନେ ଉପଭୋଗ କରିଥିଲେ।

### ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଏବିପି ସମ୍ବର୍ଦ୍ଧିତ

**ପୁରୁଣା ଭୁବନେଶ୍ୱର,୧୭।୬(ସୁବାସ ଚନ୍ଦ୍ର ପ୍ରଧାନ):** ସମାଜର ତୃଣମୂଳସ୍ତରରେ ସାମାଜିକ କାର୍ଯ୍ୟକ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ନୂଆଗାଁର ଆଞ୍ଚଳିକ ବିକାଶ ପରିଷଦ(ଏବିପି)କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏକାମ୍ର ଗ୍ରାମୀଣ ସାଂସ୍କୃତିକ ପରିଷଦ ପକ୍ଷରୁ ଧଉଳି, ଗ୍ରୀନ ଜୟଦେବ ଫାଉଣ୍ଡେଶନ ପକ୍ଷରୁ ୬୪ ଯୋଗିନୀପୀଠ ଏବଂ ୫୯ନଂ. ୱାର୍ଡର ସାମନ୍ତରାପୁର ଠାରେ ଅନୁଷ୍ଠାନକୁ ଏହି ସମ୍ମାନିତ କରାଯାଇଛି। ବୃନ୍ଦାବନ ସାହୁ, ଅରୁଣ ପୁରୋହିତ, ଲକ୍ଷ୍ମୀଧର ପ୍ରଧାନ, ଆଲୋକ ସାହୁ ସମ୍ମାନ ଗ୍ରହଣ କରିଥିଲେ।

# ନିଶାମୁକ୍ତ ସମାଜ ଗଠନ ପାଇଁ ସହଯୋଗ ଲୋଡ଼ା

**ଖୋର୍ଦ୍ଧା,୧୭।୬(ପ୍ରଭାତ ପାଣିଗ୍ରାହୀ)**



ଅତିଥିମାନେ 'ନିଶାକୁ ନା' ପୋଷ୍ଟର ଉନ୍ମୋଚନ କରୁଛନ୍ତି।

ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧା ଆନୁକୂଲ୍ୟରେ ସ୍ଥାନୀୟ ଉଦ୍ୟାନ ବିଭାଗ ସଭାଗୃହରେ ରଜ ଉତ୍ସବ ଓ ଗୁରୁଜନ ସମ୍ମାନ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସତ୍ୟବାଦୀ ବଳିୟାରସିଂଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପ୍ରଫେସର ଡ.ନାରାୟଣ ରାଓ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧା ସହରରେ ନିଶା ବିରୋଧୀ ସଚେତନତା ପାଇଁ 'ନିଶାକୁ ନା' ପୋଷ୍ଟରକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ନିଶାମୁକ୍ତ ସମାଜ ଗଠନ ପାଇଁ ସହରବାସୀଙ୍କ ସହଯୋଗ କାମନା କରିଥିଲେ। ସାମ୍ପ୍ରତିକ ସମାଜରେ ମଧ୍ୟବିତ୍ତ ପରିବାର ସନ୍ତାନମାନେ ଚାକିରି ଯୋଗୁ ଘରଠାରୁ ଦୂରରେ ରହୁଥିବାରୁ ମାତାପିତା ଘରେ ଏକାକୀ ରହୁଛନ୍ତି। ବରିଷ୍ଠ ନାଗରିକଙ୍କ ସମ୍ମାନ, ଆମୋଦପ୍ରମୋଦ ସକାଶେ ଏହି ଉତ୍ସବ ଆୟୋଜନର ଲକ୍ଷ୍ୟ ବୋଲି ଦେବପ୍ରସାଦ ମଜୁମଦାର କହିଥିଲେ। ଏହି ଅବସରରେ ସଂସ୍କାର ଭାରତୀ ଜିଲା ସଂଯୋଜକ ନିରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶନାରେ ନୃତ୍ୟଶିଳ୍ପୀ ସୁଶ୍ରୀ କଳ୍ପନା, ଭାଗ୍ୟଲକ୍ଷ୍ମୀ, ଶ୍ୱେତା, ଲୋପାମୁଦ୍ରା, ସାଇଶ୍ରୀ, ଆର୍ଯ୍ୟସ୍ମିତା ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ସହିତ କବି ସଚ୍ଚି ରାଉତରାୟଙ୍କ ଦ୍ୱାରା ରଚିତ 'ଛୋଟ ମୋର ଗାଁଟି' କବିତାକୁ ନୃତ୍ୟ ମାଧ୍ୟମରେ ପରିବେଷଣ କରିଥିଲେ। ସମ୍ପାଦକ ରାମଶଙ୍କର ଅତିଥିଙ୍କ ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହସମ୍ପାଦକ ବସନ୍ତ ଦାଶ ଧନ୍ୟବାଦ ଦେଇଥିଲେ। କୃଷ୍ଣଚନ୍ଦ୍ର ହରିଚନ୍ଦନ, ରବୀନ୍ଦ୍ର କୁମାର ସାହୁ, ବିରଞ୍ଚି ସାହ, ଭୀମସେନ ପ୍ରଧାନ, ବିଧାନ ଚନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବୈକୁଣ୍ଠନାଥ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ମହାରଣା, ବୃନ୍ଦାବନ ପଣ୍ଡା, ରଜନୀକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**'ନିଶା କୁ ନା' ପୋଷ୍ଟର ଉନ୍ମୋଚିତ**

# ଏମ୍‌ପି ଅପରାଜିତାଙ୍କୁ ଦଳୀୟ କର୍ମୀଙ୍କ ବିରୋଧ

**ଖୋର୍ଦ୍ଧା (ପ୍ରଭାତ ପାଣିଗ୍ରାହୀ)/ ଟାଙ୍ଗୀ, ୧୭।୬(ରଘୁନାଥ ସାହୁ)**

- ରାସ୍ତାରେ ପଥର ରଖି ଅଟକାଇଲେ
- ସୋସିଆଲ ମିଡିଆରେ ଭିଡିଓ ଭାଇରାଲ



ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଦଳୀୟ କର୍ମୀଙ୍କ ଅଭିଯୋଗ ଶୁଣୁଛନ୍ତି।

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଓଲସିଂହ ଗ୍ରାମରେ ଏକ ଦଳୀୟ କର୍ମୀ ସମ୍ମିଳନୀରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେବାକୁ ଯାଉଥିବା ବେଳେ ଦଳୀୟ କର୍ମୀମାନେ ବିରୋଧ କରିଛନ୍ତି। କର୍ମୀଙ୍କୁ ଅଣଦେଖା ପ୍ରତିବାଦରେ ଏକାଧିକ ଭାଜପା କର୍ମୀ ଏମ୍‌ପି ଷଡ଼ଙ୍ଗୀଙ୍କୁ ଘେରିଥିଲେ। କର୍ମୀଙ୍କ ବିରୋଧ ଯୋଗୁ ଅପରାଜିତା ଫେରିଯାଇଥିଲେ। ଏ ସଂକ୍ରାନ୍ତୀୟ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

ସୂଚନା ମୁତାବକ, ଶନିବାର ସନ୍ଧ୍ୟାରେ ଓଲସିଂ ଗ୍ରାମରେ ଏକ ଦଳୀୟ କର୍ମୀ ସମ୍ମିଳନୀରେ ଯୋଗଦେବା ପାଇଁ ଏମ୍‌ପି ଷଡ଼ଙ୍ଗୀ ଯାଉଥିଲେ। ସାଙ୍ଗରେ ଥିଲେ ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର। ତେବେ ବଡପୋଖରୀଆ ମଣ୍ଡଳ ସଭାପତି ବିପିନ ପାଲଟାସିଂ, ଭାଜପା ନେତା ଆଶିଷ ଅରିସଲଙ୍କ ନେତୃତ୍ୱରେ ଏକାଧିକ କର୍ମୀ ହଠାତ୍ ରାସ୍ତାକୁ ଆସି ବିରୋଧ କରିଥିଲେ। ରାସ୍ତା ଉପରେ ପଥର ରଖି ଅବରୋଧ କରିଥିଲେ। ଫଳରେ ଏମ୍‌ପି ଷଡ଼ଙ୍ଗୀ ଗାଡିରୁ ଓହ୍ଲାଇଥିଲେ। ଦଳୀୟ କର୍ମୀ ତାଙ୍କୁ ଘେରିଯିବା ସମ୍ମିଳନୀକୁ ଦଳୀୟ କର୍ମୀଙ୍କୁ ଡକାନଯିବା, ସେମାନଙ୍କୁ କ୍ରମାଗତ ଭାବେ ଅଣଦେଖା କରାଯାଉଥିବା ଅଭିଯୋଗ କରିଥିଲେ। ଏପରିକି ଅପରାଜିତା ଗୋ-ବ୍ୟାକ ବୋଲି ନାରା ଦେଇଥିଲେ। କାହିଁକି ସେମାନଙ୍କୁ ଦଳୀୟ ବୈଠକକୁ ଡକାଯାଇନାହିଁ ବୋଲି ଏମ୍‌ପିଙ୍କୁ ପ୍ରଶ୍ନ କରିଥିଲେ। କର୍ମୀଙ୍କ ବିରୋଧ ଯୋଗୁ ଅପରାଜିତା ସମ୍ମିଳନୀରେ ଯୋଗ ନ ଦେଇ ଫେରିଯାଇଥିଲେ। ଏ ସମ୍ପର୍କରେ ବଡପୋଖରୀଆ ମଣ୍ଡଳ ସଭାପତି ବିପିନ କହିଛନ୍ତି, ଦୀର୍ଘ ଦିନ ହେବଦଳ ପାଇଁ କାମ କରୁଥିବା କର୍ମୀଙ୍କୁ ଏମ୍‌ପିଙ୍କ ଅଣଦେଖା, ମନମୁଖୀ କାର୍ଯ୍ୟକୁ ନେଇ ପୂର୍ବରୁ ଦଳରେ ଅସନ୍ତୋଷ ରହିଥିଲା। ଓଲସିଂହ ଗ୍ରାମରେ ସ୍ଥାନୀୟ ନେତୃବୃନ୍ଦଙ୍କୁ ବୈଠକକୁ ନ ଡକାଯିବାରୁ ଏମ୍‌ପି ଷଡ଼ଙ୍ଗୀ ଦଳୀୟ କର୍ମୀଙ୍କ ଆକ୍ରୋଷର ଶିକାର ହୋଇଥିଲେ ବୋଲି ସେ କହିଛନ୍ତି। ଆଗାମୀ ଦିନରେ ଏମ୍‌ପି ଷଡ଼ଙ୍ଗୀ ଦଳ ବିରୋଧୀ କାର୍ଯ୍ୟ କଲେ ତୀବ୍ର ବିରୋଧ କରାଯିବ ବୋଲି ଭାଜପା ନେତା ଆଶିଷ କହିଛନ୍ତି। ଅନ୍ୟପକ୍ଷରେ ଏନେଇ ଏମ୍‌ପି ଷଡ଼ଙ୍ଗୀଙ୍କ ମତାମତ ମିଳିପାରି ନାହିଁ।

# ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ



ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ଜଟଣୀ,୧୭।୬(ରବୀନ୍ଦ୍ର ନାଥ ମହାକୁଡ଼)**

ଜଟଣୀ ବ୍ଲକ ଅଧୀନ ରାଣୀପୁର ଗ୍ରାମସ୍ଥିତ ବାପାମା' ସେବାଶ୍ରମ ଟ୍ରଷ୍ଟ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅତିଥିମାନେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଖବରଦାତା ଅବନୀ କୁମାର ରାଉତରାୟ, ପ୍ରସନ୍ନ କୁମାର ମହାରଥୀ, ନିରଞ୍ଜନ ପଣ୍ଡା, ପଦ୍ମ ଚରଣ ପ୍ରଧାନ, ବିପିନ ବିହାରୀ ମହାନ୍ତି, ହାଡିବନ୍ଧୁ ମହାରଣା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଖବରଦାତା ରାଉତରାୟ କହିଥିଲେ, ଗୋପବନ୍ଧୁଙ୍କ ମୂଳ ଉଦ୍ଦେଶ୍ୟ ଥିଲା ମାନବସେବା। ବର୍ତ୍ତମାନ ସମୟର ଯୁବପିଢ଼ୀ ଗୋପବନ୍ଧୁଙ୍କ ନୀତି, ଆଦର୍ଶକୁ ଅନୁସରଣ କରି ସମାଜର ହିତ ପାଇଁ କାର୍ଯ୍ୟ କଲେ ସମାଜର ମଙ୍ଗଳ ହୋଇପାରିବ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୬୦ଜଣଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଗୌତମ ମହାରଣା, ସଭାପତି ଜ୍ୟୋତି ମହାରଣା, ଉପସଭାପତି ବାସୁଦେବ ସେଠୀ, ଉପଦେଷ୍ଟା ବୃନ୍ଦାବନ ସୁବୁଦ୍ଧି, ହିଜବୁର ରେହେମାନ, ଗୀତାଞ୍ଜଳି ସେଠୀ, ସନ୍ତୋଷୀ ଜାଲି, ଭୁବନେଶ୍ୱର ବାର୍ ଆସୋସିଏଶନର ସୁଜାତାରାଣୀ କର, ଜ୍ୟୋତିର୍ମୟୀ ପଣ୍ଡା, ସୁଜାତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### 'ଛୋଟପିଲା, ଗୃହପାଳିତ ପଶୁଙ୍କୁ କାର୍ ଭିତରେ ଏକୁଟିଆ ଛାଡ଼ନ୍ତୁ ନାହିଁ'

**କଟକ,୧୭।୬(କାର୍ତ୍ତିକ ସାହୁ)**

କାର୍ ଭିତରେ ଶ୍ୱାସରୁଦ୍ଧ ହୋଇ ଶିଶୁ ମୃତ୍ୟୁ ଘଟଣାକୁ ନେଇ ଓଡ଼ିଶା ପୋଲିସ ଅଭିଭାବକଙ୍କୁ ସତର୍କ କରାଇଛି। ଛୋଟ ପିଲା ଓ ଗୃହପାଳିତ ପଶୁଙ୍କୁ କାରରେ ଏକୁଟିଆ ଛାଡ଼ନ୍ତୁ ନାହିଁ ବୋଲି ଓଡ଼ିଶା ପୋଲିସ ପକ୍ଷରୁ ଟୁଇଟର ଯୋଗେ ସତର୍କ କରାଯାଇଛି। ବିଶେଷକରି ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ବନ୍ଦ କାରରେ ତାପମାତ୍ରା ବୃଦ୍ଧି ପାଇଥାଏ। ସାଧାରଣତଃ ବାହାରର ତାପମାତ୍ରା ୪୦ ଡିଗ୍ରୀ ଥିବାବେଳେ କାର୍ ଭିତରର ତାପମାତ୍ରା ବୃଦ୍ଧି ପାଇ ୬୦ ଡିଗ୍ରୀ ହେବାକୁ ମାତ୍ର ୧୫ ମିନିଟ୍ ସମୟ ଲାଗେ। ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେବା ସହ ଜୀବନ ଚାଲିଯିବାର ଆଶଙ୍କା ରହିଛି। ତେଣୁ ଓଡ଼ିଶା ପୋଲିସ ପକ୍ଷରୁ ସାମ୍ପ୍ରତିକ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏଭଳି ସତର୍କତାମୂଳକ ବାର୍ତ୍ତା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳରେ କାର୍ ଭିତରେ ଶ୍ୱାସରୁଦ୍ଧ ହୋଇ ଶୁକ୍ରବାର ଜଣେ ଶିଶୁର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ଶେଷ ପର୍ଯ୍ୟାୟରେ ରଥ ରଙ୍ଗ କାର୍ଯ୍ୟ



ରଥରେ ରଙ୍ଗ ଦିଆଯାଉଛି।

**ବୋଲଗଡ଼,୧୭।୬(ଦେବବ୍ରତ ହୋତା)**

ଆଉ ଦିନ କେଇଟା ପରେ ମହାପ୍ରଭୁଙ୍କ ଘୋଷଯାତ୍ରା। ଏହି ପରିପ୍ରେକ୍ଷୀରେ ବୋଲଗଡ଼ରେ ତୃତୀୟାଦେବ (ଶ୍ରୀଜଗନ୍ନାଥ)ଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗତବର୍ଷର ପୁରୁଣା ରଥକୁ ମରାମତି କରାଯିବା ସହ କିଛିଅଂଶ ନବନିର୍ମାଣ ମଧ୍ୟ କରାଯାଇଛି। ମନ୍ଦିର ସମ୍ମୁଖ ରଥଖଳାରେ ରଥର ରଙ୍ଗ କାର୍ଯ୍ୟ ଆଗେଇ ଚାଲିଛି। ରଥଯାତ୍ରା ପରିଚାଳନା ପରିଷଦର ସଦସ୍ୟମାନେ ସମ୍ପାଦକ ରବୀନ୍ଦ୍ର ପରିଡାଙ୍କ ତତ୍ତ୍ୱାବଧାନରେ ବିଶ୍ୱକର୍ମାଙ୍କ ସହିତ ଆଲୋଚନା କରିଛନ୍ତି। ପ୍ରକାଶ ଯେ, ଏଠାରେ ଗୋଟିଏ ରଥରେ ତିନି ଠାକୁରଙ୍କୁ ଉପବିଷ୍ଟ କରାଯାଇ ନୀତିନିର୍ଘଣ୍ଟ ଓ ରୀତିନୀତି ଅନୁଯାୟୀ ଭକ୍ତମାନେ ରଥଖଳାରୁ ରଥକୁ ଟାଣି ଗୋପବନ୍ଧୁବଜାର, ବାମନ ଉଚ୍ଚ ବିଦ୍ୟାଳୟ, ଖଦିକେନ୍ଦ୍ର, ବନ ବିଭାଗ କାର୍ଯ୍ୟାଳୟ, ମେଡିକାଲ ଛକ, ଥାନାଛକ, ତହସିଲ ଛକ ଓ ବସ୍‌ଷ୍ଟାଣ୍ଡ ବଜାର ରାସ୍ତା ଦେଇ ନନ୍ଦିଘୋଷ ଅନୁଷ୍ଠାନ ନିକଟରେ ପହଁଚାଇଥାନ୍ତି। ସେଠାରେ ଠାକୁରଙ୍କୁ ଗୋଟି ପହଣ୍ଡିରେ ସୁସଜ୍ଜିତ ମଣ୍ଡପରେ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ୯ ଦିନ ଯାଏ ଉପବିଷ୍ଟ କରାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ରଥ ଯିବା ରାସ୍ତା ମରାମତି ସହ ରାସ୍ତାରେ ଥିବା ଗଛଡାଳ କଟାଯିବା ଓ ବିଦ୍ୟୁତ୍ ତାର ଅପସାରଣ କାର୍ଯ୍ୟରେ ପଞ୍ଚାୟତ ଓ ସମ୍ପୃକ୍ତ ବିଭାଗ କର୍ମଚାରୀମାନେ ସହଯୋଗ କରିଥାନ୍ତି। ରଥଯାତ୍ରାରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥାଏ।

# 'ସାକ୍ଷର ହୋଇ ନିଜର ପରିଚୟ ସୃଷ୍ଟି କର'

**ବେଗୁନିଆ,୧୭।୬(ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଢ଼ାଡିହ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ରାଣୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଚନ୍ଦ୍ର ଲେଙ୍କା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀ ଦେଇ ମୁଖ୍ୟ ବକ୍ତା, ମୋ ସ୍କୁଲର ପୋଷ୍ୟକର୍ତ୍ତ୍ରୀ ବାଉରି ଶ୍ରୀଚନ୍ଦନ, ଅଙ୍ଗନୱାଡି ସୁପରଭାଇଜର ସରୋଜିନୀ ବାରିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଓରମାସର କର୍ମକର୍ତ୍ତା ଏବଂ ୩ଟି କ୍ଲଷ୍ଟରର ପଙ୍ଗାରସିଂହ ସିଆରସିସି ବିଶ୍ୱରଞ୍ଜନ ବେହେରା, ପୋଡାଡିହ ସିଆରସିସି ଦାଶରଥି ପ୍ରଧାନ ଓ କଣ୍ଟାବାଡ଼ କ୍ଲଷ୍ଟର ସିଆରସିସି ହେମନ୍ତ ସାହୁ ଯୋଗଦେଇଥିଲେ। ସେହିପରି ବିଭିନ୍ନ ବିଦ୍ୟାଳୟର ୩୧ଜଣ ଛାତ୍ରୀଛାତ୍ର ଓ କେତେଜଣ ପାଠ ଛାଡ଼ିଥିବା (ଡ୍ରପ ଆଉଟ୍) ପିଲାମାନେ ଉପସ୍ଥିତ ରହି ସଚେତନ ହୋଇଥିଲେ। ଗୁଣାତ୍ମକ ଶିକ୍ଷା ବିକାଶ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଅନେକ ବ୍ୟବସ୍ଥା କରାଯାଇଛି। ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ପାଇଁ ଅନେକ ସୁବିଧା ସହିତ ପ୍ରୋତ୍ସାହନ ମଧ୍ୟ ଯୋଗାଇ ଦିଆଯାଉଛି। ସଭିଏଁ ସଙ୍କଳ୍ପ କରିବା ପାଠ ପଢିବା, ନିଜେ ସ୍ୱାକ୍ଷର ହୋଇ ପରିଚୟ ସୃଷ୍ଟି କରିପାରିବା ବୋଲି ଅତିଥି ଲେଙ୍କା ଉଦ୍‌ବୋଧନ ଦେଇଥିଲେ। ସେହିପରି ଯଦି ପ୍ରାଥମିକ ଶିକ୍ଷା ଲାଭ ନ କରିବା ତେବେ ଭବିଷ୍ୟତ ଅନ୍ଧାର ବୋଲି କୁହାଯାଏ। ପାଠ ଛାଡ଼ିଥିବା ଛାତ୍ରୀଛାତ୍ରମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ସେନେଇ ଗୁରୁତ୍ୱ ଦେବା ଆବଶ୍ୟକ।




ପରାମର୍ଶ ଶିବିରରେ ଯୋଗଦେଇଥିବା ଅଙ୍ଗନୱାଡି କର୍ମୀ, ଛାତ୍ରୀ ଏବଂ ଅନ୍ୟମାନେ।

# ଗୁପ୍ତଗଙ୍ଗାରେ ସାଧୁ ସମ୍ମିଳନୀ

**ପୁରୁଣା ଭୁବନେଶ୍ୱର,୧୭।୬(ସୁବାସ ଚନ୍ଦ୍ର ପ୍ରଧାନ)**

ଶାନ୍ତିସ୍ତୁପ ଧଉଳି ପାହାଡ଼ର ଗୁପ୍ତଗଙ୍ଗାଠାରେ ଗତ ୧୦ ତାରିଖରୁ ଚାଲିଥିବା ସାଧୁ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ମଠରୁ ନାଗା ସନ୍ନ୍ୟାସୀମାନେ ଏଠାରେ ଭାଗବତ୍ ପାଠ, ସାଧୁ ଅଭ୍ୟର୍ଥନା, ଧ୍ୱନି ସ୍ଥାପନ, ହୋମ ପରେ ପାହାଡ ପରିକ୍ରମା କରିଥିଲେ। ଶନିବାର ବସୁମତି ସ୍ନାନ ଉପଲକ୍ଷେ ଭୂମି ପୂଜନ ଏବଂ ପୂର୍ଣ୍ଣାହୁତି ହୋଇଥିଲା। ଜଗତସିଂହପୁରର ବେଲବଣ ମଠାଧିସ ସନ୍ଥ ରାମାଭିଶେକ ଦାସ ମହନ୍ତ ଏହି ସମ୍ମିଳନୀ ପ୍ରତିଷ୍ଠା କରିଥିଲେ। ଏହି କ୍ଷେତ୍ରରେ ସ୍ୱାମୀ ନିଗମାନନ୍ଦ ପରମହଂସଙ୍କ ଶିଷ୍ୟ ସ୍ୱାମୀ ଶିବାନନ୍ଦ ପରମହଂସ ତପସ୍ୟା ସାଧନା କରିଥିବା କହିଥିଲେ। ଶୁକାନ୍ତ ବାବା, ବିନୋଦ ବାବା, ଚୌଧୁରୀ ବିଜୟ କୁମାର ଦାସଙ୍କ ସମେତ ଧବଳେଶ୍ୱର ବ୍ୟବସାୟ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।



# ବିଦ୍ୟୁତ୍ କାଟ୍‌କୁ ନେଇ ବଢୁଛି ଅସନ୍ତୋଷ

**ଖୋର୍ଦ୍ଧା,୧୭।୬ (ପ୍ରଭାତ ପାଣିଗ୍ରାହୀ)**

ରାଜ୍ୟରେ ଜାରି ରହିଛି ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଗ୍ରୀଷ୍ମ ପ୍ରବାହ। ଗତ ସପ୍ତାହେ ହେବ ୧୫ରୁ ଊର୍ଦ୍ଧ୍ୱ ସହରର ତାପମାତ୍ରା ୪୨ଡିଗ୍ରୀ ଉପରେ ରହୁଥିବା ବେଳେ ଖୋର୍ଦ୍ଧା ସହର ତାପମାତ୍ରା ମଧ୍ୟ ୪୦ଡିଗ୍ରୀ ରହୁଛି। ଦିନରେ ଅସହ୍ୟ ଗୁଳୁଗୁଳି ହେଉଥିବା ବେଳେ ବାରମ୍ବାର ବିଦ୍ୟୁତ୍ କାଟ୍ ଏବଂ ଲୋ-ଭୋଲଟେଜ ଜନିତ ସମସ୍ୟା ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କଲାଣି। ଏନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏପରିକି ବିଭିନ୍ନ ସ୍ଥାନରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ଉପଭୋକ୍ତା ରାଜରାସ୍ତାକୁ ଓହ୍ଲାଇ ଏହାର ପ୍ରତିବାଦ ଆରମ୍ଭ କରିଛନ୍ତି।

ସୂଚନାଥାଉ କି, ରାଜ୍ୟରେ ଉନ୍ନତମାନର ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ସରକାର ଟାଟା ପାୱାରକୁ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ନ୍ୟସ୍ତ କରିଥିଲେ। ତେବେ ୩ବର୍ଷ ମଧ୍ୟରେ ସେଭଳି କୌଣସି ଆଖିଦୃଶିଆ ପରିବର୍ତ୍ତନ ଆସିପାରିନାହିଁ। ଇତି ମଧ୍ୟରେ ରାଜ୍ୟ ସରକାର ଭିତ୍ତିଭୂମି ସୁଧାରିବା ପାଇଁ ପ୍ରାୟ ୧ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିସାରିଲେଣି। ବିଦ୍ୟୁତ୍ ବିଭ୍ରାଟକୁ ନେଇ ବିଭିନ୍ନ ମହଲରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପରେ ମୁଖ୍ୟଶାସନ ସଚିବ ପ୍ରଦୀପ ଜେନା ଟାଟା ପାୱାର ସିଇଓଙ୍କୁ ଲୋକସେବା ଭବନ ଡାକି ତାଗିଦ୍ କରିଥିଲେ। ଏହା ପରେ ଲୋକେ ଆଶା କରିଥିଲେ, ଏଣିକି ଆଉ ବିଦ୍ୟୁତ୍ କାଟ ହେବନି। ତେବେ ସମସ୍ୟା ସୁଧାର ଆସିବା ପରିବର୍ତ୍ତେ ଏହା ବଢିବାରେ ଲାଗିଛି। ବାରମ୍ବାର ଖୋର୍ଦ୍ଧା ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ବିଦ୍ୟୁତ୍ କାଟ୍ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ବିଦ୍ୟୁତ୍ କଟିଲେ କେତେବେଳେ ଆସିବ, କହି ହେଉନି। ଏନେଇ ବିଦ୍ୟୁତ୍ କର୍ମଚାରୀଙ୍କୁ ଯୋଗାଯୋଗ କଲେ ଉତ୍ତର ମିଳୁ ନ ଥିବା ବେଳେ ଅନେକ ସମୟରେ ଫୋନ ରିଂ ହୋଇ କଟିଯାଉଛି। ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏ ସମ୍ପର୍କରେ ଭାଜପା ନେତା ଲୋତକବିନ୍ଦୁ ପଟ୍ଟନାୟକ କହିଛନ୍ତି, ନିକଟରେ ବୋଲଗଡ଼ ବିଦ୍ୟୁତ୍ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ତେବେ ସମସ୍ୟା ସୁଧାର ପରିବର୍ତ୍ତେ ଦ୍ୱିଗୁଣିତ ହୋଇଛି। ବୋଲଗଡ଼ ଓ ବେଗୁନିଆ ବ୍ଲକରେ ବିଦ୍ୟୁତ୍ ବିଭ୍ରାଟ ଅସହ୍ୟ ହେଲାଣି। ଆଗାମୀ ଦିନରେ ଜନ ଆନ୍ଦୋଳନ ରୂପନେବ ବୋଲି ସେ କହିଛନ୍ତି। ସେହିପରି ଆଇନଜୀବୀ ଶିଶିର ପରିଡା କହିଛନ୍ତି, ସରକାର ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇଦେବା ଲାଗି ରାଜ୍ୟବାସୀଙ୍କୁ ସ୍ୱପ୍ନ ଦେଖାଇଥିଲେ। ତେବେ ସ୍ୱପ୍ନ ଧୂଳିସାତ ହୋଇଛି। ୨୦୨୪ ସାଧାରଣ ନିର୍ବାଚନରେ ଜନତା ଏହାର ଉଚିତ୍ ଜବାବ ଦେବେ। ଅନ୍ୟପକ୍ଷରେ ବିଦ୍ୟୁତ୍ ବିଭ୍ରାଟ ଚଳିତବର୍ଷ ରଜ ଉତ୍ସବକୁ ଫିକା କରିଛି ବୋଲି ଖୋର୍ଦ୍ଧା ସିନିୟର ସିଟିଜେନ ଫୋରମ ଆବାହକ ଶୋଭନ ଘୋଷ କହିଛନ୍ତି। ଜନଜାଗରଣ ମଞ୍ଚ ଆବାହକ ରଣଜିତ ମହାପାତ୍ର କୁହନ୍ତି, ଟାଟା ପାୱାର ହାତକୁ ବିଦ୍ୟୁତ୍ ବଣ୍ଟନ ଦାୟିତ୍ୱ ଗଲା ପରଠାରୁ ଲୋକଙ୍କ ଆସ୍ଥା ବିଶ୍ୱାସ ତୁଟିଯାଇଛି। ସାମାଜିକ କର୍ମୀ ଆଦିତ୍ୟ ମହାରଣା କୁହନ୍ତି, ବିଦ୍ୟୁତ୍ କାଟକୁ ଲୋଭୋଲଟେଜ ସମସ୍ୟା ବଢ଼ିଯାଉଛି। ସନ୍ଧ୍ୟା ହେଲେ ପଙ୍ଖା ବୁଲୁନି। ଅସହ୍ୟ ଗୁଳୁଗୁଳି ଯୋଗୁ ଘରେ ରହିହେଉନି। କଂଗ୍ରେସ ଯୁବନେତା ପ୍ଲାବନ ପଟ୍ଟନାୟକ କୁହନ୍ତି, ସକାଳ ୮ଟାରୁ ତାପମାତ୍ରା ବଢି ମଧ୍ୟାହ୍ନରେ ୪୦ଡିଗ୍ରୀ ଉପରେ ରହୁଛି। ସେପଟେ ବିଦ୍ୟୁତ୍ କାଟ ଯୋଗୁ ଅସମ୍ଭାଳ ଗରମ ହେଉଛି। ଘରୁ ବାହାରି ହେଉନି କି ରହି ହେଉନି। ଆଗାମୀ ଦିନରେ ଏହାର ପ୍ରତିବାଦ କରାଯିବ। ସାମାଜିକ କର୍ମୀ ପ୍ରଭାତ ବଳିଆରସିଂ କୁହନ୍ତି, ଟାଟା ପାୱାର ଉତ୍ତମ ସେବା ଦେବ ବୋଲି ଲୋକଙ୍କୁ କୁହାଯାଇଥିଲା। ଦିଲ୍ଲୀରେ ସଫଳତା ପରେ ରାଜ୍ୟବାସୀ ମଧ୍ୟ ଆଶା କରିଥିଲେ ଭଲ ସେବା ପାଇବେ। କମ୍ପାନୀ ମଧ୍ୟ ଲୋକଙ୍କୁ ଆଶ୍ୱାସନା ଦେଇଥିଲା। କୌଣସି ସ୍ଥାନରେ ବିଦ୍ୟୁତ୍ ସମସ୍ୟା ଉପୁଜିଲେ, ମରାମତି ବାହନାରେ ସମୟ ଗଡାଯାଉଛି। ଟୋଲ ଫ୍ରିନମ୍ବରକୁ କଲ୍ କଲେ ସମସ୍ୟା ସମାଧାନ ପରିବର୍ତ୍ତେ ବକେୟା ପଇଠ ଲାଗି ଶୁଣାଉଛନ୍ତି। ବ୍ୟବସାୟୀ ରାକେଶ ସାହୁ କୁହନ୍ତି, ଗରମ ଯୋଗୁ ଲୋକେ ଦୋକାନକୁ ଆସୁନାହାନ୍ତି। ଗତ ଦୁଇ ସପ୍ତାହ ହେବ ଏହି ସମସ୍ୟା ରହିଛି।

## ସଂକ୍ଷେପରେ

### ନଦୀରୁ ମିଳିଲା ଶିଶୁକନ୍ୟା ମୃତଦେହ

ଗୋପ,୧୭।୬(ଭାରତୀ ଭୂଷଣ ଉପାଧ୍ୟାୟ)- ଗୋପ ଅନ୍ତର୍ଗତ କୁଶଭଦ୍ରା ନଦୀରେ ଭାସୁଥିବା ଗୋଟିଏ ନବଜାତ ଶିଶୁକନ୍ୟାର ମୃତଦେହକୁ ଶନିବାର ମଧ୍ୟାହ୍ନରେ ଗୋପ ପୋଲିସ ପକ୍ଷରୁ ଉଦ୍ଧାର କରାଯାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୯/୨୩) ରୁଜୁ କରି ତଦନ୍ତ ଚଳାଇଛି ବୋଲି ତଦନ୍ତକାରୀ ଅଧିକାରିଣୀ ସବିତା କିରୋ କହିଛନ୍ତି। ପ୍ରକାଶ ଯେ, ସକାଳେ ଗୋପ -ବାଲିଘାଇ ରାସ୍ତାର ମା' ଅଡଙ୍ଗେଇ ପୀଠ ନିକଟସ୍ଥ ନଦୀରେ ଜଣେ ନବଜାତ ଶିଶୁର ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବରପାଇ ପୋଲିସ ସ୍ଥାନୀୟ ଅଗ୍ନି ବିଭାଗର କର୍ମଚାରୀଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚି ନବଜାତ ଶିଶୁର ମୃତଦେହକୁ କୂଳକୁ ଅଣାଯିବା ପରେ ଶିଶୁଟି କନ୍ୟା ବୋଲି ଜଣାପଡିଥିଲା। ପୋଲିସ ଏହି ନବଜାତ ଶିଶୁକନ୍ୟାକୁ ଚାରିଛକ ଡାକ୍ତରଖାନାକୁ ନେଇ ବ୍ୟବଚ୍ଛେଦ କରିବା ପରେ ନିକଟସ୍ଥ ଶ୍ମଶାନରେ ପୋତିଥିଲା। ତେବେ ଶିଶୁକନ୍ୟାଟି କାହାର, ନଦୀରେ କିଭଳି ଆସିଲା ସେନେଇ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଗୋପ ଅଞ୍ଚଳରେ କେତେକ ନର୍ସିଂ ହୋମରେ ଏପରି ଅବାଧ ଭାବେ ଶିଶୁ ଭ୍ରୂଣ ହତ୍ୟା କରାଯାଉଥିବା ଅଭିଯୋଗ ହେଉଥିବାବେଳେ ଏବେ ନଦୀରେ ଏହି ଶିଶୁ ମିଳିଥିବାରୁ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରାଯାଇଛି।

### ଦାନବାକ୍ସ ସହ ଟଙ୍କା ଜବତ, ୨ ଗିରଫ

ଡେଲାଙ୍ଗ,୧୭।୬(ରଶ୍ମିରଞ୍ଜନ ପ୍ରଧାନ) ଡେଲାଙ୍ଗ ଥାନା ଅନ୍ତର୍ଗତ ଏକ ମନ୍ଦିରରୁ ହୁଣ୍ଡିବାକ୍ସ ସହ ଟଙ୍କା ଚୋରି କରିବା ଘଟଣାରେ ପୋଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ହରିରାଜପୁର ଗ୍ରାମର ଜଗବନ୍ଧୁ ଦାସ(୩୫), ସଂଗ୍ରାମ ସ୍ୱାଇଁ(୨୫)। ସେମାନଙ୍କଠାରୁ ଦାନବାକ୍ସ ସହିତ ୧୮ ହଜାର ୬୪୩ ଟଙ୍କା ଜବତ କରାଯାଇଛି। ଘଟଣା ଅନୁଯାୟୀ, ଗତ ୧୫ ତାରିଖ ରାତିରେ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିର ହୁଣ୍ଡିକୁ କେହି ଦୁର୍ବୃତ୍ତ ଚୋରିକରି ନେଇଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ହରିରାଜପୁର ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଡେଲାଙ୍ଗ ପୋଲିସ ନଂ.୧୭୬/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଡେଲାଙ୍ଗ ଥାନା ଅଧୀନ ହରିରାଜପୁର ଫାଣ୍ଡି ଅଧିକାରୀ ଗଦାଧର ନାୟକ ମନ୍ଦିର ପରିସରରେ ଥିବା ସିସିଟିଭିକୁ ଯାଞ୍ଚ କରିବା ପରେ ଅଭିଯୁକ୍ତଦ୍ୱୟଙ୍କ ଟେର ପାଇଥିଲେ। ପୋଲିସ ତଦନ୍ତ କରି ଅଭିଯୁକ୍ତ ସଂଗ୍ରାମକୁ ହରିରାଜପୁର ଷଣ୍ଢ ଛକ ଓ ଜଗବନ୍ଧୁଙ୍କୁ ଭଁସର ଛକଠାରୁ ଗିରଫ କରିବାରେ ଫାଣ୍ଡି ଅଧିକାରୀ ନାୟକ ସଫଳ ହୋଇଥିଲେ।

### ବିଶ୍ୱଜିତ୍ ସିଫା କମିଟି ସଦସ୍ୟ ମନୋନୀତ

ବୋଲଗଡ଼,୧୭।୬(ଦେବବ୍ରତ ହୋତା): ବୋଲଗଡ଼ ବ୍ଲକ ଡାବରଧୁଆ ପାଟଣା ପଞ୍ଚାୟତ ଚୁଡା ଗ୍ରାମର ବ୍ୟବସାୟୀ ବିଶ୍ୱଜିତ୍ ସ୍ୱାଇଁ ଭୁବନେଶ୍ୱର କୌଶଲାଗଙ୍ଗଠାରେ ଥିବା ଭାରତୀୟ କୃଷି ଅନୁସନ୍ଧାନ ପରିଷଦ(ଆଇସିଏଆର୍) ଅଧୀନ କେନ୍ଦ୍ରୀୟ ମିଠାଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥାନ (ସିଫା) ର ପରିଚାଳନା କମିଟି ସଦସ୍ୟଭାବେ ଆଗାମୀ ୩ବର୍ଷ ପାଇଁ ମନୋନୀତ ହୋଇଛନ୍ତି। ସେ ବର୍ତ୍ତମାନ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚାର କୋଷାଧ୍ୟକ୍ଷ ଭାବେ କାର୍ଯ୍ୟରତ ଥିବା ବେଳେ ଆଇସିଏଆର୍‌ର ଅଧ୍ୟକ୍ଷ ଥିବା କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ତାଙ୍କୁ ଏହି ନୂତନ ଦାୟିତ୍ୱ ପ୍ରଦାନ କରିଛନ୍ତି। ଏନେଇ ବିଶ୍ୱଜିତ୍‌ଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସେ ତାଙ୍କର ଏହି ନୂତନ ଦାୟିତ୍ୱ ପାଇଁ ରାଜ୍ୟ ଭାଜପା ନେତୃବୃନ୍ଦଙ୍କ ସମେତ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସରକାରୀ ସ୍ତରରେ ହୋଇନି ପ୍ରସ୍ତୁତି

## ଆଜି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଉତ୍ସବ

ସାକ୍ଷୀଗୋପାଳ,୧୭।୬
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)




ପୁରୀ ଜିଲା ସାକ୍ଷୀଗୋପାଳସ୍ଥିତ ସୁଆଣ୍ଡୋର ସୁଯୋଗ୍ୟ ପୁତ୍ର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୫ତମ ଶ୍ରାଦ୍ଧବାର୍ଷିକୀ ରବିବାର ପାଳନ ହେବାକୁ ଯାଉଛି। ଏ ନେଇ ବିଭିନ୍ନ ସଂଗଠନ, ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି। କିନ୍ତୁ ସରକାର ପକ୍ଷରୁ କୌଣସି ପ୍ରସ୍ତୁତି ହୋଇ ନ ଥିବା ଦେଖିବାକୁ ମିଳିଛି। ପଣ୍ଡିତ ଗୋପବନ୍ଧୁଙ୍କ ତ୍ୟାଗ ଓ ସେବା ଦ୍ୱାରା ଓଡ଼ିଶାର ସମୃଦ୍ଧି ଏବଂ ସାହିତ୍ୟ କ୍ଷେତ୍ରରେ ଉଚ୍ଚକୋଟୀର ହୋଇପାରିଛି। ସେ ଏକା ଧାରାରେ ଜଣେ ସ୍ୱାଧୀନତା ସଂଗ୍ରାମୀ, କବି, ଲେଖକ ସହ ଦୈନିକ ଖବରକାଗଜ ସମାଜ ଏବଂ ସତ୍ୟବାଦୀ ପତ୍ରିକାର ପ୍ରତିଷ୍ଠାତା ଥିଲେ। ସେ ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବାରୁ ଗରିବଙ୍କ ବେଦନା, ଅସହାୟଙ୍କ ଦୁଃଖ ଜାଣିପାରି ସହାୟତା ପାଇଁ ଆଗେଇ ଆସୁଥିଲେ। ଏଥିସହ ସେ ଓଡ଼ିଆ ଭାଷାକୁ ଉଚ୍ଚସ୍ତରକୁ ନେବା ସହ ଓଡ଼ିଶାବାସୀଙ୍କୁ ସ୍ୱାଧୀନତା ଦେବା ପାଇଁ ସଂଘର୍ଷ ଚଳାଇଥିଲେ। ତାଙ୍କ ନେତୃତ୍ୱରେ ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ ପ୍ରମୁଖ ପଞ୍ଚସଖା ମିଶି ସତ୍ୟବାଦୀ ଏବଂ ଓଡ଼ିଶାକୁ ଶିକ୍ଷିତ କରିବା ପାଇଁ ପୁଣ୍ୟତୋୟା ନଦୀ ଭାର୍ଗବୀ କୂଳରେ ମା' ତାରିଣୀଙ୍କ ମନ୍ଦିରରେ ନଦୀ ବାଲି ଧରି ଶପଥ କରିଥିଲେ ଏବଂ ବକୁଳବନରେ ଏକାଠି ହୋଇ ଗଢ଼ିଥିଲେ ବନ ବିଦ୍ୟାଳୟ। ଶେଷରେ ସମାଜ ସେବାରେ ନିଜକୁ ନିୟୋଜିତ କରିଥିବା ପଣ୍ଡିତ ଗୋପବନ୍ଧୁ ଦାସଙ୍କର ୧୯୨୮ ଜୁନ ୧୭ ତାରିଖ ଶ୍ରୀଜଗନ୍ନାଥଙ୍କ ନେତ୍ରୋତ୍ସବ ଦିନ ତାଙ୍କ କର୍ମ ଭୂମି ସତ୍ୟବାଦୀ ବିଦ୍ୟାଳୟ ପରିସରରେ ପରଲୋକ ଘଟିଥିଲା। ଗୋପବନ୍ଧୁ ଦାସଙ୍କ ସେବା, ଆଦର୍ଶ ପ୍ରତିଟି ଓଡ଼ିଆଙ୍କ ପାଇଁ ଆଦର୍ଶ ଥିବାରୁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଗତବର୍ଷ ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ଜନ୍ମପୀଠ ସୁଆଣ୍ଡୋକୁ ଐତିହ୍ୟ ପ୍ରକଳ୍ପ ଭାବେ ଗଢି ତୋଳିଛନ୍ତି। ସାରା ରାଜ୍ୟରୁ ପଣ୍ଡିତଙ୍କ ଜନ୍ମ ପୀଠକୁ ଦର୍ଶନ ନିମନ୍ତେ ଦୈନନ୍ଦିନ ଗୋପବନ୍ଧୁପ୍ରେମୀ ଆସୁଛନ୍ତି। ଏହାକୁ ଲକ୍ଷ୍ୟ ରଖି ବିଭିନ୍ନ ସଂଗଠନ, ଅନୁଷ୍ଠାନ ପକ୍ଷରୁ ରବିବାର ମହାପ୍ରଭୁଙ୍କ ନେତ୍ରୋତ୍ସବରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଉତ୍ସବ ବେଶ୍ ଆଡ଼ମ୍ବର ସହକାରେ ପାଳନ ହେବ। ଏଥିରେ ସ୍କୁଲ, କଲେଜ ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ, ଆତ୍ମୀୟ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଅପରପକ୍ଷେ ଗୋପବନ୍ଧୁଙ୍କ ଜୟନ୍ତୀ ଉତ୍ସବକୁ ସରକାର ଅତି ଜାକଜକମରେ ପାଳନ କରୁଥିବା ବେଳେ ଶ୍ରାଦ୍ଧ ଉତ୍ସବ ପାଳନ ନେଇ ପ୍ରସ୍ତୁତି ହୋଇ ନ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସେହିପରି ଗୋପବନ୍ଧୁଙ୍କ ଜୟନ୍ତୀ, ଶ୍ରାଦ୍ଧ ଉତ୍ସବ ସହ ଅଗଷ୍ଟ୧୫ ଓ ଜାନୁୟାରୀ ୨୬ରେ ଗୋପବନ୍ଧୁ ସଂଗ୍ରହାଳୟ, ଷଠିଘରକୁ ପ୍ରବେଶ ଶୁଳ୍କ ଛାଡ଼ ନିମନ୍ତେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ବିଷ୍ଣୁପ୍ରିୟା ବରାଳ ପ୍ରମୁଖ ଦାବି କରିଛନ୍ତି। ତେବେ ସରକାରୀସ୍ତରରେ ଗୋପବନ୍ଧୁଙ୍କ ଶ୍ରାଦ୍ଧ ଉତ୍ସବ ପାଳନ ସମ୍ପର୍କରେ କୌଣସି ପ୍ରସ୍ତାବ ଆସିନାହିଁ। କିନ୍ତୁ ଆମ ତରଫରୁ ପାଳନ କରିବୁ ବୋଲି ବିଡିଓ ଲୋଚନ ଦାସ ଏବଂ ସତ୍ୟବାଦୀ ଆଇଆଇସି ବିଜୟ କେତନ ବେହେରା ସୂଚନା ଦେଇଛନ୍ତି।

## ଷଠିଘରେ ଶ୍ରଦ୍ଧାଞ୍ଜଳି ଦେବାକୁ ନିରାଶ ହେବେ ଶ୍ରଦ୍ଧାଳୁ

ସାକ୍ଷୀଗୋପାଳ,୧୭।୬
(କିଶୋର ମହାପାତ୍ର/ ପ୍ରଶାନ୍ତ ବାରିକ)

ପ୍ରତିବର୍ଷ ଭଳି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନେତ୍ରୋତ୍ସବ ତିଥିରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ ରବିବାର ପାଳିତ ହେବ। ଏ ନେଇ କିଛି ଅନୁଷ୍ଠାନ ପକ୍ଷରୁ ପ୍ରସ୍ତୁତି ସରିଥିବାବେଳେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ସାମାଜିକ କର୍ମୀ, ରାଜନୈତିକ ବ୍ୟକ୍ତି ଏବଂ ଶତାଧିକ ସ୍ଥାନୀୟ ଲୋକେ ଏହି ଅବସରରେ ଗୋପବନ୍ଧୁଙ୍କ ଜନ୍ମପୀଠ ସୁଆଣ୍ଡୋରେ ସମବେତ ହେବେ। ହରିନାମ ସଂକୀର୍ତ୍ତନ ସହ ଶ୍ରଦ୍ଧାଳୁମାନେ ଗୋପବନ୍ଧୁଙ୍କ କୁଳଦେବତା ରାଧା ବିନୋଦ ବିହାରୀ ଠାକୁରଙ୍କୁ ପୂଜାର୍ଚ୍ଚନା କରିବା ପରେ ଆତ୍ମୀୟଙ୍କ ଗହଣରେ ଭାର୍ଗବୀ ନଦୀକୂଳରେ ପହଞ୍ଚି ଗୋପବନ୍ଧୁଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରି ପାରମ୍ପରିକ ରୀତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ସେଠାରୁ ଫେରିଆସି ଷଠିଘରେ ପରିକ୍ରମା କରି ସ୍ଥାପିତ ଗୋପବନ୍ଧୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା କଥା। ମାତ୍ର ଚଳିତବର୍ଷ ଷଠିଘରେ ପ୍ରବେଶ ଶୁଳ୍କ ଲାଗୁ କରାଯାଇଥିବାରୁ ସାଧାରଣ ଶ୍ରଦ୍ଧାଳୁ ଫୁଲମାଳଟିଏ ଦେଇ ପଣ୍ଡିତ ଗୋପବନ୍ଧୁଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବାରୁ ବଞ୍ଚିତ ରହିବେ। ସୁଆଣ୍ଡୋରେ ଐତିହ୍ୟ ବିକାଶ ପ୍ରକଳ୍ପ ଲୋକାର୍ପଣ ହେବାର ପ୍ରଥମ ବର୍ଷ ଶ୍ରାଦ୍ଧ ଦିବସରେ ଗୋପବନ୍ଧୁ ମ୍ୟୁଜିୟମ ମଧ୍ୟରେ ରହିଥିବା ଗୋପବନ୍ଧୁଙ୍କ ସୁଉଚ୍ଚ ପ୍ରତିମୂର୍ତ୍ତି ନିକଟକୁ ବିନା ଶୁଳ୍କରେ ଶ୍ରଦ୍ଧାଳୁମାନେ ଯାଇପାରିବେନି। ଏ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ବି କିଛି ସୁଫଳ ମିଳିଲା ନାହିଁ। ଏଥିପାଇଁ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଭିନ୍ନ ସଂଗଠନ ପକ୍ଷରୁ ଶ୍ରାଦ୍ଧୋତ୍ସବ ପାଳନ ସମୟରେ ଏହି ପ୍ରସଙ୍ଗରେ ଦୃଢ଼ ବିରୋଧ କରାଯିବ ବୋଲି ସୂଚନା ମିଳିଛି। ତେବେ ସରକାରୀ ଭାବେ କୌଣସି କାର୍ଯ୍ୟକ୍ରମ ନ ଥିବାରୁ ଏହି ପ୍ରସଙ୍ଗକୁ ପ୍ରଶାସନ ଅଣଦେଖା କରୁଛି। ଦାବି ହାସଲ ପାଇଁ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସୁଆଣ୍ଡୋ ସେତୁ ସଂଗଠନର ଆବାହକ ଗୋବିନ୍ଦ ମହାପାତ୍ର, ସତ୍ୟବାଦୀ ବିକାଶ ପରିଷଦ ସଭାପତି ଗୁଣ୍ଡିଚା ବରାଳ, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ରଙ୍କ ସମେତ ଅନେକ ସଂଗଠନ ପକ୍ଷରୁ କୁହାଯାଇଛି।


କଣାସ ବ୍ଲକର ବ୍ରହ୍ମପଡ଼ାର ମା' ଭଗବତୀଙ୍କ ପୀଠରେ ଅନୁଷ୍ଠିତ ଓଡ଼ିଶୀ ନାମ ସଂକୀର୍ତ୍ତନ ମହୋତ୍ସବରେ ବିଧାୟକ ଓ ଅନ୍ୟମାନେ ।

## ୩ ଦିନିଆ ଓଡ଼ିଶୀ ନାମ ସଂକୀର୍ତ୍ତନ ମହୋତ୍ସବ

କଣାସ,୧୭।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ ଆଳିବାଡ଼ ପଞ୍ଚାୟତର ବ୍ରହ୍ମପଡ଼ା ଗ୍ରାମରେ ପ୍ରତିଷ୍ଠିତ ଅଞ୍ଚଳର ଆରାଧ୍ୟ ଠାକୁରାଣୀ ମା' ଭଗବତୀଙ୍କ ପୀଠରେ ପ୍ରତିବର୍ଷ ପରି ରଜପର୍ବ ଉପଲକ୍ଷେ ୩ଦିନ ଧରି ଓଡ଼ିଶୀ ନାମ ସଂକୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୪ତାରିଖ ଉଦ୍‌ଘାଟନ ଉତ୍ସବରେ ଶାନ୍ତି ଆନନ୍ଦ ଆଶ୍ରମର ବାବାଜୀ ବନବିହାରୀ ଦାସ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବ ଉଦ୍‌ଘାଟନ କରିଥିଲେ। ୧୪, ୧୫, ୧୬ ୩ଦିନ ଧରି କଣାସ ବ୍ଲକ ଓ ଆଖପାଖ ବ୍ଲକରୁ ୬୨ ମେଳ ନାମ ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଉଦ୍‌ଯାପନ ଉତ୍ସବରେ ସ୍ଥାନୀୟ ବିଧାୟକ ଉମାକାନ୍ତ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଶାନ୍ତି ଆନନ୍ଦ ଆଶ୍ରମର ବାବାଜୀ ବନବିହାରୀ ଦାସ ମହାରାଜ, ସାମାଜିକ କର୍ମୀ ଲିଙ୍ଗରାଜ ସ୍ୱାଇଁ, ଆର୍ତ୍ତତ୍ରାଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଲୁପ୍ତ ହେବାକୁ ଯାଉଥିବା ଓଡ଼ିଶୀ ନାମ ସଂକୀର୍ତ୍ତନକୁ କେତେକ କଳାକାର ନିଜ ପ୍ରଚେଷ୍ଟାରେ ବଞ୍ଚାଇ ରଖିବାକୁ ଉଦ୍ୟମ ଜାରି ରଖିଥିବାରୁ ବିଧାୟକ ସାମନ୍ତରାୟ କଳାକାରଙ୍କୁ ସାଧୁବାଦ ଜଣାଇଥିଲେ। ୩ ଦିନ ଧରି ଚାଲିଥିବା ନାମ ସଂକୀର୍ତ୍ତନ ଶ୍ରବଣ କରିବାକୁ ଆଖପାଖ ଅଞ୍ଚଳର ବହୁ ଶ୍ରୋତା ଅସହ୍ୟ ଗୁଳୁଗୁଳିକୁ ଖାତିର ନ କରି ଦିନତମାମ ଜମା ହେଉଥିବା ଦେଖିବାକୁ ମିଳିଥିଲା।

## ଯକ୍ଷ୍ମା ନିରାକରଣ ଓ ସଚେତନତା ଶିବିର

କଣାସ, ୧୭।୬(ବିଭୂତି ଭୂଷଣ ତ୍ରିପାଠୀ):

ଦୟାବିହାରସ୍ଥିତ ନୀଳାଚଳ ସେବା ପ୍ରତିଷ୍ଠାନ ମଧ୍ୟରେ ରହୁଥିବା ଅନ୍ତେବାସୀଙ୍କ ନିମନ୍ତେ ଶୁକ୍ରବାର ଡାକ୍ତର ଲଲାଟେନ୍ଦୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ପୁରୀରୁ ଆସିଥିବା ଏକ ସ୍ୱତନ୍ତ୍ର ଡାକ୍ତରୀଦଳ ଅନ୍ତେବାସୀଙ୍କ ଯକ୍ଷ୍ମାରୋଗ ଯାଞ୍ଚ ସହ ସଚେତନତା କରିଥିଲେ। ଶ୍ରୀଜଗନ୍ନାଥ ମେଡିକାଲ କଲେଜ୍ ଓ ହସ୍ପିଟାଲ୍‌ରୁ ଆସିଥିବା ଯକ୍ଷ୍ମା ରୋଗ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡାକ୍ତର ସୁଦର୍ଶନ କୋଥାଳ ଏହି ଦଳର ନେତୃତ୍ୱ ନେଇଥିଲେ। ୩ଦିନ ଧରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ତପନ କୁମାର ଚୌଧୁରୀ, ସୁରେନ୍ଦ୍ରନାଥ ପ୍ରଧାନ, ରାଜଲକ୍ଷ୍ମୀ ଖଣ୍ଡାୟତରାୟ, ସନ୍ତୋଷ ରାଉତ, ସ୍ୱାତୀ ସୁଚରିତା ରାଉତ, ମିନତୀ ସାହୁ ପ୍ରମୁଖ ଅନ୍ତେବାସୀଙ୍କୁ ସର୍ବେକ୍ଷଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୦୮ଜଣଙ୍କୁ ଡାକ୍ତରୀ ପରୀକ୍ଷା ଓ ପରାମର୍ଶ ପାଇଁ ଚିହ୍ନଟ କରିଥିଲେ। ସେମାନଙ୍କୁ ପରୀକ୍ଷା ଓ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିଲା। ସେମାନଙ୍କ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ଏହାର ରିପୋର୍ଟ ଦୁଇସପ୍ତାହ ମଧ୍ୟରେ ଆସିବ। ଶ୍ରୀଜଗନ୍ନାଥ ମେଡିକାଲ କଲେଜ୍‌ର କମ୍ୟୁନିଟି ମେଡିସିନ୍ ବିଭାଗର ୪ଜଣିଆ ଡାକ୍ତରୀ ଦଳ ଅନୁଷ୍ଠାନର ବିଭିନ୍ନ ୟୁନିଟ୍ ବୁଲି ଜନସ୍ୱାସ୍ଥ୍ୟ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସକାଳେ ପ୍ରାଧ୍ୟାପକ ସୁଦର୍ଶନ ପୋଥାଳ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରା ଏବଂ ପୁରୀ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଅର୍ଚ୍ଚନା ପଟ୍ଟନାୟକ ଯକ୍ଷ୍ମାରୋଗ ସମ୍ପର୍କରେ ସଚେତନତା କରାଇଥିଲେ। ଏହି ସଭାକୁ ବିପିଏମ୍ ଧନେଶ୍ୱର ସ୍ୱାଇଁ ଓ ନୀଳାଚଳ ସେବା ପ୍ରତିଷ୍ଠାନର କର୍ମଚାରୀମାନେ ପରିଚାଳନା କରିଥିଲେ।

## ସତର୍କ କଲା ଓଡ଼ିଶା ପୋଲିସ 'ଛୋଟପିଲା, ଗୃହପାଳିତ ପଶୁଙ୍କୁ କାର୍ ଭିତରେ ଏକୁଟିଆ ଛାଡ଼ନ୍ତୁ ନାହିଁ'

କଟକ,୧୭।୬(କାର୍ତ୍ତିକ ସାହୁ)

କାର୍ ଭିତରେ ଶ୍ୱାସରୁଦ୍ଧ ହୋଇ ଶିଶୁ ମୃତ୍ୟୁ ଘଟଣାକୁ ନେଇ ଓଡ଼ିଶା ପୋଲିସ ଅଭିଭାବକମାନଙ୍କୁ ସତର୍କ କରାଇଛି। ଛୋଟ ପିଲା ଓ ଗୃହପାଳିତ ପଶୁଙ୍କୁ କାର୍ ଭିତରେ ଏକୁଟିଆ ଛାଡ଼ନ୍ତୁ ନାହିଁ ବୋଲି ଓଡ଼ିଶା ପୋଲିସ ପକ୍ଷରୁ ଟୁଇଟର ଯୋଗେ ସତର୍କ କରାଯାଇଛି। ବିଶେଷକରି ଗ୍ରୀଷ୍ମଦିନେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ରୌଦ୍ରତାପ କାରଣରୁ ବନ୍ଦ କାର୍ ଭିତରେ ତାପମାତ୍ରା ଅସମ୍ଭବ ଭାବେ ବୃଦ୍ଧି ପାଇଥାଏ। ସାଧାରଣତଃ ବାହାରର ତାପମାତ୍ରା ୪୦ ଡିଗ୍ରୀ ଥିବାବେଳେ କାର୍ ଭିତରର ତାପମାତ୍ରା ବୃଦ୍ଧି ପାଇଁ ୬୦ ଡିଗ୍ରୀ ହେବାକୁ ମାତ୍ର ୧୫ ମିନିଟ୍ ସମୟ ଲାଗେ। ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେବା ସହ ଜୀବନ ଚାଲିଯିବାର ଆଶଙ୍କା ରହିଛି। ତେଣୁ ଓଡ଼ିଶା ପୋଲିସ ପକ୍ଷରୁ ସାମ୍ପ୍ରତିକ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏଭଳି ସତର୍କତାମୂଳକ ବାର୍ତ୍ତା ପ୍ରଦାନ କରାଯାଇଛି। ଓଡ଼ିଶା ପୋଲିସର ଏହି ବାର୍ତ୍ତାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ସୂଚନାଯୋଗ୍ୟ, କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳରେ କାର୍ ଭିତରେ ଶ୍ୱାସରୁଦ୍ଧ ହୋଇ ଶୁକ୍ରବାର ଜଣେ ଶିଶୁର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ଅଭିପ୍ସା ପ୍ରିୟଦର୍ଶିନୀ ହେଲେ ରଜ କୁମାରୀ


ଅତିଥିଙ୍କ ଗହଣରେ ଶ୍ରେଷ୍ଠ ବିବେଚିତ ରଜ କୁମାରୀ ୨୦୨୩ ଅଭିପ୍ସା ପ୍ରିୟଦର୍ଶିନୀ ରଥ।

### ପଞ୍ଚାୟତସ୍ତରୀୟ ୩ ଦିନିଆ ରଜ ମହୋତ୍ସବ ଉଦ୍‌ଯାପିତ

ନିମାପଡ଼ା,୧୭।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଭିଲି ପଞ୍ଚାୟତ ପକ୍ଷରୁ ବିଷ୍ଣୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ପଞ୍ଚାୟତସ୍ତରୀୟ ୬ଷ୍ଠ ରଜ କୁମାରୀ ମହୋତ୍ସବ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ସମାରୋହରେ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ, ବିଶିଷ୍ଟ ଶିଶୁ ସାହିତ୍ୟିକ, କବି, ଲେଖିକା, ଶିକ୍ଷାବିତ୍ ତଥା ଓଡ଼ିଶା ରାଜ୍ୟ ଫେଡେରେଶନର ରାଜ୍ୟ ଉପସଭାନେତ୍ରୀ ସଙ୍ଗୀତା ଦାଶ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଏମ୍‌ପିଙ୍କ ପ୍ରତିନିଧି ସୁଧୀର ରଞ୍ଜନ ଦାଶ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ମଲ୍ଲିକ, ସରପଞ୍ଚ ଅରବିନ୍ଦ ମଲ୍ଲିକ, ସମିତି ସଭ୍ୟା ଧନୀ ମାଝି, ରଜ ମହୋତ୍ସବ କମିଟି ସଭାପତି ସୀମାନ୍ତ ଶେଖର ରଥ, ସମ୍ପାଦକ ରବୀନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଏହି ଉତ୍ସବର ସଫଳତା କାମନା କରିଥିଲେ। ଚଳିତ ବର୍ଷର ଉତ୍ସବ ଅବସରରେ ଆୟୋଜିତ ମୁଖ୍ୟ ଆକର୍ଷଣ କିଏ ହେବ ରଜ କୁମାରୀ ପ୍ରତିଯୋଗିତାରେ ଅଭିପ୍ସା ପ୍ରିୟଦର୍ଶିନୀ ରଥ ଚାମ୍ପିୟନ ହୋଇ ରଜ କୁମାରୀ ମୁକୁଟ ପିନ୍ଧି ଥିବାବେଳେ ଶୁଭଶ୍ରୀ ଦାଶ ରନର୍ସ ଅପ ଭାବେ ରଜ କୁମାରୀ ମୁକୁଟ ପିନ୍ଧିଥିଲେ। ଏହି ଅବସରରେ ଯୁବତୀ ଆୟୋଜିତ ଶଙ୍ଖ ବାଦନ, ହୁଳହୁଳି, ପୁଚିଖେଳ, ତାସଖେଳ, ଏକକ କଣ୍ଠ ସଙ୍ଗୀତ, ଏକକ ଅଭିନୟ, କାନ୍ଦଣା, ଢଗଢମାଳି, ଏକକ ନୃତ୍ୟ, ଝୋଟିପକା, ଗୋଷ୍ଠୀନୃତ୍ୟ, ଡୁଏଟ୍ ନୃତ୍ୟ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଭାଙ୍କୁ ପୁରସ୍କାର, ମାନପତ୍ର, ଉପଢୌକନ, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ରଜ ମହୋତ୍ସବ କମିଟିର ପୂର୍ଣ୍ଣଚନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ରଥ, ରତ୍ନାକର ମହାପାତ୍ର, ବାଳକୃଷ୍ଣ ଓଝା, ରଞ୍ଜନ ନାୟକ, ପ୍ରବୋଧ ପ୍ରଧାନ ପ୍ରମୁଖ ଉତ୍ସବରେ ସଂଯୋଜନା ଓ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ଧମାକା ଦର୍ଶକଙ୍କୁ ବେଶ୍ ବିମୋହିତ କରିଥିଲା।

## ବସୁମତୀ ସ୍ନାନ ସହ ଶେଷ ହେଲା ରଜ

ପିପିଲି,୧୭।୬(ଦୁର୍ଗାମାଧବ ମିଶ୍ର):

ଓଡ଼ିଶାର ଗଣପର୍ବ ରଜ ଏହାର ଅନ୍ତିମ ଦିବସକୁ ବସୁମତୀ ସ୍ନାନ ବୋଲି କୁହାଯାଏ। ନାରୀ ସହ ମାଟି ମା'ର ସମ୍ପର୍କକୁ ବୁଝାଏ। ରଜ ୩ଦିନ ପାଇଁ ମାଟି ମାଙ୍କୁ ବିଶ୍ରାମ ଦିଆଯାଇଥାଏ। ହଳଠାରୁ ମାଟି ଖୋଳିବା ଯାଏଁ ସବୁ କାମ ବନ୍ଦ ରହିଥାଏ। ଶନିବାର ରଜର ଶେଷ ଦିନରେ ଝିଅ, ବୋହୂମାନେ ପ୍ରାତଃରୁ ସ୍ନାନ କରନ୍ତି। ପିଢା ଉପରେ ଶିଳପୁଆ ଆଉ କଜଳପାତି, ଲଙ୍ଗଳ ଲୁହା, କପା ତୁଳା ଆଦି ରଖି ପୂଜାର୍ଚ୍ଚନା କରିଥାନ୍ତି। ଏହି ଅବସରରେ ହଳଦୀ ପାଣିରେ ବସୁମାତାଙ୍କୁ ଗାଧୋଇ ଦିଆଯାଏ। ଚନ୍ଦନ, ସିନ୍ଦୂର ସହ ଫଳ ଭୋଗ କରାଯିବାର ବିଧି ମଧ୍ୟ ରହିଛି। ଏହି ପର୍ବ ନାରୀ ଜାତି ମଧ୍ୟରେ ଉତ୍ସାହ ସହ ଶକ୍ତି ଜାଗୃତ କରିଥାଏ। ଉତ୍ସାହର ୩ଦିନ ରଜ ପାଳନ ହୋଇଥିବାବେଳେ ଶେଷ ଦିନରେ ମା' ବସୁମତୀଙ୍କୁ ପୂଜାର ପରମ୍ପରା ରହିଛି। ଏଥିରେ ଚାଷର ସବୁ ସାମଗ୍ରୀ ପୂଜା କରାଯାଏ। ସେହିପରି ଚାଷୀମାନେ ମଧ୍ୟ ଏହି ୩ ଦିନ ଚାଷ କାର୍ଯ୍ୟ ଛାଡ଼ି ପରସ୍ପର ମଧ୍ୟରେ ଖାଦ୍ୟ ଆଦାନପ୍ରଦାନ କରିଥାନ୍ତି ବୋଲି ଜଣେ ଶିକ୍ଷୟିତ୍ରୀ ସ୍ୱଦେଶା ନାୟକ କହିଛନ୍ତି।

## 'ସାଙ୍ଗଠନିକ ସ୍ଥିତି ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ'

### ଅଣ୍ଡରା-ଇଚ୍ଛାପୁରରେ ବିଜେଡିର ସାଂଗଠନିକ ବୈଠକ

ଗୋପ,୧୭।୬(ଭାରତୀ ଭୂଷଣ ଉପାଧ୍ୟାୟ)

ନବୀନ ସରକାରଙ୍କ ଦଳ ଯେପରି ବିକାଶମୂଳକ କାର୍ଯ୍ୟ କରିପାରିବା ସହ ସାଧାରଣ ଲୋକଙ୍କ ସହିତ ରହିଛି। ସେହିପରି ଆମକୁ ସଂଗଠିତ ହୋଇ ଦଳ ପାଇଁ କାମ କରିବା ଓ ସାଂଗଠନିକ ସ୍ଥିତି ପ୍ରତି ଗୁରୁତ୍ୱ ଦେବା ବୋଲି ଶନିବାର ଗୋପ ବ୍ଲକ ଅନ୍ତର୍ଗତ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତରେ ଆୟୋଜିତ ବିଜେଡିର ସାଂଗଠନିକ ବୈଠକରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଉପସ୍ଥିତ କର୍ମୀମାନଙ୍କୁ କହିଥିଲେ। ବିଜେଡି ନେତା ଅଶ୍ୱିନୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ଶତାଧିକ କର୍ମୀ ଯୋଗଦେଇ ତୃଣମୂଳ ସ୍ତରରେ ଯେପରି ଦଳକୁ ସଂଗଠିତ କରାଯିବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବିଧାୟକ ଦାଶ ଆମକୁ ୨୦୨୪ ନିର୍ବାଚନକୁ ଯିବା ପୂର୍ବରୁ ବାକିଥିବା ବିକାଶମୂଳକ କାର୍ଯ୍ୟ ସହିତ ସାଧାରଣ ଲୋକଙ୍କ ସମସ୍ୟା ପ୍ରତି ମଧ୍ୟ ଗୁରୁତ୍ୱ ଦେବା ଦରକାର। ବିରୋଧୀ କ'ଣ ତାହା ସାଧାରଣ ଲୋକ ବେଶ୍ ଭଲ ଭାବେ ଜାଣିଛନ୍ତି। ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ରହିଥିବା ସମସ୍ତ ପଞ୍ଚାୟତରେ ବିଭିନ୍ନଉନ୍ନୟନ ମୂଳକ କାର୍ଯ୍ୟ କରାଯିବା ସହ ମୁଁ ୧୮ରୁ ୨୪ ଘଣ୍ଟା ଧରି ସାଧାରଣ ଲୋକଙ୍କ ସହିତ ରହିଛି ବୋଲି ସୂଚନା ଦେଇଥିଲେ। ଏହି ନିର୍ବାଚନ ମଣ୍ଡଳୀର ସାଂଗଠନିକ ସ୍ଥିତି ଦୃଷ୍ଟିକୋଣରୁ ଗୋପ ବ୍ଲକରେ ରହିଥିବା ୭ଟି ପଞ୍ଚାୟତ ସଭାପତିଙ୍କୁ ବିରତି ଦିଆଯାଇଥିବା ସମୟରେ ପର୍ଯ୍ୟାୟକ୍ରମେ ସେହି ସବୁ ପଞ୍ଚାୟତରେ କାର୍ଯ୍ୟକାରୀ ସଭାପତି ସହିତ ଦରକାର ପଡିଲେ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତ ପରି ଅନ୍ୟ ପଞ୍ଚାୟତରେ ଆବଶ୍ୟକ ପଡିଲେ ସଭାପତି ଚୟନ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଶେଷରେ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତର ନୂତନ ପଞ୍ଚାୟତ ସଭାପତି ରସାନନ୍ଦ ଜେନାଙ୍କୁ ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା।


ବିଜେଡିର ସାଙ୍ଗଠନିକ ବୈଠକରେ ଉପସ୍ଥିତ ବିଧାୟକ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ ।

## ଜୀବନ ଜୀବିକା ବିପନ୍ନ: ମେଳି ହେଲେଣି ଦୟାକୂଳିଆ

କଣାସ,୧୭।୬(ବିଭୂତି ଭୂଷଣ ତ୍ରିପାଠୀ)

ଦୟା ସୁରକ୍ଷା ଅଭିଯାନ ପକ୍ଷରୁ ଶନିବାର କଣାସ ବ୍ଲକ କାଦୁଆ ପଞ୍ଚାୟତର କଉଡିଖିଣି ପାଲାମଣ୍ଡପଠାରେ ଏକ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ହରୋମୋହନ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ଦୟାନଦୀର ପ୍ରଦୂଷଣ, ବନ୍ୟା ନିୟନ୍ତ୍ରଣ ଓ ନଦୀକୁ ଅବରୋଧ ମୁକ୍ତ କରିବା, ଚିରୋପ୍ରବାହ କରିବା ସହିତ ନଦୀ ମୁହାଁଣ ସଫା କରିବା ଆଦି ସମସ୍ୟାଗୁଡ଼ିକ ଉପରେ ବକ୍ତାମାନେ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଭୁବନେଶ୍ୱର ସମସ୍ତ ପ୍ରଦୂଷିତ ଜଳ ଓ ବର୍ଜ୍ୟବସ୍ତୁ ଗଙ୍ଗୁଆ ନଦୀ ସାହାଯ୍ୟରେ କଣ୍ଟିଠାରେ ଦୟାନଦୀକୁ ଛଡ଼ାଯିବା ଦ୍ୱାରା ଦୟାନଦୀର ଜଳ ବିଷାକ୍ତ ହୋଇପଡିଛି। ଯାହା ଦ୍ୱାରା କି ନଦୀ ପାଖ ଗ୍ରାମବାସୀ ଜଣ୍ଡିସି, କିଡ୍‌ନୀ ଓ ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି। ତତ୍ ସହିତ ବୈଠକରେ ଐତିହାସିକ ଦୟାନଦୀ



ଦୟା ନଦୀ ସୁରକ୍ଷା ନେଇ ଦୟା ସୁରକ୍ଷା ଅଭିଯାନ ପକ୍ଷରୁ ଅନୁଷ୍ଠିତ ବୈଠକରେ ଯୋଗ ଦେଇଥିବା ସଦସ୍ୟ ଓ ଗ୍ରାମବାସୀ ।

ଏବଂ ଏହାର ଶାଖାନଦୀଗୁଡ଼ିକୁ ପ୍ରଦୂଷଣ, ରାଜଦଳ, ଜବରଦଖଲ ମୁକ୍ତ, ମତ୍ସ୍ୟଜୀବୀ ସମସ୍ୟା, ବନ୍ୟା ନିୟନ୍ତ୍ରଣ ତଥା ନିର୍ମଳ ଓ ଚିରପ୍ରବାହ, ଦୟାନଦୀ ଆମର ଅଧିକାର ଶୀର୍ଷକ ଆଲୋଚନା ହୋଇଥିଲା। ଦୟାସୁରକ୍ଷା ଅଭିଯାନର ଆବାହକ ସଚ୍ଚିକାନ୍ତ ପ୍ରଧାନ, କୃଷକ ମହାସଂଘ ଆବାହକ ଅଶୋକ ପ୍ରଧାନ, କଣାସ ବ୍ଲକ ଆବାହକ ସୁକାନ୍ତ କିଶୋର ସାମନ୍ତରାୟ, ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ଜେନା ଓ ଅନାମ ବେହେରା, ମାନବାଧିକାର କର୍ମୀ ଅରୁଣ ସାମନ୍ତରାୟ, ମତ୍ସ୍ୟଜୀବୀ ମହାସଂଘ ସମ୍ପାଦକ କାଳେନ୍ଦୀ ବେହେରା, ମତ୍ସ୍ୟଜୀବୀ ମହାସଂଘ ନେତା ଏବଂ ୫ଟି ପଞ୍ଚାୟତର ପ୍ରମୁଖ ନେତୃବୃନ୍ଦ ବୈଠକରେ ଯୋଗଦେଇ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ମତ ଦେଇଥିଲେ। ଅଭିଯାନ ପକ୍ଷରୁ ଗଙ୍ଗୁଆ ନଦୀକୁ ଦୟାନଦୀରୁ ବିଚ୍ଛିନ୍ନ କରିବା, ରାଜଦଳ ନିଷ୍କାସନ ଏବଂ ଜୀବିକା ହରାଇଥିବା ମତ୍ସ୍ୟଜୀବୀଙ୍କ ସମସ୍ୟା ତୁରନ୍ତ ସମାଧାନ ଏବଂ ନଦୀପଠାରୁ ବେଆଇନ ନିର୍ମାଣ ବନ୍ଦ କରିବା ନିମନ୍ତେ ବଡ଼ଗୋଠ ତ୍ରିବେଣୀ ଛକଠାରୁ ଏକ ପଦଯାତ୍ରା ଆରମ୍ଭ ହୋଇ କଣ୍ଟି ପିପିଲି ପର୍ଯ୍ୟନ୍ତ ଯାଇ ସରକାରଙ୍କୁ ପୂର୍ଣ୍ଣ ଦାବିପତ୍ର ପ୍ରଦାନ ସହିତ ଆନ୍ଦୋଳନକୁ ବ୍ୟାପକ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା।

# ଦର୍ପଦଳନ ରଥରେ ଫାଟ

## ସାମାନ୍ୟ କ୍ରାକ୍ ହୋଇଛି, କୌଣସି ସମସ୍ୟା ନାହିଁ: ଶ୍ରୀମନ୍ଦିର ପ୍ରଶାସନ

ପୁରୀ, ୧୭।୬(ଅଜିତ ମହାନ୍ତି)


ଦର୍ପଦଳନ ରଥର ସାନଉଛୁଳା ଚକ ବା ପଛୁଆଣି ଚକର ଅଖରେ ଫାଟ

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଆଉ ମାତ୍ର ଦୁଇଦିନ ବାକିଥିବାବେଳେ ଶନିବାର ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ଫାଟ ଦେଖିବାକୁ ମିଳିଛି। ରଥର ସାନଉଛୁଳା ଚକ ବା ପଛୁଆଣି ଚକର ଅଖରେ ଫାଟ ସୃଷ୍ଟି ହୋଇଛି। ଫଳରେ ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ଅଖ ଫାଟ ମରାମତି ହେବ କି ଅଖ ପରିବର୍ତ୍ତନ କରାଯିବ ସେ ନେଇ ପ୍ରଶ୍ନ ଉଠିଛି। ପୂର୍ବରୁ ଫାଟ ଥିବାବେଳେ ସେଥିରେ କ୍ଲାମ୍ପ ଦିଆଯାଇଥିଲା। ତେବେ ଫାଟ ଅଧିକ ଦିଶିଥିଲା। ତେଣୁ ରଥ ଗଡ଼ିବାରେ ସମସ୍ୟା ଉପୁଜିବା ନେଇ ଆଶଙ୍କା କରାଯାଉଛି। ତେଣୁ ଉକ୍ତ ଅଖ ବଦଳାଯିବାକୁ ଭକ୍ତଙ୍କ ପକ୍ଷରୁ ଦାବି ହେଉଛି।

ଅନ୍ୟପକ୍ଷରେ ଦର୍ପଦଳନ ରଥର ଏକ ଅଖରେ ଫାଟ ଥିବା ଜଣାପଡ଼ିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଅପରାହ୍ନ ପ୍ରାୟ ୧ଟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ରଥ ନିର୍ମାଣ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ବରିଷ୍ଠ ଅଧିକାରୀ, ଜିଲାପାଳ, ପରିଚାଳନା କମିଟିର ସଦସ୍ୟ, ଶ୍ରୀମନ୍ଦିର ବୈଷୟିକ କୋର୍ କମିଟି ସଦସ୍ୟ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ତିନିରଥର ମୁଖ୍ୟ ମହାରଣାଙ୍କ ସମେତ ଭୋଇ ସର୍ଦ୍ଦାର ଉପସ୍ଥିତ ଥିଲେ। ଦର୍ପଦଳନ ରଥ ଚକର ଅଖ ପରିବର୍ତ୍ତନ କିମ୍ବା ଏହାକୁ ମରାମତି କରାଯିବ ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ପରେ ବିଶ୍ୱକର୍ମା ମହାରଣାମାନେ କହିଥିଲେ, କଷ୍ଟା ବାଡ଼େଇବା ବେଳେ କାଠ ଦବିଯାଇଛି। କିଛି ସମସ୍ୟା ହେବନାହିଁ। ସେହିପରି ଫାଟ ଗୁରୁତର ନୁହେଁ, ତେଣୁ କୌଣସି ସମସ୍ୟା ହେବନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

ବୈଠକ ପରେ ଶ୍ରୀମନ୍ଦିର ବୈଷୟିକ କୋର୍ କମିଟିର ସଦସ୍ୟମାନେ ରଥ ନିକଟକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। କମିଟିର ସଦସ୍ୟ ଏନ୍.ସି. ପାଲ୍ ସୂଚନା ଦେଇ କହିଥିଲେ ଯେ, ଚକ ଓ ଅଖ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। କୌଣସି ବିପଦ ନାହିଁ। ରଥ ମଧ୍ୟ ସମ୍ପୂର୍ଣ୍ଣ ନିରାପଦ। ପୂର୍ବରୁ ଏକ ୟୁ କ୍ଲାମ୍ପ୍ ଲାଗିଥିଲା। ଏବେ ଆଉ ଏକ ୟୁ କ୍ଲାମ୍ପ୍ ଦିଆଯିବ। ସୃଷ୍ଟି ହୋଇଥିବା ଫାଟ ନଗଣ୍ୟ। ଯେଉଁ ଫାଟ ବୋଲି କୁହାଯାଉଛି ତାହା ଫାଟ ନୁହେଁ ବରଂ ସାମାନ୍ୟ କ୍ରାକ୍। କାଠ ଦୁର୍ବଳ ନୁହେଁ। ତେଣୁ କୌଣସି ସମସ୍ୟା ନାହିଁ। ରଥଟଣା ବେଳେ କୌଣସି ସମସ୍ୟା ଦେଖାଯିବ ନାହିଁ। କ୍ରାକ୍‌ଟି ତୁମ୍ବର ବହୁତ ଦୂରରେ ହୋଇଛି। ରଥର ପଛୁଆଣି ଚକରେ ଏକ କ୍ରାକ୍ ଦେଖାଯାଇଛି, ଯେଉଁଥିରେ କୌଣସି ସମସ୍ୟା ବା ଅସୁବିଧା ନାହିଁ ବୋଲି ପାଲ୍ ମତବ୍ୟକ୍ତ କରିଛନ୍ତି। ସେହିପରି ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅଜିତ କୁମାର ମହାପାତ୍ର ସ୍ଥିତି ଅନୁଧ୍ୟାନ ପରେ କହିଛନ୍ତି, କଞ୍ଚା କାଠ ଓ ପ୍ରବଳ ଖରା ଯୋଗୁ ସାମାନ୍ୟ କ୍ରାକ୍ ହୋଇଛି। ଅଖରେ ଦେଖାଯାଇଥିବା କ୍ରାକ୍ ଯୋଗୁ କୌଣସି ଅସୁବିଧା ନାହିଁ। ଯେଉଁ ଯାଗାରେ କ୍ରାକ୍ ହୋଇଛି, ସେଠାରେ ଗୋଟିଏ କ୍ଲାମ୍ପ ଦିଆଯିବ। କାରଣ କ୍ରାକ୍‌ଟି ତୁମ୍ବର ବହୁତ ବାହାରେ ରହିଛି। ତେଣୁ ଅଖ ପରିବର୍ତ୍ତନର ଆବଶ୍ୟକତା ନାହିଁ। ସମସ୍ତ କମିଟି ସଦସ୍ୟ ଦେଖିଛନ୍ତି ଯେ, କିଛି ସମସ୍ୟା ନାହିଁ। ସବୁ ଠିକ୍ ଅଛି। ରଥଯାତ୍ରା ସମୟରେ କୌଣସି ସମସ୍ୟା ହେବନାହିଁ ବୋଲି ମହାପାତ୍ର ମତ ଦେଇଛନ୍ତି।


ଦଇତାପତି ସେବାୟତମାନେ ରୁପା ପିଙ୍ଗଣରେ ମହାପ୍ରଭୁଙ୍କ ଖଡ଼ିପ୍ରସାଦ ଧରି ଗଜପତି ମହାରାଜାଙ୍କ ନିମନ୍ତେ ଶ୍ରୀନଅରକୁ ବିଜେ କରୁଛନ୍ତି।

# ଶ୍ରୀନଅରକୁ ଖଡ଼ିପ୍ରସାଦ ବିଜେ

ପୁରୀ, ୧୭।୬(ଅଜିତ୍ ମହାନ୍ତି)

ଆଷାଢ଼ ମାସ କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ଶନିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ସହ ଶ୍ରୀନଅରକୁ ଖଡ଼ିପ୍ରସାଦ ବିଜେ ନୀତି ସମ୍ପନ୍ନ ହୋଇଛି। ଦତ୍ତମହାପାତ୍ର ସେବକ ଏବଂ ଦଇତାପତି ସେବକମାନେ ୩ ରୁପାପିଙ୍ଗଣରେ ଖଡ଼ି ପ୍ରସାଦ ବିଜେ କରାଇଥିଲେ। ଖଡି ପ୍ରସାଦଗୁଡ଼ିକୁ ଗଜପତିଙ୍କ ଗାଦିରେ ରଖାଯାଇଥିଲା। ନୀତି ପରେ ରାଜଗୁରୁଙ୍କ ହସ୍ତରୁ ପାଟଶାଣୀ ସେବକ ଶାଢ଼ି ନେଇ ତଲୁଛ, ଦେଉଳକରଣ, ହେହେରା, ଖୁଣ୍ଟିଆ, ପତିମହାପାତ୍ର ଏବଂ ତିନିବାଡ଼ର ଦଇତାପତିମାନଙ୍କୁ ବାନ୍ଧିଥିଲେ। ପରେ ସେବକମାନେ ଶ୍ରୀନଅରରୁ ପ୍ରସ୍ଥାନ କରିଥିଲେ।

ସୂଚନାଯୋଗ୍ୟ, ଜ୍ୟେଷ୍ଠ ପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ଶ୍ରୀବିଗ୍ରହମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ଚିକିତ୍ସିତ ହେଉଛନ୍ତି। ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଦଇତାପତି ଓ ପତିମହାପାତ୍ର ଶ୍ରୀଜୀଉମାନଙ୍କ ଗୁପ୍ତସେବା କରୁଛନ୍ତି। ଅଣସରର ପଞ୍ଚମୀ ତିଥିରେ ବଡ଼ଓଡ଼ିଆ ମଠରୁ ଆସିଥିବା ଫୁଲୁରି ତେଲ ଶ୍ରୀଅଙ୍ଗରେ ଲାଗିହେବା ପରେ ଶୁଦ୍ଧସୁଆର ସେବକମାନେ ଦେଇଥିବା ଓଷ ତିନିଦିନ ଧରି ଲାଗି କରାଯାଇଥବଲା। ଦଶମ ତିଥିରେ ଚକା ବିଜେ ନୀତି ସମ୍ପନ୍ନ ହୋଇଥିଲା। ସେହିପରି ବୈଦ୍ୟଙ୍କ ଦ୍ୱାରା ପ୍ରସ୍ତୁତ ଦଶମୂଳ ମୋଦକ ଶ୍ରୀମନ୍ଦିରରେ ପହଞ୍ଚିଥିଲା। ଶୁକ୍ରବାର ଅଣସର ଗୃହରେ ଶ୍ରୀବିଗ୍ରହମାନଙ୍କୁ ଖଳି, ତୁଳସୀ ଓ ଦଶମୂଳ ମୋଦକ ଲାଗି କରାଯାଇଥିଲା। ପରେ ମହାପ୍ରଭୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିଲେ। ପରେ ରାଜପ୍ରସାଦ ବିଜେ ନୀତି ହୋଇଥିଲା। ଅଣସରର ତ୍ରୟୋଦଶୀ ତିଥିରେ ମହାପ୍ରଭୁଙ୍କୁ ଘଣା, ଖଳି ପ୍ରସାଦ ଓ ଖଡ଼ି ପ୍ରସାଦ ଲାଗି କରାଯାଇଥିଲା। ଉକ୍ତ ଦିନ ବିଳମ୍ବିତ ରାତିରେ ଶ୍ରୀମନ୍ଦିରରେ ଭୋଗ ମଣ୍ଡପ ସମ୍ପନ୍ନ ପରେ ଘଣ୍ଟ, ଛତା, କାହାଳୀ ଆଦି ଦତ୍ତମହାପାତ୍ର ସେବାୟତଙ୍କ ଘର ନିକଟକୁ ଯାଇଥିଲା। ଦତ୍ତ ମହାପାତ୍ରଙ୍କ ଘରୁ ଖଡ଼ି ପ୍ରସାଦ ଶ୍ରୀମନ୍ଦିରକୁ ବିଜେ କରିଥିଲା। ଏହାକୁ ପତିମହାପାତ୍ର ସଂସ୍କାର କରିବା ପରେ ମହାପ୍ରଭୁଙ୍କୁ ଲାଗି କରାଯାଇଥିଲା।

# ରଥଯାତ୍ରାରେ ମୁତୟନ ହେବେ ୧୭୦ ପ୍ଲାଟୁନ ଫୋର୍ସ

ପୁରୀ, ୧୭।୬(ଅଜିତ୍ ମହାନ୍ତି)

**ଡିଜିପିଙ୍କ ଅଧ୍ୟକ୍ଷତାରେ ବୈଠକ**
- ସ୍ୱତନ୍ତ୍ର ଟ୍ରାଫିକ ମୋବିଲିଟି ପ୍ଲାନ୍ କାର୍ଯ୍ୟକାରୀ
- ୧୪ ଜୋନ୍, ୨୯ ସେକ୍ଟରରେ ବିଭକ୍ତ ସହର

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥର ରଥଯାତ୍ରାରେ ୧୭୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଜନଗହଳି ନିୟନ୍ତ୍ରଣ, ରଥଟଣା, ଟ୍ରାଫିକ ସୁପରିଚାଳନା ଏବଂ ଭିଭିଆଇପିଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି।

ରଥଯାତ୍ରାକୁ ଶୃଙ୍ଖଳିତ ତଥା ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଶନିବାର ପୁରୀ ଟାଉନ ହଲ୍‌ରେ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସୁନୀଲ୍ ବଂଶଲଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇନଶୃଙ୍ଖଳା ରକ୍ଷା, ଭକ୍ତଙ୍କ ସୁରକ୍ଷା, ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକ ପରେ ଡିଜିପି ବଂଶଲ ସୂଚନା ଦେଇ କହିଛନ୍ତି, ଆସନ୍ତା ୨୦ ତାରିଖ ମଙ୍ଗଳବାରଠାରୁ ନବଦିନାତ୍ମକ ରଥଯାତ୍ରା ଆରମ୍ଭ ହେଉଛି। ଏହାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାରେ ପୋଲିସ ପ୍ରଶାସନର ଗୁରୁଦାୟିତ୍ୱ ରହିଛି। ରଥଯାତ୍ରା ସମୟରେ ବଛା ବଛା ଦକ୍ଷ ପୋଲିସ ଅଧିକାରୀମାନଙ୍କୁ ଏଠାରେ ନିୟୋଜିତ କରାଯାଇଥାଏ। ରଥଯାତ୍ରା ପାଇଁ ସମସ୍ତେ ପ୍ରସ୍ତୁତ ଅଛନ୍ତି। ତେବେ କ'ଣ ଆଉ ସମସ୍ୟା ବା ଅସୁବିଧା ରହିଛି ସେ ନେଇ ଆଲୋଚନା କରାଗଲା। ପୋଲିସ ପକ୍ଷରୁ ମଧ୍ୟ ମକ୍‌ଡ୍ରିଲ କରାଯାଇଛି। ରଥଯାତ୍ରାରେ ୧୭୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ହେବେ ନାହିଁ ଏବଂ ଓଡ଼ିଶା ପୋଲିସ ପକ୍ଷରୁ ଭଲ ଅନୁଭୂତି ନେଇ ଫେରିବେ ସେଥିଲାଗି ପ୍ରୟାସ କରାଯାଉଛି। ଜଣେ ଏଡିଜିଙ୍କୁ ଟ୍ରାଫିକ ବ୍ୟବସ୍ଥା ଦାୟିତ୍ୱ ଦିଆଯାଇଛି। ବଡ଼ଦାଣ୍ଡରେ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ଅଫିସର ରହିଛନ୍ତି। ତିନିରଥର କର୍ଡନରେ ବିଭିନ୍ନ ର୍‍ୟାଙ୍କର ଅଫିସର ରହିବେ। ସମସ୍ତ ଅଫିସର ପୁରୀରେ ପହଞ୍ଚି ସାରିଛନ୍ତି। ସେମାନଙ୍କ ପାଇଁ ବ୍ୟବସ୍ଥା ହୋଇଛି। ପୋଲିସ ପକ୍ଷରୁ ଗୋଟିଏ ମୁଖ୍ୟ କଣ୍ଟ୍ରୋଲ ରୁମ୍ କରାଯାଉଛି। ସେହିପରି ୧୬ କିମ୍ବା ୧୭ଟି ସବ୍‌କଣ୍ଟ୍ରୋଲ ରୁମ୍ ହେଉଛି। ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯାଇଛି। ସମୁଦ୍ରରେ କୋଷ୍ଟଗାର୍ଡ ନିୟୋଜିତ ରହିବେ। ଭକ୍ତଙ୍କ ସୁବିଧା ନେଇ ରେଳ ବିଭାଗ ସମେତ ବିଭିନ୍ନ ବିଭାଗ ସହ ଆଲୋଚନା କରାଯାଉଛି। ବିଭିନ୍ନ ସେକ୍ଟର ଓ ଜୋନ୍‌ରେ ନିୟୋଜିତ ପୋଲିସ ଅଧିକାରୀମାନେ କିଭଳି ଭକ୍ତଙ୍କୁ ଉତ୍ତମ ବ୍ୟବହାର କରିବେ, ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ଠିକ୍ ଭାବେ ତୁଲାଇବେ, ଗହଳି ନିୟନ୍ତ୍ରଣ ସହ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବେ, ବିଭିନ୍ନ ପାସ୍‌ଧାରୀଙ୍କୁ କିଭଳି ଛଡ଼ାଯିବ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିବା ବଂଶଲ ପ୍ରକାଶ କରିଛନ୍ତି। ସେହିପରି ଏଡିଜି ଅମିତାଭ ଠାକୁର କହିଛନ୍ତି, ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଟ୍ରାଫିକ ମୋବିଲିଟି ପ୍ଲାନ୍ ହେବ। ସହର ଭିତରେ ଦୁଇଟି ଓ ସହର ବାହାରେ ଗୋଟିଏ ଏଭଳି ତିନିଭାଗରେ ଟ୍ରାଫିକ ପରିଚାଳନା କରାଯିବ। ସହରକୁ ୧୪ଟି ଜୋନ୍ ଓ ୨୯ ସେକ୍ଟରରେ ବିଭକ୍ତ କରାଯାଇଛି। ଟ୍ରାଫିକ ଦାୟିତ୍ୱରେ ଥିବା ଭକ୍ତମାନେ ଦୁଇଚକିଆ ଓ ଚାରିଚକିଆ ଗାଡ଼ି କେଉଁଠାରେ ପାର୍କିଂ କରିବେ, କେଉଁବାଟେ ଆସିବେ, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଓ ସେବାକୁ ପ୍ରାଥମିକତା ଦିଆଯାଇଛି।

# 'ରତ୍ନଭଣ୍ଡାର ମରାମତି, ଅଳଙ୍କାର ଗଣତି ଜରୁରୀ'

ପୁରୀ, ୧୭।୬(ଅଜିତ ମହାନ୍ତି)

ଶ୍ରୀମନ୍ଦିର ରତ୍ନଭଣ୍ଡାରର ସ୍ଥିତି ଓ ରତ୍ନଅଳଙ୍କାର ସୁରକ୍ଷା ନେଇ ଗଜପତି ମହାରାଜା ଦିବ୍ୟସିଂହ ଦେବ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରତ୍ନଭଣ୍ଡାର ମରାମତି ସହ ରତ୍ନଅଳଙ୍କାରଗୁଡ଼ିକର ଗଣତି କରାଯିବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏକ ବୈଦ୍ୟୁତିକ ଗଣମାଧ୍ୟମକୁ ଗଜପତି ମହାରାଜା ସୂଚନା ଦେଇ କହିଛନ୍ତି ଯେ, ପୂର୍ବରୁ ରତ୍ନଭଣ୍ଡାର ଖୋଲିବା ପାଇଁ ଯେଉଁ ଉଦ୍ୟମ ହୋଇଥିଲା, ତାହା ବିଫଳ ହେଲା। ସେ ସମୟରେ ଭିତର ରତ୍ନଭଣ୍ଡାର ଚାବି ମିଳିଲା ନାହିଁ। ଏ ନେଇ କମିଶନ ମଧ୍ୟ ବସିଲା। ତେଣୁ ଯେତେଶୀଘ୍ର ରତ୍ନଭଣ୍ଡାର ମରାମତି ହେବ ସେତେ ଭଲ। ସେହିପରି ରତ୍ନଭଣ୍ଡାର ସ୍ଥିତି ଅନୁଧ୍ୟାନ ବେଳେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ ଯେ, ଭିତର କାନ୍ଥ ଭଲ ନାହିଁ। ଭିତର କାନ୍ଥରେ ଫାଟ ସୃଷ୍ଟି ହୋଇଛି। ବର୍ଷା ହେଲେ ସେହି ଫାଟ ଦେଇ ପାଣି ପଶୁଛି। ତେଣୁ ରତ୍ନଭଣ୍ଡାର ମରାମତିର ଆବଶ୍ୟକତା ରହିଛି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ଶ୍ରୀମନ୍ଦିର ପରିଚାଳନା କମିଟି ନିବେଦନ କରିସାରିଛି। ରାଜ୍ୟ ସରକାର ଏହା ଉପରେ ନିଷ୍ପତ୍ତି ନେବେ। ଏ ନେଇ ଆଇନରେ ବ୍ୟବସ୍ଥା ରହିଛି। ରାଜ୍ୟ ସରକାର ନିଷ୍ପତ୍ତି ନେଲେ କାମ ହେବ। ପୂର୍ବରୁ କେବେ ରତ୍ନଭଣ୍ଡାର ମରାମତି ହୋଇଛି ଆମକୁ ଜଣାନାହିଁ। ତେବେ ରତ୍ନଭଣ୍ଡାରରେ ଦୁର୍ମୂଲ୍ୟ ରତ୍ନଅଳଙ୍କାର ସବୁ ସୁରକ୍ଷିତ ଥିବା ବୋଲି ଆମର ଆଶା ରହିଥିବା ଗଜପତି ମହାରାଜା ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଏ ସଂକ୍ରାନ୍ତ ଏକ ଆବେଦନ ହାଇକୋର୍ଟରେ ବିଚାରାଧୀନ ରହିଛି। ଆସନ୍ତା ଜୁଲାଇ ୧୦ ସୁଦ୍ଧା ଏ ନେଇ ତଥ୍ୟ ରଖିବାକୁ ରାଜ୍ୟ ସରକାରଙ୍କୁ ନୋଟିସ ଜାରି ହୋଇଥିବା ସୂଚନା ମିଳିଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଟ୍ୱିଙ୍କଲ୍


@ ଶୈଫିଅଲ୍ଲୀ


@ ପ୍ରିୟବ୍ରତ


@ ଧରିତ୍ରୀ


@ ଦୀପକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ମହାପ୍ରଭୁଙ୍କ ପାଇଁ ନିଆଳିରୁ ଆସିଲା ଅଣସର ଭାର



ପୁରୀ/ନିଆଳି, ୧୭।୬
(ଅଜିତ୍ ମହାନ୍ତି/ସୁକାନ୍ତ ସିଂ)

କଟକ ଜିଲା ନିଆଳିର ମାଧବାନନ୍ଦ ଜୀଉ ମନ୍ଦିର ପକ୍ଷରୁ ଶନିବାର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅଣସର ଭାର ଶ୍ରୀମନ୍ଦିରକୁ ଆସିଛି। ଭାରରେ ବିଭିନ୍ନ ପ୍ରକାର ଫଳ ରହିଛି। ଭକ୍ତମାନଙ୍କ ବାରିରୁ ଫଳ ତୋଳି ମହାପ୍ରଭୁଙ୍କ ପାଇଁ ପଠାଯାଇଛି। ଶ୍ରୀମାଧବାନନ୍ଦ ଜୀଉ ମନ୍ଦିରର ଟ୍ରଷ୍ଟି ଯୋଗେନ୍ଦ୍ର ନାଥ ଦାସ କହିଛନ୍ତି, ସ୍ନାନପୂର୍ଣ୍ଣିମାରେ ମହାପ୍ରଭୁ ୧୦୮ ଗରା ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ଥିଲେ। ତେଣୁ ମହାପ୍ରଭୁଙ୍କ ମାମୁଁଘର ଭାବେ ବିବେଚିତ ମାଧବାନନ୍ଦ ଜୀଉ ମନ୍ଦିର ପକ୍ଷରୁ ତାଙ୍କ ଉଦ୍ଦେଶ୍ୟରେ ଏହି ଭାର ପଠାଯାଇଛି।

# 'ତ୍ରୟୋଦଶୀ ତିଥି ପରେ ରଥଯାତ୍ରା କରାଯିବା ଅନୁଚିତ'

ପୁରୀ, ୧୭।୬(ଅଜିତ୍ ମହାନ୍ତି)

## ଶ୍ରୀମନ୍ଦିର ବାହାରେ ଅବଢ଼ା ପ୍ରସ୍ତୁତ ହେଲେ କାର୍ଯ୍ୟାନୁଷ୍ଠାନ ହେଉ: ଗଜପତି ମହାରାଜା

ଅଦିନରେ ରଥଯାତ୍ରା କରୁଥିବା ବ୍ୟକ୍ତିବିଶେଷ ଓ ସଙ୍ଗଠନ ଧୀରେ ଧୀରେ ବାଟକୁ ଆସିବେ। ପରମ୍ପରା ଓ ଶାସ୍ତ୍ର ଅନୁଯାୟୀ, ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ତିଥି ଅନୁସାରେ ଭାରତର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହେଉଛି। ତେବେ ଇସ୍କନରେ ବ୍ୟତିକ୍ରମ ଦେଖାଯାଉଥିଲା। ସେମାନଙ୍କ ସହ ଆଲୋଚନା କରିବା ପରେ ଶ୍ରୀକ୍ଷେତ୍ରର ତିଥି ଅନୁସାରେ ମହାପ୍ରଭୁଙ୍କ ରଥଯାତ୍ରା କରିବେ ବୋଲି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଅନେକ ଜାଗାରେ ଦେଖିବାକୁ ମିଳେ ଯେ, ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ରଥଯାତ୍ରା ନ ହୋଇ ତା' ପର ଦିନ ହୋଇଥାଏ। ପ୍ରଥମ ଦିନ ପହଣ୍ଡି, ଦ୍ୱିତୀୟ ଦିନ ରଥକୁ କିଛି ବାଟ ଟଣା ହେଉଛି। ଓ ତୃତୀୟ ଦିନ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚୁଛି। ଏପରି ବି କିଛି ସ୍ଥାନରେ ଦେଖିବାକୁ ମିଳେ ପ୍ରଥମେ ପୁରୀ ଆସି ମହାପ୍ରଭୁଙ୍କ ରଥଯାତ୍ରା ଦେଖି ଯିବା ପରେ ତାଙ୍କ ଗାଁ ତଥା ସହରରେ ରଥଯାତ୍ରା କରିଥାନ୍ତି। ଫଳରେ ଦ୍ୱିତୀୟା ତିଥିରେ ସବୁ ସ୍ଥାନରେ ରଥଯାତ୍ରା ହୋଇପାରୁ ନ ଥିଲା। ଏ ନେଇ ପଣ୍ଡିତମାନଙ୍କ ସହ ଆଲୋଚନା କରାଯାଇଥିଲା। ସେମାନେ ମତ ଦେଇଥିଲେ କି ମହାପ୍ରଭୁ ଦ୍ୱିତୀୟା ତିଥିରେ ଶ୍ରୀମନ୍ଦିର ଛାଡ଼ି ବାହାରକୁ ଆସିଥାନ୍ତି ଏବଂ ତ୍ରୟୋଦଶୀ ତିଥିରେ ଯାତ୍ରା ଶେଷ କରି ନୀଳାଦ୍ରି ବିଜେରେ ଶ୍ରୀମନ୍ଦିରକୁ ବିଜେକରି ତାଙ୍କ ଆସ୍ଥାନ ଗ୍ରହଣ କରିଥାନ୍ତି। ତେଣୁ ଦ୍ୱିତୀୟା ତିଥିଠାରୁ ତ୍ରୟୋଦଶୀ ତିଥି ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଯାତ୍ରାର ସମୟ। ଏହି ସମୟରେ ଯାତ୍ରା କରାଯାଇପାରିବ। ତେବେ ଦ୍ୱିତୀୟା ତିଥି ରଥଯାତ୍ରା ପାଇଁ ଉତ୍ତମ ତିଥି। ତେବେ ଯେଉଁ ଯେଉଁ ସ୍ଥାନରେ ଅସୁବିଧା ହେଉଛି ସେହି ସ୍ଥାନରେ ଏହି ସମୟରେ ଯାତ୍ରା କରିପାରିବେ। କିନ୍ତୁ ତ୍ରୟୋଦଶୀ ତିଥି ପରେ ରଥଯାତ୍ରା କରିବା ଉଚିତ ନୁହେଁ ବୋଲି ଗଜପତି ମହାରାଜା କହିଛନ୍ତି।

ସେହିପରି ଶ୍ରୀମନ୍ଦିର ବାହାରେ ବିଭିନ୍ନ ସ୍ଥାନରେ ମହାପ୍ରସାଦ ପ୍ରସ୍ତୁତ ହେବା ପ୍ରସଙ୍ଗରେ ସେ କହିଛନ୍ତି, ଏହା ସମ୍ପୂର୍ଣ୍ଣ ନିଷେଧ। ଶ୍ରୀମନ୍ଦିର ବାହାରେ ମହାପ୍ରସାଦ ପ୍ରସ୍ତୁତ କରାଯାଇପାରିବ ନାହିଁ । ତେବେ ନକଲି ଅବଢ଼ା ପ୍ରସ୍ତୁତ ସମ୍ପର୍କରେ ସେ ଅବଗତ ନାହାନ୍ତି। ଶ୍ରୀମନ୍ଦିର ବାହାରେ ମହାପ୍ରସାଦ ପ୍ରସ୍ତୁତ ହେଉଥିବା ସମ୍ପର୍କରେ ତଥ୍ୟ ଦେଲେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ବିରୋଧୀ କାର୍ଯ୍ୟକ୍ରମ ଯେପରି ଭବିଷ୍ୟତ ନ ହେବ ସେନେଇ ପଦକ୍ଷେପ ନିଆଯାଉ। ଏନେଇ ଶ୍ରୀମନ୍ଦିର ପରିଚାଳନା କମିଟିରେ ଅଲୋଚନା ହେବ। ଗଜପତି ମହାରାଜା ଆହୁରି କହିଛନ୍ତି, ଶ୍ରୀଗୁଣ୍ଡିଚା ମନ୍ଦିର ଯାଇ କାର୍ଯ୍ୟର ସମୀକ୍ଷା କରିଥିଲି। ଶ୍ରୀମନ୍ଦିର ବୈଷୟିକ କମିଟି ସଦସ୍ୟ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। କମିଟିର କହିବା ଅନୁଯାୟୀ ମନ୍ଦିର ନାଟମଣ୍ଡପ ବିମ୍‌ରେ ଯେଉଁ ଫାଟ ଥିଲା ତାହା କାର୍ଯ୍ୟ ଶେଷ ହୋଇଛି। ଚିନ୍ତାର ବିଷୟ ନାହିଁ। ବର୍ତ୍ତମାନ ସୁରକ୍ଷିତ ଅଛି। ପ୍ରାୟ କାମ ସରିଯାଇଛି। କିଛି ଫିନିସିଂ କାର୍ଯ୍ୟ ରହିଛି। ତାହା ନୀଳାଦ୍ରି ବିଜେ ପରେ ହେବ। ଅପରପକ୍ଷରେ ଗରମକୁ ଦୃଷ୍ଟିରେ ରଖି ଭକ୍ତଙ୍କ ସୁବିଧା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରକୁ ଶୀତତାପ ନିୟନ୍ତ୍ରଣ କରିବା ପାଇଁ ଯୋଜନା କରଯାଉଥିବା ନେଇ ଟେକନିକାଲ କମିଟି ପକ୍ଷରୁ ତାଙ୍କୁ ସୂଚନା ଦିଆଯାଇଛି।

# ଗଞ୍ଜାମ ଜିଲା ଜାତୀୟ ସ୍ତରରେ ପୁରସ୍କୃତ


ଉପରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଜିଲାପାଳ।

## ଜଳ ଉତ୍ସ ସଂରକ୍ଷଣ ଓ ପରିଚାଳନା ପାଇଁ ପ୍ରଥମ ର୍ୟାଙ୍କ୍

**ଛତ୍ରପୁର,୧୭।୬(ସନ୍ତୋଷ ପାଢ଼ୀ)**

ଗଞ୍ଜାମ ଜିଲା ପୁଣି ଥରେ ଜାତୀୟ ସ୍ତରରେ ସମ୍ମାନିତ ହୋଇଛି। ଭାରତ ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟ, ନଦୀ ବିକାଶ ଏବଂ ଗଙ୍ଗା ସଂରକ୍ଷଣ ବିଭାଗ ତରଫରୁ ଗଞ୍ଜାମ ଜିଲାକୁ ଚତୁର୍ଥ ଜାତୀୟ ଜଳ ପୁରସ୍କାର ୨୦୨୨ ମିଳିଛି। ଏଥିସକାଶେ ମନ୍ତ୍ରଣାଳୟ ପକ୍ଷରୁ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଉପରାଷ୍ଟ୍ରପତି ଜଗଦୀପ ଧନକର ଶନିବାର ନୂଆଦିଲୀଠାରେ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଗଞ୍ଜାମ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି. କୀର୍ତ୍ତି ଭାସନ ଉପସ୍ଥିତ ଥିଲେ। ଗଞ୍ଜାମ ଜିଲାକୁ ପ୍ରଥମ ର୍ୟାଙ୍କ୍ ଶ୍ରେଷ୍ଠ ଜିଲା କ୍ୟାଟେଗୋରିରେ 'ଜାତୀୟ ଜଳ ପୁରସ୍କାର-୨୦୨୨' ମିଳିଛି।

# ଏୟାର ଆମ୍ବୁଲାନ୍ସ ଗେଟ୍ ଖୋଲିଗଲା


ଜମାଦାରପାଲି ଏୟାରଷ୍ଟ୍ରିପ୍‌ରେ ଅଟକିଥିବା ଏୟାର ଆମ୍ବୁଲାନ୍ସ।

**ସମ୍ବଲପୁର,୧୭।୬(ଶୁଭାଶିଷ ପାଢୀ)**

ସମ୍ବଲପୁର ଜମାଦାରପାଲି ଏୟାରଷ୍ଟ୍ରିପରେ ଶନିବାର ଏକ ବଡଧରଣର ଦୁର୍ଘଟଣା ଟଳିଯାଇଛି। ଏକ ଘରୋଇ କମ୍ପାନୀ ଏୟାର ଆମ୍ବୁଲାନ୍ସ ଅବତରଣ କରିବା ସମୟରେ ଏହାର ଗେଟ୍ ଖୋଲିଯାଇଥିଲା। ଏହି ସମୟରେ ଗେଟ୍‌ରେ ଥିବା ତାର ଛିଣ୍ଡିଯାଇଥିଲା। ପରେ ଏହା ସୁରକ୍ଷିତ ଅବତରଣ କରିଥିବାବେଳେ ଏଥିରେ ଥିବା ପାଇଲଟଙ୍କ କୌଣସି କ୍ଷତି ହୋଇନାହିଁ।

ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ପୂର୍ବତନ ମନ୍ତ୍ରୀ ଷ୍ଟେଫିନ ମାରାଣ୍ଡି ଟ୍ରେନ୍ ଯୋଗେ ରାଞ୍ଚିରୁ ଭେଲୋର ଯାଉଥିଲେ। ବଲାଙ୍ଗୀର ନିକଟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ବଲାଙ୍ଗୀର ମେଡିକାଲ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲାର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଶନିବାର ତାଙ୍କୁ ଏୟାର ଆମ୍ବୁଲାନ୍ସ ଯୋଗେ ନେବା ପାଇଁ ଯୋଜନା କରାଯାଇ ଡକାଯାଇଥିଲା। ଅପରାହ୍ଣ ପ୍ରାୟ ୨ଟା ସମୟରେ ଜମାଦାରପାଲି ଏୟାରଷ୍ଟ୍ରିପ୍‌ରେ ଏହି ଘରୋଇ ଏୟାର ଆମ୍ବୁଲାନ୍ସ ଅବତରଣ କରିବା ସମୟରେ ଗେଟ୍ ଖୋଲିଯିବାରୁ ପ୍ରାୟ ଅଧଘଣ୍ଟା ଧରି ମରାମତି ଚାଲିଥିଲା। ପରେ ପୂର୍ବତନ ମନ୍ତ୍ରୀଙ୍କୁ ନ ନେଇ ଫେରିଯାଇଥିଲା। ଏୟାର ଯାନ୍ତ୍ରିକ ତ୍ରୁଟି ଯୋଗୁ ଆମ୍ବୁଲାନ୍ସ ଅଟକି ରହିଥିଲା ବୋଲି ଏଡିଏମ୍ ଅଜାମ୍ବର ମହାନ୍ତି କହିଛନ୍ତି।

# ହାତୀଙ୍କୁ ଅଂଶୁଘାତ ଭୟ

■ ଅସହ୍ୟ ଗ୍ରୀଷ୍ମପ୍ରବାହରେ ବନ୍ୟଜୀବନ ପ୍ରଭାବିତ
■ ରେସ୍କ୍ୟୁ ସେଣ୍ଟରକୁ ଆସିଲା ଅସୁସ୍ଥ ମାଈ ହାତୀ

**ଅଧା ହେଲାଣି ଆଷାଢ଼। ହେଲେ ଅସହ୍ୟ ଗ୍ରୀଷ୍ମପ୍ରବାହରୁ ମିଳୁନାହିଁ ମୁକ୍ତି। ପ୍ରଚଣ୍ଡ ତାତି ଜନଜୀବନକୁ ଅତିଷ୍ଠ କରିପକାଇଥିବାବେଳେ ଏଥିରୁ ବାଦ୍ ପଡ଼ିନାହିଁ ବନ୍ୟଜୀବନ। ସଂରକ୍ଷିତ ଜଙ୍ଗଲରେ ପ୍ରାକୃତିକ ଜଳ ଉତ୍ସ ଶୁଖିଲା ପଡ଼ିଛି। ସୃଷ୍ଟି ହୋଇଛି ଖାଦ୍ୟ ସଙ୍କଟ। ପର୍ଯ୍ୟାପ୍ତ ପାଣି ଅଭାବ ଐତିହ୍ୟ ପ୍ରାଣୀ ହାତୀ ଜୀବନକୁ ବିପଦରେ ପକାଇଛି। ହସ୍ତୀବହୁଳ ଢେଙ୍କାନାଳ ଜିଲାରେ ଏହି ବିଶାଳକାୟ ସ୍ତନ୍ୟପାୟୀ ଜୀବ ଅଂଶୁଘାତର ଶିକାର ହେବା ଏବେ ବନ ବିଭାଗର ଚିନ୍ତା ବଢ଼ାଇଛି।**

**ଢେଙ୍କାନାଳ, ୧୭।୬(ରତନ ନାୟାର)**

ଢେଙ୍କାନାଳ ସଦର ରେଞ୍ଜ୍ ଅଧୀନ ମେଘା ସଂରକ୍ଷିତ ଜଙ୍ଗଲରୁ ଅଂଶୁଘାତର ଶିକାର ହୋଇଥିବା ୩ ବର୍ଷର ମାଈହାତୀକୁ ଶନିବାର ବନ ବିଭାଗ ଉଦ୍ଧାର କରିଛି। ଏହାକୁ ଟ୍ରାଙ୍କୁଲାଇଜ୍ କରି ଅଧିକ ଚିକିତ୍ସା ପାଇଁ କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରକୁ ଅଣାଯାଇଛି। ହାତୀ ପାଟିରେ ସଂକ୍ରମଣ ହୋଇଥିବାରୁ ସ୍ୱାସ୍ଥ୍ୟାବସ୍ଥା ନିରୀକ୍ଷଣ ଲାଗି ରବିବାର ଭୁବନେଶ୍ୱର ଓୟୁଏଟିର ଏକ ବିଶେଷଜ୍ଞ ଦଳ ଆସିବ ବୋଲି ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ସୁମିତ କୁମାର କର ସୂଚନା ଦେଇଛନ୍ତି।

ମେଘା ସଂରକ୍ଷିତ ଜଙ୍ଗଲରେ ବିଚରଣ କରୁଥିବା ୩୮ ଟିକିଆ ଦଳରେ ଉକ୍ତ ମାଈ ହାତୀ ସାମିଲ ଥିଲା। ଅସୁସ୍ଥ ହୋଇପଡ଼ିବା ପରେ ଏହାକୁ ହାତୀପଲ ପରିତ୍ୟାଗ କରିଥିଲେ। ଫଳରେ ଗତ ୯ ତାରିଖରୁ ଗୋଠରୁ ଅଲଗା ହୋଇ ହାତୀଟି ଏକାକୀ ବିଚରଣ କରୁଥିଲା। ପାଟ୍ରୋଲିଂ କରୁଥିବା ବନ କର୍ମଚାରୀ ଏନେଇ ଡିଏଫ୍‌ଓଙ୍କୁ ଅବଗତ କରାଇଥିଲେ। ହାତୀର ସ୍ଥିତି ଯାଞ୍ଚ କରିବାକୁ ଏକ ଟିମ୍ ଜଙ୍ଗଲରେ ପହଞ୍ଚିଥିଲା। କପିଳାସ ପ୍ରାଣୀ ଉଦ୍ୟାନର ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ସହାୟତାରେ ଏହାକୁ ଟ୍ରାଙ୍କୁଲାଇଜ୍ କରାଯାଇଥିଲା। ଏଥିସହ ଶରୀରର ତାପମାତ୍ରା କମାଇବା ପାଇଁ ମୁଣ୍ଡରେ ପାଣି ଢଳାଯାଇଥିଲା। ସ୍ୱାସ୍ଥ୍ୟବସ୍ଥାରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହେବା ପରେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ହାତୀଟିକୁ କପିଳାସ ପ୍ରାଣୀ ଉଦ୍ୟାନକୁ ଅଣାଯାଇଛି। ଏଥିଲାଗି ଜେସିବି ସହାୟତାରେ ହାତୀ ଠାବ ହୋଇଥିବା ସ୍ଥାନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବାକୁ ପଡ଼ିଥିଲା। ଅନ୍ୟପଟେ ହାତୀ ପାଟିରେ ସଂକ୍ରମଣ ହୋଇଥିବାରୁ ଖାଦ୍ୟ ଗ୍ରହଣ କରିପାରୁନାହିଁ। ଏହାର କାରଣ ଅସ୍ପଷ୍ଟ ରହିଛି। ଅଧିକ ପରୀକ୍ଷା ନିରୀକ୍ଷା ପରେ ଏ ସମ୍ପର୍କରେ ଜଣାପଡ଼ିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।


ଟ୍ରାଙ୍କୁଲାଇଜ୍ ପରେ ହାତୀକୁ କପିଳାସ ପ୍ରାଣୀଉଦ୍ୟାନସ୍ଥିତ ରେସ୍କ୍ୟୁ ସେଣ୍ଟରକୁ ନିଆଯାଉଛି।

# ସମ୍ବଲପୁର ବନଖଣ୍ଡରେ ହାତୀ ଅସୁରକ୍ଷିତ

■ ୨ବର୍ଷରେ ମଲେଣି ୮ ହାତୀ
■ ଶିକାରୀ ମାରୁଛନ୍ତି, ବନ ବିଭାଗ ଲୁଚାଉଛି

**ସମ୍ବଲପୁର, ୧୭।୬(ଶୁଭାଶିଷ ପାଢୀ)**

ବନ୍ୟପ୍ରାଣୀ ବିଶେଷକରି ହାତୀ ସୁରକ୍ଷା ନେଇ ସରକାର ଚିନ୍ତିତ ଥିବା କହୁଛନ୍ତି। ହେଲେ ସମ୍ବଲପୁର ବନଖଣ୍ଡରେ ମୃତ୍ୟୁ ସଂଖ୍ୟାକୁ ଦେଖିଲେ ହାତୀ ଅସୁରକ୍ଷିତ ଥିବା ମନେହେଉଛି। ପ୍ରାୟ ୨ବର୍ଷରେ ବନଖଣ୍ଡରେ ୮ ହାତୀଙ୍କ ମୃତ୍ୟୁ ଘଟିଛି। ବନ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଯୋଗୁ ବିଭିନ୍ନ ସମୟରେ ହାତୀଙ୍କ ମୃତ୍ୟୁ ଘଟୁଥିବା ଅଭିଯୋଗ ହେଉଛି। ହାତୀ ମୃତ୍ୟୁ ହେବା ପରେ ବନ ବିଭାଗ ଘଟଣାକୁ ଚପାଇଦେବାକୁ ଉଦ୍ୟମ କରୁଛି। ୨ବର୍ଷ ପୂର୍ବେ ସଦର ରେଞ୍ଜ ମୁଣ୍ଡେର ସଂରକ୍ଷିତ ଜଙ୍ଗଲରେ ଏକ ମୃତ ହାତୀକୁ ପୋଡି ତା'ର କଙ୍କାଳ ପୋତି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟରେ ଖବର ପ୍ରକାଶ ପାଇବା ପରେ ଶେଷରେ ବନ ବିଭାଗ ତଦନ୍ତ କରିଥିଲା। ଘଟଣାସ୍ଥଳରୁ ହାଡ଼, ପାଉଁଶ ଜବତ କରି ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଇଥିଲା। ଘଟଣାକୁ ୨ବର୍ଷ ବିତିଯାଇଥିଲେ ମଧ ରିପୋର୍ଟ ଆସିନାହିଁ କିମ୍ବା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ।

ସମ୍ବଲପୁର ବନଖଣ୍ଡ ଅଧୀନରେ ସଦର, ଧମା, ପଡିଆବାହାଲ ଭଳି ୩ଟି ରେଞ୍ଜ ରହିଛି। ଏହିସବୁ ରେଞ୍ଜ ଅଞ୍ଚଳରେ ବିଭିନ୍ନ କାରଣରୁ ହାତୀଙ୍କ ମୃତ୍ୟୁ ଘଟୁଛି। ରିପୋର୍ଟ ଅନୁଯାୟୀ, ୨୦୨୧ ଜାନୁୟାରୀ ୨୧ରେ ସମ୍ବଲପୁର ବନଖଣ୍ଡ ଯୁଯୁମୁରା ସେକ୍ସନ ଅଧୀନ କଂସର ଜଙ୍ଗଲରେ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ମାଈହାତୀର ମୃତ୍ୟୁ ହୋଇଥିଲା। ୨୦୨୧ ନଭେମ୍ବର ୮ ତାରିଖ ରାତିରେ ସଦର ରେଞ୍ଜ ଅନ୍ତର୍ଗତ ଆମଲିପାଣି ଗ୍ରାମ ଜଙ୍ଗଲ ନିକଟରେ ବନ୍ୟପ୍ରାଣୀ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ମାଈହାତୀର ମୃତ୍ୟୁ ଘଟିଥିଲା। ୨୦୨୨ ଜୁନ ୨୧ରେ ପଡ଼ିଆବାହାଲ ରେଞ୍ଜ ବଡସାହି ସେକ୍ସନ ଅଧୀନ ସାପଲହରା ପୋଖରୀରେ ପଡ଼ି ଏକ ଦନ୍ତାହାତୀର ମୃତ୍ୟୁ ଘଟିଥିଲା। ସେତେବେଳେ ଶିକାରୀ ଗୁଳିରେ ହାତୀର ମୃତ୍ୟୁ ହୋଇଥିବା କୁହାଯାଇଥିଲା। ୨୦୨୨ ଜୁଲାଇ ୨୪ ତାରିଖରେ ଧମା ରେଞ୍ଜ ଅଞ୍ଚଳରୁ ପୋଡ଼ା ଜଳା ଅବସ୍ଥାରେ ୨ଟି ହାତୀ କଙ୍କାଳ ଠାବ ହୋଇଥିଲା। ତବଲୋଇ-ଦେଓଗାଁ ସଂରକ୍ଷିତ ଜଙ୍ଗଲର ତବଲୋଇ ଜଙ୍ଗଲରେ ଗୋଟିଏ ହାତୀର କଙ୍କାଳ ଠାବ ହୋଇଥିବାବେଳେ ଅନ୍ୟଟି କୋଲଗାଁ ଜଙ୍ଗଲରୁ ମିଳିଥିଲା। ସ୍ୱତନ୍ତ୍ର ଟାସ୍କଫୋର୍ସ ହାତୀ କଙ୍କାଳ ଜବତ କରି ଲ୍ୟାବ୍‌କୁ ପଠାଇଥିଲା। ଏହି ଘଟଣାରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ଓ ପରୀକ୍ଷା ରିପୋର୍ଟ କ'ଣ ଆସିଲା ତାହା ଜଣାଗଲା ନାହିଁ। ୨୦୨୨ ଡିସେମ୍ବର ୭ରେ ପଡ଼ିଆବାହାଲ ରେଞ୍ଜ ଟାମ୍ପରଗଡ ଧଳପାଳ ଜଙ୍ଗଲରେ ଏକ ମାଈହାତୀର ମୃତ୍ୟୁ ଘଟିଥିଲା। ଅନୁରୂପ ଭାବେ ୨୦୨୩ ଜାନୁୟାରୀ ୮ରେ ସଦର ରେଞ୍ଜ ଭୀମଖୋଜ ସେକ୍ସନ ଅଧୀନ ହାତୀବାରି-ବାନ୍ଦେର ସଂରକ୍ଷିତ ଜଙ୍ଗଲରେ ବନ୍ୟପ୍ରାଣୀ ଶିକାର ନିମନ୍ତେ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଦନ୍ତା ହାତୀର ମୃତ୍ୟୁ ହୋଇଥିଲା। ୨୦୨୩ ଜୁନ ୧୩ରେ ସଦର ରେଞ୍ଜ ବସିଆପଡ଼ା ସେକ୍ସନ ବସିଆପଡ଼ା ବିଟ୍ ଅନ୍ତର୍ଗତ ରପଟା ନିକଟରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଆର୍‌ସିସିଏଫ୍ ଏସ୍. ଆଶିଷ କୁମାର କହିଛନ୍ତି, ହାତୀ ମୃତ୍ୟୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ପୂର୍ବରୁ ଜବତ ହୋଇଥିବା କଙ୍କାଳ ରିପୋର୍ଟ ଆସିବାରେ ବିଳମ୍ବ ହେଉଛି।


ଧମା ରେଞ୍ଜ କୋଲଗାଁରେ ଠାବ ହୋଇଥିବା ହାତୀ କଙ୍କାଳ।

# ଅଂଶୁଘାତରେ ୨୦ ମୃତ୍ୟୁ ଅଭିଯୋଗ

## ସମୀକ୍ଷା କଲେ ଏସ୍‌ଆର୍‌ସି

**ଭୁବନେଶ୍ୱର,୧୭।୭ (ଅନିଲ ଦାସ)**

ରାଜ୍ୟରେ ବିଗତ କିଛି ଦିନ ଧରି ପ୍ରବଳ ଗ୍ରୀଷ୍ମପ୍ରବାହ ଓ ଅସହ୍ୟ ଗୁଳୁଗୁଳି ଲାଗି ରହିଛି। ଚଳିତ ଗ୍ରୀଷ୍ମଋତୁରେ ଏ ପର୍ଯ୍ୟନ୍ତ ମୋଟ ୨୦ଜଣଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେଥିମଧ୍ୟରୁ ବାଲେଶ୍ୱରରେ ଜଣଙ୍କର ମୃତ୍ୟୁ ଅଂଶୁଘାତ ଜନିତ ବୋଲି ସ୍ପଷ୍ଟ ହୋଇଥିବାବେଳେ ଅନ୍ୟ ଅଭିଯୋଗଗୁଡ଼ିକ ସମ୍ପର୍କରେ ଜିଲାପାଳମାନଙ୍କ ଦ୍ୱାରା ତଦନ୍ତ କରାଯାଉଥିବା ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଅଂଶୁଘାତ ମୃତ୍ୟୁ ପାଇଁ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ଅନୁକମ୍ପାମୂଳକ ସହାୟତା ୫୦ ହଜାର ଟଙ୍କା ଦେବାର ବ୍ୟବସ୍ଥା ରହିଛି। ଏସ୍‌ଆର୍‌ସି ସତ୍ୟବ୍ରତ ସାହୁ ଶନିବାର ଗ୍ରୀଷ୍ମପ୍ରବାହ ସ୍ଥିତିର ସମୀକ୍ଷା କରିଛନ୍ତି। ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ ଅନୁସାରେ ରାଜ୍ୟର କେତେକ ଜିଲାରେ ସାଧାରଣ ତାପମାତ୍ରା ତୁଳନାରେ ଅଧିକ ୪ରୁ ୭ ଡିଗ୍ରୀ ସେଲସିୟସ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଅନୁଭୂତ ହେବ। ଲୋକମାନଙ୍କୁ ପ୍ରତିଷେଧକମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ବୃଦ୍ଧବୃଦ୍ଧା, ଅସୁସ୍ଥ, ଶିଶୁ ଓ ଗର୍ଭବତୀ ମହିଳାମାନେ ଅଧିକ ସତର୍କତା ଅବଲମ୍ବନ କରିବା ସହ ଟାଣଖରାରେ ବାହାରକୁ ନଯିବାକୁ ପରାମର୍ଶ ଦିଆଯାଇଛି। ଯଥେଷ୍ଟ ପରିମାଣରେ ପାଣି ପିଇବାକୁ ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ରାଜ୍ୟରେ ଚଳିତବର୍ଷ ହିଟୱେଭ୍ ଗତ ୧୦ବର୍ଷର ରେକର୍ଡ ଭଙ୍ଗ କରିଛି।

# କୋରାପୁଟରୁ ପୁରୀ ଗଲା ୨ ଟନ୍ ଗୁଡ଼

**କୋରାପୁଟ,୧୭।୬(ଅମିତାଭ ବେହେରା)**

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ କୋରାପୁଟରୁ ଶନିବାର ୨ ଟନ୍ ଗୁଡ ପଠାଯାଇଛି। ଏହି ଗୁଡ଼ କାଫୋକ ଜରିଆରେ ପୁରୀର ଉତ୍ପାଦକ ଗୋଷ୍ଠୀ ନିକଟକୁ ପଠାଯାଇଥିବା ଓର୍‌ମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରେଶନ କୁମାର କାର୍ତ୍ତିକ କହିଛନ୍ତି। ପୁରୀର ଉତ୍ପାଦକ ଗୋଷ୍ଠୀ ସହାୟତାରେ ଏହି ଗୁଡ଼ ଶ୍ରୀଜଗନ୍ନାଥ ମନ୍ଦିରକୁ ବିକ୍ରି କରାଯିବ। କୋରାପୁଟ ଜିଲାର କୋଟପାଡ, କୁନ୍ଦୁରା, ବୋରିଗୁମ୍ମା ଓ ଲକ୍ଷ୍ମୀପୁର ବ୍ଲକର ଚାଷୀମାନେ ଆଖୁ ଚାଷ କରୁଥିବାବେଳେ କୋରାପୁଟ ଆଗ୍ରୋ ପ୍ରଡକ୍ଟ ପ୍ରଡ୍ୟୁସର କମ୍ପାନୀ ଲିଃ ଚାଷୀଙ୍କଠାରୁ ଗୁଡ଼ କ୍ରୟ କରିଥାଏ। ଏହି ସଂଗୃହୀତ ଗୁଡ଼କୁ ଏବେ ପୁରୀ ପଠାଯାଇଛି ବୋଲି କାର୍ତ୍ତିକ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ପଠାଯାଇଥିବା ଗୁଡ଼ରୁ ୧ ଟନ୍ ପୁରୀର ଶ୍ରୀଜଗନ୍ନାଥ ମନ୍ଦିରକୁ ବିକ୍ରି କରାଯିବ। ଆଉ ଗୋଟେ ଟନ୍ ଗୁଡ଼ ଆଗାମୀ ଦିନରେ ହେବାକୁ ଥିବା ପଲ୍ଲିଶ୍ରୀ ମେଳାରେ ବିକ୍ରି ପାଇଁ ରହିବ।

ପୁରୀରେ ରଥଯାତ୍ରା ଅବସରରେ ଆସନ୍ତା ୧୯ରୁ ୨୮ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଜାତୀୟ ପଲ୍ଲିଶ୍ରୀ ମେଳାରେ କୋରାପୁଟ ଜିଲା ବିଭିନ୍ନ ଅଞ୍ଚଳରୁ ଜୈବିକ ଗୁଡ଼ ସହ ଲେମନ ଗ୍ରାସ୍ ତେଲ, ହଳଦୀଗୁଣ୍ଡ, ଝାଡୁ, ଗୋଲମରିଚ, କଳାବତୀ ଚାଉଳ, ମାଣ୍ଡିଆ ପୁରୀକୁ ପଠାଯାଇଥିବା ଓର୍‌ମାସ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କାର୍ତ୍ତିକ କହିଛନ୍ତି।

# କାର୍ ଭିତରୁ ବାଳକ ମୃତଦେହ ଜବତ

**ଟିଟିଲାଗଡ଼,୧୭।୬(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଘଣ୍ଟବାହାଲି ଗ୍ରାମରେ ଶନିବାର ଏକ କାର୍ ଭିତରୁ ଜଣେ ବାଳକଙ୍କ ମୃତଦେହ ଜବତ ହୋଇଛି। ମୃତକ ଅନାମି ଜାନିଙ୍କ ପୁଅ ବେଦବ୍ୟାସ (୧୦)। ତାଙ୍କ ମୁଣ୍ଡ ଏବଂ ଶରୀରର କେତେକ ସ୍ଥାନରେ ରକ୍ତ ଦାଗ ରହିଛି। କାର୍‌ରେ ବାନ୍ତି ପଡିଥିବା ଦେଖାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି। ଯୁଗେଶ୍ୱର ଛତର ତାଙ୍କ କାର୍‌କୁ ଘର ସାମନା ରାସ୍ତାରେ ରଖିଥିଲେ। ଅପରାହ୍ଣ ୪ଟାରେ ତାଙ୍କ ଡ୍ରାଇଭର ଗାଡି ପାଖକୁ ଆସି ପୋଛାପୋଛି କଲାବେଳେ ଭିତରେ କେହି ଥିବା ଦେଖିଥିଲେ। ଡୋର ଖୋଲିବା ପରେ ଛୋଟ ପିଲା ପଡ଼ିଥିବା ଦେଖି ଅନ୍ୟମାନଙ୍କୁ ଡାକିଥିଲେ। ବେଦବ୍ୟାସ ୩ଟାରେ ଖେଳିବାକୁ ଦାଣ୍ଡକୁ ଯାଇ ଫେରି ନ ଥିଲେ। ସେ କାର୍ ଭିତରକୁ ଗଲେ ଅଥବା ତାଙ୍କୁ କେହି ହତ୍ୟାକରି ପକାଇ ଚାଲିଗଲେ ସେ ନେଇ ନାନା ଆଲୋଚନା ହୋଇଛି। ପୋଲିସ ଗ୍ରାମବାସୀଙ୍କୁ ପଚରାଉଚରା ସହ ତଦନ୍ତ ଚଳାଇଛି।

# ନୂଆପଡ଼ାରେ ଟ୍ରମା କେୟାର ସେଣ୍ଟର ଲାଗି ୭୫.୭୦ କୋଟି ମଞ୍ଜୁର

**ଭୁବନେଶ୍ୱର,୧୭।୬(ଅଭିଜିତ ଦାସ)**

ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଅତ୍ୟାଧୁନିକ ଟ୍ରମା କେୟାର କେନ୍ଦ୍ର ନିର୍ମାଣ ନିମନ୍ତେ ରାଜ୍ୟ ସରକାର ୭୫.୭୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ପ୍ରକଳ୍ପ ଖର୍ଚ୍ଚ ଆକଳନକୁ ପ୍ରଶାସନିକ ଅନୁମୋଦନ ଦେଇ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କେନ୍ଦ୍ରକୁ ଲେଭଲ-୩ ଟ୍ରମା କେୟାର ସେଣ୍ଟର ଭାବେ ବିକଶିତ କରାଯିବ। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ନିୟମାବଳୀ ଅନୁଯାୟୀ ଏଥିରେ ଅତ୍ୟାଧୁନିକ ଚିକିତ୍ସା ଉପକରଣ, ଆଇସିୟୁ, ପର୍ଯ୍ୟବେକ୍ଷଣ କକ୍ଷ, ଲ୍ୟାବ ଆଦିର ବ୍ୟବସ୍ଥା ରହିବ। ବର୍ତ୍ତମାନ ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲରେ ୧୦୬ଟି ଟ୍ରମା କେୟାରରେ ୧୫୬୦ଟି ବେଡ୍ ରହିଛି। ଏହାଛଡ଼ା ୧୮ଟି ଘରୋଇ ସ୍ପେଶାଲିଷ୍ଟ ହସ୍ପିଟାଲର ଟ୍ରମା କେନ୍ଦ୍ରକୁ ମଧ ଟ୍ରମା କେୟାର ଚିକିତ୍ସା ନିମନ୍ତେ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ଅନ୍ୟପଟେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଘରୋଇ ହସ୍ପିଟାଲ ଟ୍ରମା ସେଣ୍ଟରଗୁଡ଼ିକରେ ଦେୟମୁକ୍ତ ଚିକିତ୍ସା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଟ୍ରମା କେୟାର ଦେୟମୁକ୍ତ ଚିକିତ୍ସା ପାଣ୍ଠିର ବ୍ୟବସ୍ଥା କରାଯାଇଥିବା ସେ ସୂଚନା ଦେଇଛନ୍ତି।

# କିରାଣିଙ୍କ ୩ କୋଟିର ସମ୍ପତ୍ତି

## ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ

**ବାରିପଦା, ୧୭।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶନିବାର ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଭିଜିଲାନ୍ସ ବିଭାଗର ୫ଟି ଟିମ୍ ଏକାସଙ୍ଗେ ବାରିପଦା ସଦର ଉପଜିଲାପାଳ କାର୍ଯ୍ୟାଳୟର କୋଟିପତି କିରାଣି ରାମଚନ୍ଦ୍ର ସେନ ଓ ତାଙ୍କ ସମ୍ପର୍କୀୟଙ୍କ ଘରେ ଚଢ଼ାଉ କରାଯାଇଛି। ତାଙ୍କଠାରୁ ୩ କୋଟି ୨୬ ଲକ୍ଷ ୨,୧୨୦ଟଙ୍କାର ସମ୍ପତ୍ତି ଠାବ ହୋଇଛି।

ରାମଚନ୍ଦ୍ର କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ଜମିର କିସମ ପରିବର୍ତ୍ତନ ଦାୟିତ୍ୱରେ ରହିଥିଲେ। ସେ ଜଣେ ସହଯୋଗୀଙ୍କ ସହ ଜମି କିଣାବିକା କାର୍ଯ୍ୟରେ ସମ୍ପୃକ୍ତ ରହି ପର୍ଯ୍ୟାପ୍ତ ପରିମାଣର ଅର୍ଥ ସଂଗ୍ରହ କରୁଥିବା ନେଇ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ବିଭାଗ ପକ୍ଷରୁ ବାରିପଦାସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଜ୍ ଡ. ପ୍ରସନ୍ନ କୁମାର ପଣ୍ଡାଙ୍କ ୱାରେଣ୍ଟ ବଳରେ ଚଢ଼ାଉ କରାଯାଇଛି। କୁଳିଅଣା ବ୍ଲକ ପଡିଆରୀପୁରରେ ଥିବା ତାଙ୍କ ୪ ମହଲା ବାସଭବନ, ଗାଙ୍ଗରାଜସ୍ଥିତ ୩ ମହଲା ମାର୍କେଟ କମ୍ପ୍ଲେକ୍ସ, ବାରିପଦା ଉପଜିଲାପାଳ କାର୍ଯ୍ୟାଳୟ, ଶ୍ୟାମାଖୁଣ୍ଟା ତହସିଲ ଅଫିସରେ କିରାଣି ଥିବା ତାଙ୍କ ପୁଅଙ୍କ କାର୍ଯ୍ୟାଳୟ ଏବଂ ବାରିପଦା ୨୩ ନମ୍ବର ୱାର୍ଡର ତୁଳସୀ ଚଉରା ଅଞ୍ଚଳରେ ଥିବା ସମ୍ପର୍କୀୟଙ୍କ ଘରେ ଚଢ଼ାଉ ପରେ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ ହୋଇଛି। ଗୋଟିଏ ୩ ମହଲା ଓ ଗୋଟିଏ ୪ ମହଲା କୋଠା, ୧୬ଲକ୍ଷ ୧୬ହଜାର ଟଙ୍କାର ଜମି ବିକ୍ରି ଦଲିଲ ଯାହାର ପ୍ରକୃତ ମୂଲ୍ୟ ବହୁ ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ୪୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟାଙ୍କ ଓ ବୀମା ଜମା, ୧୫ଟି ପ୍ଲଟ, ନଗଦ ୧୬,୯୨୦ଟଙ୍କା, ୩୦ ଲକ୍ଷ ୫୫ ହଜାର ଟଙ୍କାର ସୁନାଗହଣା ଓ ଘରକରଣା ଜିନିଷ, ୨୦ ଲକ୍ଷ ୫୦ହଜାର ଟଙ୍କାର ୩ଟି କାର୍, ୪ଟି ଦୁଇଚକିଆ ଗାଡ଼ି ଏପର୍ଯ୍ୟନ୍ତ ଠାବ ହୋଇଥିବା ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ନରହରି ନାୟକଙ୍କଠାରୁ ସୂଚନା ମିଳିଛି।


ରାମଚନ୍ଦ୍ର ସେନ

# ରକ୍ଷିତାଙ୍କୁ ଠେଙ୍ଗାରେ ପିଟି ମାରିଲେ ବଙ୍ଗାଳୀ ମିସ୍ତ୍ରି

**ରେଢ଼ାଖୋଲ,୧୭।୬(ଅଚ୍ୟୁତାନନ୍ଦ ପୁରୋହିତ):** ପଶ୍ଚିମବଙ୍ଗରୁ ଆସି ରେଢ଼ାଖୋଲରେ ରାଜମିସ୍ତ୍ରି ଭାବେ କାମ କରୁଥିବା ଅବଦୁଲ ଶେଖ ତାଙ୍କ ରକ୍ଷିତାଙ୍କୁ ଠେଙ୍ଗାରେ ପିଟି ମାରିଦେଇଥିବା ଅଭିଯୋଗ ହୋଇଛି। ମୃତା ମହିଳା ସମ୍ବଲପୁର ଜିଲା ରେଢାଖୋଲ ସହର ଯଦୁମଣିପାଟନାର ସଲମି ମିଞ୍ଜ। ରେଢ଼ାଖୋଲ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସଲମି ପୂର୍ବରୁ ବିବାହିତା ଓ ତାଙ୍କର ଗୋଟିଏ ୮ ବର୍ଷର ଝିଅ ଓ ୧୧ ବର୍ଷର ପୁଅ ଅଛନ୍ତି। ଅବଦୁଲଙ୍କ ଅଧୀନରେ ସଲମି ଶ୍ରମିକ ଭାବେ କାମ କରୁଥିଲେ। ସଲମିଙ୍କୁ ଅବଦୁଲ ପ୍ରଲୋଭନ ଦେଖାଇ ରକ୍ଷିତା ଭାବେ ୩ ବର୍ଷ ହେବ ରଖିଥିଲେ। ଦୁହେଁ ଅନୁଗୋଳ ଜିଲା ବାଗେଡିଆରେ ରହି କାମ କରୁଥିବାବେଳେ ୩ଦିନ ହେବ ରେଢାଖୋଲ ଆସି ରଥତୈଳା ସାହିରେ ରହୁଥିଲେ। ତାଙ୍କର ଏକ ୨ବର୍ଷର ଶିଶୁପୁତ୍ର ମଧ ରହିଛି। ଶୁକ୍ରବାର ରାତିରେ କୌଣସି କାରଣରୁ ଉଭୟଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅବଦୁଲ ସଲମିଙ୍କୁ ହତ୍ୟା କରିବା ପରେ ଶିଶୁପୁତ୍ରକୁ ଧରି ଫେରାର ହୋଇଯାଇଥିଲେ।

# କୋଟିପତି ନିଲମ୍ବିତ ଯୋଗାଣ ଅଧିକାରୀ ଗିରଫ

■ ଆୟଠାରୁ ୨୮୪% ଅଧିକ ସମ୍ପତ୍ତି ଠୁଳ କରିଥିଲେ ବ୍ରଜେନ୍ଦ୍ର
■ ବ୍ୟାଙ୍କରୁ ମିଳିଲା ୬୪୪.୪୫ ଗ୍ରାମ ସୁନା ଅଳଙ୍କାର
■ ସ୍ତ୍ରୀଙ୍କ ନାମରେ ବି ମାମଲା

**ଭୁବନେଶ୍ୱର,୧୭।୬(ସୂର୍ଯ୍ୟକାନ୍ତ ବେହେରା)**

ନିଲମ୍ବିତ ହୋଇଥିବା ନୟାଗଡ ଜିଲାର ପୂର୍ବତନ ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର କୁମାର ନାୟକଙ୍କ ବିପୁଳ ପରିମାଣର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି ଭିଜିଲାନ୍ସ। ନିଜ ଆୟଠାରୁ ୨୮୪% ଅଧିକ ସମ୍ପତ୍ତି ଠୁଳ କରିଥିବା ପ୍ରମାଣ ମିଳିବା ପରେ ତାଙ୍କୁ ଗିରଫ କରାଯାଇଛି। ଏହାସହ ସେ ସ୍ତ୍ରୀଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି କରିଥିବାରୁ ଭିଜିଲାନ୍ସ ଉଭୟଙ୍କ ନାମରେ ମାମଲା (ନଂ ୧୫/୨୩) ରୁଜୁ କରିଛି। ବ୍ରଜେନ୍ଦ୍ର ସରକାରୀ ଅଧିକାରୀ ହୋଇଥିବାରୁ ତାଙ୍କୁ ଗିରଫ ପରେ ସ୍ଥାନୀୟ ଭିଜିଲାନ୍ସର ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଭୁବନେଶ୍ୱର ଭୀମଟାଙ୍ଗୀସ୍ଥିତ ହାଉସିଂ ବୋର୍ଡ କଲୋନିର ପ୍ଲଟ୍ ନଂ. ଏ/ଏଲ୍-୫୫ରେ ଥିବା ଦୁଇ ମହଲା କୋଠା, ରାଜାରାଣୀ କଲୋନିସ୍ଥିତ ପ୍ଲଟ୍ ନଂ.୩୮୪/୨୩୨୮ରେ ଥିବା ୩ ମହଲା କୋଠା (୧.୪୫ କୋଟି ଟଙ୍କା), ପ୍ଲଟ୍ ନଂ. ୩୮୫/୨୩୨୯ରେ ଥିବା ୩ ମହଲା କୋଠା, ଲୁଇସ୍ ରୋଡ୍ ଗ୍ୟାରେଜ ଛକ ଓ ପୁରୁଣା ଭୁବନେଶ୍ୱର ଶିଶୁପାଳଗଡ଼ରେ ଗୋଟିଏ ଲେଖାଏ କୋଠା, ନିମାପଡ଼ା ଖେଳାର ବଜାରରେ ୧୦ଟି ଦୋକାନ ଘର ଓ ୨ହଜାର ବର୍ଗଫୁଟ୍ ବିଶିଷ୍ଟ ହଲ୍ ଥିବା ଗୋଟିଏ ମାର୍କେଟ କମ୍ପ୍ଲେକ୍ସ ଏବଂ ପୈତୃକ ଗାଁ ସୁନୁଗୋରଡ଼ିସ୍ଥିତ ପ୍ଲଟ ନଂ.୨୦୨ରେ ଥିବା ଫାର୍ମ ହାଉସ୍ ଠାବ ହୋଇଛି। ଏସବୁ ସମ୍ପତ୍ତିର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଂ ପ୍ରୟାସ ଜାରି ରଖିଛି। ସେହିଭଳି ଭୁବନେଶ୍ୱରର ପ୍ରମୁଖ ଅଞ୍ଚଳରେ ୨ଟି ଓ ନିମାପଡ଼ାରେ ୫ ପ୍ଲଟ, ବ୍ୟାଙ୍କ ଓ ଜୀବନ ବୀମା ଜମା ୧.୫ କୋଟି, ୭.୮ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ ଓ ୩ଟି ବାଇକ ମଧ ଠାବ ହୋଇଛି। ସେହିପରି ସ୍ଥାନୀୟ ୟୁକୋ ବ୍ୟାଙ୍କ ଲକରରେ ବ୍ରଜେନ୍ଦ୍ର ଗଚ୍ଛିତ ରଖିଥିବା ୬୪୪.୪୫ ଗ୍ରାମ ସୁନା ଅଳଙ୍କାର ଉଦ୍ଧାର କରିଛି ଭିଜିଲାନ୍ସ ଟିମ୍।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶୁକ୍ରବାର ଭିଜିଲାନ୍ସର ୮ଟି ଟିମ୍ ବ୍ରଜେନ୍ଦ୍ରଙ୍କ ଘର ସମେତ ନୟାଗଡ଼, ଭୁବନେଶ୍ୱର ଓ ପୁରୀର ୮ ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା।


ବ୍ୟାଙ୍କ୍ ଲକରରୁ ମିଳିଥିବା ସୁନା ଅଳଙ୍କାର


ଗିରଫ ବ୍ରଜେନ୍ଦ୍ର କୁମାର ନାୟକ



ରେନଲ୍ଟ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଚେନ୍ନାଇ ପ୍ଲାଣ୍ଟ ପରିସରରୁ ରୋନେର ୧୦ ଲକ୍ଷ ତମ ଯାନ ନିକଟରେ ଉତ୍ପାଦିତ ହୋଇଯାଇଛି। ଏହି ଅବସରରେ ରେନଲ୍ଟ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ତଥା କ୍ରଣ୍ଟି ସିଇଓ ଭେଙ୍କଟରାମ ମାମିଲାପେଲେ ପତାକା ଦେଖାଇ ରେନୋର ୧୦,୦୦,୦୦୦ତମ ଯାନକୁ ଉନ୍ମୋଚନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ରୋନେର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## କେଏଫ୍‌ସିର ନ୍ୟୁ ସ୍ନାକର ରେଞ୍ଜ

**ଭୁବନେଶ୍ୱର,୧୭।୬**

ଦେଶର ପ୍ରମୁଖ ଫୁଡ୍ ପ୍ଲାଟ୍‌ଫର୍ମ କେଏଫ୍‌ସିର ନ୍ୟୁ ସ୍ନାକର ରେଞ୍ଜର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କେଏଫ୍‌ସି ସ୍ନାକର ରେଞ୍ଜ କେବଳ ୯୯ ଟଙ୍କାର ଅବିଶ୍ୱସନୀୟ ମୂଲ୍ୟରେ ଆଇକନିକ୍ କେଏଫ୍‌ସି ସ୍ୱାଦ ପ୍ରଦାନ କରୁଛି। ବିଶେଷକରି କେଏଫ୍‌ସିର ନୂତନ ତମ ଉତ୍ପାଦ ଉପଯୁକ୍ତ ସ୍ନାକିଂ ବିକଳ୍ପ ଭାବେ ଏହା ବେଶ୍ ସହାୟକ ହେବ। ସେହିଭଳି ଚିକେନ ଲଙ୍ଗର, ଭେଜ୍ ଲଙ୍ଗର, କ୍ଲାସିକ୍ ଚିକେନ୍ ରୋଲ୍, ରେଗୁଲାର ଚିକେନ୍ ପପ୍‌କର୍ନ ଭଳି କ୍ଲାସିକ୍ ମେନ୍ୟୁ ଖାଦ୍ୟ ସହିତ କ୍ରସର, ଚକୋ ଲାଭା, ଫ୍ରାଏଜ୍ ଓ ପେପ୍‌ସି ଭଳି ଲୋକପ୍ରିୟ ସାଇଡ୍‌ଗୁଡ଼ିକ ୯୯ଟଙ୍କାରେ ଉପଲବ୍ଧ ହେଉଛି। ନୂଆ କେଏଫ୍‌ସି ସ୍ନାକର ରେଞ୍ଜ ସହିତ ସ୍ନାକ୍ ଓ ଚିଲ୍ ପାଇଁ ପ୍ରସ୍ତୁତ ହୋଇଯାଆନ୍ତୁ ଡାଇନ୍-ଇନ୍ କିମ୍ବା ଟେକ୍‌ଆୱେ ସମୟରେ ନିଜ ପସନ୍ଦର ଖାଦ୍ୟକୁ ସମସ୍ତ କେଏଫ୍‌ସି ରେଷ୍ଟୁରାଣ୍ଟଗୁଡ଼ିକରେ କେବଳ ୯୯ ଟଙ୍କାରେ ଅର୍ଡର କରନ୍ତୁ।

## ନିଟ୍ (ୟୁଜି) ୨୦୨୩ରେ ଜିନ୍ଦେଗୀ ଫାଉଣ୍ଡେଶନର ବାଜିମାତ୍




**ଭୁବନେଶ୍ୱର,୧୭।୬**

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ନିଟ୍ (ୟୁଜି) ଫଳାଫଳରେ ଜିନ୍ଦେଗୀ ଫାଉଣ୍ଡେଶନର ୧୩ରୁ ୧୩ ଜଣ ଛାତ୍ର ବାଜିମାତ୍ କରିଛନ୍ତି। ଉଲ୍ଲେଖଯୋଗ୍ୟ, ନିଟ୍ (ୟୁଜି) ୨୦୨୩ର ଫଳାଫଳ ନିକଟରେ ପ୍ରକାଶିତ ହୋଇଯାଇଛି। ଉକ୍ତ ଫଳାଫଳ ଅନୁଯାୟୀ ଜିନ୍ଦେଗୀ ଫାଉଣ୍ଡେଶନର ୧୩ ଛାତ୍ରୀଛାତ୍ର ସଫଳତାର ସହ କୃତିତ୍ୱ ହାସଲ କରିଛନ୍ତି। ଏ ସମ୍ପର୍କରେ ଜିନ୍ଦେଗୀ ଫାଉଣ୍ଡେଶନର ପ୍ରତିଷ୍ଠାତା ଅଜୟ ବାହାଦୁର ସିଂ କହିଛନ୍ତି, ଫାଉଣ୍ଡେଶନର ସମସ୍ତ ସଫଳ ଛାତ୍ରୀଛାତ୍ରଙ୍କୁ ସେମାନଙ୍କର ଆଶା ଓ ଲକ୍ଷ୍ୟ ପୂରଣ ସହ ଆଗାମୀ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଉଛି। ଏପରିକି ୨୦୨୩-୨୪ ଶିକ୍ଷା ବର୍ଷରେ ଫାଉଣ୍ଡେଶନ ୧୩ ଛାତ୍ରୀଛାତ୍ର ଦେଶର ବିଭିନ୍ନ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଫାଉଣ୍ଡେଶନର ଛାତ୍ର ବିଶ୍ୱରଞ୍ଜନ ୭୨୦ରୁ ୬୪୦ ନମ୍ବର ଓ ସୂର୍ଯ୍ୟକାନ୍ତ ୬୦୪ ନମ୍ବର ରଖିଥିବାବେଳେ ଅନ୍ୟମାନେ ମଧ୍ୟ ଭଲ ନମ୍ବରରେ କୃତକାର୍ଯ୍ୟ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୭ବର୍ଷ ମଧ୍ୟରେ ଫାଉଣ୍ଡେଶନର ୧୦୩ ଜଣ ଛାତ୍ର ମେଡିକାଲ କଲେଜରେ ନାମ ଲେଖାଇବା ସହ କେତେଜଣ ଛାତ୍ର ଚିକିତ୍ସକ ମଧ୍ୟ ହୋଇସାରିଛନ୍ତି। ସୂଚନାଯୋଗ୍ୟ, ୨୦୧୭ରେ ଜିନ୍ଦେଗୀ ଫାଉଣ୍ଡେଶନ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିଲା।

## ଟିଏସ୍‌ଏମ୍‌ଏଲ୍‌କୁ କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର

**ଭୁବନେଶ୍ୱର,୧୭।୬**

ଦେଶର ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ତଥା ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ୍)କୁ ନିକଟରେ ଆଉ ଏକ ରାଜ୍ୟସ୍ତରୀୟ ସମ୍ମାନ ଓ ମାନ୍ୟତା ପ୍ରଦାନ କରାଯାଇଛି। ବିଶେଷକରି ପରିବେଶ ସଂରକ୍ଷଣ ଓ ଦୀର୍ଘସ୍ଥାୟୀ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଟିଏସ୍‌ଏମ୍‌ଏଲ୍‌କୁ 'କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର'ରେ ପୁରସ୍କୃତ କରାଯାଇଛି। ଶନିବାର ଏକ ୫ ତାରକା ହୋଟେଲରେ ଆୟୋଜିତ ସ୍ୱତନ୍ତ୍ର ସମ୍ମାନ ସମାରୋହ କାର୍ଯ୍ୟକ୍ରମରେ ଟିଏସ୍‌ଏମ୍‌ଏଲ୍‌କୁ କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର ଦିଆଯାଇଛି। ସେହିଭଳି ୨୦୨୨ ବର୍ଷର ପ୍ରଦର୍ଶନ ପାଇଁ ୫ ତାରକା ବର୍ଗରେ କମ୍ପାନୀ ଉପରୋକ୍ତ ପୁରସ୍କାର ହାସଲ କରିଛି। ଉଲ୍ଲେଖଯୋଗ୍ୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଆଣ୍ଡ୍ ଏନ୍‌ଭାଇରନମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍ (ଆଇକ୍ୟୁଇଏମ୍‌ଏସ୍) ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡ଼ିଶା ପକ୍ଷରୁ ମିଳିତ ଭାବେ ଆୟୋଜିତ ଦୀର୍ଘସ୍ଥାୟୀ ପରିବେଶ ଓ ଜଳବାୟୁ ପରିବର୍ତ୍ତନ-୨୦୨୩ ଶୀର୍ଷକ ୮ମ ଜାତୀୟ ସେମିନାରର ଉଦ୍‌ଘାଟନୀ ତଥା ପୁରସ୍କାର ବିତରଣ ସମାରୋହରେ କମ୍ପାନୀକୁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ବିଭାଗୀୟ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ।

ଏ ସମ୍ପର୍କରେ ଟାଟା ଷ୍ଟିଲ୍ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ଏହି ସେମିନାର ଆୟୋଜନ କରିବା ଏବଂ ଶ୍ରେଷ୍ଠ ପ୍ରଥାକୁ ବାଣ୍ଟିବା ସହ ପରସ୍ପରଠାରୁ ଶିଖିବା ଲାଗି ଶିଳ୍ପକୁ ଏକ ମଞ୍ଚ ପ୍ରଦାନ କରିଥିବାରୁ ମୁଁ ଆଇକ୍ୟୁଇଏମ୍‌ଏସ୍ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡ଼ିଶାକୁ ଧନ୍ୟବାଦ ଜଣାଉଛି। ଏପରିକି ଟାଟା ଷ୍ଟିଲ୍ ମାଇନିଂକୁ ପ୍ରଦାନ କରାଯାଇଥିବା ଉକ୍ତ ମାନ୍ୟତା ଆମକୁ ଏକ ସବୁଜ ଓ ଅଧିକ ଦୀର୍ଘସ୍ଥାୟୀ ଭବିଷ୍ୟତ ଗଠନ କରିବା ଲାଗି ଆମ ଉଦ୍ୟମକୁ ଆଗକୁ ବଢ଼ାଇବାରେ ଉତ୍ସାହିତ କରିବ।

## ଖିମ୍‌ଜୀ ଜୁଏଲର୍ସର ବୈକୁଣ୍ଠ କଲେକ୍ସନ

**ଭୁବନେଶ୍ୱର,୧୭।୬ (ଅଭୟ ଦାଶ)**




ରାଜ୍ୟର ସର୍ବପୁରାତନ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସର ବହୁ ପ୍ରତୀକ୍ଷିତ ତଥା ସୂକ୍ଷ୍ମ ଅଳଙ୍କାରର ବ୍ୟାପକ ଡିଜାଇନ 'ବୈକୁଣ୍ଠ କଲେକ୍ସନ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଚଳିତ ବର୍ଷର ପବିତ୍ର ରଥଯାତ୍ରା ଉପଲକ୍ଷେ ଖିମ୍‌ଜୀ ଜୁଏଲର୍ସର ସ୍ୱତନ୍ତ୍ର ଉତ୍ପାଦ 'ବୈକୁଣ୍ଠ କଲେକ୍ସନ'ର ସୀମିତ ସଂଗ୍ରହକୁ ଶନିବାର ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ଏପରିକି ପ୍ରତିଷ୍ଠାନର ଅଭିଜ୍ଞ କାରିଗରଙ୍କର ସ୍ୱତନ୍ତ୍ର କାରିଗରିରେ ତିଆରି ହୋଇଥିବା ଉପରୋକ୍ତ ସଂଗ୍ରହଗୁଡ଼ିକୁ ଗ୍ରାହକମାନେ ଖିମ୍‌ଜୀ ଜୁଏଲର୍ସର ଭୁବନେଶ୍ୱର, ପୁରୀ ଏବଂ କଟକସ୍ଥିତ ଶୋ'ରୁମ୍‌ଗୁଡ଼ିକରେ ୨୦୨୩ ଜୁନ୍ ୩୧ ମଧ୍ୟରେ କ୍ରୟ କରିପାରିବେ। ସେହିଭଳି ବିଶ୍ୱପ୍ରସିଦ୍ଧ ରଥଯାତ୍ରାରୁ ଖିମ୍‌ଜୀର ବୈକୁଣ୍ଠ କଲେକ୍ସନ ପ୍ରେରିତ ହୋଇଛି। ଏପରିକି ହୃଦୟରୁ କାରିଗରି କରାଯାଇଥିବା ଉକ୍ତ ସଂଗ୍ରହ ମହାପ୍ରଭୁଙ୍କ ଭକ୍ତମାନଙ୍କର ନିକଟତର କରି ରଖିବ ବୋଲି ଆଶା କରାଯାଉଛି।

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ହେଉଛି ଓଡ଼ିଶାବାସୀଙ୍କ ପାଇଁ ଏକ ଧାର୍ମିକ ଏବଂ ଭକ୍ତିର ମହାପର୍ବ। ବର୍ଷକୁ ଥରେ ଭକ୍ତମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଅତି ନିକଟତର ହେବାର ଅପାର ସୁଯୋଗ ପାଇଥାନ୍ତି। ବିଶେଷକରି ଭକ୍ତି ଏବଂ ଭାବ ଓ ଆଧ୍ୟାତ୍ମିକତାର ଏହି ଉତ୍ସବ ପାଇଁ ଆମର ବୈକୁଣ୍ଠ କଲେକ୍ସନ ଉତ୍ସର୍ଗୀକୃତ। ଆମର ଗ୍ରାହକମାନେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସେମାନଙ୍କ ହୃଦୟର ନିକଟତର କରିବା ଏବଂ ଆଶୀର୍ବାଦ ନେବା ପାଇଁ ସାହାଯ୍ୟ କରିବ।

ଉଲ୍ଲେଖଯୋଗ୍ୟ, 'ବୈକୁଣ୍ଠ କଲେକ୍ସନ' କେବଳ ସୀମିତ ସମୟ ପାଇଁ ଖିମ୍‌ଜୀ ଜୁଏଲର୍ସର ଭୁବନେଶ୍ୱର, ପୁରୀ, ଚନ୍ଦ୍ରଶେଖରପୁର ଏବଂ କଟକ ସ୍ଥିତ ଶୋରୁମ୍‌ରେ ଉପଲବ୍ଧ। ଏପରିକି ଗ୍ରାହକମାନେ ଏହି ସ୍ୱତନ୍ତ୍ର ଅଳଙ୍କାର ମାଧ୍ୟମରେ ରଥଯାତ୍ରାକୁ ଭକ୍ତି ଏବଂ ଉତ୍ସାହ ସହ ପାଳନ କରିବେ।

## ଡାସଲ୍ଟ ସିଷ୍ଟମ ଆପଣାଇବ ଜେଏସ୍‌ଏଲ୍

**ଭୁବନେଶ୍ୱର,୧୭।୬**

ଦେଶର ପ୍ରମୁଖ ଶିଳ୍ପ ପ୍ରତିଷ୍ଠାନ ତଥା ଭାରତର ଅଗ୍ରଣୀ ଷ୍ଟେନ୍‌ଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର ସମସ୍ତ ୟୁନିଟ୍‌ରେ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଡାସଲ୍ଟ ସିଷ୍ଟମକୁ ଆପଣାଇବା ସହ ତା'ର ଉତ୍ପାଦନ ଯୋଜନା, ସିଡ୍ୟୁଲିଂ ଓ ନିର୍ବାହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଲକ୍ଷ୍ୟ ରଖିଛି। ନିକଟରେ ଜେଏସ୍‌ଏଲ୍‌ର କ୍ଷମତାକୁ ବାର୍ଷିକ ଉତ୍ପାଦନ ୨.୯ ନିୟୁତ ଟନ୍ ଏମ୍‌ଟିପିଏରେ ପରିଣତ କରିବ। ଫଳରେ ଜେଏସ୍‌ଏଲ୍‌ର ୟୁନିଟ୍‌ଗୁଡିକରୁ ଉତ୍ପାଦିତଗୁଡ଼ିକୁ ମିଶ୍ରଣକରି ଦ୍ୱିଗୁଣିତ କରିବ ଓ ଜେଏସ୍‌ଏଲ୍‌ର ହିସାର (ହରିୟାଣା) ଏବଂ ଯାଜପୁର (ଓଡ଼ିଶା) ମଧ୍ୟରେ ଉତ୍ପାଦନ ଓ କାର୍ଯ୍ୟ ପରିଚାଳନାକୁ କ୍ରମାଗତ ଭାବେ ପରିଚାଳନା କରିବ।

ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ପୁରୁଣା ପ୍ରଣାଳୀକୁ ସୃଜନଶୀଳ ଭାବେ ଭାଙ୍ଗିବା ଓ ଡିଜିଟାଇଜେଶନ ଓ ସ୍ୱୟଂଚାଳିତ ସହ ନୂଆ ଯୁଗର ମଡେଲ ଗ୍ରହଣ କରିବା ଦିଗରେ ଆମର ଏହା ଆଉ ଏକ ସାହସିକ ପଦକ୍ଷେପ। ଏପରିକି କିଛି ବର୍ଷ ପୂର୍ବେ ଆମେ ଭାରତୀୟ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉଦ୍ୟୋଗରେ ଏକ ଅଗ୍ରଣୀ ଓ ପ୍ରଥମ ସଙ୍ଗଠନ ଥିଲୁ, ଯାହା ଫଳରେ ଆମ ସହିତ ସବୁ ବର୍ଗର ଗ୍ରାହକ ଯୋଡ଼ିହୋଇଥିଲେ। ସେହିଭଳି ବର୍ତ୍ତମାନ ଆମେ କାର୍ଯ୍ୟ କ୍ଷେତ୍ରରେ ୩୬୦ ଡିଗ୍ରୀର ଏକୀକରଣ ଦିଗରେ କାର୍ଯ୍ୟ କରୁଛୁ। ଅପରପକ୍ଷରେ ଜେଏସ୍‌ଏଲ୍‌ର ଭାଇସ୍ ପ୍ରେସିଡେଣ୍ଟ କୋରିନେ ବୁଲୋଟା କହିଛନ୍ତି, ଏହା ଆମକୁ ରିୟଲ ଟାଇମ ଭିଜିବିଲିଟି, ସିମୁଲେଶନ ଓ ଅପ୍ଟିମାଇଜେଶନ କ୍ଷମତା ବଢାଇବାରେ ସାହାଯ୍ୟ କରିବ। ଜିନ୍ଦଲ ଷ୍ଟେନ୍‌ଲେସ୍ ଉତ୍ପାଦନ ପ୍ରଣାଳୀର ଭର୍ଚୁଆଲ ଅଭିଜ୍ଞତା ଜିନ୍ଦଲ ଷ୍ଟେନ୍‌ଲେସକୁ କାର୍ଯ୍ୟକ୍ଷମତା ଓ ଉତ୍ପାଦର ଗୁଣବତ୍ତାକୁ ଉନ୍ନତ କରିବାରେ ବ୍ୟାପକ ସାହାଯ୍ୟ କରିବ।

**ଫୁରସତ୍**

# ଅବସର ବିନୋଦନ ଆଣେ ନୂଆ ଉତ୍ସାହ

**ବ୍ୟ**ସ୍ତବହୁଳ ଜୀବନରେ ଅବସର ବିନୋଦନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ମନରେ ନୂଆ ଉତ୍ସାହ ସୃଷ୍ଟି କରିଥାଏ। ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜୁନ ୧୮ରେ ଅନ୍ତର୍ଜାତୀୟ ପିକ୍‌ନିକ୍ ଦିବସ ପାଳନ କରାଯାଇଥାଏ। ପିକ୍‌ନିକ୍ ବର୍ଷ ବର୍ଷ ଧରି ଅଧିକାଂଶ ସଂସ୍କୃତିରେ ଏକ ମୁଖ୍ୟ ପାଲଟିଛି। ଏହାର ଲୋକପ୍ରିୟତା ସିଧାସଳଖ ଫରାସୀ ବିପ୍ଳବ ସମୟରୁ ହୋଇଥିବା କୁହାଯାଇଥାଏ। ସ୍ଥଳବିଶେଷରେ ପିକ୍‌ନିକ୍‌ର ସଂଜ୍ଞା ଭିନ୍ନ ହୋଇପାରେ, କିନ୍ତୁ ଏକ ଉପଭୋଗ୍ୟ ଦିନ ପାଇଁ ଲୋକଙ୍କୁ ଏକାଠି କରିବାର ଏହା ଏକ ଉତ୍ତମ ଉପାୟ ।ବିଶ୍ୱର ଅନେକଙ୍କ ପାଇଁ ପିକ୍‌ନିକ୍ ହେଉଛି ସେମାନଙ୍କର ଦୈନନ୍ଦିନ ଜୀବନ ବ୍ୟସ୍ତବହୁଳ ଜୀବନରୁ କିଛି ସମୟ ବିରତି ନେଇ ଆରାମରେ ବିତାଇବା । ଅବଶ୍ୟ, ପିକ୍‌ନିକ୍ ଫ୍ରେଞ୍ଚ ବିପ୍ଳବ ପର୍ଯ୍ୟନ୍ତ ବିଦ୍ୟମାନ ନ ଥିଲା। ପରବର୍ତ୍ତୀ ସମୟରେ ଯେହେତୁ ସର୍ବସାଧାରଣ ପାର୍କଗୁଡ଼ିକ ବହୁ ସଂଖ୍ୟାରେ ଉପଲବ୍ଧ ହେଲା, ଏହାପରେ ପିକ୍‌ନିକ୍ ଦିବସ ପାଳନ ପାଇଁ ଲୋକଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଲା। ଯଦିଓ ଆଧୁନିକ ପିକ୍‌ନିକ୍ ସୃଷ୍ଟିରେ ଫରାସୀ ମାନ୍ୟତା ପାଇଛନ୍ତି। ଜଗତୀକରଣ ଏବଂ ବ୍ୟକ୍ତିଗତ ସଂସ୍କୃତି ପିକ୍‌ନିକ୍‌ର ଲୋକପ୍ରିୟତା ପାଇଁ ଦାୟୀ। ୨୦୧୮ରେ ୫୫% ଆମେରିକୀୟ ଯୁବବର୍ଗ କହିଥିଲେ, ପିକ୍‌ନିକ୍ କରିବା ସେମାନଙ୍କର ଉଷ୍ମ-ପାଗର କାର୍ଯ୍ୟକଳାପକୁ ବୃଦ୍ଧି କରିଥାଏ। ପିକ୍‌ନିକ୍‌ର ସଂକଳ୍ପ ବିସ୍ତାର ହୋଇଥିବାରୁ ବିଭିନ୍ନ ସ୍ଥାନର ବହୁ ସଂଖ୍ୟାରେ ବିଭିନ୍ନ ପରମ୍ପରା ସୃଷ୍ଟି ହୋଇଛି। ଦୁନିଆରେ ବହୁତ କମ୍ ସଂସ୍କୃତି ଅଛି, ଯେଉଁମାନେ କି ପିକ୍‌ନିକ୍ କରିବାରେ ଜଡିତ ନୁହନ୍ତି । ପିକ୍‌ନିକ୍ ହେଉଛି ଅବସର ସମୟକୁ ଉପଭୋଗକରିବାର ଏକ ଚମତ୍କାର ଉପାୟ।



'ପିକ୍‌ନିକ୍' ଶବ୍ଦର ମୂଳ ଫରାସୀ ଶବ୍ଦ 'ପାଇକ-ନିକ'ରୁ ଆସିଛି। ଫ୍ରେଞ୍ଚ ବିପ୍ଳବ ପରେ ଫ୍ରାନ୍ସରେ ଏହାର ଲୋକପ୍ରିୟତା ବୃଦ୍ଧି ପାଇ ଦେଶର ରାଜକୀୟ ଉଦ୍ୟାନରେ ବାହ୍ୟଭୋଜନ ଉପଭୋଗ କରିବାର ସୁଯୋଗ ପ୍ରଦାନ କରିଥିଲା। ଏହି ଅବକାଶ ସମାବେଶଗୁଡ଼ିକ ଊନବିଂଶ ଶତାବ୍ଦୀର ଇଂଲଣ୍ଡରେ ବିସ୍ତୃତ ସାମାଜିକ ଇଭେଣ୍ଟରେ ରୂପାନ୍ତରିତ ହୋଇଥିଲା, ଯେପରି ଜେନ୍ ଅଷ୍ଟେନ୍‌ଙ୍କ ଉପନ୍ୟାସରେ ଚିତ୍ରିତ ହୋଇଥିଲା, କିଛିଦିନର ପ୍ରସ୍ତୁତି ସହିତ ବିସ୍ତୃତ ମେନୁଗୁଡ଼ିକ ପ୍ରଦର୍ଶନ କରାଯାଇଥିଲା । ୧୯୮୯ରେ ପାନ-ୟୁରୋପୀୟ ଭଳି ରାଜନୈତିକ ବିରୋଧ ସମୟରେ ପିକ୍‌ନିକ୍ ସାଧାରଣ ଲୋକଙ୍କ ଏକତାକୁ ପ୍ରତିପାଦିତ କରି ଏହା ଏକ ସାଙ୍କେତିକ ସ୍ଥିତି ଗ୍ରହଣ କରିଥିଲା। ୨୦୦୯ରେ, ଲିସ୍‌ବନ ୨୦ ହଜାରରୁ ଅଧିକ ଅଂଶଗ୍ରହଣକାରୀଙ୍କୁ ନେଇ ଏକ ଆୟୋଜନ କରାଯାଇ ସର୍ବବୃହତ୍ ପିକ୍‌ନିକ୍‌ର ରେକର୍ଡ ହୋଇଥିଲା। ଏହାକୁ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ଦ୍ୱାରା ସ୍ୱୀକୃତି ମିଳିଥିଲା। ମିଳିତ ହୋଇ ପ୍ରକୃତି ଏବଂ ବାହ୍ୟ ଭୋଜନର ସରଳ ଆନନ୍ଦର ଉତ୍ସବ ଭାବରେ ଅନ୍ତର୍ଜାତୀୟ ପିକ୍‌ନିକ୍ ଦିବସର ମହତ୍ତ୍ୱ ରହିଛି। ଆମର ବ୍ୟସ୍ତବହୁଳ ଜୀବନରୁ ବିରାମ ଦେବା, ପ୍ରିୟଜନଙ୍କ ସହିତ ଏକାଠି ହେବା ଏବଂ ସୁନ୍ଦର ପରିବେଶରେ ସୁସ୍ୱାଦୁ ଖାଦ୍ୟ ଉପଭୋଗ କରିବା ପାଇଁ ଏହା ଏକ ସ୍ମରଣୀୟ ସମୟ ଭାବରେ କାର୍ଯ୍ୟ କରେ। ଏହି ବିଶେଷ ଦିନ ଆମକୁ ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ, ପରିବାର ଏବଂ ସାଙ୍ଗମାନଙ୍କ ସହିତ ସଂଯୋଗ ସ୍ଥାପନ କରିବାକୁ, ଏବଂ ବାହାରେ ସମୟ ବିତାଇବା ଦ୍ୱାରା ଆସୁଥିବା ଆରାମ ଏବଂ ନବୀକରଣକୁ ଗ୍ରହଣ କରିବାକୁ ଉତ୍ସାହିତ କରେ। ଅନ୍ତର୍ଜାତୀୟ ପିକ୍‌ନିକ୍ ଦିବସ ଆମକୁ ସ୍ମରଣ କରାଏ ଅଂଶୀଦାର ସୁଖର ଏହି ମୁହୂର୍ତ୍ତଗୁଡ଼ିକୁ ସମ୍ମାନ କରିବା ଏବଂ ଆମ ଚାରିପାଖରେ ଥିବା ଦୁନିଆ ସହିତ ସମନ୍ୱୟର ଭାବନା ସୃଷ୍ଟି କରିବା।

### ଅନ୍ତର୍ଜାତୀୟ ପିକ୍‌ନିକ୍ ଦିବସ

## ସୀତା ଚରିତ୍ର ପାଇଁ କ୍ରିତିଙ୍କୁ ମିଳି ନ ଥିଲା ପ୍ରଥମ ଅଫର

**ମୁମ୍ବାଇ**



ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଓମ୍ ରାଓ୍ୱତଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଆଦିପୁରୁଷ' ଗତ ଶୁକ୍ରବାର ପ୍ରେକ୍ଷାଳୟରେ ରିଲିଜ ହୋଇସାରିଛି। ରିଲିଜ୍ ପରେ ଚଳଚ୍ଚିତ୍ରକୁ ନେଇ ବିବାଦ ଦେଖାଦେଇଛି। ତେବେ ମୁଭିରେ ଅଭିନେତା ପ୍ରଭାସ ରାମ ଭୂମିକାରେ ଅଭିନୟ କରିଥିବାବେଳେ ସାଉଥ୍ ଅଭିନେତ୍ରୀ କ୍ରିତି ସାନନ ମାତା ସୀତାଙ୍କ ଭୂମିକାରେ ଅଭିନୟ କରିଥିବା ନଜରକୁ ଆସିଛନ୍ତି। କ୍ରିତି ପ୍ରଥମ ଥର ପାଇଁ ଏପରି ଚରିତ୍ରରେ ଅଭିନୟ କରିଛନ୍ତି। ଯଦିଓ ସୀତାଙ୍କ ଲୁକ୍‌ରେ ସେ ସୁନ୍ଦର ଦେଖାଯାଉଛନ୍ତି, ମାତ୍ର କ୍ରିତି ଏହି ଭୂମିକା ପାଇଁ ନିର୍ମାତାଙ୍କ ପ୍ରଥମ ପସନ୍ଦ ନ ଥିଲେ। କ୍ରିତିଙ୍କ ପୂର୍ବରୁ ନିର୍ମାତା ୩ ଅଭିନେତ୍ରୀଙ୍କୁ ସୀତାଙ୍କ ଭୂମିକା ପାଇଁ ଅଫର ଦେଇଥିଲେ। ହେଲେ ସେମାନେ ଏହି ଅଫରକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। 'ଆଦିପୁରୁଷ'ରେ ସୀତାଙ୍କ ଭୂମିକା ପାଇଁ ଅନୁଷ୍କା ଶର୍ମା ନିର୍ଦ୍ଦେଶକଙ୍କ ପ୍ରଥମ ପସନ୍ଦ ଥିଲେ। ସେ ଏହି ଅଫରକୁ ପ୍ରତ୍ୟାଖ୍ୟାନ କରିବା ପରେ ସାଉଥ୍ ଅଭିନେତ୍ରୀ ଅନୁଷ୍କା ସେଟ୍ଟୀଙ୍କୁ ଏହି ଅଫର ମିଳିଥିଲା। ହେଲେ ସେ ମଧ୍ୟ ଏଥିପାଇଁ ମନା କରିଦେଇଥିଲେ। ପରେ ଦକ୍ଷିଣ ଭାରତୀୟ ଅଭିନେତ୍ରୀ କ୍ରିତି ସୁରେଶଙ୍କୁ ଏହି ସୁଯୋଗ ମିଳିଥିଲା। ସେ ମଧ୍ୟ ଏହି ସୁଯୋଗକୁ ହାତଛଡ଼ା କରିଥିଲେ। ପରେ ଯେତେବେଳେ କ୍ରିତି ସାନନଙ୍କୁ ଏହି ଚରିତ୍ର ପାଇଁ ଅଫର ଆସିଥିଲା, ସେ ଏହାକୁ କରିବାକୁ ନିଷ୍ପତ୍ତି ନେଇଥିଲେ।

## ଦ୍ୱୀପରେ ବାସକଲେ ମିଳିବ ୭୧ ଲକ୍ଷ ଟଙ୍କା

**ଡୁବଲିନ୍:** ଦେଶରେ କିଛି ବିପତ୍ତି ଆସିଲେ ଅନେକ ଲୋକ ଛାନିଆ ହୋଇ ସେଠାରୁ ଅନ୍ୟ ଦେଶକୁ ପଳାଇ ଯାଇଥାନ୍ତି। ତେବେ ନିକଟରେ ଏକ ୟୁରୋପିଆନ୍ ଦ୍ୱୀପୀୟ ଦେଶ ଆୟର୍ଲାଣ୍ଡ ସରକାର ଦେଶରେ କିଛି ଦ୍ୱୀପ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେଥିପାଇଁ ସେହି ଦ୍ୱୀପରେ ଆସି ବସତି ସ୍ଥାପନ କରିବାକୁ ଚାହୁଁଥିବା ପ୍ରତ୍ୟେକ ଲୋକଙ୍କୁ ୭୧ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ରିପୋର୍ଟ ମୁତାବକ, ଇରିଶ ସରକାର ତାଙ୍କ ଦେଶର ଲୋକସଂଖ୍ୟା ବଢାଇବାକୁ ଲକ୍ଷ୍ୟ ରଖି ଏପରି କରୁଛନ୍ତି। ଦେଶରେ ଏପରି କିଛି ଦ୍ୱୀପ ରହିଛି, ଯେଉଁଠାରେ ଲୋକସଂଖ୍ୟା ମାତ୍ର ୧୬୦, ଯାହା ବେଳକୁ ବେଳ ଶୂନ ହେବାରେ ଲାଗିଛି। ଦେଶର ୩୦ଟି ଦ୍ୱୀପ ବିଷୟରେ ସରକାର ଚିନ୍ତା କରୁଛନ୍ତି। ଯେଉଁଠାକୁ ଯିବାକୁ ମୁଖ୍ୟରାସ୍ତା କି ମୁଖ୍ୟ ବ୍ରିଜ୍ ନାହିଁ। ସେଠାକାର ଲୋକସଂଖ୍ୟା ବୃଦ୍ଧି କରାଇବାକୁ ସରକାର ଏହି ପ୍ରୟାସ ଚଳାଇଛନ୍ତି। ସେହି ଦ୍ୱୀପରେ ରହିବାକୁ ହେଲେ ଲୋକଙ୍କୁ 'ଆମ ଦ୍ୱୀପ' ନୀତି ହିସାବରେ ୧୯୯୩ ପୂର୍ବରୁ ତିଆରି ହୋଇଥିବା କିଛି ସମ୍ପତ୍ତିକୁ କିଣିବାକୁ ହେବ, ଯାହା ଅତିକମ୍‌ରେ ୨ ବର୍ଷ ହେବ ଖାଲି ପଡ଼ିଥିବ। ଏହି ଯୋଜନା ଅନୁସାରେ, ମିଳିବାକୁ ଥିବା ଧନରାଶି ସାହାଯ୍ୟରେ ଘର ନିର୍ମାଣ ସହ ଅନ୍ୟ କାର୍ଯ୍ୟରେ ତାକୁ ଉପଯୋଗ କରିହେବ। ଏହି ସୂଚନା ମୁତାବକ, ଯିଏ ସେହି ଦ୍ୱୀପରେ ବାସ କରିବାକୁ ଚାହୁଁଥିବେ ସେମାନେ ୧ ଜୁଲାଇରୁ ଏଥିପାଇଁ ଆବେଦନ କରିପାରିବେ।



## ୧୨୭ ଘଣ୍ଟା ନାଚି ବିଶ୍ୱ ରେକର୍ଡ

**ପୁଣେ**

ନିକଟରେ ଜଣେ ୧୬ ବର୍ଷୀୟା ଯୁବତୀ ୧୨୭ ଘଣ୍ଟା ନାଚି ବିଶ୍ୱ ରେକର୍ଡ କରିଛନ୍ତି। ସେ ୫ ଦିନ ତାଙ୍କ କଲେଜ ଅଡିଟୋରିୟମ୍‌ରେ ନାଚି ଏହି ସଫଳତା ହାସଲ କରିଛନ୍ତି। ପଶ୍ଚିମ ମହାରାଷ୍ଟ୍ର ଲତୁର ଜିଲାର ୧୬ ବର୍ଷୀୟା ସୃଷ୍ଟି ସୁଧୀର ଜଗତାପ ଜଣିକିଆ ଡ୍ୟାନ୍ସ ମାରାଥନରେ ନାଚିଛନ୍ତି। ଗିନିଜ୍ ୱାର୍ଲ୍ଡ ରେକର୍ଡ ମୁତାବକ, ସୃଷ୍ଟି ମେ' ୨୯ରୁ ନାଚିବା ଆରମ୍ଭ କରି ଜୁନ୍ ୩ରେ ଶେଷ କରିଥିଲେ। ସେ ଭାରତୀୟ ସଂସ୍କୃତିକୁ ଅଧିକ ଆଦୃତ କରିବାକୁ କଥକ ନୃତ୍ୟ ପରିବେଷଣ କରୁଥିଲେ। ଭାରତୀୟ ନୃତ୍ୟ କରିବା ତାଙ୍କ ସ୍ୱପ୍ନ ଥିବା ସେ ଗିନିଜ୍ ୱାର୍ଲ୍ଡ ରେକର୍ଡକୁ କହିଛନ୍ତି। ସେ କିଛି ମାସ ହେବ ଏଥିପାଇଁ ଅଧିକ ପରିଶ୍ରମ କରୁଥିଲେ। ସେ ପ୍ରତିଦିନ ୪ ଘଣ୍ଟା ଧ୍ୟାନ, ୬ ଘଣ୍ଟା ନାଚ ଅଭ୍ୟାସ କରିବା ସହ ୩ ଘଣ୍ଟା ଅନ୍ୟ ବ୍ୟାୟାମ କରୁଥିଲେ। ସେ ରାତି ୧୦ଟାରେ ଶୋଇ ରାତି ୩ଟାରୁ ଉଠୁଥିଲେ। ସେ ଏହି ମାରାଥନରେ ପ୍ରତି ଘଣ୍ଟାରେ ତାଙ୍କୁ ୫ ମିନିଟ୍‌ର ବ୍ରେକ୍ ମିଳୁଥିଲା। ଏହା ପୂର୍ବରୁ ନେପାଳର ବନ୍ଦନା ନେପାଳ ୧୨୬ ଘଣ୍ଟା ନାଚି ୨୦୧୮ରେ ଏହି ରେକର୍ଡ ତାଙ୍କ ନାମରେ କରିଥିଲେ। ସୃଷ୍ଟି ତାଙ୍କ ରେକର୍ଡକୁ ଭାଙ୍ଗି ନୂଆ ରେକର୍ଡ କରିଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୮ ଜୁନ୍, ୨୦୨୩



## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ଏକ ସବ୍ ମରାଇନ୍ ମଡ୍ ଭଲ୍‌କାନୋ ......... ଦେଶରେ ଠାବ କରାଯାଇଛି ?
୨– କାପୁଏ ନ୍ୟାଶନାଲ୍ ପାର୍କ ........... ଦେଶରେ ଅବସ୍ଥିତ ?
୩– ନିକଟରେ ଶିବ ସୃଷ୍ଟି ଥିମ୍ ପାର୍କ ............ ରାଜ୍ୟରେ ଉଦ୍‌ଘାଟିତ ହୋଇଛି ?
୪– ............ 'ଏ ପ୍ଲେସ୍ କଲ୍ଡ ହୋମ୍' ପୁସ୍ତକ ଲେଖିଛନ୍ତି ?
୫ – ନାଜା ନାଜା ............ର ବୈଜ୍ଞାନିକ ନାମ ?

## ଗତ ଥରର ଉତ୍ତର

୧ ଜଳଶକ୍ତି
୨ ଲର୍ଡ ମିଣ୍ଟୋ ୨
୩ ବିବେକ ଦେବରୟ
୪ ଭଦଲା ସୋଲାର ପାର୍କ
୫ ସି. ଭି. ରମଣ

## ଉତ୍ତରଦାତା


ଶେଖ୍ ୟାକୁବ୍, ଗୋପ


ଆରତୀ ସାହୁ, ସମ୍ବଲପୁର


ରଶ୍ମିତା ସାହୁ, ଝାରସୁଗୁଡା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ସବୁଠୁ ଲୋକପ୍ରିୟ ସେଫ୍

୧– ଜେର୍ଡନ୍ ଜେମ୍ସ ରାମ୍‌ସେ.......... ବ୍ରିଟେନ୍
୨– ଜାମୀ ଓଲିଭର୍.......... ଇଂଲଣ୍ଡ
୩– ଓଲ୍‌ଫଗ୍ୟାଙ୍ଗ୍ ପକ୍.......... ଆମେରିକା/ଅଷ୍ଟ୍ରେଲିଆ
୪– ମର୍କୋ ପିରେ ହ୍ୱାଇଟ୍.......... ବ୍ରିଟେନ୍
୫– ସଞ୍ଜୀବ କପୁର.......... ଇଣ୍ଡିଆ
୬– ଥୋମାସ୍ କେଲର.......... ଆମେରିକା
୭– ଏମେରିଲ୍ ଲାଗାସ୍.......... ଆମେରିକା
୮– ଚାର୍ଲି ଟ୍ରଟର .......... ଆମେରିକା
୯– ପଲ୍ ବୋକ୍ୟୁଜ୍.......... ଫ୍ରାନ୍ସ
୧୦– ଆଣ୍ଟୋନୀ ବର୍ଡେନ୍.......... ଆମେରିକା

## ଜାଣନ୍ତୁ ଦୁନିଆ

# ସୁମୋ ଫେସ୍‌ଫାକ୍ଟ୍

**କୁସ୍ତି ବା ରେସ୍‌ଲିଂ ଦେଖିବାକୁ ଅନେକେ ଭଲପାଆନ୍ତି। ହେଲେ ଜାପାନର ଲୋକପ୍ରିୟ ସୁମୋ ଫାଇଟ୍ ଦେଖିବାକୁ ଅଧିକାଂଶଙ୍କ ମନରେ ଯେମିତି ଏକ ଭିନ୍ନ ଉତ୍କଣ୍ଠା ଭରି ରହିଥାଏ। ତେବେ ଜାପାନରେ ଖେଳା ଯାଉଥିବା ଏହି ସ୍ୱତନ୍ତ୍ର କୁସ୍ତି ସମ୍ପର୍କରେ ଜାଣିବା କେତେକ ରୋଚକ ତଥ୍ୟ...**



❖ଜାପାନର ଜାତୀୟ କ୍ରୀଡ଼ା ହେଉଛି ସୁମୋ। ଏହା ସେଠାରେ ଏତେ ଲୋକପ୍ରିୟ ଯେ, କେବଳ କେତେକ ରାଷ୍ଟ୍ରୀୟ ପ୍ରତିଯୋଗିତା ନୁହେଁ ସ୍କୁଲ୍, କଲେଜ ଏବଂ ଅନ୍ୟାନ୍ୟ ସଙ୍ଗଠନ ଗୁଡ଼ିକରେ ମଧ୍ୟ ଏହି ପ୍ରତିଯୋଗିତା ଆୟୋଜନ କରାଯାଇଥାଏ।

❖ଏହି କୁସ୍ତିରେ ଅଂଶଗ୍ରହଣ କରୁଥିବା ଯୋଦ୍ଧାଙ୍କୁ ରିକିଶି ବୋଲି କୁହାଯାଇଥାଏ। ତେବେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ସୁମୋ ଫାଇଟର ହେବା ଲାଗି ମାତ୍ର ୬ ବର୍ଷ ବୟସରୁ ପ୍ରଶିକ୍ଷଣ ଆରମ୍ଭ ହୋଇଥାଏ।

❖ସୁମୋ ଫାଇଟ୍ ଶିଖିବା ଲାଗି ଫାଇଟରଙ୍କୁ ଏକ ସ୍ୱତନ୍ତ୍ର ଘରେ ରହିବାକୁ ହୋଇଥାଏ, ଯାହାର ନାମ ହୋ ବା ହେୟା। ଏଠାରେ ଗୁରୁ ମଧ୍ୟ ନିଜେ ରହି ଛାତ୍ରମାନଙ୍କୁ ଏହି କ୍ରୀଡ଼ାର କୌଶଳ ଶିଖାଇଥା'ନ୍ତି। ଏଠାରେ ଗୁରୁଙ୍କ ପତ୍ନୀ ମଧ୍ୟ ରୁହନ୍ତି ଏବଂ ଛାତ୍ରମାନଙ୍କୁ ୧୫–୧୬ ବର୍ଷ ହେବାଯାଏଁ ମା'ଙ୍କ ଭଳି ପାଳି ଥାଆନ୍ତି।

❖କୁହାଯାଏ ଅଷ୍ଟମ ଶତାବ୍ଦୀ ବେଳକୁ ଜାପାନରେ ଥିବା ବିଭିନ୍ନ ମଠରେ ଏହି କ୍ରୀଡ଼ା ସୁମାଇ ନାମରେ ଖେଳାଯାଉଥିଲା। ପରମ୍ପରା ଅନୁଯାୟୀ ବସନ୍ତ ଋତୁ ଆଗମନରେ ସର୍ବପ୍ରଥମେ ୟୁସୁକୁନି ମଠରେ ଏହି କ୍ରୀଡ଼ାର ଆୟୋଜନ କରାଯାଇଥାଏ।

❖ତେବେ ଏହି କ୍ରୀଡ଼ା ଆରମ୍ଭ ହେବା ପୂର୍ବରୁ ଫାଇଟରମାନେ ଲୁଣ ଫିଙ୍ଗିଥା'ନ୍ତି। ଏହାଦ୍ୱାରା ଆଖଡ଼ା ସ୍ଥଳ ପବିତ୍ର ହୋଇଥାଏ ବୋଲି ସେମାନଙ୍କର ବିଶ୍ୱାସ ରହିଛି।

❖ଜାପାନରେ ସୁମୋ ଫାଇଟରମାନଙ୍କୁ ବଡ଼ ବଡ଼ ସେଲିବ୍ରେଟୀଙ୍କ ଭଳି ବ୍ୟବହାର କରାଯାଏ। ତଥାପି ଏମାନେ ସାଧାରଣତଃ ଜନବସତିଠାରୁ ଦୂରରେ ରହିଥା'ନ୍ତି। ଏହାଦ୍ୱାରା ସେମାନଙ୍କ ଧ୍ୟାନ ନିଜ ଲକ୍ଷ୍ୟପଥରେ ହିଁ ରହିଥାଏ ବୋଲି ସେମାନେ ବିଶ୍ୱାସ ରଖନ୍ତି।

❖ସୁମୋ ଫାଇଟରମାନେ ଅଧିକ ମୋଟା ହୋଇଥା'ନ୍ତି। ତେଣୁ ସେମାନେ ନିଜ ଓଜନ ବୃଦ୍ଧି ଲାଗି ସାଧାରଣ ମଣିଷଙ୍କଠାରୁ ୮–୧୦ ଗୁଣ ଅଧିକ କ୍ୟାଲୋରିଯୁକ୍ତ ଖାଦ୍ୟ ଖାଇଥା'ନ୍ତି।

❖ତେବେ ନିୟମ ଅନୁଯାୟୀ ପ୍ରତ୍ୟେକ ସୁମୋ ଫାଇଟର ନିଜ ଖାଦ୍ୟ ନିଜେ ପ୍ରସ୍ତୁତ କରିଥା'ନ୍ତି।



**ଯିଏ ହାତ ଧରି ପିଲାକୁ ଚାଲି ଶିଖାନ୍ତି, ଯେତେ ଅସୁବିଧା ଥାଉ ନା କାହିଁକି ସବୁ କଷ୍ଟ ମନରେ ମାରି ପିଲା ମୁହଁରେ ହସ ଫୁଟାନ୍ତି ଆଉ ପିଲାର ସବୁ ଆବଶ୍ୟକତା ପୂରଣ କରି ତାଙ୍କୁ ସଫଳ ମଣିଷ କରିବାର ସ୍ୱପ୍ନ ଦେଖନ୍ତି ସେ ହେଉଛନ୍ତି ବାପା। ତେବେ ସାରା ଜୀବନ ପିଲାକୁ ସବୁ କିଛି ଦେଉଥିବା ଜନ୍ମଦାତାଙ୍କୁ ନିଜ ପ୍ରଥମ ରୋଜଗାରରେ କିଛି ଉପହାର ଦେବା ଜୀବନର ସବୁଠୁ ଖୁସିର ମୁହୂର୍ତ୍ତ। ଆଜି ଫାଦର୍ସ ଡେ' ଅବସରରେ କେତେଜଣଙ୍କ ଏଭଳି ଅନୁଭୂତିକୁ ନେଇ ବିଶେଷ ଉପସ୍ଥାପନା...**

### ବିଶ୍ୱ ପିତୃ ଦିବସ

ପିତାଙ୍କୁ ସମ୍ମାନ ଦେବା ପାଇଁ ତଥା ପିତାଙ୍କ ଉଦ୍ଦେଶ୍ୟରେ ସର୍ବପ୍ରଥମେ ବିଶ୍ୱ ପିତୃ ଦିବସ ୧୯୧୦ ମସିହା ଜୁନ ମାସର ତୃତୀୟ ରବିବାର ୧୯ ତାରିଖରେ ୱାଶିଂଟନରେ ପାଳନ କରାଯାଇଥିଲା। ମାତ୍ର ୧୯୭୨ ମସିହାରେ ଏହାକୁ ଆନୁଷ୍ଠାନିକ ଭାବେ ପାଳନ କରାଯିବା ପାଇଁ ଘୋଷଣା କରାଗଲା। ଯଦ୍ଦ୍ୱାରା ପିତାଙ୍କୁ ସମ୍ମାନ ଦେବା ପାଇଁ ଆମେରିକାରେ ଏହି ଦିନଟିକୁ ଛୁଟିଦିନ ଭାବେ ଘୋଷଣା କରାଯାଇଥିଲା। ପରବର୍ତ୍ତୀ ସମୟରେ ଭାରତରେ ମଧ୍ୟ ପାଶ୍ଚାତ୍ୟ ସଭ୍ୟତାରେ ପାଳିତ ଏହି ଦିନଟିର ଧୀରେଧୀରେ ପ୍ରଚାର ଓ ପ୍ରସାର ହେବାକୁ ଲାଗିଥିଲା। ଚଳିତ ୨୦୨୩ ବର୍ଷରେ ଏହା ଜୁନ୍ ୧୮ ତାରିଖ ରବିବାରରେ ପାଳନ କରାଯାଉଛି।



# ବାପାଙ୍କ ପାଇଁ ଉପହାର

### ଗାଳି ଭିତରେ ଥିଲା ଅଜସ୍ର ଖୁସି

**ସ୍ୱପ୍ନା ପ୍ରିୟଦର୍ଶିନୀ (ଅଭିନେତ୍ରୀ)**– ପିଲାବେଳୁ ଯାହାଙ୍କ ହାତ ଧରି ଚାଲି ଶିଖିଛି, ଯାହାଙ୍କ ଆଗରେ ଅଳି କରିଛି ଆଉ ଯାହାଙ୍କ ନୀତି ଆଦର୍ଶ ମାନି ବଡ଼ ହୋଇଛି ସେ ହେଉଛନ୍ତି ମୋ ବାପା (ବିଶ୍ୱଜିତ୍ ରାଉତରାୟ)। ଆଜି ଜଣେ ସୁପର ମଡେଲ୍ ଏବଂ ଜଣେ ଅଭିନେତ୍ରୀ ହେବାର ସ୍ୱପ୍ନ ସାକାର ହେବାରେ ରହିଛି ବାପାଙ୍କର ବହୁତ ବଡ଼ ଅବଦାନ। ଯେବେ ଯାହା ମାଗିଛି ଏବଂ ଯେଉଁ ଦିଗରେ ବଢ଼ିବାକୁ ଲକ୍ଷ୍ୟ ରଖିଛି ସେ ମୋର ପ୍ରତିଟି ଇଚ୍ଛାକୁ ପୂରଣ କରିଛନ୍ତି। ହେଲେ ଯେବେ ପ୍ରଥମ ଥର ନିଜ ରୋଜଗାରରେ ତା'ଙ୍କ ପାଇଁ ଗୋଟିଏ ଟି–ଶାର୍ଟ ଗିଫ୍ଟ କରିଥିଲି, ଏତେ ଟଙ୍କା କାହିଁକି ଖର୍ଚ୍ଚ କରୁଥିଲୁ ବୋଲି ଗାଳି ଦେଇଥିଲେ। ହେଲେ ତାଙ୍କ ଛଳ ଛଳ ଆଖିରୁ ଭିତରେ ଥିବା ଖୁସିକୁ ବେଶ୍ ଅନୁଭବ କରିପାରୁଥିଲି। ଆଉ ସେ ଯେବେ ସେହି ଲାଇଟ୍ ପିଙ୍କ୍ କଲର ଟି–ଶାର୍ଟ ପିନ୍ଧିଲେ, ମୋ ମନରେ ଯେଉଁ ଖୁସି ଥିଲା ତାହା ସତରେ ଅବର୍ଣ୍ଣନୀୟ।


ବାପା ବିଶ୍ୱଜିତ୍‌ଙ୍କ ସହ ସ୍ୱପ୍ନା

### ମୋ ସଫଳତା ବାପାଙ୍କ ପାଇଁ ଉପହାର

**ଶ୍ରଦ୍ଧାଞ୍ଜଳି ସାମନ୍ତରାୟ** (କ୍ରୀଡାବିତ୍)– ମୋର ପ୍ରତିଟି ସଫଳତାରେ ସବୁଠୁ ଅଧିକ ଖୁସି ହେଉଥିବା ମଣିଷ ମୋ ବାପା (ନେତ୍ରାନନ୍ଦ ସାମନ୍ତରାୟ)। ଯେବେ ପ୍ରଥମେ ଏକ ପ୍ରତିଯୋଗିତାରେ ପୁରସ୍କୃତ ହୋଇଥିଲି ଏବଂ ନିଜ ମେଡାଲଟିକୁ ଆଣି ବାପାଙ୍କ ବେକରେ ପିନ୍ଧାଇ ଦେଇଥିଲି, ସେ ଖୁସିରେ କହିଥିଲେ ଏହା ମୋ ପାଇଁ ସବୁଠୁ ବଡ଼ ଉପହାର। ସେଦିନର ସେହି ଖୁସିର ମୁହୂର୍ତ୍ତ ମୋ ପାଇଁ ଅଭୁଲା। ତେବେ ସବୁବେଳେ ତାଙ୍କ ପାଇଁ କିଛି କରିବାକୁ ଏବଂ ତାଙ୍କୁ କିଛି ଦେବାକୁ ମନରେ ଇଚ୍ଛାଥାଏ। କାରଣ ତାଙ୍କୁ ଯେବେ ଯାହା ମାଗିଛି ଏବଂ ଯେଉଁ ଦିଗରେ ବଢ଼ିବାକୁ ଲକ୍ଷ୍ୟ ରଖିଛି ସେ ମୋର ପ୍ରତିଟି ଇଚ୍ଛାକୁ ପୂରଣ କରିଛନ୍ତି। ହେଲେ ଯିଏ ଆମକୁ ସବୁ ଦେଇଛନ୍ତି ତାଙ୍କୁ କ'ଣ ବା ଦେଇପାରିବି! ତଥାପି ମୋ ପ୍ରଥମ ରୋଜଗାରରେ ତାଙ୍କ ପାଇଁ ଏକ ଟି–ଶାର୍ଟ ଆଣିଥିଲି ଆଉ ତା'କୁ ଦେଖି ସେ ଖୁସିରେ ଯେଉଁ ପ୍ରତିକ୍ରିୟା ପ୍ରକାଶ କରିଥିଲେ ତାହା ବର୍ଣ୍ଣନା କରିବାକୁ ଭାଷା ନିଅଣ୍ଟ। ସେବେଠୁ ଅନେକଥର ବାପାଙ୍କ ପାଇଁ କିଛି ନା କିଛି କିଣିଛି, ହେଲେ ମୋର ସଫଳତାରେ ହିଁ ସେ ସବୁଠୁ ବେଶୀ ଖୁସି ହେଉଥିବା ଅନୁଭବ କରିଛି।


ବାପା ନେତ୍ରାନନ୍ଦଙ୍କ ସହ ଶ୍ରଦ୍ଧାଞ୍ଜଳି


ବାପା ଆଶୁତୋଷଙ୍କ ସହ ନୀତୀଶ

### ବାବାଙ୍କ ଖୁସି ମୋ ପାଇଁ ସବୁକିଛି

**ସଞ୍ଜୁକ୍ତା ମାଝି** (କର୍ମଜୀବୀ, ବ୍ରହ୍ମଗିରି)– ମୋର ସଫଳତା ପଛରେ ମୋ ବାବା (ପୂର୍ଣ୍ଣଚନ୍ଦ୍ର ମାଝି)ଙ୍କ ଆଶୀର୍ବାଦ ରହିଛି। ଅଭାବ, ଅସୁବିଧା ମଧ୍ୟରେ ଭାଙ୍ଗି ନ ପଡ଼ି କିପରି ଆଗକୁ ବଢ଼ିବ, ସେହି ପ୍ରେରଣା ବାବାଙ୍କଠାରୁ ପାଇଛି। ଜୀବନର ଜଞ୍ଜାଳ ମଧ୍ୟରେ ସେ ନିଜ ପାଇଁ କିଛି ନ କରି ସବୁବେଳେ ଆମର ପ୍ରତିଟି ଆବଶ୍ୟକତା ପୂରଣ କରିବା ଲାଗି ଚେଷ୍ଟା କରିଛନ୍ତି। ତେଣୁ ସ୍ନାତକ ପାସ୍ କରିବା ପରେ ବାବାଙ୍କୁ ସହଯୋଗ କରିବା ପାଇଁ ପୁରୀ ଚାଲି ଆସିଥିଲି। ଏବେ ୫ବର୍ଷରୁ ଊର୍ଦ୍ଧ୍ୱ ହେବ ପୁରୀ ଚାଇଲ୍ଡ ଲାଇନ୍‌ରେ କାଉନ୍‌ସିଲର ଭାବେ କାର୍ଯ୍ୟ କରୁଛି। ମୋର ପ୍ରଥମ ରୋଜଗାର ଟଙ୍କାରେ ବାବାଙ୍କ ପାଇଁ ଧୋତି, ଶାର୍ଟ କିଣିଥିଲି। ଏତିକିରେ ସେ ମୋ ଉପରେ ଯେଉଁ ସ୍ନେହ ଶ୍ରଦ୍ଧା ଅଜାଡ଼ି ଦେଇଥିଲେ ତାହା ବର୍ଣ୍ଣନା କରିବାକୁ ଭାଷା ନିଅଣ୍ଟ। ଝିଅମାନେ ବି ସବୁ କିଛି କରିପାରିବେ, ଏଥିଲାଗି ଧୈର୍ଯ୍ୟ ଆଉ ନିଷ୍ଠା ଦରକାର, ବାବାଙ୍କ ଏହି ଦୁଇ ପଦ ମୋତେ ଘରୁ ବାହାରି ଜୀବନରେ କିଛି କରିବା ପାଇଁ ପ୍ରେରଣା ଦେଇଛି।


ବାପା ପୂର୍ଣ୍ଣଚନ୍ଦ୍ରଙ୍କ ସହ ସଞ୍ଜୁକ୍ତା

### ଅନ୍ୟକୁ ଦେଲେ ବାପା ହୁଅନ୍ତି ଖୁସି

**ନୀତୀଶ କୁମାର ଧଳ** (ଡାକ୍ତର, ଭୁବନେଶ୍ୱର)– ମୋ ମାର୍ଗଦର୍ଶକ ହେଉଛନ୍ତି ବାପା (ଆଶୁତୋଷ ଧଳ)। ନିଜର ପ୍ରତ୍ୟେକ କାର୍ଯ୍ୟ ଏବଂ କର୍ତ୍ତବ୍ୟକୁ ନିଷ୍ଠାର ସହ ତୁଲେଇବାର କଳା ତାଙ୍କଠାରୁ ଶିଖିଛି। କାର୍ଯ୍ୟରୁ ଘରକୁ ଫେରିବା ପରେ ହେଉ କିମ୍ବା ରାତ୍ରିଭୋଜନ ପରେ ତାଙ୍କ ସହ ଅକ୍ଷୟ ମହାନ୍ତିଙ୍କ ପୁରୁଣା ଗୀତ ଶୁଣି ଚାଲିଥିବା ବେଳେ ସେ ଯେଉଁ କଥା ସବୁ କୁହନ୍ତି ତାହା ମୋ ପାଇଁ ସବୁବେଳେ ଶିକ୍ଷଣୀୟ। ସେ ହିଁ ମୋ ଆଦର୍ଶ। ମୋର ଛୋଟରୁ ବଡ଼ ପ୍ରତିଟି ଆବଶ୍ୟକତା ସେ ପୂରଣ କରିଛନ୍ତି। ତାଙ୍କ ପ୍ରେରଣା ଓ ଆଶୀର୍ବାଦରେ ଜଣେ ଡାକ୍ତର ହୋଇପାରିଛି। ମୋ ପ୍ରଥମ ଦରମାରେ ବାପାଙ୍କୁ ଗୋଟିଏ ଘଣ୍ଟା ଉପହାର ଦେଇଥିଲି। ତା' ସହ ମା', ଜେଜେମା'ଙ୍କୁ ଶାଢ଼ି ଏବଂ କିଛି ଅନାଥ ପିଲାଙ୍କୁ ଖାଇବାକୁ ଦେଇଥିଲି। ସେ ନିଜ ଉପହାରରେ ନୁହେଁ, ବରଂ ଅନାଥ ପିଲାଙ୍କ ଖୁସିରେ ଅଧିକ ଖୁସି ହୋଇଥିଲେ। ମୋର ଉନ୍ନତି ଓ ସଫଳତା ତାଙ୍କୁ ବେଶି ଖୁସିଦିଏ। ସବୁବେଳେ ନିଜ କାର୍ଯ୍ୟରେ ନିଷ୍ଠାବାନ ହୋଇ ସଫଳତା ସାଉଁଟିଲେ ତାଙ୍କୁ ତାଙ୍କ ଉପହାର ମିଳିଯିବ ବୋଲି ସେ କୁହନ୍ତି। ତାଙ୍କ କଥାକୁ ସମ୍ମାନ ଦେଇ ସମସ୍ତ କାର୍ଯ୍ୟ କରି ତାଙ୍କୁ ଖୁସି ଦେବା ମୋ ଜୀବନର ଲକ୍ଷ୍ୟ।

### ଘଣ୍ଟା ବାପାଙ୍କର ଭାରି ସଉକ

**ଶରଣାରବିନ୍ଦ ଓଝା**(ସଂଳାପ ଲେଖକ)– ପ୍ରଥମେ ଜୀବନ ଦାନ ଆଉ ତା' ପରେ ସାରା ଜୀବନ ଯିଏ ଆମକୁ ଦେଇଛନ୍ତି ତାଙ୍କୁ କିଛି ଦବା ତ ସମ୍ଭବ ନୁହେଁ, ତଥାପି ପାର୍ଥିବ ବସ୍ତୁଭାବେ ବାପା(କପିଳ ଚରଣ ଓଝା)ଙ୍କୁ ଉପହାର ଦେବାର ଚେଷ୍ଟା ମୁଁ ବି କରିଚି। ବାପାଙ୍କ ହାତଘଣ୍ଟା ଲଗାଇବାରେ ଭାରି ସଉକ। ସେଥିପାଇଁ ମୁଁ ପ୍ରଥମ ରୋଜଗାର କରିବା ପରେ ତାଙ୍କୁ ଏକ ହାତଘଣ୍ଟା ଉପହାର ଦେଇଥିଲି। ତେବେ ପ୍ରଥମ ଉପହାର ନୁହେଁ, ଏବେ ବି ଯେଉଁଠିକୁ ଗଲେ ବାପାଙ୍କ ପାଇଁ ସୁନ୍ଦର ଡିଜାଇନ୍‌ର ହାତଘଣ୍ଟା କିଣି ଆଣିଥାଏ। ଆଉ ନୂଆ ହାତଘଣ୍ଟାଟିଏ ଦେଖି ବାପା ଯେଉଁଭଳି ଖୁସି ହୁଅନ୍ତି ସେ ସମୟର ଅନୁଭୂତିକୁ ଭାଷାରେ କହିହେବ ନାହିଁ। ବହୁତ ଭଲ ଲାଗେ ଯେ ବାପା ଟିକେ ଖୁସି ହେଉଛନ୍ତି। ହାତଘଣ୍ଟାକୁ ନେଇ ଛୋଟବେଳରୁ ଏକ ସ୍ମୃତି ବି ରହିଛି, ଯାହାକୁ ଭୁଲି ହେଉନି। ଯେତେବେଳେ ଆମ ପୈତୃକ ସମ୍ପତ୍ତିର ଭାଗବଣ୍ଟା ହୋଇଥିଲା, ସେତେବେଳେ ବାପାଙ୍କର ଏକ ଭାରି ପ୍ରିୟ ହାତଘଣ୍ଟାକୁ ଭାଗ କରାଯାଇଥିଲା, ଯାହାକି ବାପାଙ୍କୁ ଭାରି କଷ୍ଟ ଦେଇଥିଲା। ଟିକେ ବଡ଼ ହୋଇଥିଲି ବୋଲି ସେ ଘଟଣାକୁ ଅନୁଭବ କରିଥିଲି। ବାପାଙ୍କ ମନର ସେଇ ଆଘାତକୁ ଭୁଲାଇବା ପାଇଁ ତାଙ୍କୁ ଅନେକ ଥର ହାତଘଣ୍ଟା ଉପହାର ଦେଇଛି।


ବାପା ଅରବିନ୍ଦଙ୍କ ସହ ଅମ୍ରିତା


ବାପା କପିଳଚରଣଙ୍କ ସହ ଶରଣ

### ଉପହାରରେ ଦେଇଥିଲି ସ୍କଲାରଶିପ୍ ଟଙ୍କା

**ଅମ୍ରିତା ପାଟ୍ଟଶାଣୀ** (ଓଡ଼ିଶୀ ନୃତ୍ୟାଙ୍ଗନା)– ଏମିତି ଦେଖିବାକୁ ଗଲେ ମା'ବାପା(ଅରବିନ୍ଦ ପାଟ୍ଟଶାଣୀ)ଙ୍କୁ ତ କିଛି ଦେଇ ହୁଏନି। ତଥାପି ତାଙ୍କୁ କ'ଣ ଗୋଟେ ଦେବି ବୋଲି ଭାବୁଥିଲି। ୧୯ ବର୍ଷ ବୟସରେ ଯେତେବେଳେ ପ୍ରଥମେ ଦିଲ୍ଲୀ ସରକାରଙ୍କ ସିସିଆରଟି ସିନିୟର ସ୍କଲାରଶିପ୍ ପାଇଥିଲି, ସେତେବେଳେ ଯାହା ବି ଅର୍ଥରାଶି ମିଳିଥିଲା ସବୁ ବାପାଙ୍କୁ ଦେଇଥିଲି। ବାପା ତ ବହୁତ ମନା କରିଥିଲେ, କିନ୍ତୁ ବହୁ କଷ୍ଟରେ ବୁଝାଇବା ପରେ ପୂରା ୨ ବର୍ଷର ସ୍କଲାରଶିପ୍ ତାଙ୍କୁ ଦେଇ ଖୁସି ହୋଇଯାଇଥିଲି। ଜଣେ ସଫଳ ନୃତ୍ୟାଙ୍ଗନା ଭାବେ ଗଢ଼ି ତୋଳିବା ପାଇଁ ବାପା ମତେ ମାତ୍ର ୬ ବର୍ଷରୁ ନାଚ ଶିଖିବାର ସୁଯୋଗ ଦେଇଥିଲେ। ଆଉ ନୃତ୍ୟାଙ୍ଗନା ଭାବେ ମତେ ଯେତେବେଳେ ପରିଚୟ ମିଳିଲା, ତାହା ତାଙ୍କ ପାଇଁ ଏକ ସୁନ୍ଦର ଉପହାର ବୋଲି ସେ କହିଥିଲେ। ବାପାଙ୍କ ଆଶୀର୍ବାଦରୁ ଏଇ କ୍ଷେତ୍ରରେ ଖୁବ୍ ସଫଳତା ପାଇଛି, ଅନେକ ପୁରସ୍କାର ବି ପାଇଛି, କିନ୍ତୁ ଆଜି ବି ବାପାଙ୍କୁ କିଛି ଦେବା ପାଇଁ ଇଚ୍ଛା ହୁଏ। ସେଥିପାଇଁ ତ ବାପାଙ୍କର ପ୍ରତ୍ୟେକ ଆବଶ୍ୟକ ସମୟରେ ଆଜି ବି ତାଙ୍କ ପାଖରେ ଛିଡ଼ା ହେଉଛି।

### ଉପହାରରେ ହୋଇଥିଲେ ଅନେକ ଖୁସି

**ରୋଜାଲିନ୍ ପଣ୍ଡା** (ନୃତ୍ୟଶିଳ୍ପୀ, ଗୋପୀନାଥପୁର, ପୁରୀ)– ମୋ ବାପା (ସୁବାସ ଚନ୍ଦ୍ର ପଣ୍ଡା) ମୋ ପାଇଁ ଆଦର୍ଶ। ପିଲାବେଳୁ ମୋର ଓଡ଼ିଶୀ ଶିଖିବାକୁ ଇଚ୍ଛା ଥିଲା। ସେ ମୋତେ ସାଇକେଲ ଆଗରେ ବସାଇ ଓଡ଼ିଶୀ ଶିଖିବା ପାଇଁ ନେବାଆଣିବା କରିଛନ୍ତି। ପ୍ରଥମେ ମଞ୍ଚରେ ଓଡ଼ିଶୀ ନାଚିବା ବେଳେ ମନରେ ଏକ ଅଜଣା ଭୟ ରହୁଥିଲା, ଯାହାକୁ ସେ ଦୂର କରିଥିଲେ। ତା' ପରଠାରୁ ମୁଁ ଆଉ ପଛକୁ କେବେ ଚାହିଁନି, ଅଥବା ଥକି ପଡ଼ିନି। ତାଙ୍କ ପ୍ରେରଣାରେ ଗତ ଦୁଇ ବର୍ଷ ହେବ ନିଜର ନୃତ୍ୟାନୁଷ୍ଠାନ ଆରମ୍ଭ କରିଛି। ଯେତେବେଳେ ବି ଅସୁବିଧାରେ ପଡ଼ିଛି, ସେ ମୋତେ ସାହସ ଦେଇଛନ୍ତି। କୌଣସି ସ୍ଥାନରେ ସମ୍ମାନିତ ହେବାର ସୁଯୋଗ ମିଳିଲେ, କେହି ପ୍ରଶଂସା କଲେ ମନେମନେ ବାବାଙ୍କୁ ଖୋଜିଥାଏ। ମନେପଡ଼ୁଛି ମୋର ପ୍ରଥମ ମଞ୍ଚ ନୃତ୍ୟ ପରିବେଷଣ ଏବଂ ପିଲାଙ୍କୁ ଶିକ୍ଷାଦାନରୁ ମିଳିଥିବା ପ୍ରଥମ ଦରମାରୁ ବାବାଙ୍କ ପାଇଁ ଗୋଟିଏ ଶାଲ, ଶାର୍ଟ କିଣିଥିଲି। ମୋର ଏହି ଛୋଟିଆ ଉପହାରରେ ବାବା ମୋ ଉପରେ ବହୁତ ଖୁସି ହୋଇଥିଲେ। ସେ ଦିନ ଅନୁଭବ କରିଥିଲି ଜୀବନରେ ବାବାଙ୍କ ସ୍ଥାନ କ'ଣ। ତେଣୁ ସବୁବେଳେ ନିଜ କାର୍ଯ୍ୟରେ ତାଙ୍କୁ ଖୁସି କରିବାକୁ ଚେଷ୍ଟା କରିବି।


ବାପା ସୁବାସଙ୍କ ସହ ରୋଜାଲିନ୍

–ଉପସ୍ଥାପନା: ପୌର୍ଣ୍ଣମାସୀ

## ୟୁଥ୍ ଆଲର୍ଟ

# ଡେସ୍କ ଜବ୍ ଓ ପିଠି ଯନ୍ତ୍ରଣା

**ବର୍ତ୍ତମାନ ଅଧିକାଂଶ ଯୁବପିଢ଼ି ଡେସ୍କ ଜବ୍ କରୁଥିବାରୁ ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ରହିବା ଦ୍ୱାରା ପିଠି ଯନ୍ତ୍ରଣା ସମସ୍ୟା ଭୋଗୁଥିବା ଦେଖିବାକୁ ମିଳୁଛି। ଯଦି ଆପଣ ଏହି ସମସ୍ୟା ଦେଇ ଗତି କରୁଛନ୍ତି, ତେବେ ଏଥିରୁ ଦୂରେଇ ରହିବା ଲାଗି କେଉଁସବୁ ଉପାୟ ଲାଭଦାୟକ ଜାଣିରଖନ୍ତୁ ସେ ସମ୍ପର୍କରେ...**



➤ଯଦି କାମ କରିବା ବେଳେ ପିଠି ଯନ୍ତ୍ରଣା ହେଉଛି, ତେବେ ଏପରି ଚେୟାର ବାଛନ୍ତୁ, ଯେଉଁଥିରେ ବସିଲେ ନା କେବଳ ଆରାମ ଲାଗିବ ବରଂ ବେକ, ପିଠି, ଅଣ୍ଟା ଜାକି ନ ହୋଇ ସିଧା ରହୁଥିବ। ଯଦି ଅଫିସ୍‌ରେ ଏପରି ଚେୟାର ନାହିଁ, ତେବେ ଆପଣ ପିଠିକୁ ସପୋର୍ଟ ଦେବା ଲାଗି ଚେୟାର୍‌ରେ ଏକ ତକିଆ ରଖି ବସିପାରିବେ।

➤ଅଫିସ୍‌ରେ ହେଉ ଅବା ଘରେ, କମ୍ପ୍ୟୁଟରରେ କାମ କରିବା ବେଳେ ନିଜର ବସିବା ଶୈଳୀ ଠିକ୍ ରଖନ୍ତୁ। କାରଣ ଅନେକେ ବସିବା ସମୟରେ ଆରାମ ଲାଗିବା ଆଳରେ ଜାକି ହୋଇ ବସନ୍ତି। ହେଲେ ଡେସ୍କ ଜବ୍‌ରେ ଦୀର୍ଘ ସମୟ ଏହି ଭୁଲ୍ ବସିବା ଶୈଳୀ ଯୋଗୁ ବେକ, ପିଠି, ଅଣ୍ଟା ଜାକି ହୋଇ ମେରୁଦଣ୍ଡରେ ଚାପ ପଡ଼ିଥାଏ ଏବଂ ବିନ୍ଧା ହୋଇଥାଏ। କେବଳ ଏତିକି ଅଧିକ ସମୟ ଏପରି ପୋଜିଶନ୍‌ରେ ରହିବା ଯୋଗୁ ସ୍ପଣ୍ଡିଲାଇଟିସ୍ ଭଳି ସମସ୍ୟା ମଧ୍ୟ ଉପୁଜିଥାଏ। ତେଣୁ ପିଠିକୁ ସିଧା ରଖି ବସନ୍ତୁ ଏବଂ ଗୋଡ଼ ଯେପରି ତଳେ ସିଧା ଲାଗୁଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

➤କାମ କରୁଥିବା ଡେସ୍କଟପ୍ ହେଉ ଅବା ଲ୍ୟାପ୍‌ଟପ୍‌ର ସ୍କ୍ରିନ୍ ଯେପରି ଆପଣଙ୍କ ଆଖି ସହ ସମାନ୍ତରାଳ ଭାବେ ରହିବ ସେଥିପ୍ରତି ବିଶେଷ ଧ୍ୟାନ ଦଅନ୍ତୁ। ନଚେତ୍ ତଳୁଆ କିମ୍ବା ଅଧିକ ଉଚ୍ଚାରେ ଥିଲେ ମୁଣ୍ଡ ନୁଆଁଇବା ଅବା ଉଠାଇ ଦୀର୍ଘ ସମୟ କାମ କରିବା ଦ୍ୱାରା ଚାପ ପଡ଼ି ବେକ ଓ ପିଠିରେ ଖୁବ୍ ଯନ୍ତ୍ରଣା ହୋଇଥାଏ।

➤ପିଠି ଯନ୍ତ୍ରଣା ହେଉଥିଲେ ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି ରହି କାମ ନ କରି ମଝିରେ ମଝିରେ ସିଟ୍‌ରୁ ଉଠି ଅଳ୍ପ ଚାଲନ୍ତୁ ଏବଂ ହାତ ଉଠାଇବା, ବେକ ଏବଂ ପିଠିକୁ ରିଲାକ୍ସ କରିବା ଭଳି ହାଲୁକା ଏକ୍ସରସାଇଜ୍ କରନ୍ତୁ।

➤ଡେସ୍କ ଜବ୍ କରୁଥିଲେ ଘରେ ପ୍ରତିଦିନ କିଛି ସମୟ ଯୋଗ, ବ୍ୟାୟାମ କରନ୍ତୁ। ଏହା ପିଠି ଯନ୍ତ୍ରଣା କମ୍ କରିବାରେ ସାହାଯ୍ୟ କରିବ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଓଡ଼ିଶା ୪ଗୁଣା୧୦୦ମିଟର ମହିଳାଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୧୭।୬(ସରୋଜ ଜେନା)**

ମହିଳା ୪ଗୁଣା୧୦୦ମିଟର ଦୌଡରେ ଓଡ଼ିଶା ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ଦଳ ୪୬.୬୮ ସେକେଣ୍ଡର ଟାଇମିଂ ସହିତ ତୃତୀୟ ସ୍ଥାନରେ ରହିଥିଲା। ସୁଖୀ ବାସ୍କେ, ସବିତା ଟପ୍ପୋ, ବନିତା ଲାକ୍ରା ଓ ଶ୍ରାବଣୀ ନନ୍ଦ ଓଡ଼ିଶା ଦଳରେ ରହିଥିବା ବେଳେ ଶ୍ରାବଣୀଙ୍କର ଏହା ଦ୍ୱିତୀୟ ପଦକ। ଏହା ପୂର୍ବରୁ ୧୦୦ ମିଟର ସ୍ପ୍ରିଣ୍ଟରେ ସେ ରୌପ୍ୟ ପଦକ ହାସଲ କରିଥିଲେ। କେରଳ ଦଳ ୪୬.୩୫ ସେକେଣ୍ଡର ଟାଇମିଂ ସହିତ ସ୍ୱର୍ଣ୍ଣ ଓ ଆନ୍ଧ୍ର ପ୍ରଦେଶ ୪୬.୬୧ ସେକେଣ୍ଡର ଟାଇମିଂ ସହ ରୌପ୍ୟ ପଦକ ହାସଲ କରିଥିଲା।

# ୧୨ ଆଥ୍‌ଲେଟଙ୍କୁ ଏସିଆନ ଗେମ୍ସ ଯୋଗ୍ୟତା

**ଭୁବନେଶ୍ୱର, ୧୭।୬(ସରୋଜ ଜେନା)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ ମିଟ୍‌ର ତୃତୀୟ ଦିବସରେ ୧୨ ଜଣ ଖେଳାଳି ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୧୦୦ ମିଟର ବାଧାଦୌଡ଼ରୁ ଜ୍ୟୋତି ୟାରାଜୀ, ଆର୍. ନିତ୍ୟା ଓ ଅଗସରା ନନ୍ଦିନୀ, ମହିଳା ପୋଲଭଲ୍ଟର ପବିତ୍ରା ଭେଙ୍କଟେଶ, ହାଇଜମ୍ପର ସର୍ବେଶ ଅନିଲ କୁଶାରେ ଓ କର୍ନାଟକର ଜେସେ ସନ୍ଦେଶ, ମହିଳା ହେପ୍ଟାଥଲନରେ ସ୍ୱପ୍ନା ବର୍ମନ, ଅଗସରା ନନ୍ଦିନୀ, ଟ୍ରିପଲ ଜମ୍ପରେ ପ୍ରବୀଣ ଚିତ୍ରଭେଲ, ଅବଦୁଲ୍ଲା ଆବୁ ବକର ଓ ଏଲଧୋସ୍ ପଲ ଏବଂ ଡେକାଥଲନରେ ତେଜସ୍ୱିନ ଶଙ୍କର ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ୧୦୦ ମିଟର ବାଧାଦୌଡ ଫାଇନାଲରେ ଜ୍ୟୋତି ୟାରାଜୀ ୧୨.୯୨ ସେକେଣ୍ଡର ଟାଇମିଂ ସହିତ ପ୍ରଥମ ସ୍ଥାନ ହାସଲ କରିଥିଲେ। ନିତ୍ୟା ୧୩.୪୮ ସେକେଣ୍ଡ ଓ ନନ୍ଦିନୀ ୧୩.୫୫ ସେକେଣ୍ଡର ସମୟ ନେଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଓଡ଼ିଶାର ପ୍ରଜ୍ଞା ପ୍ରଶାନ୍ତ ସାହୁ ରେସ୍ ଫିନିଶ କରି ନ ଥିବା ବେଳେ ସବିତା ଟପ୍ପୋ ମଧ ୧୪.୬୩ ସେକେଣ୍ଡର ଟାଇମିଂ ସହିତ ରେସ୍ ଫିନିଶ କରିଥିଲେ। ହାଇଜମ୍ପରେ ପ୍ରଥମ ଦୁଇ ସ୍ଥାନରେ ରହିବା ସହିତ ମହାରାଷ୍ଟ୍ରର ସର୍ବେଶ ଅନିଲ କୁଶାରେ ଓ କର୍ନାଟକର ଜେସେ ସନ୍ଦେଶ ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଉଭୟ ୨.୨୪ ମିଟର ଡେଇଁଥିଲେ।

ହେପ୍ଟାଥଲନରେ ମଧ୍ୟପ୍ରଦେଶର ସ୍ୱପ୍ନା ବର୍ମନ ୫୯୧୮ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିଲେ। ତେଲଙ୍ଗାନାର ଅଗସରା ନନ୍ଦିନୀ(୫୭୦୩ ପଏଣ୍ଟ) ଓ ଆନ୍ଧ୍ର ପ୍ରଦେଶର ସୋମିୟା ମୁରୁଗନ (୫୩୨୩ ପଏଣ୍ଟ) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ ୫୨୯୫ ପଏଣ୍ଟ ସହିତ ଚତୁର୍ଥ ସ୍ଥାନରେ ରହିଥିଲେ।


ପୂର୍ଣ୍ଣିମା ହେମ୍ବ୍ରମ

### ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ ମିଟ୍

### ଅଖିଳେଶଙ୍କ ଗୋଡ଼ ଭାଙ୍ଗିଲା

ଶନିବାର ପୁରୁଷ ଟ୍ରିପଲ ଜମ୍ପ ଇଭେଣ୍ଟ ଅବସରରେ ଗୁରୁତର ଆଘାତ ପାଇଥିଲେ କର୍ନାଟକର ଅଖିଳେଶ। ତାଙ୍କ ଡାହାଣ ଗୋଡ଼ ଭାଙ୍ଗି ଯାଇଥିଲା। ପଡ଼ିଆରେ ପ୍ରାରମ୍ଭିକ ଚିକିତ୍ସା ପରେ ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା।


ପୋଲଭଲ୍ଟ ଅବସରରେ ଜଣେ ମହିଳା ପ୍ରତିଯୋଗୀ। ଫଟୋ: ବିକାଶ ନାୟକ

### ତୃତୀୟ ଦିନର ଇଭେଣ୍ଟ

ପୁରୁଷ ୧୧୦ ମିଟର ହର୍ଡଲ୍ସ: ତେଜସ୍ ଅଶୋକ ଶୀର୍ଷେ(ମହାରାଷ୍ଟ୍ର)-୧୩.୮୭, ସଚିନ୍ ବିନୁ(କେରଳ)-୧୩.୯୯, ରୋନାଲ୍ଡ ବାବୁ(ମଧ୍ୟ ପ୍ରଦେଶ)-୧୪.୨୪।
ମହିଳା ୧୦୦ ମିଟର ହର୍ଡଲ୍ସ: ଜ୍ୟୋତି ୟାରାଜୀ(ଆନ୍ଧ୍ରପ୍ରଦେଶ)-୧୨.୯୨, ଆର୍. ନିତ୍ୟା(ତାମିଲନାଡୁ)-୧୩.୪୮, ଅଗସରା ନନ୍ଦିନୀ(ତେଲଙ୍ଗାନା)-୧୩.୫୫।
ହାମର ଥ୍ରୋ(ପୁରୁଷ): ତନଭୀର ସିଂ ବେଂସ(ପଞ୍ଜାବ)-୬୮.୦୭ ମି., ନୀତେଶ ପୁନିଆ(ରାଜସ୍ଥାନ)-୬୭.୧୦ ମି., ଦମନୀତ୍ ସିଂ(ପଞ୍ଜାବ)-୬୫.୮୬ମି.।
ମହିଳା ପୋଲଭଲ୍ଟ: ପବିତ୍ରା ଭେଙ୍କଟେଶ(ତାମିଲନାଡୁ)-୪.୧୦ ମି., ଜି. ସିନ୍ଧୁଶ୍ରୀ(କର୍ନାଟକ)-୩.୮୦ ମିଟର, ବଂଶିକା ଘଂଘାସ(ହରିୟାଣା)-୩.୪୦ ମିଟର।
ହାଇଜମ୍ପ: ସର୍ବେଶ ଅନୀଲ କୁଶାରେ(ମହାରାଷ୍ଟ୍ର)-୨.୨୪ ମି., ଜେସେ ସନ୍ଦେଶ(କର୍ନାଟକ)-୨.୨୪ ମି., ଭାରତୀ ବିଶ୍ୱନାଥନ(ତାମିଲନାଡୁ)-୨.୧୭ ମି.।
ହେପ୍ଟାଥଲନ୍: ସ୍ୱପ୍ନା ବର୍ମନ(ମଧ୍ୟପ୍ରଦେଶ)-୫୯୧୮ ପଏଣ୍ଟ, ଅଗସରା ନନ୍ଦିନୀ(ତେଲଙ୍ଗାନା)-୫୭୦୩ ପଏଣ୍ଟ, ସୋମିୟା ମୁରୁଗନ୍(ଆନ୍ଧ୍ର ପ୍ରଦେଶ)-୫୩୨୩।
ଡେକାଥଲନ୍: ତେଜସ୍ୱିନ୍ ଶଙ୍କର(ନୂଆଦିଲ୍ଲୀ)-୭୫୭୬ ପଏଣ୍ଟ, ୟମନ୍ ଦୀପ୍ ଶର୍ମା(ରାଜସ୍ଥାନ)-୭୧୬୫ ପଏଣ୍ଟ, ଏସ୍. ଗୋକୁଳ(କେରଳ) ୬୯୩୭ ପଏଣ୍ଟ।

### ଓଡ଼ିଶା ପୁରୁଷ ରିଲେ ଦଳକୁ ରୌପ୍ୟ

ପୁରୁଷ ୪ଗୁଣା ୧୦୦ମିଟର ଦୌଡ଼ରେ ଓଡ଼ିଶା ରୌପ୍ୟ ପଦକ ହାସଲ କରିଛି। ଅଭିଷେକ ଦଳବେହେରା, ଦଣ୍ଡପତି ଜୟରାମ, ଲାଲୁ ପ୍ରସାଦ ଭୋଇ ଓ ଅମୀୟ ମଲିକଙ୍କ ଓଡ଼ିଶା ରିଲେ ଦଳ ୪୦.୨୪ ସେକେଣ୍ଡର ଟାଇମିଂ ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲା। ତାମିଲନାଡୁ ରିଲେ ଦଳ ୪୦.୧୫ ସେକେଣ୍ଡର ଟାଇମିଂ ସହିତ ପ୍ରଥମ ସ୍ଥାନ ହାସଲ କରିଥିଲା। ପଞ୍ଜାବ ୪୧.୦୫ ସେକେଣ୍ଡର ଟାଇମିଂ ସହ ତୃତୀୟ ସ୍ଥାନରେ ରହିଥିଲା।


୧୦୦ ମିଟର ମହିଳା ହର୍ଡଲ୍ସ ଇଭେଣ୍ଟ ଜିତିବାପରେ ଆନ୍ଧ୍ର ପ୍ରଦେଶର ଜ୍ୟୋତି ୟାରାଜି।

**Classified Everyday 0674-2580101, 2549949**


MATRIMONIAL

**BRIDE WANTED**

Karan boy 1995, 5'11" B.Sc., PGDCA, Diploma Coir Technology Serving Bhubaneswar, "SUNASANSAR". 9937512659, 8249969649. D-74871

Match for MBBS Doctor Hindu Bengali boy, age 41 yrs, 5ft 9ht, near Pune, Caste/Language no bar. Doctor, Dentist/ other education people ready to relocate contact 8378050149, 8329865948. D-0591

**GROOM WANTED**

Suitable match required for a smart, beautiful, fair, 25+ years B-Tech MBA, Odia Khandayat girl working in strategy consulting firm. MBA/ MTech, Khandayat groom preferred. Kindly contact 9167149844. D-0559

45 ବର୍ଷର ମହିଳା Govt. Schoolରେ Teacher ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 8455853154. D-0597


REAL ESTATE

**SALE**

ଆମର ପୈତୃକ ସମ୍ପତ୍ତି ଖୋର୍ଦ୍ଧା ମ୍ୟୁନିସିପାଲିଟି ଅଫିସ ପାଖରେ ଅବସ୍ଥିତ 5700sqft. ଜାଗା ସହିତ ବିଲ୍ଡିଙ୍ଗ୍ ବିକ୍ରି ହେବାର ଅଛି। ସାମର୍ଥ୍ୟ ପ୍ରାର୍ଥୀ ମୋବାଇଲ ନଂ.- 9438296658/ 07725069455 ଯୋଗାଯୋଗ କରନ୍ତୁ। ୪-୦୫୯୪

**1/2/3 BHK ready to move apartment for sale at DHPL Platinum, Pahal. 1BHK starting at Rs. 33,50,000/-. Contact 9937059891.** D-0495

Duplex sale at Bhubaneswar 57 lakhs, and Apartment near Sum Hospital 90 lakhs. 9777433701. D-74872

ଗୃହୋପଯୋଗୀ ସ୍ଥିତିବାନ୍ ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି। 7787017414. D-74874

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft- 3,60,000/-, ଛତାବର 1200sqft- 3,00,000/- ନଖରା- 300/- 6371569855. D-74870

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452.** D-74696

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC Plot ବିକ୍ରିହେବ- 7978534540. D-74873




2BHK flat main road Soubhagyanagar, Unit-8 for Office/ residence. 9000004523. D-0599

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit sworn before the Notary Public, Sunabeda, on dated 17.06.2023, I solemnly affirm and state that in my CBSE Certificate my father's name is wrongly recorded as Prabina Nayak instead of Prabina Kumar Nayak. My father's correct name is Prabina Kumar Nayak which is recorded in my Aadhaar Card bearing No. XXXXXXXX6891, That PRABINA KUMAR NAYAK and PRABINA NAYAK is one and the same person. D-0600

As per Affidavit before the Notary Public, Bonai. I Prasanta Kumar Mohanty, R/o- Village / P.O. Tensa, Dist-. Sundargarh declare that my actual and correct name is Prasanta Kumar Mohanty. But by mistake it has been recorded as Prashant Kumar Mohanty in my daughter's (Pinushree Mohanty) ICSE Certificate, New Delhi. That Prasanta Kumar Mohanty and Prashant Kumar Mohanty is one and same person. D-0601

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ବିବାହ ବାର୍ଷିକ ଶୁଭେଚ୍ଛା**


ସୁନୀଲ ମହାପାତ୍ର ସୌମ୍ୟା ପଟ୍ଟନାୟକ

ପିତା ମାତାଙ୍କ ସେବା, ବନ୍ଧୁବର୍ଗ ଓ ପାରିବାରିକ ପବିତ୍ର ସମ୍ପର୍କକୁ ଆନନ୍ଦମୟ କରିବାର ଇଚ୍ଛାଶକ୍ତି ରୂପକ ବରଦାନ ମଙ୍ଗଳମୟ ତୁମମାନଙ୍କ ଦୀର୍ଘାୟୁ ଜୀବନରେ ଚିରନ୍ତନ କରନ୍ତୁ। ବିବାହ ବନ୍ଧନର ରୌପ୍ୟ କୁହୁଳି ଅବସରରେ ରଙ୍ଗାଧରଙ୍କ ଚରଣ କମଳରେ ବୋଉ ଓ ବାପାଙ୍କ ବିନମ୍ର ନିବେଦନ। D-0598




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74695

**Relax, Refresh your Body, Mind at Saikrupa Spa with best therapies. 8984068077.** D-0536

Newly open Salon/ SPA with expert therapist (health benefits). 8114322659. D-75120

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ବେଦାନ୍ତ ଛାତ୍ରଙ୍କ କୃତିତ୍ୱ



ସଞ୍ଜୟ ମାଝି ଓ ବିକ୍ରମ ମାଝି

**ଭୁବନେଶ୍ୱର, ୧୭।୬(ଅଭୟ ଦାଶ)**

ଜାତୀୟ ତୀରନ୍ଦାଜ ପ୍ରତିଯୋଗିତା ୨୦୨୩ରେ ବେଦାନ୍ତ ଛାତ୍ରଙ୍କୁ ସଫଳତା ମିଳିଛି। ୮ଜଣିଆ ଓଡ଼ିଶା ଦଳରେ ବେଦାନ୍ତ ଲାଞ୍ଜିଗଡର ସଞ୍ଜୟ ମାଝି ଓ ବିକ୍ରମ ମାଝି ସାମିଲ ଥିଲେ। ୯-୧୨ ଜୁନ୍ ମଧ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୨୮ ରାଜ୍ୟର ୧୫୦ରୁ ଅଧିକ ପ୍ରତିଯୋଗୀ ଏଥିରେ ସାମିଲ ଥିବା ବେଳେ ଓଡ଼ିଶା ତୃତୀୟ ସ୍ଥାନରେ ରହିଥିଲା। ବେଦାନ୍ତ ଆଲୁମିନିୟମର ୧୫ରୁ ଅଧିକ ଛାତ୍ର ଜାତୀୟ ସ୍ତରରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବା ବେଳେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ୩୭ଟି ପଦକ ଜିତିଛନ୍ତି। ଲାଞ୍ଜିଗଡ ସ୍ଥିତି କେନ୍ଦ୍ରରେ ୪୦ରୁ ଅଧିକ ଛାତ୍ର ତୀର ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ବେଦାନ୍ତ ଛାତ୍ରଙ୍କ କୃତିତ୍ୱ ନାଜି ଓ ୬୦ ଛାତ୍ର କରାଟେରେ ପ୍ରଶିକ୍ଷଣ ନେଉଛନ୍ତି।

## ଆଫଗାନିସ୍ତାନକୁ ୫୪୬ ରନରେ ହରାଇଲା ବାଂଲାଦେଶ

**ମୀରପୁର, ୧୭।୬(ଏପି)**

ସ୍ଥାନୀୟ ଶେର ବାଂଲା ନ୍ୟାଶନାଲ ଷ୍ଟାଡିୟମରେ ଖେଳାଯାଇଥିବା ଏକମାତ୍ର ଟେଷ୍ଟ ମ୍ୟାଚରେ ବାଂଲାଦେଶ ୫୪୬ ରନରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ରନ ଦୃଷ୍ଟିକୋଣରୁ ଏକ ଟେଷ୍ଟ ମ୍ୟାଚରେ ବାଂଲାଦେଶର ଏହା ହେଉଛି ସର୍ବବୃହତ୍ ଏବଂ କ୍ରିକେଟ ଇତିହାସରେ ତୃତୀୟ ବୃହତ୍ ବିଜୟ। ମ୍ୟାଚରେ କଷ୍ଟସାଧ୍ୟ ୬୬୨ ରନର ବିଜୟ ଲକ୍ଷ୍ୟର ପିଛା କରି ଭ୍ରମଣକାରୀ ଦଳ ଶନିବାର ଖେଳର ଚତୁର୍ଥ ଦିବସରେ ୧୧୫ ରନ କରି ଅଲଆଉଟ ହୋଇଯାଇଥିଲା। ବାଂଲାଦେଶ ଫାଷ୍ଟ ବୋଲର ଟସ୍କିନ ଅହମଦ ତାଙ୍କ କ୍ୟାରିୟର ଶ୍ରେଷ୍ଠ ବୋଲିଂ କରି ୩୭ରନ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ଦଳକୁ ଜିତାଇବାରେ ନାଜମୁଲ ହୋସେନ ଶାନ୍ତୋଙ୍କ ଭୂମିକା ଉଲ୍ଲେଖନୀୟ ରହିଥିଲା। ସେ ପ୍ରତି ଇନିଂସରେ ଶତକ ହାସଲ କରିଥିଲେ। ଏହି ସଫଳତା ହାସଲ କରିବାରେ ସେ ବାଂଲାଦେଶର ବ୍ୟାଟର। ପୂର୍ବରୁ ବାଂଲାଦେଶ ଏହାର ସର୍ବବୃହତ୍ ବିଜୟ ୨୦୦୫ରେ ଜିମ୍ବାୱେ ବିପକ୍ଷରେ ୨୨୬ ରନରେ ହାସଲ କରିଥିଲା। ଟେଷ୍ଟ କ୍ରିକେଟ ଇତିହାସରେ ସବୁଠାରୁ ଅଧିକ ରନରେ ବିଜୟ ହାସଲ କରିଥିବା ଦଳ ହେଉଛି ଇଂଲଣ୍ଡ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ: ୩୮୨
ଆଫଗାନିସ୍ତାନ ପ୍ରଥମ ଇନିଂସ: ୧୪୬
ବାଂଲାଦେଶ ଦ୍ୱିତୀୟ ଇନିଂସ: ୪୨୫/୪, ଘୋଷଣା।
ଆଫଗାନିସ୍ତାନ ଦ୍ୱିତୀୟ ଇନିଂସ: ୧୧୫/ଅଲଆଉଟ (ରହମତ ଶାହା-୩୦, କରିମ ଜନତ-୧୮; ଟସ୍କିନ ଅହମଦ-୪/୩୭, ଶୋରିଫୁଲ ଇସ୍‌ଲାମ-୩/୨୮)।

# ଭାରତ-ଲେବାନନ୍ ଫାଇନାଲ ଆଜି

**ଭୁବନେଶ୍ୱର, ୧୭।୬ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ରବିବାର ଅନୁଷ୍ଠିତ ହେବ। ଫାଇନାଲରେ ପରସ୍ପରର ସମ୍ମୁଖୀନ ହେବେ ଭାରତ ଓ ଲେବାନନ। ଲିଗ୍ ପର୍ଯ୍ୟାୟରେ ଉଭୟ ଦଳ ଅପରାଜେୟ ଅଛନ୍ତି। ଗତ ୧୫ ତାରିଖରେ ଉଭୟ ଦଳ ପରସ୍ପରକୁ ଭେଟିଥିବାବେଳେ ମ୍ୟାଚଟି ଗୋଲଶୂନ୍ୟ ଡ୍ର ରହିଥିଲା। ତେଣୁ ଟାଇଟଲ ପାଇଁ କଡ଼ା ଟକ୍କର ହେବା ସମ୍ଭାବନା ରହିଛି। ଗୋଲ ବରଣ କରିନାହିଁ ଭାରତ

ସବୁଠାରୁ ବଡ଼କଥା ହେଲା ଭାରତ ଚଳିତ ସଂସ୍କରଣରେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ଗୋଲ ବରଣ କରିନାହିଁ। ମାତ୍ର ୩ଟି ଗୋଲ ସ୍କୋର କରିଥିଲେ ହେଁ ୩ ମ୍ୟାଚରୁ ୭ ପଏଣ୍ଟ ପାଇ ଟେବୁଲ ଟପ୍ପର ହୋଇଛି। ଅନ୍ୟପକ୍ଷରେ ଲେବାନନ ୫ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଦଳ ମଧ୍ୟ ମାତ୍ର ୩ଟି ଗୋଲ ସ୍କୋର କରିଛି। ତେବେ ଗୋଟିଏ ଅପେକ୍ଷାକୃତ ଦୁର୍ବଳ ଦଳ ଭାନୁଆଟୁ ଗୋଲ ବରଣ କରିଛି, ତାହାପୁଣି ବିପକ୍ଷରେ। ମଙ୍ଗୋଲିଆକୁ ୨-୦ ଗୋଲରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ଭାନୁଆଟୁଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇ ୮୦ତମ ମିନିଟରେ ସୁନୀଲ ଛେତ୍ରୀଙ୍କ ଗୋଲ ବଳରେ ୧-୦ରେ ବିଜୟଲାଭ କରିଥିଲା। ଲେବାନନ ବିପକ୍ଷରେ ଅନେକ ସୁଯୋଗ ମିଳିଥିଲେ ହେଁ ଗୋଲ ସ୍କୋର ହୋଇପାରି ନ ଥିଲା।

ଅନ୍ୟପକ୍ଷରେ ଲେବାନନ ନିଜର ପ୍ରଥମ ମ୍ୟାଚରେ ଭାନୁଆଟୁକୁ ୩-୧ ଗୋଲରେ ହରାଇଥିବାବେଳେ ମଙ୍ଗୋଲିଆ ଓ ଭାରତ ବିପକ୍ଷ ମ୍ୟାଚକୁ ୦-୦ରେ ଡ୍ର ରଖିଥିଲା। ଲେବାନନ (୯୯) ଓ ଭାରତ (୧୦୧) ର୍ୟାଙ୍କିଙ୍ଗ୍ ମଧ୍ୟରେ ବିଶେଷ ବ୍ୟବଧାନ ନାହିଁ। ତେଣୁ ଏକ ରୋମାଞ୍ଚକ ଲଢ଼େଇକୁ ଫୁଟବଲ ପ୍ରେମୀଙ୍କ ଅପେକ୍ଷା ରହିଛି।


ଶନିବାର ଟ୍ରଫି ନିକଟରେ ଦୁଇ କୋଚ୍ ଆଲେକଜାଣ୍ଡର ଲିକ୍ ଓ ଇଗର ଷ୍ଟିମାକ୍।

**ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟ୍‌ବଲ**

## ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଥିଲା

ଇଣ୍ଟରକଣ୍ଟିନେଣ୍ଟାଲ କପ୍‌ର ପ୍ରଥମ ସଂସ୍କରଣ ୨୦୧୮ରେ ମୁମ୍ବାଇରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ଚାମ୍ପିୟନ ହୋଇଥିଲା। ପ୍ରତିଯୋଗିତାକୁ ନେଇ ଭାରତର ଅନେକ ସ୍ମରଣୀୟ ସ୍ମୃତି ରହିଛି। ୨୦୧୮ରେ ଚାଇନିଜ୍ ତାଇପେ ବିପକ୍ଷ ଓପନିଂ ମ୍ୟାଚରେ ଭାରତୀୟ ଦଳ ଆଧିପତ୍ୟ ବିସ୍ତାର କରି ୫-୦ ଗୋଲରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ସୁନୀଲ ଛେତ୍ରୀ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ଭାରତ ଏହାର ଦ୍ୱିତୀୟ ମ୍ୟାଚରେ କେନିୟାକୁ ୩-୦ ଓ ତୃତୀୟ ଗେମ୍‌ରେ ନ୍ୟୁଜିଲାଣ୍ଡକୁ ୨-୧ ଗୋଲରେ ହରାଇଥିଲା। ଫାଇନାଲରେ କେନିୟାକୁ ୨-୦ ଗୋଲରେ ହରାଇ ଭାରତ ଟାଇଟଲ ଅର୍ଜନ କରିଥିଲା। ୨୦୧୯ରେ ଅନୁଷ୍ଠିତ ଗତ ସଂସ୍କରଣରେ ଭାରତର ପ୍ରଦର୍ଶନ ଆଶାନୁରୂପ ରହି ନ ଥିଲା। ଫାଇନାଲରେ ତାଜିକସ୍ତାନକୁ ହରାଇ ଉତ୍ତର କୋରିଆ ଚାମ୍ପିୟନ ହୋଇଥିଲା।

## ଆମ ଖେଳାଳି ଦୃଢ଼ ଆତ୍ମବିଶ୍ୱାସର ସହ ଖେଳୁଛନ୍ତି

"ଲେବାନନ ବିପକ୍ଷ ପୂର୍ବ ମ୍ୟାଚରେ ଆମେ ସୁନ୍ଦର ବିଜୟ୍ ହାସଲ କରିପାରିଥାନ୍ତୁ, ମାତ୍ର ତାହା ହୋଇ ନ ଥିଲା। ମାତ୍ର ଫିନିଶିଂ କରିପାରି ନ ଥିଲେ ମଧ ଆମ ଖେଳାଳିମାନେ ଓଭରଅଲ୍ ଚମତ୍କାର ପ୍ରଦର୍ଶନ କରିଥିଲେ। ବିଶେଷକରି ଆମର ରକ୍ଷଣଭାଗ ଅତ୍ୟନ୍ତ ଦୃଢ଼ ଥିଲା। ଆଗାମୀ ମ୍ୟାଚରେ ନିଶ୍ଚିତ ଗୋଲ ସ୍କୋର ହେବ। ଆମ ପିଲାମାନେ ଯଦି ସ୍କୋରିଂ ସୁଯୋଗ ସୃଷ୍ଟି କରି ନ ଥାନ୍ତେ ତେବେ ମୁଁ ଚିନ୍ତିତ ହୋଇଥାନ୍ତି। ଏକାଧିକ ସୁଯୋଗ ସୃଷ୍ଟି କରାଯାଇଥିଲା। ଆମ ଖେଳାଳିମାନେ ଦୃଢ଼ ବିଶ୍ୱାସର ସହ ଖେଳୁଛନ୍ତି। ଆମେ ସେମାନଙ୍କୁ ସମର୍ଥନ କରିବା ଆବଶ୍ୟକ ଅଛି। ଏହା ହେଲେ ସେମାନେ ନିଶ୍ଚିତ ଆହୁରି ଉନ୍ନତ ପ୍ରଦର୍ଶନ କରିବେ। ଲେବାନନ ଦଳର ୪-୫ ଜଣ ଖେଳାଳି ବିଦେଶରେ ଖେଳିବା ଅଭିଜ୍ଞତା ରଖିଛନ୍ତି। ଉତ୍ତମ ପାସିଂ ସହିତ ବୈଷୟିକଭାବେ ଏହା ଏକ ଦୃଢ଼ ଦଳ। ବ୍ୟକ୍ତିଗତ ଚତୁରତା ବଳରେ କୌଣସି ଖେଳାଳି ଆମକୁ କ୍ଷତି ପହଞ୍ଚାଇ ପାରନ୍ତି। ତେଣୁ ଆମକୁ ସତର୍କ ରହିବାକୁ ପଡ଼ିବ।

-**ଇଗର ଷ୍ଟିମାକ୍**, ଭାରତୀୟ ଦଳର ମୁଖ୍ୟ କୋଚ୍

## ଇତିହାସ ରଚିବା ଲକ୍ଷ୍ୟ ରହିଛି

"ଭାରତୀୟ ଫୁଟବଲ ଦଳ ଗତ ୧୦ ବର୍ଷ ମଧ୍ୟରେ ଆଶାତୀତଭାବେ ଉନ୍ନତି କରିଛି। ସେତେବେଳର ଏବଂ ଏବକାର ଫୁଟବଲ ଦଳ ମଧ୍ୟରେ ଅନେକ ପ୍ରଭେଦ ରହିଛି। ଚଳିତ ଟୁର୍ନାମେଣ୍ଟରେ ଭାରତ ପ୍ରତି ଗେମ୍‌ରେ ଅତ୍ୟଧିକ ଖେଳାଳି ରୋଟେଟ କରିଛି। ଏହା ସତ୍ତ୍ୱେ କୌଣସି ଖେଳାଳିଙ୍କ ପ୍ରଦର୍ଶନରେ ଭିନ୍ନତା ପରିଲକ୍ଷିତ ହୋଇନାହିଁ। ଲେବାନନ ଶେଷଥର ପାଇଁ ୧୯୬୪ରେ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଜିତିଥିଲା। ଏଥର ଟାଇଟଲ ଶୂନ୍ୟତା ଭାଙ୍ଗି ଆମେ ଇତିହାସ ରଚିବା ଲକ୍ଷ୍ୟରେ ରହିଛୁ।

-**ଆଲେକଜାଣ୍ଡର ଲିକ୍**
ଲେବାନନ କୋଚ୍।

## ସ୍ୱତନ୍ତ୍ର ଅନୁଭୂତି ମିଳିଛି

"ମୁଁ ଓଡ଼ିଶା ଏଫ୍‌ସି ପକ୍ଷରୁ ଗୋଲକିପିଂ କରିଆସୁଛି। ତେଣୁ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳିବା ମୋ ପାଇଁ ସ୍ୱତନ୍ତ୍ର। ସନ୍ଦେଶ ଝିଙ୍ଗାନ ଓ ଅନୱର ଅଲୀ ସମ୍ମୁଖରେ ରହୁଥିବାରୁ ଆତ୍ମବିଶ୍ୱାସ ଦୃଢ଼ ରହୁଛି। ଜଣେ ଗୋଲକିପରଭାବେ କମ୍ୟୁନିକେଶନ ଅତ୍ୟନ୍ତ ଜରୁରୀ। ଏ ଦୁଇଜଣଙ୍କୁ ଅଧିକ କିଛି କହୁ ନ ଥିଲେ ମଧ୍ୟ ସବୁକାର୍ଯ୍ୟ ସହଜରେ ହୋଇଯାଉଛି। ଆମ ସମସ୍ତଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଅଛି"।


-ଅମରିନ୍ଦର ସିଂ, ଭାରତୀୟ ଗୋଲକିପର

# ଅମନଦୀପ, ସୁଦୀପ, ସୁନୀତଙ୍କୁ ସମ୍ବର୍ଦ୍ଧନା



କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସହ ଅମନଦୀପ ଲାକ୍ରା, ସୁଦୀପ ଚିର୍‌ମାକୋ ଓ ସୁନିତ ଲାକ୍ରା

**ଭୁବନେଶ୍ୱର, ୧୭।୬ (ବିଜୟ ରଣା)**

ଓମାନଠାରେ ଅନୁଷ୍ଠିତ ଜୁନିୟର ଏସିଆ କପ୍ ହକି ଟୁର୍ନାମେଣ୍ଟରେ ବିଜୟୀ ଭାରତୀୟ ହକି ଦଳର ଅଂଶ ବିଶେଷ ଥିବା ଓଡ଼ିଶାର ୩ ଖେଳାଳି ଅମନଦୀପ ଲାକ୍ରା, ସୁଦୀପ ଚିର୍‌ମାକୋ ଓ ସୁନିତ ଲାକ୍ରାଙ୍କୁ ଶନିବାର ରାଜ୍ୟ କ୍ରୀଡ଼ା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତୀ ବେହେରା ଆର୍ଥିକ ପୁରସ୍କାର ସହ ସମ୍ବର୍ଦ୍ଧିତ କରିଛନ୍ତି। ଏହି ୩ଜଣ ହେଉଛନ୍ତି ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲ (ପାନ୍‌ପୋଷ)ର ଖେଳାଳି। ମନ୍ତ୍ରୀ ପ୍ରତ୍ୟେକ ଖେଳାଳିଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିଛନ୍ତି। ଜୁନିୟର ପୁରୁଷ ଏସିଆ କପ୍ ହକି ଟୁର୍ନାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରି ଅମନଦୀପ, ସୁଦୀପ ଓ ସୁନୀତ ଆମ ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିଛନ୍ତି। ସେ ହକିରେ ଆଗକୁ ଯିବା ଲାଗି ଲକ୍ଷ୍ୟ ରଖିଥିବା ଖେଳାଳିଙ୍କ ଲାଗି ପ୍ରେରଣାର ଉତ୍ସ। କ୍ରୀଡ଼ାମନ୍ତ୍ରୀ ଓଡ଼ିଶାର ଏହି ୩ ଖେଳାଳିଙ୍କ ଉତ୍ତରୋତ୍ତର କାମନା କରିବା ସହ ଓଡ଼ିଶା ତରଫରୁ ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ ପ୍ରଦନା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଟୁର୍ନାମେଣ୍ଟରେ ଭାରତ ଅପରାଜେୟ ରହିବା ସହ ପାକିସ୍ତାନରେ ଫାଇନାଲରେ ୨-୧ ଗୋଲ୍‌ରେ ପରାସ୍ତ କରିଥିଲା। ସୁଦୀପ, ଅମନଦୀପ ଓ ସୁନିତ ଭାରତର ସମସ୍ତ ୬ଟି ମ୍ୟାଚରେ ଖେଳିଥିଲେ। ଅମନଦୀପ ଓ ସୁନୀତ ଦୁଇଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ଅମନଦୀପ ଲାକ୍ରା କହିଥିଲେ, ଏହି ଐତିହାସିକ ସଫଳତା ସେମାନଙ୍କ ପାଇଁ ପରିଚୟ ସୃଷ୍ଟି କରିପାରିଛି। ଦେଶକୁ ଟ୍ରଫି ନେଇ ଫେରିବା ଆମ ପାଇଁ ଏକ ବଡ଼ ସଫଳତା। ପ୍ରଦର୍ଶନକୁ ସ୍ୱୀକୃତି ମିଳିବା ସହ ପୁରସ୍କୃତ ହେବା ଖୁସିର ବିଷୟ। ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ଜୁନିୟର ପୁରୁଷ ବିଶ୍ୱକପ୍ ପୂର୍ବରୁ ଜୁନିୟର ଏସିଆ କପ୍ ହକି ୨୦୨୩ ସ୍ୱର୍ଣ୍ଣ ପଦକ ସଫଳତା କେବଳ ଭାରତୀୟ ଦଳର ଦକ୍ଷତର ପ୍ରତିପାଦିତ କରୁନାହିଁ ବରଂ ଭାରତୀୟ ହକି ଇକୋସିଷ୍ଟମର ମୁଖ୍ୟ ସ୍ତମ୍ଭ ଭାବେ ଓଡ଼ିଶାର ଭୂମିକାକୁ ପ୍ରମାଣିତ କରେ।



# ଉସ୍‌ମାନ ଖ୍ୱାଜାଙ୍କ ଶତକ

## ଆଶେସ୍ ଟେଷ୍ଟ

ବର୍ମିଂହାମ, ୧୭।୬

ଆଶେସ ସିରିଜ୍‌ର ପ୍ରଥମ ଟେଷ୍ଟରେ ଉସ୍‌ମାନ ଖ୍ୱାଜାଙ୍କ ଶତକ। ପ୍ରଥମ ଇନିଂସରେ ଇଂଲଣ୍ଡ ୩୯୩ ରନ୍‌ରେ ଇନିଂସ ଘୋଷଣା କରିଥିବା ବେଳେ ଦ୍ୱିତୀୟ ଦିନରେ ଷ୍ଟମ୍ପସ ସୁଦ୍ଧା ଅଷ୍ଟ୍ରେଲିଆ ୯୪ ଓଭରରେ ୫ ଉଇକେଟ ହରାଇ ୩୧୧ ରନ୍ କରି ଦୃଢ ଜବାବ ଦେଇଛି। ଓପନର ଉସ୍‌ମାନ ଖ୍ୱାଜା ୧୨୬ ଓ ଆଲେକ୍ସ କେରୀ ୫୨ ରନ୍‌ରେ ଅପରାଜିତ ଅଛନ୍ତି।


ଉସ୍‌ମାନ ଖ୍ୱାଜା

ପ୍ରଥମ ଦିନର ଅସମାପ୍ତ ସ୍କୋର ୧୪/୦ରୁ ଇନିଂସ ଆରମ୍ଭ କରିଥିବା ଅଷ୍ଟ୍ରେଲିଆ ଦଳୀୟ ସ୍କୋର ୨୯ରେ ଓପନର ଡେଭିଡ୍ ୱାର୍ନରଙ୍କ ଉଇକେଟ ହରାଇଥିଲା। ପରବର୍ତ୍ତୀ ବଲରେ ଖାତା ଖୋଲିବା ପୂର୍ବରୁ ଷ୍ଟୁଆର୍ଟ ବ୍ରଡଙ୍କ ଦ୍ୱିତୀୟ ଶିକାର ହୋଇଥିଲେ ମାର୍ନସ୍ ଲାବୁଶେନ୍। ପୂର୍ବତନ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍ ୧୬ ରନ୍ କରିଥିବା ବେଳେ ବେନ୍ ଷ୍ଟୋକ୍ସଙ୍କ ବଲରେ ଲେଗ୍ ବିଫୋର ହୋଇଥିଲେ। ୬୭ ରନ୍‌ରେ ୩ ଉଇକେଟ ହରାଇବା ପରେ ଟ୍ରାଭିସ୍ ହେଡ୍ କାଉଣ୍ଟର ଆଟାକ କରି ୬୩ ବଲ୍‌ରୁ ୫୦ ରନ୍ କରିଥିଲେ। ହେଡଙ୍କୁ ଆଉଟ କରି ମୋଇନ୍ ଅଲୀ ଏହି ଯୋଡି ଭାଙ୍ଗିଥିଲେ। ଉସ୍‌ମାନ ଖ୍ୱାଜା କାମେରନ୍ ଗ୍ରୀନ୍(୩୮)ଙ୍କୁ ସାଥୀ କରି ୭୨ ଓ ଆଲେକ୍ସ କେରୀଙ୍କ ସହ ଅବିଭାଜିତ ୯୧ ରନ୍ ଯୋଡିଥିଲେ। ଖ୍ୱାଜା ୨୭୯ ବଲ୍ ଖେଳି ୧୪ ଚୌକା ଓ ୨ଛକା ମାରିଛନ୍ତି। ଇଂଲଣ୍ଡ ପକ୍ଷରୁ ଷ୍ଟୁଆର୍ଟ ବ୍ରଡ ଓ ମୋଇନ୍ ଅଲୀ ଦୁଇଟି ଲେଖାଏ ଉଇକେଟ ନେଇଥିବା ବେଳେ ବେନ୍ ଷ୍ଟୋକ୍ସ ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ– ୩୯୩/୮(ଘୋଷଣା)

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୯୪ ଓଭରରେ ୩୧୧/୫(ଉସମାନ ଖ୍ୱାଜା–୧୨୬*, ଆଲେକ୍ସ କେରୀ– ୫୨*, ଟ୍ରାଭିସ୍ ହେଡ–୫୦, ଷ୍ଟୁଆର୍ଟ ବ୍ରଡ୍–୨/୪୯, ମୋଇନ୍ ଅଲୀ– ୨/୧୨୪, ବେନ୍ ଷ୍ଟୋକ୍ସ–୧/୩୩)

କୋଷ୍ଠକାଠିନ୍ୟର ସମାଧାନ
9119788888

# ଦ୍ୱିତୀୟ ଦିବସରେ ବେଙ୍ଗଲ ଜିମ୍ନାଷ୍ଟଙ୍କ ଚମକ

ଭୁବନେଶ୍ୱର, ୧୭।୬ (ତପନ ସ୍ୱାଇଁ)

ସ୍ଥାନୀୟ ସମେଇଗାଡ଼ିଆସ୍ଥିତ ଜେଏମ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ସର୍ବଭାରତୀୟ କଳିଙ୍ଗ ଓପନ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ବେଙ୍ଗଲ ଜିମ୍ନାଷ୍ଟମାନେ ପ୍ରଭାବୀ ପ୍ରଦର୍ଶନ କରିଥିଲେ।

## ସର୍ବଭାରତୀୟ କଳିଙ୍ଗ ଓପନ ଜିମ୍ନାଷ୍ଟିକ୍ସ

ବିଶେଷ କରି ବାଳିକା ୮ ଓ ୧୦ ବର୍ଷରୁ କମ ବିଭାଗର ଆଡଭାନ୍ସ ବର୍ଗରେ ପ୍ରତିଯୋଗୀମାନଙ୍କ ପ୍ରଦର୍ଶନ ଚମତ୍କାର ରହିଥିଲା। ପ୍ରତିଯୋଗିତା ଅବସରରେ ଅର୍ଗସ ନ୍ୟୁଜ ମାନବ ସମ୍ବଳ ମୁଖ୍ୟ ରତିକାନ୍ତ ସାହୁ, ସୌଭାଗ୍ୟ ଏଣ୍ଟରପ୍ରାଇଜର୍ସର ଅଧ୍ୟକ୍ଷ ପ୍ରକାଶ ସାହୁ, ରିତୁପୂର୍ଣ୍ଣ ପ୍ରଡକ୍ସନର ମୁଖ୍ୟ ଅତିଶ କୁମାର ରାଉତ ଓ ବରିଷ୍ଠ କ୍ରୀଡା ଖବରଦାତା ତପନ କୁମାର ସ୍ୱାଇଁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ଅତିଥିମାନେ ଜିମ୍ନାଷ୍ଟମାନଙ୍କ ଦକ୍ଷତା ଓ ଏକାଗ୍ରତାକୁ ଉପଭୋଗ କରିବା ସହିତ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସଙ୍ଗଠନର ସମ୍ପାଦକ ଯଶୋବନ୍ତ ଦାସ, ସୁବ୍ରତ ମହାପାତ୍ର, ବିଗ୍ନେସା, ରବି ମହାପାତ୍ର ଓ କୋଚ୍ ମହାଦେବ ପ୍ରମୁଖ ଉପସ୍ଥିତ ଥିଲେ।

# ନ୍ୟାଶନାଲ ସିରିଜ ଟେନିସ: ଦେବାଶିଷ ଚାମ୍ପିୟନ

ଭୁବନେଶ୍ୱର, ୧୭।୬ (ତପନ ସ୍ୱାଇଁ)

ଗୁଜରାଟର ଅହମବାଦାଦରେ ଅନୁଷ୍ଠିତ ନ୍ୟାଶନାଲ ସିରିଜ ଟେନିସ ଚାମ୍ପିୟନଶିପ୍‌ର ୧୮ ବର୍ଷରୁ କମ୍ ବାଳକ ବିଭାଗରେ ଓଡ଼ିଶାର ଦେବାଶିଷ ସାହୁ ଚାମ୍ପିୟନ ହୋଇଛନ୍ତି। ପ୍ରଥମ ଓ ଦ୍ୱିତୀୟ ରାଉଣ୍ଡ ଏବଂ ପ୍ରି–କ୍ୱାର୍ଟରରେ ସହଜରେ ବିଜୟ ଲାଭ କରିଥିବା ଦେବାଶିଷ କ୍ୱାର୍ଟର ଫାଇନାଲରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ତେବେ ସେ ତାମିଲନାଡୁର କଶିତ ନାଗାରାଲେଙ୍କୁ ୪–୬, ୬–୨, ୭–୬ (୫) ସେଟ୍‌ରେ ପରାସ୍ତ କରିଥିଲେ। ସେମିଫାଇନାଲରେ ଦେବାଶିଷ କିନ୍ତୁ ଦିଲ୍ଲୀର ପ୍ରଥମ କୋଟାକଙ୍କୁ ସହଜରେ ୬–୦, ୬–୨ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଟାଇଟଲ ପର୍ଯ୍ୟାୟରେ ସେ ହାଇଦ୍ରାବାଦର ବତ୍ସଲ ମଣିକାନ୍ତନଙ୍କୁ ୬–୧, ୬–୨ରେ ପରାସ୍ତ କରି ବିଜୟ ମୁକୁଟ ପିନ୍ଧିଥିଲେ। ପ୍ରକାଶଯୋଗ୍ୟ ଯେ, ଏକସପ୍ତାହ ପୂର୍ବରୁ ହରିୟାଣାର ଝଜାରଠାରେ ଅନୁଷ୍ଠିତ ଟୁର୍ନାମେଣ୍ଟର ସିଙ୍ଗଲ୍ସ ଫାଇନାଲରେ ଦେବାଶିଷ ହାରି ରନରଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ। ଏହି ସଫଳତା ତାଙ୍କୁ ଅନେକ ପରିମାଣରେ ଉତ୍ସାହିତ କରିଛି। ଦେବାଶିଷ ଏବେ ଇରାନ ଯାଇ ଆଇଟିଏଫ୍ ୧୦୦ ଟୁର୍ନାମେଣ୍ଟରେ ଖେଳିବେ। ଚଳିତମାସ ୨୩ରୁ ଜୁଲାଇ ୯ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତା ପାଇଁ ତାଙ୍କୁ ମୁଖ୍ୟ ଡ୍ର'ରେ ସାମିଲ କରାଯାଇଛି।


ଦେବାଶିଷ ସାହୁ

## ଏନ୍‌ସିଏ ହାଇ ପରଫର୍ମାନ୍ସ ବୋଲିଂ ଇଣ୍ଟର୍ନଶିପ୍ ପ୍ରୋଗ୍ରାମ

# ଦେବାଶିଷ ମହାନ୍ତି ମନୋନୀତ

ଭୁବନେଶ୍ୱର, ୧୭।୬ (ବିଜୟ ରଣା)

ଆସନ୍ତା ୨୦ ତାରିଖରୁ ଏନ୍‌ସିଏ ହାଇ ପରଫର୍ମାନ୍ସ ବୋଲିଂ ଇଣ୍ଟର୍ନଶିପ୍ ପ୍ରୋଗ୍ରାମ ଆରମ୍ଭ ହେବ। ଏଥିଲାଗି ଜାତୀୟ କ୍ରିକେଟ ଏକାଡେମୀ (ଏନସିଏ) ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଜରିଆରେ ଓଡ଼ିଶା ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ଜଣେ ଇଣ୍ଟର୍ନ ଭାବେ ମନୋନୀତ ହୋଇଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପ୍ରଣବ କିଶୋର ଦାସ ଓ ସମ୍ପାଦକ ସଞ୍ଜୟ ବେହେରା ଏହି ନୂଆ ଭୂମିକା ପାଇଁ ଦେବାଶିଷଙ୍କୁ ସେମାନଙ୍କ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।



# ଭାରତୀୟ ଦଳରେ ଓଡ଼ିଶାର ଖେଳାଳି

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

ଭୁବନେଶ୍ୱର, ୧୭।୬ (ବିଜୟ ରଣା)

ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ (ଫିସୁ)ଅଧୀନରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ୨୦୨୩ ଚାଇନାର ଚେଙ୍ଗଡୁଠାରେ ଆସନ୍ତା ଜୁଲାଇ ୨୮ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ହେବ। ଏଥିପାଇଁ ଭାରତୀୟ ଆର୍ଚେରୀ, ଆଥ୍‌ଲେଟିକ୍ସ, ବ୍ୟାଡ୍‌ମିଣ୍ଟନ ଏବଂ ଉଭୟ ପୁରୁଷ ଓ ମହିଳା ଭଲିବଲ ଦଳ ପାଇଁ ସିଲେକ୍ସନ ଟ୍ରାଏଲ କିଟ୍ ୟୁନିଭର୍ସିଟିରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫୦ରୁ ଅଧିକ ୟୁନିଭର୍ସିଟିର ପାଖାପାଖି ୬୦୦ ଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଓଡ଼ିଶା ୟୁନିଭର୍ସିଟି (କିଟ୍ ୟୁନିଭର୍ସିଟି ଓ ସମ୍ବଲପୁର ୟୁନିଭର୍ସିଟି)ର ନିମ୍ନଲିଖିତ ଖେଳାଳିମାନେ ଭାରତୀୟ ୟୁନିଭର୍ସିଟିର ବିଭିନ୍ନ ଦଳରୁ ପ୍ରତିନିଧିତ୍ୱ କରିବେ।

**ଆଥଲେଟିକ୍ସ:** କିଟ୍ ୟୁନିଭର୍ସିଟିର ଲଲୁ ପ୍ରସାଦ ଭୋଇ, ପୁରୁଷ ୧୦୦ମିଟର (କିଟ୍ ୟୁନିଭର୍ସିଟି) ; ପ୍ରଜ୍ଞା ପ୍ରଶାନ୍ତି ସାହୁ, ମହିଳା ୧୦୦ମିଟର ହର୍ଡଲ ; ଅମ୍ଲାନ ବର୍ଗୋହେନ, ପୁରୁଷ ୨୦୦ ମିଟର ; ସୁସ୍ମିତା ଟିଗା, ମହିଳା ୩୦୦୦ମିଟର ଷ୍ଟିପଲଚେଜ ; ଅନ୍ତିମା ପାଲ୍, ମହିଳା ୫୦୦୦ମିଟର ; ପ୍ରିୟଙ୍କା ଗୋସ୍ୱାମୀ, ୨୦ କିମି ଚାଲି ; ବିକ୍ରାନ୍ତ ମଲିକ, ପୁରୁଷ ଶଟପୁଟ ; ଅଜୟ କୁମାର, ପୁରୁଷ ହାମରଥ୍ରୋ ଏବଂ ସମ୍ବଲପୁର ୟୁନିଭର୍ସିଟିର ସ୍ୱାଧୀନ କୁମାର ମାଝି, ପୁରୁଷ ହାଇଜମ୍ପ ଓ ମନିଷା ମେରେଲ, ମହିଳା ଲଙ୍ଗଜମ୍ପ।

**ଭଲିବଲ:** କିଟ୍ ୟୁନିଭର୍ସିଟିର ମାମାଲି ନାଗ୍ ଓ ଶିବାନୀ ପ୍ରିୟଦର୍ଶିନୀ।

**ବ୍ୟାଡ୍‌ମିଣ୍ଟନ:** କିଟ୍‌ର ରତପର୍ଣ୍ଣା ପଣ୍ଡା ଓ ଶ୍ୱେତପର୍ଣ୍ଣା ପଣ୍ଡା।









4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ